# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୪/୨୦୧୯ (୨୦ପୃଷ୍ଠା) Sambalpur, Tuesday, December 24 / 2019 ★★

୧୬ଶ ଭାଗ ୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ବିବାଦରେ ଅକ୍ଷୟ**

ଅପ୍‌କମିଂ ଫିଲ୍ମ 'ଗୁଡ୍ ନ୍ୟୁଜ୍'ର ଟ୍ରେଲର୍‌ରେ ପ୍ରଭୁ ରାମଚନ୍ଦ୍ରଙ୍କୁ କମେଡି କରିଥିବା ଜଣାପଡ଼ିବା ପରେ ଅକ୍ଷୟ କୁମାରଙ୍କୁ ସୋସିଆଲ ମିଡିଆରେ ତୀବ୍ର ସମାଲୋଚନା କରାଯାଉଛି।

୧୪

୧୯

**ଭାରତ ଏ' ଦଳରେ ପୃଥ୍ୱୀ ଶ'**

ନ୍ୟୁଜିଲାଣ୍ଡ ଟୁର୍ ପାଇଁ ପୃଥ୍ୱୀ ଶ'ଙ୍କୁ ଭାରତୀୟ ଏ' କ୍ରିକେଟ ଦଳରେ ସାମିଲ କରାଯାଇଛି।



# ଭାଜପାକୁ ଝାଡ଼ଖଣ୍ଡ ଝଟକା

- ରଘୁବର ସରକାର ଧରାଶାୟୀ
- ଜେଏମ୍‌ଏମ୍ ମେଣ୍ଟକୁ ସଂଖ୍ୟାଗରିଷ୍ଠତା
- ହେମନ୍ତ ହେବେ ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ ପଦରୁ ରଘୁବରଙ୍କ ଇସ୍ତଫା



ହେମନ୍ତ ସୋରେନ

**ଝାଡ଼ଖଣ୍ଡ: ୮୧ ଆସନ**

| | |
|---|---|
| ଜେଏମ୍‌ଏମ୍+ | ୪୭ |
| ଭାଜପା | ୨୫ |
| ଜେଭିଏମ୍ | ୩ |
| ଏଜେଏସ୍‌ୟୁ | ୨ |
| ଅନ୍ୟ | ୪ |

**ରାଞ୍ଚି/ନୂଆଦିଲ୍ଲୀ, ୨୩ା୧୨ (ପି.ଟି./ଆଇଏଏନ୍‌ଏସ୍)**

ମହାରାଷ୍ଟ୍ର ପରେ ଝାଡ଼ଖଣ୍ଡ ନିର୍ବାଚନରେ ଭାଜପାକୁ ବଡ଼ ଝଟକା ଲାଗିଛି। ବିଧାନସଭାର ୮୧ ଆସନ ମଧ୍ୟରୁ ଶାସକ ଭାଜପାକୁ ମାତ୍ର ୨୫ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ୪୭ ଆସନ ଦଖଲ କରି ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ମେଣ୍ଟ ଅଂଶୀଦାର କଂଗ୍ରେସକୁ ୧୬ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)କୁ ଗୋଟିଏ ଆସନ ମିଳିଛି। ଝାଡ଼ଖଣ୍ଡବାସୀ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରକୁ ପ୍ରତ୍ୟାଖ୍ୟାନ କରିବା ସହ ଜେଏମ୍‌ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନଙ୍କ ହାତରେ କ୍ଷମତାର ଡୋରି ଧରାଇଛନ୍ତି। ରାଜ୍ୟରେ ସରକାର ବିରୋଧୀ ହାୱା ଓ କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଯୋଗୁ ରଘୁବର ସରକାର ଧରାଶାୟୀ ହୋଇଥିବା ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଏହାକୁ ମିଶାଇ ବର୍ଷକ ମଧ୍ୟରେ ୫ଟି ରାଜ୍ୟରେ ଭାଜପାକୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ଅନ୍ୟପକ୍ଷରେ ସୋନିଆ ଗାନ୍ଧୀ ଦ୍ୱିତୀୟ ଥର କଂଗ୍ରେସ ମଙ୍ଗ ଧରିବା ପରେ ତାଙ୍କ ଦଳ କ୍ରମାଗତ ୨ଟି ରାଜ୍ୟରେ ମେଣ୍ଟ ସରକାର ଗଠନ କରିବାରେ ସକ୍ଷମ ହୋଇଛି।

୮୧ ସଦସ୍ୟତା ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ପାଇଁ ନଭେମ୍ବର ୩୦ରୁ ଡିସେମ୍ବର ୨୦ ମଧ୍ୟରେ ୫ଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯାଇଥିଲା। ଏହି ହିନ୍ଦୀଭାଷୀ ଆଦିବାସୀ ବହୁଳ ରାଜ୍ୟର ନିର୍ବାଚନ ଫଳ ସୋମବାର ପ୍ରକାଶ ପାଇଛି। ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ସୂତ୍ରରୁ ମିଳିଥିବା ସୂଚନାନୁସାରେ ଶିବୁ ସୋରେନଙ୍କ ନେତୃତ୍ୱାଧୀନ ଜେଏମ୍‌ଏମ୍ ୩୦ ଆସନରେ ସଫଳତା ପାଇ ସବୁଠୁ ବଡ଼ ଦଳର ମାନ୍ୟତା ପାଇଛି। ଏହାର ସହଯୋଗୀ କଂଗ୍ରେସକୁ ୧୬ ଏବଂ ଆର୍‌ଜେଡିକୁ ଗୋଟିଏ ଆସନ ମିଳିଛି। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୪୧ ହୋଇଥିବାବେଳେ ଏହି ମେଣ୍ଟ ମୋଟ ୪୭ ଆସନ ଦଖଲ କରିପାରିଛି। ବାବୁଲାଲ ମାର୍ଣ୍ଡିଙ୍କ ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା (ଜେଭିଏମ୍)କୁ ୩ ଏବଂ ସୁଦେଶ ମହାତୋଙ୍କ ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟସ୍ ୟୁନିୟନ୍ (ଏଜେଏସ୍‌ୟୁ)କୁ ୨ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୪ ଆସନରେ ଜିତିଛନ୍ତି। ବିପୁଳ ବିଜୟ ପରେ ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ ଦଳର ଅଧ୍ୟକ୍ଷ ତଥା ତାଙ୍କ ବାପା ଶିବୁ ସୋରେନଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି। ଆଜି ଏକ ନୂଆ ଯୁଗ ଆରମ୍ଭ ହୋଇଛି। ଝାଡ଼ଖଣ୍ଡବାସୀଙ୍କ ପାଇଁ କାର୍ଯ୍ୟ କରିବା ଲାଗି ଆମେ ଶପଥ ନେଉଛୁ। ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ସହଯୋଗୀ କଂଗ୍ରେସ ଏବଂ ଆର୍‌ଜେଡି ସହ ଆଲୋଚନା କରିବୁ ବୋଲି ଭାବୀ ମୁଖ୍ୟମନ୍ତ୍ରୀ ହେମନ୍ତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ସୋନିଆ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଧନ୍ୟବାଦ ଦେଇଛନ୍ତି। ହେମନ୍ତ ଦୁଇଟି ଆସନ (ଡୁମୁକା ଓ ବାରହାଇତ୍)ରେ ବିଜୟୀ ହୋଇଥିବାବେଳେ ରଘୁବର ନିଜ ଜାମସେଦପୁର ଇଷ୍ଟ ଆସନରୁ ପରାଜୟ ବରଣ କରିଛନ୍ତି। ଏହି ଆସନରେ ତାଙ୍କ କ୍ୟାବିନେଟର ପୂର୍ବତନ ମନ୍ତ୍ରୀ ତଥା ସ୍ୱାଧୀନ ପ୍ରାର୍ଥୀ ସରଜୁ ରାୟଙ୍କ ଠାରୁ ରଘୁବର ୧୨ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ରଘୁବର ଦାସ ଏହି ପରାଜୟକୁ ସ୍ୱୀକାର କରିଛନ୍ତି। ଏହି

☞ପୃଷ୍ଠା-୪

## ନିଜ ମନ୍ତ୍ରୀଙ୍କଠାରୁ ହାରିଲେ ମୁଖ୍ୟମନ୍ତ୍ରୀ

**୪ ମନ୍ତ୍ରୀ, ବାଚସ୍ପତି ଓ ଭାଜପା ସଭାପତି ବି ଦେଖିଲେ ପରାଜୟର ମୁହଁ**



ଜାମସେଦପୁର ଇଷ୍ଟ ଆସନରେ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ହରାଇଥିବା ସ୍ୱାଧୀନ ପ୍ରାର୍ଥୀ ସରଜୁ ରାୟ ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି।

**ରାଞ୍ଚି, ୨୩ା୧୨**

ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଝାଡ଼ଖଣ୍ଡବାସୀ ଭାଜପାକୁ ପ୍ରତ୍ୟାଖ୍ୟାନ କରିଥିବାବେଳେ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ମଧ୍ୟ ନିଜ ଆସନରେ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଛି। ଜାମସେଦପୁର ଇଷ୍ଟ ନିର୍ବାଚନମଣ୍ଡଳୀରେ ୧୯୯୫ରୁ ଲଗାତର ଜିତିଆସୁଥିବା ରଘୁବର ଏଠି ପ୍ରଥମଥର ପାଇଁ ହାରିଯାଇଛନ୍ତି। ତାଙ୍କ କ୍ୟାବିନେଟର ପୂର୍ବତନ ଖାଦ୍ୟମନ୍ତ୍ରୀ ସରଜୁ ରାୟଙ୍କୁ ଭାଜପା ଟିକେଟ ମିଳି ନ ଥିଲା। ଫଳରେ ସେ ରଘୁବରଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିଲେ। ଏହି ଆସନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆତ୍ମସମ୍ମାନର ପ୍ରଶ୍ନ ପାଲଟିଥିବାବେଳେ ସରଜୁଙ୍କୁ ଜେଏମ୍‌ଏମ୍ ଏବଂ ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସମର୍ଥନ କରିଥିଲେ। ସରଜୁ ନିର୍ବାଚନରେ ରଘୁବରଙ୍କ ବିରୋଧରେ ଦୁର୍ନୀତିକୁ ବଡ଼ ପ୍ରସଙ୍ଗ କରିଥିଲେ। ଏପରି କି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଏହାକୁ ନେଇ ଫେରାଦ ହୋଇଥିଲେ। ସରଜୁ ଏହାପୂର୍ବରୁ ଲାଲୁ ଯାଦବ ଓ ମଧୁ କୋଡ଼ାଙ୍କ ବିରୋଧରେ ମଧ୍ୟ ଦୁର୍ନୀତି ଅଭିଯୋଗ ଆଣି ଚର୍ଚ୍ଚାରେ ରହିଥିଲେ। ରଘୁବରଙ୍କ ସହ ତାଙ୍କ କ୍ୟାବିନେଟର ୪ ମନ୍ତ୍ରୀ ଓ ଭାଜପା ରାଜ୍ୟ ସଭାପତି ମଧ୍ୟ ନିର୍ବାଚନରେ ପରାଜୟ ସ୍ୱୀକାର କରିଛନ୍ତି।

## କ୍ୟୁଆର-ଏସ୍‌ଏଏମ୍ କ୍ଷେପଣାସ୍ତ୍ରର ପରୀକ୍ଷଣ



**ବାଲେଶ୍ୱର ଅଫିସ, ୨୩ା୧୨**

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ଆଇଟିଆର (ସମନ୍ୱିତ ପରୀକ୍ଷଣ କେନ୍ଦ୍ର) ପରିସର ୩ ନମ୍ବର ଲଞ୍ଚପ୍ୟାଡରୁ ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ସ୍ୱଳ୍ପ ଦୂରଗାମୀ କ୍ୟୁଆର-ଏସ୍‌ଏଏମ୍ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଛି। ଏକ ଟ୍ରକ୍‌ରେ ଲାଗିଥିବା କାନିଷ୍ଟରରୁ ଏହି କ୍ଷେପଣାସ୍ତ୍ରକୁ ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପ କରାଯାଇଥିଲା। ଏହାର ଲକ୍ଷ୍ୟଭେଦ କ୍ଷମତା ୩୦ କି.ମି. ବୋଲି ଡିଆରଡିଓ (ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥା) ପକ୍ଷରୁ କୁହାଯାଇଛି। ଏହା ଭାରତର ଆକାଶ ସୀମାକୁ ସୁରକ୍ଷା ଦେବ। ଭାରତୀୟ ଆକାଶରେ ବିନା ଅନୁମତିରେ ପ୍ରବେଶ କରୁଥିବା ଶତ୍ରୁପକ୍ଷର ବିମାନ ଓ କ୍ଷେପଣାସ୍ତ୍ରକୁ ଏହା ଅବିଳମ୍ବେ ଧ୍ୱଂସ କରିଦେବ। ଏହି କ୍ଷେପଣାସ୍ତ୍ର ଶତ୍ରୁପକ୍ଷର ରାଡାର, ଟ୍ୟାଙ୍କ, ବଙ୍କର ଆଦିକୁ ଧ୍ୱଂସ କରିବାର କ୍ଷମତା ରଖିଛି ବୋଲି ଡିଆର୍‌ଡିଓ ପକ୍ଷରୁ ସୂଚନା ମିଳିଛି।

## ୩୧ରେ ଶୁଳିଆ ଯାତ୍ରା

**ଦେଓଗାଁ, ୨୩ା୧୨ (ଡି.ଏନ.ଏ.):**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁଲୁତାପଡା ପଞ୍ଚାୟତର ଖଇରଗୁରା ଓ କୁମୁରିଆ ଗାଁରେ ଆସନ୍ତା ୩୧ ତାରିଖରେ ଆଦିବାସୀଙ୍କ ପ୍ରସିଦ୍ଧ ଶୁଳିଆ ଯାତ୍ରା ଅନୁଷ୍ଠିତ ହେବ। ୨୯ରୁ ୩ଦିନ ଧରି ପ୍ରଥମ ଶୁଳିଆ ମହୋତ୍ସବ ପାଇଁ ରବିବାର ବୃତାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଯାତ୍ରାର ସୁପରିଚାଳନା ଓ ମହୋତ୍ସବ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୯ଟି ଗ୍ରାମ ପଞ୍ଚାୟତକୁ ନେଇ ଚଳିତ ବର୍ଷ ମହୋତ୍ସବ କମିଟି ଗଠନ କରାଯାଇ ୩ ଦିନ ପର୍ଯ୍ୟନ୍ତ ମହୋତ୍ସବ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହୋତ୍ସବରେ ୧୫ଟି ଆଞ୍ଚଳିକ ସାଂସ୍କୃତିକ ଦଳ ଯୋଗଦେବେ। ଏହି ଅବସରରେ କେତେଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବ, ପ୍ରତ୍ୟହ ରାବଣ ଦରବାର ଓ ମିନାବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ବୋଲି ଆୟୋଜକମାନେ କହିଛନ୍ତି। ଚଳିତ ବର୍ଷ ଶୁଳିଆ ଯାତ୍ରାରେ ବଳିକୁ ନେଇ ବିବାଦୀୟ ପରିସ୍ଥିତି ହୋଇଥିବା ଆଲୋଚନା ଚାଲିଛି। ବଡଖଳାର ମୁଖ୍ୟ ପୂଜକ ବିରଞ୍ଚି କୁଅଁର କହିଛନ୍ତି, ବଡଖଳାକୁ କୌଣସି ଦେହୁରୀଙ୍କୁ ପ୍ରବେଶ କରିବାକୁ ଦେବି ନାହିଁ। ଏଥିପାଇଁ ୧୪୪ଧାରା ଲାଗୁ କରିବାକୁ ପ୍ରଶାସନ ନିକଟରେ ନିବେଦନ କରିବି ବୋଲି କହିଛନ୍ତି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିପାରେ ବୋଲି ଆଶଙ୍କା କରାଯାଉଛି। ତେବେ ଏହାକୁ ଖଣ୍ଡନ କରିଛି ଶୁଳିଆ ମହୋତ୍ସବ କମିଟି। ଆଦିବାସୀ ତଥା କନ୍ଧ ସମ୍ପ୍ରଦାୟର ପ୍ରସିଦ୍ଧ ଶୁଳିଆ ଯାତ୍ରା ପୂର୍ବ ପରମ୍ପରା ଓ ରୀତିନୀତି ଅନୁସାରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ମୟ ପ୍ରଧାନୀ, ସମ୍ପାଦକ ପ୍ରଭାତ ପାତ୍ର, ଉପସଭାପତି ଅନନ୍ତ ଚୌହାନ, ପ୍ରଫୁଲ୍ଲ ଦାସ, ସହସମ୍ପାଦକ ସତ୍ୟ କଲସାଏ, ରାଜେନ୍ଦ୍ର ପାଣି ପ୍ରମୁଖ ସ୍ପଷ୍ଟ କରିଛନ୍ତି।

# ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ

**ଭୁବନେଶ୍ୱର, ୨୩ା୧୨ (ବ୍ୟୁରୋ)**




ପାନ୍ଥନିବାସର କଳିଙ୍ଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅତିଥି।

- ବିଦେଶ ଯାଉଥିବା ଶ୍ରମିକ ପଞ୍ଜୀକୃତ ହେବେ
- କେରଳ, ଗୁଜରାଟରେ ଖୋଲିବ ନୂଆ ହେଲ୍‌ପ ଡେସ୍କ
- ଜାନୁୟାରୀରେ ମୋ ସରକାରରେ ସାମିଲ ହେବ ଶ୍ରମ ବିଭାଗ

କାର୍ଯ୍ୟ ଅନ୍ୱେଷଣରେ ରାଜ୍ୟ ବାହାରକୁ ଓ ବିଦେଶକୁ ଯାଉଥିବା ଶ୍ରମିକମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ପ୍ରସ୍ତୁତ ହେବ ଆକ୍ସନ ପ୍ଲାନ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିବେ। ସୋମବାର ଭୁବନେଶ୍ୱର ପାନ୍ଥନିବାସର କଳିଙ୍ଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗ ଦେଇ ଶ୍ରମ ଓ ନିୟୋଜନ ମନ୍ତ୍ରୀ ସୁଶାନ୍ତ ସିଂ ଏହି ସୂଚନା ଦେଇଛନ୍ତି। ଅନେକ ସମୟରେ ଠିକାଦାରମାନେ ଗରିବ ଶ୍ରମିକମାନଙ୍କୁ ଲୋଭ ଦେଖାଇ ରାଜ୍ୟ ବାହାର ଓ ବିଦେଶକୁ ନେଇ ଯାଉଛନ୍ତି। ସେମାନଙ୍କୁ ପଞ୍ଜୀକୃତ କରାଯାଉ ନାହିଁ। ସେହି ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହେଲେ ତାଙ୍କୁ ସୁରକ୍ଷା ଯୋଗାଇ ଦେବା କାଠିକର ପାଠ ହେଉଛି। ଏଣିକି ବିଦେଶକୁ ଯାଉଥିବା ଶ୍ରମିକମାନଙ୍କୁ ପଞ୍ଜୀକୃତ କରାଯିବ। ବୈଦେଶିକ ମନ୍ତ୍ରଣାଳୟ ଓ ଭିସା କାର୍ଯ୍ୟାଳୟ ସହ ବରାବର ଯୋଗାଯୋଗ ରକ୍ଷା କରାଯିବ। ବିଦେଶ ଯାଉଥିବା ଶ୍ରମିକମାନଙ୍କର ସମସ୍ତ ତଥ୍ୟ ରାଜ୍ୟ ଶ୍ରମ ବିଭାଗ ନିକଟରେ ରହିବ। ସେମାନେ କେଉଁ ଦେଶକୁ ଯାଉଛନ୍ତି। କାହା ସହିତ ଯାଉଛନ୍ତି। ସେମାନେ ପଞ୍ଜୀକୃତ କି ନାହିଁ ସେ ସମସ୍ତ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବ। ଶ୍ରମ ବିଭାଗ ପକ୍ଷରୁ ସେସବୁର ନିୟମିତ ତଦାରଖ କରାଯିବ। ଏଥିସହିତ ଦେଶ ଭିତରେ ଥିବା ଶ୍ରମିକମାନଙ୍କୁ ସହାୟତା କରିବାକୁ ଆନ୍ଧ୍ର ପ୍ରଦେଶ, କର୍ନାଟକ , ତେଲଙ୍ଗାନା ଓ ଦିଲ୍ଲୀରେ ୪ଟି ହେଲ୍‌ପ ଡେସ୍କ ରହିଥିବାବେଳେ କେରଳ ଓ ଗୁଜରାଟରେ ଆଉ ଦୁଇଟି ନୂତନ ହେଲ୍‌ପ ଡେସ୍କ ସ୍ଥାପନ କରାଯିବ। ଦିଲ୍ଲୀରେ ଥିବା ହେଲ୍‌ପ ଡେସ୍କକୁ ଆହୁରି ଆଧୁନିକୀକରଣ କରାଯିବ। ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯିବ।

ରାଜ୍ୟରେ ଏବେ ସୁଦ୍ଧା ୨୯ ଲକ୍ଷ ୬୦ ହଜାର ପରିବାରର ୧ କୋଟି ଲୋକଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ପଞ୍ଜୀକୃତ କରାଯାଇଛି। ବୋର୍ଡ ଏ ପର୍ଯ୍ୟନ୍ତ ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ୧୮୫୦ କୋଟି ଟଙ୍କା ସେସ୍ ଆଦାୟ କରିଛି। ସେଥିରୁ ୧୬୫୦ କୋଟି ଟଙ୍କା ଶ୍ରମିକମାନଙ୍କ ବିକାଶ ପାଇଁ ଖର୍ଚ୍ଚ କରାଯାଇଛି ବୋଲି ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ କହିଛନ୍ତି। ଶ୍ରମିକମାନଙ୍କ ବିକାଶକୁ ଦୁର୍ନୀତି ମୁକ୍ତ ଏବଂ ଉନ୍ନତ ଜ୍ଞାନ କୌଶଳ ଜରିଆରେ କରିବାକୁ ସମ୍ପୂର୍ଣ୍ଣ ଉଦ୍ୟମ କରାଯାଉଛି । ମଧ୍ୟସ୍ଥିଙ୍କ ଠାରୁ କିପରି ଦୂରରେ ରହି ପାରିବେ ସେ ନେଇ ଶ୍ରମିକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଶ୍ରମ ବିଭାଗକୁ ଆସନ୍ତା ୨୦୨୦ ଜାନୁୟାରୀ ମାସରେ ମୋ ସରକାର ପରିସର

☞ପୃଷ୍ଠା-୪

**■ ଖାଶୋଗୀ ହତ୍ୟା ମାମଲା**

# ୫ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ରିୟାଧ, ୨୩ା୧୨ (ଏଏଫ୍‌ପି)**

ୱାଶିଂଟନ ପୋଷ୍ଟର ସ୍ତମ୍ଭକାର ଜମାଲ ଖାଶୋଗୀ ହତ୍ୟା ମାମଲାରେ ସୌଦି ଆରବର ଏକ ଅଦାଲତ ସୋମବାର ୫ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ସୌଦି ଏଜେଣ୍ଟମାନଙ୍କର ଏକ ଟିମ୍ ଗତବର୍ଷ ଇସ୍ତାନବୁଲରେ ଥିବା ଏହାର ବାଣିଜ୍ୟିକ ଦୂତାବାସରେ ଖାଶୋଗୀଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ଅନ୍ୟ ୩ ଜଣଙ୍କୁ ମୋଟ ୨୪ ବର୍ଷ ଜେଲ୍‌ଦଣ୍ଡାଦେଶ ହୋଇଥିବା ଜଣାପଡିଛି। ତେବେ ପ୍ରମାଣ ଅଭାବରୁ ୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ମାମଲାରେ ଦୋଷମୁକ୍ତ କରାଯାଇଥିବା ସୌଦି ଆରବର ସରକାରୀ ଓକିଲ କହିଛନ୍ତି।

ଖାଶୋଗୀ ହତ୍ୟା ମାମଲାରେ ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ ଅନ୍ତର୍ଜାତୀୟସ୍ତରରେ ସମାଲୋଚିତ ହୋଇଥିଲେ। କାରଣ ସୌଦିର ଅଧିକାଂଶ ଏଜେଣ୍ଟ ସିଧାସଳଖ ତାଙ୍କ ପାଇଁ କାମ କରୁଥିଲେ। ତେବେ ଖାଶୋଗୀ ହତ୍ୟା ସହ ମହମ୍ମଦଙ୍କ ସମ୍ପୃକ୍ତିକୁ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇଥିଲା। ସେହିପରି ହତ୍ୟାକାଣ୍ଡରେ କ୍ରାଉନ୍ ପ୍ରିନ୍ସଙ୍କ ପୂର୍ବତନ ମୁଖ୍ୟ ଉପଦେଷ୍ଟା ସୌଦ୍ ଅଲ୍-କାହତାନିଙ୍କର ସମ୍ପୃକ୍ତି ମଧ୍ୟ ପ୍ରମାଣିତ ହୋଇପାରି ନାହିଁ। ହତ୍ୟାକାଣ୍ଡ ବେଳେ ଇସ୍ତାନବୁଲ୍‌ରେ ସୌଦି କନ୍‌ସଲ-ଜେନେରାଲ ଥିବା ମହମ୍ମଦ ଅଲ୍-ଓଟାଇବିଙ୍କୁ କୋର୍ଟ ନିର୍ଦ୍ଦୋଷ ଘୋଷଣା କରିବା ପରେ ତାଙ୍କୁ ଜେଲ୍‌ରୁ ମୁକ୍ତ କରିଦିଆଯାଇଛି। ତେବେ ଯେଉଁମାନେ ଦୋଷୀସାବ୍ୟସ୍ତ ହୋଇଛନ୍ତି ସେମାନଙ୍କର ହତ୍ୟା କରିବାର ପୂର୍ବରୁ କୌଣସି ଉଦ୍ଦେଶ୍ୟ ନ ଥିଲା ବୋଲି ଅଦାଲତ କହିଛନ୍ତି। ବିଚାରବେଳେ ତୁର୍କୀର କେତେଜଣ କୂଟନୀତିଜ୍ଞ ଓ ଖାଶୋଗୀଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ମୋଟ ୧୧ ଜଣଙ୍କ ବିରୋଧରେ ବିଚାର ଚାଲିଥିଲା।

ଖବରଦାତା ଖାଶୋଗୀ ହତ୍ୟାକାଣ୍ଡ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏହି ଘଟଣାକୁ ଜାତିସଂଘ ସମେତ ବିଭିନ୍ନ ଦେଶ ନିନ୍ଦା କରିଥିଲେ।

**■ ଇନ୍ଦ୍ରାବତୀ ଓଏଚ୍‌ପିସି ଜିଏମ୍‌ଙ୍କ ମୃତଦେହ ଉଦ୍ଧାର ଘଟଣା**

# ହତ୍ୟା ଅଭିଯୋଗ ଆଣିଲେ ପରିବାର ସଦସ୍ୟ

**ଧର୍ମଗଡ଼/ ଜୟପାଟଣା, ୨୩ା୧୨ (ଡି.ଏନ.ଏ.)**



ଓଏଚ୍‌ପିସି କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ସିବିଆଇ ତଦନ୍ତ ଦାବି, ଉତ୍ତେଜନା
- ଓଏଚ୍‌ପିସି କାର୍ଯ୍ୟାଳୟ ଆଗରେ ପୋଡ଼ାଜଳା

କଳାହାଣ୍ଡି ଜିଲା ମୁଖିଗୁଡ଼ା ଡାକ ବଙ୍ଗଳା ପଛପଟେ ଥିବା ଏକ ମୋବାଇଲ ଟାୱାର ପରିସରରୁ ନିଖୋଜ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଏଚ୍‌ପିସି) ଜିଏମ୍ ନାରାୟଣ ପ୍ରସାଦ ମେହେରଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏହି ଘଟଣାର ସିବିଆଇ ତଦନ୍ତ ସହିତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ତାଙ୍କ ପରିବାର ଲୋକେ ଦାବି କରିଛନ୍ତି। ସୋମବାର ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ସେମାନେ ଓଏଚପିସି କାର୍ଯ୍ୟାଳୟ ଆଗରେ ପୋଡାଜଳା କରିବା ସହ ଅଭିଯୁକ୍ତଙ୍କୁ ଗିରଫ ନ କରିବା ଯାଏଁ ମୃତଦେହ ଛଡାଯିବ ନାହିଁ ଜିଦ୍‌ଧରି ଅଫିସ ସାମ୍ନାରେ ଧାରଣା ଦେଇଥିଲେ। କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧର ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଯଦି ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥାଏ ତା'ହେଲେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହା ପରେ ମୃତଦେହକୁ ଜୟପାଟଣା ଡାକ୍ତରଖାନା ଅଣାଯାଇ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାରକୁ ସଂସ୍କାର ପାଇଁ ନିଆଯାଇଛି । ନାରାୟଣଙ୍କୁ କିଏ ଓ କାହିଁକି ହତ୍ୟା କଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ ୧୬ ତାରିଖରୁ ଓଏଚ୍‌ପିସି ଜିଏମ୍ ମେହେର ଅଫିସକୁ ଆସି ଆଉ ଘରକୁ ଫେରି ନ ଥିଲେ। ପରେ ତାଙ୍କ ସ୍ତ୍ରୀ ସୁରେଖା ମେହେର ମୁଖିଗୁଡ଼ା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଟେଲିଫୋନ୍ ଟ୍ରାକିଂ କରି ମଧ୍ୟ ନିଷ୍କର୍ଷରେ ପହଞ୍ଚି ପାରି ନ ଥିବା ବେଳେ ବିଭିନ୍ନ ଆଡ଼େ ଖୋଜା ଖୋଜି କରିଥିଲେ। ବିଭାଗୀୟ କର୍ମଚାରୀ ମଧ୍ୟ ବିଭିନ୍ନ ସ୍ଥାନରେ ଖୋଜ ଖବର ନେଇ ନିରାଶ ହୋଇଥିଲେ। ରବିବାର ଅପରାହ୍ନରେ ମୁଖିଗୁଡ଼ା ଡ଼ାକ ବଙ୍ଗଳା ନିକଟ ଓ ଫାଣ୍ଡିରୁ ୪୦୦ ମିଟର ଦୂର ମୋବାଇଲ ଟାୱାର ପରିସରରେ ଏକ ମୃତଦେହ ପଡ଼ିଥିବା ଦେଖି ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପରେ ପରିବାର ଲୋକେ ଆସି ମୃତଦେହ ଦେଖି ସ୍ତବ୍ଧ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସରେ ଅଭିଯୋଗ କରି ମୃତକଙ୍କ ପୁଅ ଏବଂ ସ୍ତ୍ରୀ ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି ।

**ଆଜିର ସମ୍ପାଦକୀୟ**

ନାଟକ ବୁଝାପଡ଼ିଲାଣି

**ଆଜିର ମନ୍ତବ୍ୟ**

"ଆମ ଗଣତନ୍ତ୍ରର ସୁରକ୍ଷା ପାଇଁ ସବୁ ବିରୋଧୀ ଦଳ ଏକାଠି ହୋଇ ଯୋଜନା ପ୍ରସ୍ତୁତ କରିବାର ବେଳ ଆସିଛି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

୨୦୧୬ରୁ ୨୦୧୮ ମଧ୍ୟରେ ଭାରତ ସବୁଠାରୁ ପ୍ରଥମେ ୬୦,୩୫୫ ପେଟେଣ୍ଟ ପ୍ରକାଶ କରିଛି।

- କ୍ଲାରିଭେଟ ଆନାଲିଟିକ୍ସ ଇଣ୍ଡିଆ


6 Layer PLASTO® GOLD

ପାନୀୟ ଜଳ ପାଇଁ ସୁରକ୍ଷିତ

9337225857, 9130011507
9130076921

Taste the difference! Vencobb FRESH CHICKEN

23.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 86 | 140 | 150 |
| CTC | 86 | 140 | 150 |
| DKL | 88 | 142 | 152 |
| BDK | 83 | 136 | 146 |
| BLS | 83 | 136 | 146 |
| ANG | 89 | 144 | 154 |
| BHM | 89 | 144 | 154 |

*Conditions Apply

Issued in the Interest of Consumers



ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇ ଓ ପ୍ରଶିକ୍ଷଣ ଦେଇ ଏକ ପଡୋଶୀ ରାଜ୍ୟ ଜାଣିଶୁଣି ଦେଶରେ ବିଶେଷ କରି ଜମ୍ମୁ-କଶ୍ମୀରରେ ଅସୁବିଧା ସୃଷ୍ଟି କରିବାକୁ ଚାହୁଁଛି।
- ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

# ଗଣିତ ବଦଳାଇଦେଲେ ହେମନ୍ତ

## ଜେଏମ୍ଏମ୍‌ର ୪୬ ବର୍ଷର ଇତିହାସରେ ସର୍ବୋତ୍ତମ ପ୍ରଦର୍ଶନ

ରାଞ୍ଚି,୨୩।୧୨

ଜେଏମ୍ଏମ୍ ନିଜ ୪୬ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଏତେ ବଡ଼ ସଫଳତା ପାଇଛି। ଏହାସହ ଦଳର ନେତା ହେମନ୍ତ ସୋରେନ ଦ୍ୱିତୀୟଥର ଲାଗି ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଲୋକ ସଭା ନିର୍ବାଚନରେ ଭାଜପାକୁ ବିପୁଳ ସଫଳତା ମିଳିବା ପରେ ଜେଏମ୍ଏମ୍ ନିଜ ଘର ସଜାଡ଼ିବାକୁ ଉଦ୍ୟମ ଆରମ୍ଭ କରିଥିଲା। କଂଗ୍ରେସ ଏବଂ ଆର୍‌ଜେଡି ସହ ମିଶି ବିଧାନସଭା ନିର୍ବାଚନ ଲଢ଼ିବାକୁ ଦଳ ପକ୍ଷରୁ ସ୍ଥିର କରାଯାଇଥିଲା। ଏହା ପୂର୍ବରୁ ୨୦୧୮ ମାର୍ଚ୍ଚରେ ଅକ୍ସଫୋର୍ଡ, ସସେକ୍ସ, ଏସେକ୍ସ ୟୁନିଭର୍ସିଟି ଏବଂ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସର ଏକ ୧୨ ଜଣିଆ ଟିମ୍ ହେମନ୍ତଙ୍କ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ସେବେଠୁ ହେମନ୍ତ ଟୁଇଟର ଓ ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅତ୍ୟନ୍ତ ସକ୍ରିୟ ହୋଇଥିଲେ। ଲୋକ ସଭା ନିର୍ବାଚନରେ ପରାଜୟ ପରେ ସେ ରଣନୀତି ପରିବର୍ତ୍ତନ କରି ସବୁ ବର୍ଗର ଲୋକଙ୍କ ସହ ମିଶିବା ଆରମ୍ଭ କରିଥିଲେ। ସେ 'ବଦଲାଓ୍ୱ ଯାତ୍ରା' ନାମରେ ଏକ ଯାତ୍ରା କରିଥିଲେ, ଯାହାକି ଗତ ଅକ୍ଟୋବର ୧୯ରେ ଶେଷ ହୋଇଥିଲା। ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ସଂରକ୍ଷଣର ପ୍ରତିଶ୍ରୁତି ତାଙ୍କୁ ଏହି ନିର୍ବାଚନରେ ସଫଳତା ଦେବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏଥର ତାଙ୍କ ନିର୍ବାଚନୀ ପ୍ରଚାରର ମୁଖ୍ୟ ସ୍ଲୋଗାନ ଥିଲା 'ଝାଡ଼ଖଣ୍ଡ ମାଙ୍ଗେ ଯୁବା ସରକାର, ଝଡ଼ଖଣ୍ଡୀ ସରକାର'। ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ପ୍ରତି ଆଦିବାସୀଙ୍କ କ୍ଷୋଭ ଓ ଅସନ୍ତୋଷ ବଢ଼ିବାରେ ଲାଗିଥିବାବେଳେ ହେମନ୍ତ ସେମାନଙ୍କ ପ୍ରକୃତ ବିକାଶର ସ୍ୱପ୍ନ ଦେଖାଇଥିଲେ। ଫଳରେ ଏହି ନିର୍ବାଚନ 'ରଘୁବର ବନାମ ହେମନ୍ତ'ରେ ପରିଣତ ହୋଇଥିଲା।



ଜେଏମ୍ଏମ୍ ମେଣ୍ଟକୁ ବିପୁଳ ସଫଳତା ମିଳିବା ପରେ ଖବରଦାତା ସମ୍ମିଳନୀରେ ହେମନ୍ତ ସୋରେନ।

## ୬ ବର୍ଷ ପରେ କ୍ଷମତାକୁ ଫେରିଲେ

ଜେଏମ୍ଏମ୍ କାର୍ଯ୍ୟକାରୀ ଅଧକ୍ଷ ହେମନ୍ତ ସୋରେନ ୬ ବର୍ଷ ପରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆଦିବାସୀ ନେତା ଶିବୁ ସୋରେନଙ୍କ ପୁଅ ହେମନ୍ତ ବିଧାନସଭା ନିର୍ବାଚନରେ ଜେଏମ୍ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିଲେ। ୧୯୭୫ ଅଗଷ୍ଟ ୧୦ରେ ରାମଗଡ଼ ଜିଲାର ନେମ୍ରା ଗ୍ରାମରେ ଜନ୍ମିତ ହେମନ୍ତ ମେକାନିକାଲ ଇଞ୍ଜିନିୟରିଂ ପାସ୍ କରିଥିବା ତାଙ୍କର ଘନିଷ୍ଠ ସହଯୋଗୀମାନେ କହୁଥିବାବେଳେ ସେ ନାମାଙ୍କନପତ୍ର ଦାଖଲ ବେଳେ ଶିକ୍ଷାଗତ ଯୋଗ୍ୟତା ଇଣ୍ଟରମିଡିଏଟ୍ ପାସ୍ ବୋଲି ଦର୍ଶାଇଥିଲେ। ୨୦୦୫ରେ ସେ ପ୍ରଥମେ ନିର୍ବାଚନୀ ରାଜନୀତିରେ ପ୍ରବେଶ କରି ଡୁମ୍କାରୁ ପ୍ରାର୍ଥୀ ହୋଇଥିଲେ। ତେବେ ସେ ଦଳୀୟ ବିଦ୍ରୋହୀ ପ୍ରାର୍ଥୀ ଷ୍ଟିଫେନ୍ ମାର୍ଣ୍ଡିଙ୍କଠାରୁ ହାରିଯାଇଥିଲେ। ୨୦୦୯ରେ ତାଙ୍କ ବଡ଼ଭାଇ ଦୁର୍ଗାଙ୍କ ପରଲୋକ ପରେ ହେମନ୍ତଙ୍କୁ ଦଳରେ ବଡ଼ ଦାୟିତ୍ୱ ମିଳିଥିଲା। ସେ ୨୦୦୯ ଜୁନ୍ ୨୪ରୁ ୨୦୧୦ ଜାନୁୟାରୀ ୪ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ଥିଲେ। ପରେ ସେ ଅର୍ଜୁନ ମୁଣ୍ଡାଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୩ରେ ସେ ରାଜ୍ୟର ସର୍ବକନିଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ୨୦୧୪ ଡିସେମ୍ବର ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ।

## ଗୁରୁଜୀଙ୍କ ଆଶୀର୍ବାଦ ନେଲେ

### ସାଇକେଲ ଚଳାଇ ଦେଲେ ସନ୍ତୁଳିତ ରାଜନୀତିର ବାର୍ତ୍ତା

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପରିଣାମ ଆସିବାରେ ଲାଗିଥିବାବେଳେ ଜେଏମ୍ଏମ୍ ନେତା ହେମନ୍ତ ସୋରେନ ତାଙ୍କ ବାପା ତଥା ଦଳର ଅଧକ୍ଷ ଶିବୁ ସୋରେନ(ଗୁରୁଜୀ)ଙ୍କୁ ଭେଟିଥିଲେ। ସେ ବାପା ଏବଂ ମା' ରୂପୀ ସୋରେନଙ୍କ ଚରଣ ସ୍ପର୍ଶ କରି ତାଙ୍କୁ ଧନ୍ୟବାଦ ଦେଇଥିଲେ। ଏହାସହ ବାପାଙ୍କ ବାସଭବନ ପରିସରରେ ସେ ଏକ ସାଇକେଲ ଚଳାଉଥିବା ଦେଖିବାକୁ ମିଳିଥିଲା। ଜିନ୍ସ ପ୍ୟାଣ୍ଟ ଓ ଜ୍ୟାକେଟ ପିନ୍ଧି ତାଙ୍କର ସାଇକେଲରେ ଚକ୍କର ମାରୁଥିବା ଦୃଶ୍ୟ ଟିଭି ଚ୍ୟାନେଲଗୁଡ଼ିକରେ ଆସିବା ପରେ ଏହାର ନାନା ରାଜନୈତିକ ନିହିତାର୍ଥ ବାହାର କରାଯାଉଛି। କଂଗ୍ରେସ ଓ ଆର୍‌ଜେଡି ସହ ମିଶି ନିର୍ବାଚନ ଜିତିଥିବାରୁ ଆଗକୁ ଏହି ଦୁଇଦଳକୁ ସାଙ୍ଗରେ ନେଇ ଏକ ସନ୍ତୁଳିତ ସରକାର ଚଳାଇବା ପାଇଁ ପ୍ରସ୍ତୁତ ବୋଲି ହେମନ୍ତ ଏକ ସୁଦୂରପ୍ରସାରୀ ରାଜନୈତିକ ବାର୍ତ୍ତା ଦେଇଥିବା କୁହାଯାଉଛି। ସେହିପରି ସାଇକେଲ ଚଳାଇ ସେ ଯୁବବର୍ଗଙ୍କ ପ୍ରତିନିଧିତ୍ୱର ସନ୍ଦେଶ ଦେଇଥିବା ମଧ୍ୟ କେତେଜଣ ରାଜନୈତିକ ବିଶ୍ଳେଷକ କହିଛନ୍ତି।



ରାଞ୍ଚିରେ ବାପା ଶିବୁ ସୋରେନଙ୍କଠାରୁ ଆଶୀର୍ବାଦ ନେଉଛନ୍ତି ଭାବୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ।

## କିଏ କ'ଣ କହିଲେ



ଝାଡ଼ଖଣ୍ଡବାସୀଙ୍କ ଜନାଦେଶକୁ ଆମେ ସମ୍ମାନ ଦେଉଛୁ। ୫ ବର୍ଷ ପାଇଁ ରାଜ୍ୟର ସେବା କରିବାର ସୁଯୋଗ ଦେଇଥିବାରୁ ହୃଦୟରୁ ସେମାନଙ୍କୁ କୃତଜ୍ଞତା ଜଣାଉଛୁ।
**- ଅମିତ ଶାହା, ଭାଜପା ରାଷ୍ଟ୍ରୀୟ ଅଧକ୍ଷ**



ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଫଳାଫଳ ଏନ୍ଆର୍‌ସି ଏବଂ ସିଏଏ ବିରୋଧରେ ଜନାଦେଶ।
**-ଅରବିନ୍ଦ କେଜରିଓ୍ୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



ଭାଜପା ଉପରୁ ଝାଡ଼ଖଣ୍ଡ ଭୋଟରଙ୍କ ଭରସା ତୁଟିବା ସହ ସେମାନେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଜେଏମ୍ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟ ପ୍ରତି ଆସ୍ଥା ସ୍ଥାପନ କରିଛନ୍ତି।
**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



ଅମିତ୍ ଶାହାଙ୍କ ନେତୃତ୍ୱାଧୀନ ଦଳକୁ ଝାଡ଼ଖଣ୍ଡର ଆଦିବାସୀ ଓ ଗରିବ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି। ପରାଜୟ ପାଇଁ ଭାଜପା ଆତ୍ମସମୀକ୍ଷା କରିବା ଆବଶ୍ୟକ।
**- ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି**



ଲୋକେ ଅଣଭାଜପା ଦଳ ସହ ଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି। ରାଜସ୍ଥାନ, ଛତିଶଗଡ଼, ମହାରାଷ୍ଟ୍ର ପରେ ଝାଡ଼ଖଣ୍ଡବାସୀ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।
**- ଶରଦ ପାଓ୍ୱାର, ଏନ୍‌ସିପି ଅଧକ୍ଷ**



ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ଇସ୍ତଫାପତ୍ର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ରଘୁବର ଦାସ।

## କାହିଁକି ଭୁଶୁଡ଼ିଲା ଭାଜପା ଦୁର୍ଗ

**ରଘୁବରଙ୍କ ଅହଂକାର, ଆଦିବାସୀ ବିରୋଧୀ ଛବି ଯୋଗୁ ଘଟିଲା ପତନ**

ଭାଜପାର ଝାଡ଼ଖଣ୍ଡ ଦୁର୍ଗ କାହିଁକି ଭୁଶୁଡ଼ିଲା ସେନେଇ ନାନା ଚର୍ଚ୍ଚା ହେଉଛି। ୨୦୦୦ ମସିହାରେ ବିହାରରୁ ଅଲଗା ହୋଇ ଝାଡ଼ଖଣ୍ଡ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ରାଜ୍ୟରେ ପ୍ରଥମଥର ପାଇଁ ଏକ ସ୍ଥିର ସରକାର ଦେଇଥିଲା ଭାଜପା। କିନ୍ତୁ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ଏଥର ଯୁଦ୍ଧଭୂଇଁରେ ପରାଜିତ ହେବାକୁ ପଡ଼ିଛି। କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସହ ରଘୁବରଙ୍କ ଅହଂକାର ଓ ବଢ଼ୁଥିବା ସରକାର ବିରୋଧୀ ହାଓ୍ୱା ଭାଜପାର ଦୁର୍ଗ ପତନର କାରଣ ବୋଲି କୁହାଯାଉଛି। ରଘୁବର ଦାସଙ୍କ ସରକାର ଚେଟଙ୍ଗପୁର ଟେନାନ୍ସି ଆଇନ ଓ ସାନ୍ତାଳ ପ୍ରଗଣା ଟେନାନ୍ସି ଆଇନରେ ସଂଶୋଧନ ପାଇଁ ବିଫଳ ଉଦ୍ୟମ କରିଥିଲେ। ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି କୌଣସି ଅଣଆଦିବାସୀଙ୍କୁ ନିଜ ଜମି ବିକ୍ରି କରିପାରିବେ ନାହିଁ ବୋଲି ଏହି ପ୍ରସ୍ତାବିତ ଆଇନରେ ବ୍ୟବସ୍ଥା ରହିଥିଲା। ଏହାକୁ ନେଇ ରଘୁବରଙ୍କ ଛବି ଆଦିବାସୀ ବିରୋଧୀ ହୋଇଯାଇଥିଲା। ଏପରି କି ରଘୁବରଙ୍କ ଅହଂକାରୀ ବ୍ୟବହାରକୁ ନେଇ ତାଙ୍କ ଦଳର ଅନେକ ନେତା ଅଭିଯୋଗ କରିଆସୁଥିଲେ। ସେହିପରି ସିଏଏକୁ ନେଇ ଅସନ୍ତୁଷ୍ଟ ରାଜ୍ୟବାସୀ କେନ୍ଦ୍ରର ମୋଦି ସରକାରଙ୍କୁ ଜବାବ ଦେବାକୁ ଯାଇ ରଘୁବର ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିଥିବା କୁହାଯାଉଛି।

## ଅଭିନନ୍ଦନ ଜଣାଇଲେ ମୋଦି

**ନୂଆଦିଲ୍ଲୀ,୨୩।୧୨(ପି.ଟି.)**–ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ବିରୋଧୀ ମେଣ୍ଟ ବିଜୟୀ ହୋଇଥିବାରୁ ଜେଏମ୍ଏମ୍ ନେତା ହେମନ୍ତ ସୋରେନ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ନିର୍ବାଚନରେ ଭାଜପା ପରାଜିତ ହୋଇଥଲେ ମଧ ରାଜ୍ୟ ପାଇଁ କାମ କରିବା ଜାରି ରଖିବ ଓ ଜନକୈନ୍ଦ୍ରିକ ପ୍ରସଙ୍ଗ ଉଠାଇବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଝାଡ଼ଖଣ୍ଡକୁ କିଛି ବର୍ଷ ହେଲା ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ଦଳୀୟ କର୍ମୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

### ଇତିହାସର ଆଇନାରେ | ଡିସେମ୍ବର ୨୪ର ପ୍ରମୁଖ ଘଟଣା

୧୫୨୪ ଡିସେମ୍ବର ୨୪ରେ ପର୍ତ୍ତୁଗାଲ୍ ନାବିକ ଭାସ୍କୋ ଡା ଗାମାଙ୍କର କୋଚିରେ ପରଲୋକ ହୋଇଥିଲା। ସେ ପ୍ରଥମ ୟୁରୋପୀୟ ଯିଏ କି ଭାରତକୁ ଜଳପଥ ଆବିଷ୍କାର କରିଥିଲେ।

୧୯୫୧ ଡିସେମ୍ବର ୨୪ରେ ଲିବ୍ୟା ସ୍ୱାଧୀନ ହୋଇଥିଲା। ୟୁନାଇଟେଡ୍ କିଙ୍ଗ୍‌ଡମ୍ ଅଫ୍ ଲିବ୍ୟା ଏକ ସାମ୍ବିଧାନିକ ଓ ବଂଶାନୁଗତ ରାଜତନ୍ତ୍ର ରାଷ୍ଟ୍ର।

# ସିଏଏ ବିରୋଧରେ କଂଗ୍ରେସର ସତ୍ୟାଗ୍ରହ

ନୂଆଦିଲ୍ଲୀ,୨୩।୧୨(ପି.ଟି.)

- ମଧ୍ୟପ୍ରଦେଶ, ରାଜସ୍ଥାନ ଲାଗୁ କରିବେନି ନାଗରିକତ୍ୱ ଆଇନ
- ସମ୍ବିଧାନ ପ୍ରସ୍ତାବନା ପଢ଼ିଲେ ସୋନିଆ, ମନମୋହନ

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ବିରୋଧକରି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ସୋମବାର ରାଜଘାଟଠାରେ ସତ୍ୟାଗ୍ରହ କରାଯାଇଥିଲା। ଏଥିରେ ରାହୁଲ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଯୋଗଦେଇଥିଲେ। ସୋନିଆ, ମନମୋହନ ଓ ରାହୁଲ ସମ୍ବିଧାନର ପ୍ରସ୍ତାବନା ପଢ଼ିଥିଲେ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ଓ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ସେମାନଙ୍କ ରାଜ୍ୟରେ ସିଏଏ ଲାଗୁ କରିବେ ନାହିଁ ବୋଲି କହିଛନ୍ତି।

ରାଜଘାଟରେ ଅନୁଷ୍ଠିତ 'ଏକତା ପାଇଁ ସତ୍ୟାଗ୍ରହ'ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ପକ୍ଷରୁ ମନ୍ତ୍ରୀ ଟି.ଏସ୍. ସିଂ ଦେଓ ଯୋଗଦେଇ ତାଙ୍କ ରାଜ୍ୟରେ ସିଏଏ ଏବଂ ଏନ୍ଆର୍‌ସି ଲାଗୁ ହେବ ନାହିଁ ବୋଲି କହିଥିଲେ। କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକରେ ଅସାମ୍ବିଧାନିକ ଆଇନ ଲାଗୁ କରାଯିବ ନାହିଁ ବୋଲି ଶୁକ୍ରବାର ଦଳ ପକ୍ଷରୁ କୁହାଯାଇଥିଲା। ଭାଜପା ନେତୃତ୍ୱାଧୀନ ସରକାର ଦେଶରେ ଭୟର ବାତାବରଣ ସୃଷ୍ଟି କରିବା ସହ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଥିବା ଗେହଲଟ କହିଥିଲେ। ସାରା ଦେଶରେ ଏନ୍ଆର୍‌ସି ଲାଗୁ ହେବା କଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହୁଥିବାବେଳେ ଏ ସମ୍ପର୍କରେ ଆଲୋଚନା ହୋଇ ନ ଥିବା କହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ସରକାର ଆର୍‌ଏସ୍ଏସ୍ ଏଜେଣ୍ଡାକୁ କାର୍ଯ୍ୟକାରୀ କରାଇବାକୁ ଚାହୁଁଥିବା ଗେହଲଟ ସମାଲୋଚନା କରିଥିଲେ। ସମ୍ବିଧାନର ଶକ୍ତି ସମ୍ପର୍କରେ ସରକାରଙ୍କୁ ଚେତାଇଦେବା ଲାଗି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଏ.କେ. ଆଣ୍ଟୋନି, ଅହମଦ ପଟେଲ, ଗୁଲାମ ନବୀ ଆଜାଦ, ମଲ୍ଲିକାର୍ଜୁନ ଖାର୍ଗେ, ଆନନ୍ଦ ଶର୍ମା, ଦିଗ୍‌ବିଜୟ ସିଂ, ମୁକୁଲ ଓ୍ୱାସନିକ୍, ମୀରା କୁମାରଙ୍କ ସମେତ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଏବଂ ଏଆଇସିସି ସାଧାରଣ ସମ୍ପାଦକ ଓ ରାଜ୍ୟ ପ୍ରଭାରୀମାନେ ସତ୍ୟାଗ୍ରହରେ ଯୋଗଦେଇଥିଲେ।



ଏକତା ସତ୍ୟାଗ୍ରହରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ଦଳୀୟ ନେତା।






ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର






■ କୁନ୍ଦୁଲି ଗଣବଳାତ୍କାର, ଆତ୍ମହତ୍ୟା ମାମଲା

# ହାଇକୋର୍ଟରେ ଏସ୍ଆଇଟିର ଚୂଡ଼ାନ୍ତ ରିପୋର୍ଟ ଦାଖଲ

କଟକ ଅଫିସ,୨୩।୧୨

କୁନ୍ଦୁଲି ନାବାଳିକା ଗଣବଳାତ୍କାର ଓ ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିବା ୩ ଜଣିଆ ସ୍ପେଶାଲ ଇନଭେଷ୍ଟିଗେଶନ ଟିମ୍ (ଏସ୍ଆଇଟି) ପକ୍ଷରୁ ସୋମବାର ହାଇକୋର୍ଟରେ ବନ୍ଦ ଲଫାପା ଭିତରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ହୋଇଥିବା ଏହି ଟିମ୍ ୨୫ ଦିନ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ଦାଖଲ କରିଛି। କୋରାପୁଟ, ବ୍ରହ୍ମପୁର ଓ ସମ୍ବଲପୁର ପୋଲିସ ରେଞ୍ଜର ଡିଆଇଜିଙ୍କୁ ନେଇ ଗଠିତ ଏସ୍ଆଇଟି ଏହାର ତଦନ୍ତ କରୁଥିଲା। ଏସ୍ଆଇଟିର ରିପୋର୍ଟ ଦାଖଲ ହେବା ପରେ ହାଇକୋର୍ଟରେ ଉକ୍ତ ମାମଲାର ଅନ୍ତ ଘଟିଛି। ତେବେ ଏସ୍ଆଇଟି ରିପୋର୍ଟକୁ ଟ୍ରାଏଲ କୋର୍ଟ (ତଳ କୋର୍ଟ)ରେ ଦାଖଲ କରିବା ପାଇଁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସେହିପରି ଆବେଦନକାରୀଙ୍କ ଯଦି କୌଣସି ଆପତ୍ତି ଅଭିଯୋଗ ଥାଏ ତେବେ ସେ ତଳ କୋର୍ଟକୁ ଯାଇ ନିଜର ପକ୍ଷ ରଖିପାରିବେ ବୋଲି ହାଇକୋର୍ଟ କହିଛନ୍ତି।

କୁନ୍ଦୁଲି ଗଣବଳାତ୍କାର ଘଟଣାର ସିବିଆଇ ତଦନ୍ତ ଦାବି କରି ପୂର୍ବତନ ଏମ୍ପି ଖାରବେଳ ସ୍ୱାଇଁ ଓ ମୃତା ପୀଡ଼ିତାଙ୍କ ମା’ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। କିନ୍ତୁ ସିବିଆଇ ତଦନ୍ତ ଆବେଦନକୁ ହାଇକୋର୍ଟ ଖାରଜ କରିବା ସହିତ ଗତ ନଭେମ୍ବର ୧୯ ତାରିଖରେ ଏସ୍ଆଇଟି ଗଠନ ପାଇଁ ଆଦେଶ ଦେଇଥିଲେ। ପୂର୍ବରୁ ଏହି ଘଟଣାର ତଦନ୍ତ ପୋଲିସ, କ୍ରାଇମବ୍ରାଞ୍ଚ ଓ ଜଣିକିଆ କମିଶନ ଦ୍ୱାରା କରାଯାଇଛି। ମାତ୍ର ପୀଡ଼ିତାଙ୍କୁ ଗଣବଳାତ୍କାର କରାଯାଇଛି କି ନାହିଁ ତାହା ସାବ୍ୟସ୍ତ ହୋଇପାରିନାହିଁ। ତେଣୁ ପୀଡ଼ିତାଙ୍କୁ ଗଣବଳାତ୍କାର କରାଯାଇଛି କି ନାହିଁ ଓ କେଉଁ କାରଣ ପାଇଁ ସେ ଆତ୍ମହତ୍ୟା କଲେ ତାହାର ତଦନ୍ତ ଏସ୍ଆଇଟି କରୁଥିଲା।

ସୂଚନାଯୋଗ୍ୟ,କୋରାପୁଟ ଜିଲା ପଟାଙ୍ଗୀ ଥାନା ଅଧୀନ କୁନ୍ଦୁଲି ନିକଟ ଜଙ୍ଗଲରେ ନବମ ଶ୍ରେଣୀର ଜଣେ ନାବାଳିକାଙ୍କୁ ୨୦୧୭ ଅକ୍ଟୋବର ୧୦ରେ ଗଣବଳାତ୍କାର କରାଯାଇଥିଲା। ସମ୍ପୃକ୍ତା ନାବାଳିକାଙ୍କୁ ଯବାନ ଡ୍ରେସ୍ ପିନ୍ଧିଥିବା ୪ ଜଣ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ରାଜ୍ୟ ସରକାର ୨୦୧୭ ଡିସେମ୍ବର ୨୬ରେ ନ୍ୟାୟିକ ତଦନ୍ତ ପାଇଁ ଆଦେଶ ଦେଇଥିଲେ। ମାତ୍ର ୨୦୧୮ ଜାନୁୟାରୀ ୨୨ରେ ନାବାଳିକା ଜଣକ ଆତ୍ମହତ୍ୟା କରିଥିଲେ। ମାମଲାର ତଦନ୍ତ କରୁଥିବା ନ୍ୟାୟିକ କମିଶନ ୨୦୧୮ ସେପ୍ଟେମ୍ବର ୨୦ରେ ୧୪୧ ପୃଷ୍ଠା ସମ୍ବଳିତ ତଦନ୍ତ ରିପୋର୍ଟ ସରକାରଙ୍କୁ ଦେଇଥିଲେ। ଉକ୍ତ ରିପୋର୍ଟକୁ ସରକାର ଗତ ଅଗଷ୍ଟ ୩ ତାରିଖରେ ବିଧାନସଭାରେ ଉପସ୍ଥାପନ କରିଥିଲେ।

■ ଅନ୍ତର୍ଜାତୀୟ ବ୍ରାଉନ୍ସୁଗାର କାରବାର

# ରାଜାଙ୍କ ୨ ସହଯୋଗୀ ବାଲେଶ୍ୱରରୁ ଗିରଫ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)



■ବିଭିନ୍ନ ରାଜ୍ୟକୁ ବ୍ରାଉନସୁଗାର ଚାଲାଣ ଦାୟିତ୍ୱରେ ଥିଲେ
■୧୩୦ ଗ୍ରାମ ବ୍ରାଉନ୍ସୁଗାର, ଗୁଳି ଓ ବାଇକ ଜବତ
■ଜାମିନ ମିଳିଲାନି, ଜେଲ ଗଲେ ଦୁଇ ଅଭିଯୁକ୍ତ



ଅନ୍ତର୍ଜାତୀୟ ନିଶା ମାଫିଆ ତଥା ବ୍ରାଉନସୁଗାର କାରବାରର ମାଷ୍ଟରମାଇଣ୍ଡ୍ ସେକ୍ ରାଜାଙ୍କ ଦୁଇ ସହଯୋଗୀ ଧରାପଡ଼ିଛନ୍ତି। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍ଟିଏଫ୍) ରବିବାର ରାତିରେ ବାଲେଶ୍ୱରରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଛି। ସେମାନେ ହେଲେ ମସ୍ଜିଦ୍ ଗଳିରେ ରହୁଥିବା ବ୍ରାଉନସୁଗାର ଡିଲର ବସନ୍ତ ବେହେରା(୩୦) ଓରଫ ହାଫ୍ ପ୍ୟାଣ୍ଟ ବାବୁ ଏବଂ ସୁନହଟର ନୀଳାଦ୍ରି ଦାଶ(୨୬) ଓରଫ ନିଲ୍। ସେମାନଙ୍କ ନିକଟରୁ ଦୁଇଟି ଗୁଳି, ଗୋଟିଏ ବାଇକ, ୩ ମୋବାଇଲ ଫୋନ୍ ଓ ୧୩୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଦଫା ୨୧(ବି)ଏନ୍ଡିପିଏସ୍ ଓ ୨୫, ୨୭ ଆର୍ମ୍ସ ଆକ୍ଟରେ ମାମଲା (ନଂ.୧୨/୧୯) ରୁଜୁ କରି ଏସ୍ଟିଏଫ୍ ସେମାନଙ୍କୁ ଖୋର୍ଦ୍ଧା ଜିଲା ଦୌରାଜଜ୍ କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି।

ପୂର୍ବରୁ ଗିରଫ ହୋଇଥିବା ସେକ୍ ରାଜା ବାଂଲାଦେଶରୁ ଜଳପଥରେ ବ୍ରାଉନସୁଗାର ଆଣି ଓଡ଼ିଶା ସମେତ ଦେଶର ଅନ୍ୟ ରାଜ୍ୟକୁ ଚୋରା ଚାଲାଣ କରୁଥିଲେ। ତାଙ୍କର ନିଶା ସାମ୍ରାଜ୍ୟ ନେପାଳ, ଭୁଟାନ ଆଦି ପଡୋଶୀ ଦେଶକୁ ବ୍ୟାପିଥିଲା। ମାଛଧରା ଟ୍ରଲର ଓ ବୋଟ୍ ସହାୟତାରେ ବାଂଲାଦେଶରୁ ବ୍ରାଉନସୁଗାର ବାଲେଶ୍ୱରରେ ପହଞ୍ଚିବା ପରେ ଡିଲର ଓ ଏଜେଣ୍ଟଙ୍କ ସହାୟତାରେ ଅନ୍ୟ ଅଞ୍ଚଳକୁ ପଠାଯାଉଥିଲା। ସେପ୍ଟେମ୍ବର ୧୫ରେ ରାଜାଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ବନ୍ଧୁକ, ଗୁଳି ଓ ବିପୁଳ ବ୍ରାଉନସୁଗାର ମିଳିଥିଲା। ରିମାଣ୍ଡରେ ଆସିଥିବାବେଳେ ନିଶା ସାମ୍ରାଜ୍ୟର ବହୁ ଗୁମର ଖୋଲିଥିଲେ ରାଜା। ଏହାପରେ ବ୍ରାଉନସୁଗାର ଆଣିବାରେ ବ୍ୟବହୃତ ଟ୍ରଲର, ନେପାଳରେ ବଡ଼ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ସହ ବହୁ କୋଟିର ସମ୍ପତ୍ତି ଠାବ କରିଥିଲା ଏସ୍ଟିଏଫ୍। ଇତିମଧ୍ୟରେ ତାଙ୍କର ବହୁ ସହଯୋଗୀ ଓ ଲିଙ୍କ୍‌ରେ ଥିବା ବେପାରୀମାନେ ଗିରଫ ହୋଇଛନ୍ତି। ସେହିଭଳି ବାଲେଶ୍ୱରରେ ବ୍ରାଉନସୁଗାର କାରବାର ଚଳାଉଥିବା ବସନ୍ତ ଓ ନିଳାଦ୍ରିଙ୍କୁ ଧରିବାକୁ ଏସ୍ଟିଏଫ୍ ବହୁଦିନ ହେବ ଯୋଜନା କରିଥିଲା। ବାଲେଶ୍ୱରରେ ବ୍ରାଉନସୁଗାର ପହଞ୍ଚିବା ପରେ ଏହି ଦୁଇଜଣ କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ସମେତ ରାଜ୍ୟର ଅନ୍ୟ ଅଞ୍ଚଳକୁ ପଠାଉଥିଲେ। ତାଙ୍କୁ ରିମାଣ୍ଡରେ ଆଣି ଏସ୍ଟିଏଫ୍ ଏହି କଳା ସାମ୍ରାଜ୍ୟ ଆହୁରି ନୂଆ ତଥ୍ୟ ହାସଲ କରିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

# ଖୁବ୍ଶୀଘ୍ର ଭୁବନେଶ୍ୱରରୁ ଦୁବାଇ, ବ୍ୟାଙ୍କକ୍‌କୁ ଉଡ଼ିବ ବିମାନ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

■ଆଗାମୀ ମିଳିତ ବୈଠକରେ ହେବ ଚୂଡ଼ାନ୍ତ ନିଷ୍ପତ୍ତି
■ଘରୋଇ ବିମାନ ସେବାକୁ ଦିଆଯିବ ଗୁରୁତ୍ୱ

ଭୁବନେଶ୍ୱରରୁ ବିଦେଶକୁ ଉଡ଼ିବ ଅଧିକ ବିମାନ। କିଛି ଆନ୍ତର୍ଜାତିକ ବିମାନ ଚଳାଚଳ ସଂସ୍ଥା ଏଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ଖୁବ୍ଶୀଘ୍ର ଦୁବାଇ ଓ ବ୍ୟାଙ୍କକ୍‌କୁ ବିମାନ ସେବା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଏନେଇ ଚିଠି ଲେଖିଥିଲେ। ଓଡ଼ିଶାର ଭିତ୍ତିଭୂମି ବିଷୟରେ ଉଲ୍ଲେଖ କରିବା ସହ କିଛି ବିମାନ ସଂସ୍ଥାର ସିଇଓଙ୍କୁ ନେଇ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ। ଏହାପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ କେତେକ ଆନ୍ତର୍ଜାତିକ ବିମାନ ଚଳାଚଳ ସଂସ୍ଥାର ସିଇଓଙ୍କ ସହ ଆଲୋଚନା ହୋଇଥିଲା। ଅଧିକାଂଶ ସଂସ୍ଥା ଭୁବନେଶ୍ୱର ସହ ଯୋଡ଼ି ହେବା ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। ବର୍ତ୍ତମାନ ଗୋଟିଏ ମାତ୍ର ଏୟାର ଏସିଆ ବିମାନ ଭୁବନେଶ୍ୱର-କ୍ୱାଆଲାଲମ୍ପୁର ମଧ୍ୟରେ ଚଳାଚଳ କରୁଛି। ପୂର୍ବରୁ ବ୍ୟାଙ୍କକ୍ ଏୟାରୱେଜ୍ ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ବିମାନ ଚଳାଚଳ କରିବାକୁ ଆଗ୍ରହ ଦେଖାଇଥିଲା। ତେବେ ରାଜ୍ୟ ସରକାର, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧିକାରୀ ଓ ବିମାନ ଚଳାଚଳ ସଂସ୍ଥାର ସିଇଓଙ୍କୁ ନେଇ ହେବାକୁ ଥିବା ବୈଠକରେ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ସୂଚନା ମିଳିଛି।

ସେହିଭଳି ଏକାଧିକ ସ୍ଥାନକୁ ଭୁବନେଶ୍ୱରରୁ ବିମାନ ଚଳାଚଳ କରିବ ବୋଲି କୁହାଯାଉଛି। ଅଧିକାଂଶ ସମୟରେ ଝାରସୁଗୁଡ଼ା ଓ ଭୁବନେଶ୍ୱରରେ ଆଲୋକ କମ୍ ରହୁଥିବାରୁ ବିମାନ ଅବତରଣ କରିବାରେ ସମସ୍ୟା ହେଉଛି। ତେଣୁ ଏହି ଦୁଇ ବିମାନ ବନ୍ଦରରେ କ୍ୟାଟ୍-ଥ୍ରୀ ଆପ୍ରୋଚ ଆଲୋକ ବ୍ୟବସ୍ଥା କରାଯିବ। ସମ୍ପ୍ରସାରଣ, ଜମି ଅଧିଗ୍ରହଣ ସଂକ୍ରାନ୍ତରେ ରାଜ୍ୟ ସରକାର ଓ ବିମାନ ବନ୍ଦର ପ୍ରାଧିକରଣ ମଧ୍ୟରେ ଆଲୋଚନା ଚାଲିଛି। ଆନ୍ତର୍ଜାତିକ ବିମାନ ସେବା ବ୍ୟତୀତ ଘରୋଇ ସଂଯୋଗକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଜୟପୁର ଓ ରାଉରକେଲାକୁ ଘରୋଇ ବିମାନ ସେବା ଯୋଗାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡିଛି। ରାଉରକେଲା ଏୟାରଷ୍ଟ୍ରିପ୍‌ରେ ୧୮୪ ଏକର ଜମି ଆବଶ୍ୟକ ପଡୁଛି। ରାଜ୍ୟ ସରକାର ଅତିରିକ୍ତ ଜମି ଯୋଗାଇଦେଲେ ଖୁବ୍ଶୀଘ୍ର ବିମାନ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ମିଳିଛି।




■ ଦକ୍ଷତା, ନିଯୁକ୍ତି କ୍ଷେତ୍ରରେ ନୂତନ ସମ୍ଭାବନା

# ଏଆଇ ଉତ୍କର୍ଷ କେନ୍ଦ୍ର, ବିପିଓ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

■ ଦୈନନ୍ଦିନ ଜୀବନରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସ୍ଥାନୀୟ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଇଟି)ଠାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଫର୍ ଏକ୍ସିଲେନ୍ସ)କୁ ଉଦ୍‌ଘାଟନ କରିଛନ୍ତି। ଟେକ୍ ମହିନ୍ଦ୍ରା ଲିମିଟେଡ ସହଯୋଗରେ ସିଇଟି ପକ୍ଷରୁ ସେଣ୍ଟର ଫର ଏକ୍ସିଲେନ୍ସ ମାଧ୍ୟମରେ ଯୁବତୀଯୁବକଙ୍କୁ ଏଆଇ ବିଷୟରେ ତାଲିମ ଦିଆଯିବ। ଏହା ଓଡ଼ିଶାକୁ ଦେଶର ତୃତୀୟ ବୃହତ୍ ପୁଞ୍ଜି ନିବେଶକାରୀ ରାଜ୍ୟ ଭାବେ ପରିଗଣିତ କରିବାରେ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ଉତ୍ତମ ବିକଳ୍ପ ଉଦ୍‌ଭାବନ କରିବା ପାଇଁ ଏହା ବର୍ତ୍ତମାନର ଯୁବପିଢ଼ିଙ୍କୁ ଏକ ସୁଯୋଗ ଦେବା ସହ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିବ। ସିଇଟି ଏବଂ ଟେକ୍ ମହିନ୍ଦ୍ରା ମଧ୍ୟରେ ହୋଇଥିବା ବୁଝାମଣା(ଏମଓୟୁ) ସ୍ୱରୂପ ସେଣ୍ଟର ଅଫ ଏକ୍ସିଲେନ୍ସ ରାଜ୍ୟର ଯୁବବର୍ଗଙ୍କୁ ନୂତନ ଜ୍ଞାନକୌଶଳ ହାସଲ କରିବା ପାଇଁ ଏକ ସୁଯୋଗ ସୃଷ୍ଟି କରିବ। ଦୈନନ୍ଦିନ ଜୀବନରେ ଏଆଇ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ରାଜ୍ୟର ଅର୍ଥନୀତି ଓ ଲୋକମାନଙ୍କ ଜୀବନ ଜୀବିକା ଉପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଅଡିଟୋରିୟମ ଏବଂ ସେଣ୍ଟ୍ରାଲ ଲାଇବ୍ରେରିର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ସ୍ଥାନୀୟ ଫର୍ଚୁନ ଟାୱାରଠାରେ ମୁଖ୍ୟମନ୍ତ୍ରୀ ଟେକ୍ ମହିନ୍ଦ୍ରାର ଇଣ୍ଟରନ୍ୟାଶନାଲ ବିପିଓ ସେଣ୍ଟରର ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱରରେ ଟେକ୍ ମହିନ୍ଦ୍ରାର ପୂର୍ବରୁ ଏହାର ସେଣ୍ଟର ଖୋଲି ସାରିଛି। ନୂଆ ସୁବିଧା ଦେବାକୁ ବିପିଓ ସେଣ୍ଟର ସ୍ଥାପନ କରାଯାଇଛି ବୋଲି ଟେକ୍ ମହିନ୍ଦ୍ରା ସିଇଓ ସି.ପି. ଗୁରନାନୀ କହିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହା ଆମ ପାଇଁ ଐତିହାସିକ ଦିବସ ବୋଲି ସେ କହିଛନ୍ତି।

# ବ୍ୟାଗ୍‌ରେ ଶ୍ରୀମନ୍ଦିର ଚିତ୍ର | ପ୍ରତିବାଦ କଲେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ

ପୁରୀ ଅଫିସ,୨୩।୧୨




ପୁରୀ ସହରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ଲାଗି ପୌରସଂସ୍ଥା ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବିଶେଷକରି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। ପ୍ଲାଷ୍ଟିକ ଓ ପଲିଥିନ ପଡ଼ି ନାଳ, ନର୍ଦ୍ଦମା ଜାମ୍ ହେଉଥିବାବେଳେ ପରିମଳ ବ୍ୟବସ୍ଥାକୁ ବିଗାଡ଼ି ଦେଉଛି। ନାଳ ଜାମ୍ ଯୋଗୁ ବର୍ଷା ଦିନେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜୁଛି। ସେହିପରି ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ନିୟମକାନୁନ୍‌କୁ ଉଲ୍ଲଂଘନ କଲେ ଜରିମାନା ଆଦାୟ ହେଉଛି। ସଚେତନତା ଉଦ୍ଦେଶ୍ୟରେ ପୌରସଂସ୍ଥା ପକ୍ଷରୁ ପ୍ରତ୍ୟେକ ପରିବାରକୁ ଗୋଟିଏ ଲେଖାଏ କପଡ଼ା ବ୍ୟାଗ୍ ମାଗଣାରେ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ନିକଟରେ ଶରଧାବାଲିରେ ଆୟୋଜିତ ‘ମୋ ପୁରୀ ସ୍ୱଚ୍ଛ ପୁରୀ’ କାର୍ଯ୍ୟକ୍ରମରେ ଏହି ବ୍ୟାଗ୍ ଉନ୍ମୋଚନ କରାଯାଇ ଥିଲା। ତେବେ ଏହି ବ୍ୟାଗ୍‌ରେ ଶ୍ରୀମନ୍ଦିର ଛବି ରହିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ୨ଟି ସଙ୍ଗଠନ ପ୍ରତିବାଦ କରିବା ସହ ସୋମବାର ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେଇଛି।

ଏଥିରେ ଦର୍ଶାଯାଇଛି ଯେ, ପବିତ୍ର ଶ୍ରୀକ୍ଷେତ୍ରକୁ ସ୍ୱଚ୍ଛ ରଖିବା ଲାଗି ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ। ମୋ’ ପୁରୀ ସ୍ୱଚ୍ଛ ପୁରୀ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ମାଗଣାରେ ଗୋଟିଏ ଲେଖାଏ କପଡ଼ା ବ୍ୟାଗ୍ ଦିଆଯିବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ଏହି ବ୍ୟାଗ୍‌ରେ ଶ୍ରୀମନ୍ଦିରର ଛବି ରହିଥିବା ବ୍ୟଥିତ କରିଛି। କାରଣ ତାହାକୁ କେହି ବି ଆମିଷାଦି ଦ୍ରବ୍ୟ ଆଣିବା ସହ ଅଶୌଚ ଆଦି କାର୍ଯ୍ୟରେ ବ୍ୟବହାର କରିବା ସମ୍ଭାବନା ରହିଛି। ଏହାଦ୍ୱାରା ଭକ୍ତ ସମାଜ ତଥା ଧର୍ମୀୟ ଭାବନା ଆଘାତ ପାଇବା ଆଶଙ୍କା କରାଯାଉଛି। ତେଣୁ ବ୍ୟାଗ୍, ଡଷ୍ଟବିନ ଆଦିରେ ଶ୍ରୀମନ୍ଦିର କିମ୍ବା କୌଣସି ଦେବଦେବୀଙ୍କ ଛବି ସ୍ଥାନିତ ନ କରିବାକୁ ବିଶ୍ୱ ହିନ୍ଦୁ ପରିଷଦର ନଗର ସଭାପତି ନାରାୟଣ ଦାଶ, ନୀଳକଣ୍ଠ ମହାପାତ୍ର, ଜିଲା ବଜରଙ୍ଗ ଦଳ କର୍ମୀ ଦେବାର୍ପିତ ମହାନ୍ତି, ଦୋଳଗୋବିନ୍ଦ ପଣ୍ଡା, ଲୋକନାଥ ସାହୁ ପ୍ରମୁଖ ଦାବି କରିଛନ୍ତି।





ଯାହାର କୌଣସି ମୂଲ୍ୟ ନାହିଁ, ତାକୁ ହିଁ ପାଇବା ପାଇଁ ସମୟେ ସମୟେ ଯେଉଁ ଶକ୍ତି ବ୍ୟୟ ହୁଏ ତାହା ମହାଦୁଃଖଦାୟକ।

- ଆଇନଷ୍ଟାଇନ୍

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ସାଇସା
ପରିବାରବର୍ଗ



ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୨୫ରୁ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଆସନ୍ତା ୨୫ ତାରିଖରୁ ତିନିଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ୨୫ ତାରିଖ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଜିଲାର କେତେକ ଅଞ୍ଚଳରେ ସ୍ୱଳ୍ପ ପରିମାଣର ବର୍ଷା ହେବ ଏବଂ ରାଜ୍ୟର ଅନ୍ୟ ସ୍ଥାନରେ ପାଗ ଶୁଖିଲା ରହିବ। ୨୬ରେ ଉତ୍ତର-ଉପକୂଳ ଓଡ଼ିଶା ଏବଂ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ବର୍ଷା ହେବ। ସେହିପରି ୨୭ରେ ମଧ୍ୟ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାସହ ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ଉତ୍ତର-ଓଡ଼ିଶା, ଖୋର୍ଦ୍ଧା, ପୁରୀ, କନ୍ଧମାଳ, କଳାହାଣ୍ଡି, କୋରାପୁଟ ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବ। ଆସନ୍ତା ୩ ଦିନ ଭିତରେ ରାତିରେ ତାପମାତ୍ରା ୧ରୁ ୨ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇବ। ଏହାପରେ ପାରଦ ପୁଣି ଖସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସୋମବାର ଫୁଲବାଣୀରେ ସର୍ବନିମ୍ନ ୯.୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ଦାରିଙ୍ଗବାଡ଼ିରେ ୧୦ ଡିଗ୍ରୀ ରହିଥିଲା।

# ୨୬ରେ ସୂର୍ଯ୍ୟୋପରାଗ: ଖାଲିଆଖିରେ ନ ଦେଖିବାକୁ ପରାମର୍ଶ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଆସନ୍ତା ୨୬ତାରିଖ ସକାଳେ ଏକ ବିରଳ ସୂର୍ଯ୍ୟୋପରାଗ ସଂଘଟିତ ହେବ। ଏହି ମହାଜାଗତିକ ଘଟଣାଟି ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ପୂର୍ଣ୍ଣ ଭାବେ ଦେଖାଯିବାକୁ ଥିବାବେଳେ ଓଡ଼ିଶାରେ ଆଂଶିକ ଭାବେ ଦେଖାଯିବ। ଓଡ଼ିଶାରେ ଏହା ସକାଳ ୮ଟା ୨୦ମିନିଟ୍‌ରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୨୮ମିନିଟ୍‌ରେ ଶେଷ ହେବାକୁ ଥିବାବେଳେ ସକାଳ ୯ଟା ୪୬ ମିନିଟ୍‌ରେ ସର୍ବାଧିକ ପରାଗ ଦେଖାଯିବ। ଉକ୍ତ ସମୟରେ ଚନ୍ଦ୍ର ସୂର୍ଯ୍ୟଙ୍କୁ ପ୍ରାୟ ୫୫-୬୫% ଘୋଡ଼ାଇଦେବ ଏବଂ ସୂର୍ଯ୍ୟର ଆଲୋକ ମଳିନ ପଡ଼ିବା ସହ ଏହା ଅଧାଖଣ୍ଡିଆ ଦେଖାଯିବ। ଏହା ଏକ ବିରଳ ଦୃଶ୍ୟ। ତେବେ ସୂର୍ଯ୍ୟୋପରାଗକୁ ଖାଲିଆଖିରେ ନ ଦେଖିବାକୁ ପଠାଣି ସାମନ୍ତ ପ୍ଲାନେଟାରିୟମ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ଏହି ଦୃଶ୍ୟକୁ ନିରାପଦରେ ଦେଖିବା ପାଇଁ ପ୍ଲାନେଟାରିୟମରେ ବ୍ୟବସ୍ଥା କରାଯାଇଛି। ଏଥିସହିତ ସାମନ୍ତ ଚନ୍ଦ୍ରଶେଖର ଆଗ୍ରହୀ ଜ୍ୟୋତିର୍ବିଜ୍ଞାନୀ ପରିଷଦ ସହାୟତାରେ ପଦାର୍ଥ ବିଜ୍ଞାନ ଅନୁଷ୍ଠାନଠାରେ ମଧ୍ୟ ଦୂରବୀକ୍ଷଣ ମାଧ୍ୟମରେ ଏହି ପରାଗ ଦେଖିବାର ବ୍ୟବସ୍ଥା କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ବିରଳ ସୂର୍ଯ୍ୟୋପରାଗ ଦେଖିବା ପାଇଁ ପ୍ଲାନେଟାରିୟମ ସହ ଅନେକ ବିଜ୍ଞାନ ପ୍ରେମୀ ଅନୁଷ୍ଠାନ ବିଭିନ୍ନ ବ୍ୟବସ୍ଥା କରିଛନ୍ତି। ସେମାନେ ସୌର ଚଷମା ଯୋଗାଇବାର କାର୍ଯ୍ୟ ମଧ୍ୟ କରୁଛନ୍ତି। ସେହିପରି ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ବିଜେବି କଲେଜ ପଡ଼ିଆଠାରେ ସୂର୍ଯ୍ୟୋପରାଗ ନିରାପଦରେ ଦେଖିବାର ବ୍ୟବସ୍ଥା କରାଯିବ। ତେଣୁ ଏହି ସୁଯୋଗକୁ ହାତଛଡ଼ା ନ କରିବା ଲାଗି ଛାତ୍ରୀଛାତ୍ରଙ୍କୁ ପଠାଣି ସାମନ୍ତ ପ୍ଲାନେଟାରିୟମ ପକ୍ଷରୁ ଅନୁରୋଧ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଭାଜପାକୁ...

ଜନାଦେଶକୁ ସ୍ୱାଗତ କରୁଛୁ। ଝାଡ଼ଖଣ୍ଡର ଜନତାଙ୍କୁ ଧନ୍ୟବାଦ ବୋଲି ସେ କହିଛନ୍ତି। ଫଳାଫଳ ଆସିବା ପରେ ରଘୁବର ରାଜଭବନ ଯାଇ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା କହିଛନ୍ତି, ଝାଡ଼ଖଣ୍ଡବାସୀ ଦେଇଥିବା ଜନାଦେଶକୁ ଆମେ ସମ୍ମାନ ଦେଉଛୁ। ବିଗତ ୫ ବର୍ଷ ଧରି ଶାସନର ସୁଯୋଗ ଦେଇଥିବାରୁ ସେମାନଙ୍କୁ କୃତଜ୍ଞତା ଜଣାଉଛୁ। ରାଜ୍ୟର ବିକାଶ ପାଇଁ ଭାଜପା ସବୁବେଳେ ପ୍ରତିଶ୍ରୁତିବଦ୍ଧ ବୋଲି ଶାହା କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୪ ବିଧାନସଭା ନିର୍ବାଚନରେ ଭାଜପାକୁ ୩୭ ଆସନରେ ସଫଳତା ମିଳିଥିଲା। ଏଜେଏସ୍‌ୟୁର ୫ ବିଧାୟକଙ୍କ ସମର୍ଥନରେ ଡିସେମ୍ବର ୨୮ରେ ରଘୁବର ଦାସ ଝାଡ଼ଖଣ୍ଡର ଦଶମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଜେଏମ୍‌ଏମ୍ ୧୯ ଓ କଂଗ୍ରେସ ୬ ଆସନରେ ବିଜୟୀ ହୋଇଥିଲେ। ୨୦୧୫ ଫେବୃୟାରୀ ୧୧ରେ ଜେଭିଏମ୍ (ପ୍ରଜାତାନ୍ତ୍ରିକ)ର ୬ ବିଧାୟକ ଭାଜପାରେ ସାମିଲ ହେବା ପରେ ରଘୁବର ଦାସ ସରକାରଙ୍କ ଶକ୍ତି ବୃଦ୍ଧି ହୋଇଥିଲା। ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଆସନ ବୁଝାମଣାକୁ ନେଇ ଭାଗବଣ୍ଟା ନ ଛିଣ୍ଡିବାରୁ ଭାଜପା ଏବଂ ଏଜେଏସ୍‌ୟୁ ଅଲଗା ଲଢ଼ିଥିଲେ।

## ଶ୍ରମିକଙ୍କ...

ଭୁକ୍ତ କରାଯିବ। ଏଥିପାଇଁ ୧୫୦ ଜଣ ଅଧିକାରୀଙ୍କ ସହ ଦିନ ତମାମ ଆଲୋଚନା କରାଯାଇଛି ବୋଲି ସିଂ କହିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଅନୁଯାୟୀ କାର୍ଯ୍ୟ କରିବାକୁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ସଚିବ ଅନୁ ଗର୍ଗ ସମସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରମ କମିଶନର ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ମିଶ୍ର, ଯୁଗ୍ମ ସଚିବ ଲକ୍ଷ୍ମୀକାନ୍ତ ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରମିକ କଲ୍ୟାଣ ବୋର୍ଡ ୨୦୧୮-୧୯ର ବାର୍ଷିକ ବିବରଣୀକୁ ଉନ୍ମୋଚନ କରାଯାଇଥିଲା।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଚନ୍ଦ୍ରମଣି ବାରିକ



କରିସ୍ମା ପଣ୍ଡା



ପାର୍ବତୀ ମହାନ୍ତି



ପ୍ରଭାତ ରଞ୍ଜନ ପତି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଅନୁରାଧା ନକ୍ଷତ୍ରରେ ଚନ୍ଦ୍ର ଥିବାରୁ କୌଣସି ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। ଶେଷ ସମୟରେ କୌଣସି ସୁଯୋଗ ପାଇ ମଧ୍ୟ ହରାଇବା ସକାଶେ ବ୍ୟଥିତ ହେବାକୁ ପଡ଼ିପାରେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରଶ୍ରୀକାତର ସହକର୍ମୀଙ୍କ ଦ୍ୱାରା ସଭାସମିତିରେ ସମାଲୋଚିତ ହୋଇପାରନ୍ତି।

**ବୃଷ** ଶ୍ରବଣା ନକ୍ଷତ୍ରସ୍ଥ ଶୁକ୍ର ଯୋଗୁ କୌଣସି ଘଟଣାକୁ କେନ୍ଦ୍ରକରି ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସାଙ୍ଗକୁ ପରିବାରରେ ଶାନ୍ତି ମଧ୍ୟ ଫେରି ଆସିବ। ଆଜି ଦିନ ମଧ୍ୟରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରିବ ନାହିଁ।

**ମିଥୁନ** ଜ୍ୟେଷ୍ଠା ନକ୍ଷତ୍ରସ୍ଥ ବାଣୀକାରକ ବୁଧ ପ୍ରଭାବରେ ଆଜିର କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ ବ୍ୟବହାର ଦ୍ୱାରା କାମ ହାସଲ କରିପାରନ୍ତି। ପରିବାରର ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେବେ। ସାମାଜିକ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହେବାର ଆଶଙ୍କା ରହିଛି।

**କର୍କଟ** ଶନି ନକ୍ଷତ୍ରସ୍ଥ ଚନ୍ଦ୍ର ଜନିତ ମନ ଭଲ ନ ଥିବା କାରଣରୁ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅବଶ୍ୟ ବନ୍ଧୁମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଜି ହିଁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ସିଂହ** ବିଶାଖା ନକ୍ଷତ୍ରସ୍ଥ ମଙ୍ଗଳ ହେତୁ ଆଲୋଚନାର ଶେଷଭାଗରେ ହଠାତ୍ କୌଣସି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଅଫିସରେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ସମସ୍ୟା ଦେଖାଦେଇପାରେ। ପରିସ୍ଥିତି ଯାହା ହେଉନା କାହିଁକି ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**କନ୍ୟା** ଚନ୍ଦ୍ର ସହ ବୁଧଙ୍କ ସଂଯୋଗ ଜନିତ କର୍ମକ୍ଷେତ୍ରରେ ବନ୍ଧୁମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ସାମୟିକ ସମସ୍ୟା ଦେଖାଦେବାରୁ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଆଲୋଚନା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଦୀର୍ଘ ଦିନ ହେଲା ଖୋଜୁଥିବା ଜିନିଷ ଆଜି ଅପରାହ୍ନେ ହଠାତ୍ ପାଇଯିବେ।

**ତୁଳା** ମୂଳା ନକ୍ଷତ୍ରସ୍ଥ ବୃହସ୍ପତି ହେତୁ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାଳୁ ସହକର୍ମୀଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ପାଖ ପଡୋଶୀ ସହାୟତା କରିବେ।

**ବିଛା** ଅଧିକାଂଶ ସମୟ ଟେନସନ ମଧ୍ୟରେ ଚଳିଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବା ଠିକ୍ ହେବନାହିଁ। ଗୃହସୀମା କିମ୍ବା ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଆମୋଦପ୍ରମୋଦର ମଉକା ଜୁଟିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ଭଲରୂପେ ନ ଜାଣି ନ ଦେଖି ନ ବୁଝି ଅଯଥା ସନ୍ଦେହକଲେ ନିଜେ ହିଁ କ୍ଷତିରେ ପଡ଼ିବେ। ମୂଲ୍ୟବାନ ଜିନିଷଟି ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପନ୍ନ ହେବ ନାହିଁ। ସାଧାରଣ ଘଟଣାକୁ ବୃହତ୍ ଆକାରରେ ଚିନ୍ତା କରିବେ।

**କୁମ୍ଭ** ଆପଣଙ୍କର ମାନସିକ ସ୍ଥିତି ପ୍ରାୟତଃ ଭଲ ରହିଲେ ମଧ୍ୟ ଦୈହିକ ଦୁର୍ବଳତା ଲାଗିରହିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ମୀନ** ସାମାନ୍ୟ ବଚସାକୁ କେନ୍ଦ୍ରକରି ଆଜି ସକାଳୁ ସକାଳୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ଆନୁଷ୍ଠାନିକ ସ୍ତରରେ ସବୁ ସମସ୍ୟା ଓ ଆଲୋଚନା ଜାଣି ମଧ୍ୟ ନୀରବ ରହିବା ଭଲ ହେବ। ଅଫିସ୍‌ରେ କୌଣସି ବ୍ୟତିକ୍ରମ ଅବଲୋକନ କରି ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ପୌଷ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର,ଡିସେମ୍ବର ୨୪ ତାରିଖ, ରାଷ୍ଟ୍ରୀୟ ଉପଭୋକ୍ତା ଦିବସ,ରାଶି ନକ୍ଷତ୍ର-ଅନୁରାଧା/ବିଛା,ମକର ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଶିବ ଚତୁର୍ଦ୍ଦଶୀର ବେଢ଼ା ପରିକ୍ରମା, ସକାଳ ଘ୭।୪୮ମି. ଗତେ ଘ୧୧।୨୪ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୫ମି. ଗତେ ଘ୧୧।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୨।୨୭ମି. ଗତେ ଘ୩।୪୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



real estate

**SALE**

Versa hermitage-1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68936

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30'ft. road ଏବଂ ବାସୋପଯୋଗୀ plot ଦିଆଯାଉଛି sqft. 650/-। 7008045582, 9692003948. D-15873

ଭୁବନେଶ୍ୱର ପାହାଳ, ନଖରାରେ ଘରକଲା ଭଳି plot 30' ରାସ୍ତାଥାଇ ମିଳୁଅଛି। 8249728525. D-68458

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ଭୁବନେଶ୍ୱର କଟଣୀଗେଟ୍ ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

ଭୁବନେଶ୍ୱର ଫୁଲନଖରା ତ୍ରିନାଥବଜାର ନିକଟରେ ଘରବାରି, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘରକଲା ଭଳି developed ପ୍ଲଟ୍ କିଣନ୍ତୁ। (Limited plots). ଯୋଗାଯୋଗ- 7381029351, 9937111658. D-68455

**Bhubaneswar Infocity-2 ଆଗରେ sqft.560/- immediate possession then registration. 9658383304, 9348232008.** D-68456



construction

Construct your building as per your terms and condition. Contact: 9937064680. D-27284



to-let

Space for commercial Bank/ Corporate/ Companies/ Institution, Damana square near Max Show room per sqft. Rs.50 for 1st, 2nd and 3rd floor welfurnished, lift, Power back up available. 8249083968, 7978414100. D-15593

600sqft. 2nd floor Commercial space available for Office in front of BMC, Goutam Nagar, Bhubaneswar, Contact: 9937203178. D-67521

3BHK 23000/-, with Maintenance for Family/ Service holder in Club-town Appartment Patia, 9658197163. D-61071

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



packers & movers

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784



healthcare

Rejuvenate and ayurvedic full body massage by smart therapist. 9114402304. D-68904

Full body herbal massage with refreshment expert therapist. 7381239385, 06 742540855. D-68929

Ayurvedic full body massage ladies and gents. Contact: 9861064981. D-68732

Experience full body massage with us (expert). Call: 7377048581, 06742597822. D-68930

Herbal full body massage by smart / expert therapist. Contact: 8338067247. D-68931

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68932

Take full body therapy. Just call 7852986810. D-68528

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68730

Ayurvedic full body massage ladies/ gents smart experts therapist: 8480939300. D-68726

Refresh your mind and soul with best therapy at Orchid Salon/Spa. 9937287222. D-68729

Sai herbal spa refresh your body with smart, expert therapist. 7608062524. D-68937

Ayurvedic full body massage ladies & gents smart therapist, 9668814589. D-68733

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



business

**Caterer/ gharka khana/ Tiffin system north indian Lunch & Dinner weekly three days Nonveg with home delivery @ 3500/- per month. Bhubaneswar, for details Contact: 9668732935.** D-67267

**AFFIDAVIT**

By virtue of an affidavit sworn before Notary Public. Bargarh, I, Jayakumari Padhan D/o. Ranjita Sahu, W/o. Satyanarayan Padhan R/o. Kharmunda, PS/ Tah. Bhatli, Dist. Bargarh (Odisha) have changed my name from Jayakumari Sahu to Jayakumari Padhan after my marriage with Satyanarayan Padhan. Henceforth I shall be known as Jayakumari Padhan for all purposes. Jayakumari Padhan and Jayakumari Sahu ia same and one person. D-15875



“ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ’

## ଜିଲା ଚିଠି କଳାହାଣ୍ଡି



### ମଧ୍ୟାହ୍ନଭୋଜନ ଦର୍

**କେନ୍ଦ୍ର** ଓ ରାଜ୍ୟ ସରକାରଙ୍କ ଭାଗୀଦାରିରେ ୬ରୁ୧୪ ବର୍ଷ ପର୍ଯ୍ୟନ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ଛାତ୍ରୀଛାତ୍ରଙ୍କ କ୍ୟାଲୋରୀ ଓ ପୁଷ୍ଟିସାର ଅଭାବ ଦୂର ଏବଂ ସ୍କୁଲରେ ଉପସ୍ଥାନ ବୃଦ୍ଧି କରିବା ସହ ଶିକ୍ଷାମନସ୍କ କରିବା ଉଦ୍ଦେଶ୍ୟରେ ଏହି ଯୋଜନା ପ୍ରଣୟନ କରାଯାଇଛି। ଏପରିକି ମରୁଡ଼ି ପ୍ରବଣ ଅଞ୍ଚଳରେ ଗ୍ରୀଷ୍ମ ଅବକାଶ ସମୟରେ ମଧ୍ୟାହ୍ନ ଭୋଜନ ଦେବାର ବ୍ୟବସ୍ଥା ରହିଛି। ମାତ୍ର ଏହି ଭୋଜନ ପ୍ରସ୍ତୁତି ପାଇଁ ଆବଶ୍ୟକ ଡାଲି, ପନିପରିବା ଓ ଅନ୍ୟ ଆନୁଷଙ୍ଗିକ ଦ୍ରବ୍ୟର ଅହେତୁକ ଦର୍ ବୃଦ୍ଧିକୁ ନଜର ଅନ୍ଦାଜ କରାଯାଉଥିବାରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ସମସ୍ୟା ଦେଖାଯାଉଥିବା ଅଭିଯୋଗ ହେଉଛି। ଜେଲ, ଡାକ୍ତରଖାନାରେ ଥିବା ଅନ୍ତେବାସୀଙ୍କ ମୁଣ୍ଡ ପିଛା ଦୈନିକ ଖାଦ୍ୟ ବାବଦରେ ସରକାର ୫୦ରୁ୬୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୫ରୁ ୭ ଟଙ୍କା ଖର୍ଚ୍ଚ କରାଯାଉଛି। ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମୁଣ୍ଡ ପିଛା ଚାଉଳ ୧୫୦ ଗ୍ରାମ, ଡାଲି ୩୦ ଗ୍ରାମ, ତେଲ ୭.୫ ଗ୍ରାମ ପନିପରିବା ୧୦୦ ଗ୍ରାମ ହିସାବରେ ଦିଆଯାଇଥାଏ। ୨୦୧୪-୧୫ ଆର୍ଥିକ ବର୍ଷରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ମୁଣ୍ଡ ପିଛା ୬ ଟଙ୍କା ୩ ପଇସା, ପ୍ରାଥମିକ ବିଦ୍ୟାଳୟ ଛାତ୍ର ପାଇଁ ୪ ଟଙ୍କା ୪ ପଇସା ଲେଖାଏଁ ପ୍ରଦାନ କରାଯାଉଥିଲା। ବର୍ଷ ୨୦୧୬-୧୭ ଜୁଲାଇରୁ ଏହା ବୃଦ୍ଧି ପାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଲା ପାଇଁ ୬ ଟଙ୍କା ୮୩ ପଇସା ଏବଂ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ପାଇଁ ୪ ଟଙ୍କା ୫୮ ପଇସା ଦିଆଯାଉଥିଲା। ୨୦୧୮ ଡିସେମ୍ବରରେ ଏହି ଦର ବଢ଼ିଥିଲା। ଉଚ୍ଚପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ମୁଣ୍ଡପିଛା ୩୩ ପଇସା ବଢ଼ି ୭ ଟଙ୍କା ୧୬ ପଇସା ହୋଇଥିଲା। ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ମୁଣ୍ଡପିଛା ୨୨ ପଇସା ବୃଦ୍ଧି କରାଯାଇ ୪ ଟଙ୍କା ୮୦ ପଇସା ହୋଇଥିଲା। ୨୦୧୯ ଜୁଲାଇରେ ଉଚ୍ଚ ପ୍ରାଥମିକ ପିଲାଙ୍କ ପାଇଁ ୨୦ ପଇସା ବୃଦ୍ଧି କରାଯାଇ ୭ ଟଙ୍କା ୩୬ ପଇସା ଓ ପ୍ରାଥମିକ ବିଦ୍ୟାଳୟ ପିଲାଙ୍କ ପାଇଁ ୧୩ ପଇସା ବୃଦ୍ଧି କରାଯାଇ ୪ ଟଙ୍କା ୯୩ ପଇସା କରାଯାଇଛି। ବର୍ତ୍ତମାନର ବଜାର ଦରକୁ ଦେଖିଲେ ଏହି ମୂଲ୍ୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିବା ସମ୍ଭବ ନୁହେଁ। ଏଥିସହ ତେଲ, ଲୁଣ, କାଠ ଆଦି ସାମଗ୍ରୀର ଆବଶ୍ୟକତା ରହିଛି। ପୁନଶ୍ଚ ଏଥିପାଇଁ ଖର୍ଚ୍ଚ ହେଉଥିବା ଟଙ୍କା ମଧ୍ୟ ପ୍ରତିମାସରେ ଆସୁନାହିଁ। ଫଳରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଓ କେତେକ ସ୍ଥାନରେ ଦାୟିତ୍ୱରେ ଥିବା ଏସ୍ଏଚ୍ଜି ଖାଦ୍ୟ ସାମଗ୍ରୀ ସବୁ ବାକିରେ ଆଣିବାକୁ ବାଧ୍ୟ ହେଉଛନ୍ତି। ଫଳରେ ଏହାକୁ ନେଇ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସେଥିରେ ପୁଣି ପ୍ରତି ବୁଧବାର ଓ ଶନିବାର ଅଣ୍ଡା ତରକାରି ଦେବାର ବ୍ୟବସ୍ଥା ରଖାଯାଇଛି। ବର୍ତ୍ତମାନ ଅଣ୍ଡା ଦର ବଜାରରେ ଗୋଟିକ ପ୍ରତି ୫ ଟଙ୍କାରୁ ଅଧିକ ରହିଛି। ବେଳେବେଳେ ଗ୍ରାମାଞ୍ଚଳରେ ସେହି ମୂଲ୍ୟ ୬ ଟଙ୍କାରେ ପହଞ୍ଚିଯାଉଛି। ପରିବା ଦର୍ ବର୍ତ୍ତମାନ ଆକାଶ ଛୁଆଁ ହୋଇଥିବାବେଳେ ଡାଲି ଦର୍ ମଧ୍ୟ ଢେର୍ ଅଧିକ ରହିଛି। ଏପରିସ୍ଥଳେ ଏତେ କମ୍ ପଇସାରେ ପିଲାଙ୍କୁ ପୁଷ୍ଟିକର ସ୍ୱାସ୍ଥ୍ୟପ୍ରଦ ମଧ୍ୟାହ୍ନଭୋଜନ କିପରି ଯୋଗାଇ ଦିଆଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। **- ସଞ୍ଜୀବ କୁମାର ଯୋଷୀ**

■ ହାଇକୋର୍ଟରେ ଏଏସ୍ଆଇ ଡିଜିଙ୍କ ବ୍ୟକ୍ତିଗତ ହାଜିରା

# ୪ମାସରେ ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ମରାମତି ଶେଷ ହେବ

**କଟକ ଅଫିସ,୨୩।୧୨**

ପୁରୀ ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟମନ୍ଦିର ମରାମତି ମାମଲାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ଡିଜି ଉଷା ଶର୍ମା ସୋମବାର ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି। ଶର୍ମାଙ୍କ ସହିତ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ(ସଂରକ୍ଷଣ) ଓ ଓଡ଼ିଶା ଅଧୀକ୍ଷକ ମଧ୍ୟ ହାଜର ହୋଇଥିଲେ। ଆସନ୍ତା ୪ ମାସ ମଧ୍ୟରେ ଉଭୟ ମନ୍ଦିରର ମରାମତି କାର୍ଯ୍ୟ ଶେଷ କରିବାକୁ ଏଏସ୍ଆଇ ଅଧିକାରୀମାନେ ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ମରାମତି ନିମନ୍ତେ ସେମାନେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରୀ ଏବଂ ବିଶେଷଜ୍ଞମାନଙ୍କ ମତାମତ ଓ ପରାମର୍ଶ ନେବାକୁ କୋର୍ଟ ଆଦେଶ ଦେଇଛନ୍ତି। ଏପରି କି ଆବଶ୍ୟକସ୍ଥଳେ ସରକାରଙ୍କ ସହାୟତା ନେବାକୁ ମଧ୍ୟ ଆଦେଶରେ କୁହାଯାଇଛି। ଆସନ୍ତା ମେ ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଉକ୍ତ ଦିନ ଏଏସ୍ଆଇ ଅଧିକାରୀମାନେ ମରାମତି ସମ୍ପର୍କିତ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବେ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଦେଶ ଦେଇଛନ୍ତି।

**ନବଗ୍ରହ ମୂର୍ତ୍ତି ଫେରସ୍ତ ଆଣିବାକୁ ଅନ୍ତରୀଣ ପିଟିଶନ**



ଅନ୍ୟପକ୍ଷରେ କୋଣାର୍କ ମାମଲା ଉପରେ ଆବେଦନକାରୀ ଦିଲୀପ ମହାପାତ୍ର ଆଉ ଏକ ଅନ୍ତରୀଣ ପିଟିଶନ ଦାଏର କରିଛନ୍ତି। ପିଟିଶନରେ ସେ କୋଣାର୍କକୁ ନବଗ୍ରହ ମୂର୍ତ୍ତି ଫେରାଇ ଆଣିବା ପାଇଁ ଦାବି କରିଛନ୍ତି। ଉକ୍ତ ମୂର୍ତ୍ତିଗୁଡ଼ିକ ଏବେ ଲଣ୍ଡନର ଏକ ସଂଗ୍ରହାଳୟରେ ରହିଛି। ମହାପାତ୍ର ଦର୍ଶାଇଛନ୍ତି, ଉକ୍ତ ନବଗ୍ରହ ମୂର୍ତ୍ତି ମଧ୍ୟରେ ସୂର୍ଯ୍ୟଙ୍କର ମୂର୍ତ୍ତି ରହିଛି। ତେଣୁ ଉକ୍ତ ମୂର୍ତ୍ତିଗୁଡ଼ିକ ଫେରସ୍ତ ଅଣାଗଲେ କୋଣାର୍କର ଶୋଭା ଅଧିକ ବୃଦ୍ଧି ପାଇବ। ସେହିପରି ମହାପାତ୍ର ଦର୍ଶାଇଛନ୍ତି, ରଙ୍ଗନାଥ ସ୍ୱାମୀ ମନ୍ଦିର ମରାମତି ପାଇଁ ମାତ୍ର ୧୬ ମାସ ସମୟ ଲାଗିଥିଲା। ମନ୍ଦିରରୁ ୫୦ହଜାର ଟନ୍ ଆବର୍ଜନା ବାହାରିଥିଲା। ଏତେ କମ୍ ସମୟ ମଧ୍ୟରେ ମନ୍ଦିର ମରାମତି ଶେଷ କରାଯାଇଥିବାରୁ ୟୁନେସ୍କୋ ପୁରସ୍କାର ମିଳିଥିଲା। ମାତ୍ର ଶ୍ରୀମନ୍ଦିର ଓ ସୂର୍ଯ୍ୟମନ୍ଦିର ମରାମତି ପାଇଁ ୨୦୧୦ରୁ କାମ ଜାରି ରହିଛି। ବିଭିନ୍ନ ବାହାନା ଦେଖାଇ ଏହି କାମକୁ ଶେଷ କରାଯାଉନାହିଁ। ଅର୍ଥାତ୍ ଏଥିପ୍ରତି ସରକାର କିମ୍ବା ଏଏସ୍ଆଇ ଯତ୍ନବାନ ରହୁନାହାନ୍ତି। ସୂଚନାଥାଉ କି, ଶ୍ରୀମନ୍ଦିରକୁ ନେଇ ଅଭିଷେକ ଦାସ ଓ ସୂର୍ଯ୍ୟମନ୍ଦିରକୁ କୋଣାର୍କକୁ ନେଇ ଦିଲୀପ ମହାପାତ୍ର ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଉଭୟ ମାମଲାକୁ ବରିଷ୍ଠ ଆଡଭୋକେଟ ଅଶୋକ ମହାପାତ୍ର ପରିଚାଳନା କରୁଛନ୍ତି।

■ ଶ୍ରୀମନ୍ଦିରରେ ଏଏସ୍ଆଇ ଡିଜି

# ମରାମତି କାର୍ଯ୍ୟର ତଦାରଖ କଲେ



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଓ କାର୍ଯ୍ୟ ତଦାରଖ ପରେ ଏଏସ୍ଆଇ ଡିଜି ଫେରୁଛନ୍ତି।

**ପୁରୀ ଅଫିସ, ୨୩।୧୨**

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ମହାନିର୍ଦ୍ଦେଶକ (ଡିଜି) ଉଷା ଶର୍ମା ସୋମବାର ଶ୍ରୀମନ୍ଦିର ପରିଦର୍ଶନ କରିଛନ୍ତି। ଅପରାହ୍ନରେ ଶର୍ମା ସିଂହଦ୍ୱାରରେ ପହଞ୍ଚିବା ପରେ ତାଙ୍କୁ ଏଏସ୍ଆଇ ଅଧିକାରୀ ସ୍ୱାଗତ କରିଥିଲେ। ପରେ ଶର୍ମା ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଏଏସ୍ଆଇ ପକ୍ଷରୁ ମନ୍ଦିରରେ ଚାଲିଥିବା ମରାମତି କାର୍ଯ୍ୟର ତଦାରଖ କରିଥିଲେ। ନାଟମଣ୍ଡପ କାମର ଅଗ୍ରଗତି ସମ୍ପର୍କରେ ସେ ପଚାରି ବୁଝିଥିଲେ। ଏଥିସହ ନାଟମଣ୍ଡପରେ ଲଗାଯାଇଥିବା କ୍ରାକ୍ ମିଟର କିପରି ରିଡିଂ କରୁଛି, ଫନୀରେ ମନ୍ଦିରର ଯେଉଁ କ୍ଷତି ଘଟିଥିଲା ସେସବୁର ମରାମତି ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ। ଆଗକୁ ଯେଉଁ ସବୁ କାମ ରହିଛି ତାହାକୁ ଶୀଘ୍ର ଶେଷ କରିବା ଲାଗି ପରାମର୍ଶ ଦେଇଥିଲେ। ଡିଜି ଶର୍ମାଙ୍କ ଏହି ପରିଦର୍ଶନ ସମୟରେ ସ୍ଥାନୀୟ ଏଏସ୍ଆଇ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବୌଦ୍ଧ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ବୌଦ୍ଧ,୨୩।୧୨(ସ୍ୱ.ପ୍ର)**

ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଲଲାଟେନ୍ଦୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ସୋମବାର ପୂର୍ବାହ୍ନରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଜିଲାପାଳ ମିଶ୍ର ଭୂମି ପୂଜନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଶୁଭସ୍ତମ୍ଭ ସ୍ଥାପନ କରିଛନ୍ତି। ଆସନ୍ତା ଜାନୁୟାରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଭୂମି ପୂଜନ ଉତ୍ସବରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ, ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ଜିଲା ଓକିଲ ସଂଘ ସଭାପତି ତାରିଣୀ କୁମାର ମହାପାତ୍ର ଓ ଓରମାସ ଅଧିକାରୀ ଉପସ୍ଥିତ ଥିଲେ ।







■ ଦାରୁଠେଙ୍ଗରୁ ଡମ୍ପିଂୟାର୍ଡ ସ୍ଥାନାନ୍ତର ପ୍ରସଙ୍ଗ

# ୩୫ ଦିନ ଭିତରେ ଦାବି ପୂରଣ ନ ହେଲେ ଆତ୍ମାହୁତି ଦେବି: ସୁର

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ଜଟଣୀ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୨୭ଟି ଗାଁର ସ୍ଥିତିବାନ ସମ୍ପତ୍ତିକୁ ପୂର୍ବ ଅବସ୍ଥାକୁ ଫେରାଇବା ସହ ଦାରୁଠେଙ୍ଗ ଡମ୍ପିଂୟାର୍ଡକୁ ସ୍ଥାନାନ୍ତର କରିବା ନେଇ ସରକାର କୌଣସି ନିଷ୍ପତ୍ତି ନେଉନାହାନ୍ତି। ଏହି ପ୍ରସଙ୍ଗରେ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ପ୍ରଶାସନ ନିଦାବିଷ୍ଣୁ ସାଜି ବସିପଡ଼ିଛି। ଆସନ୍ତା ୩୫ଦିନ ମଧ୍ୟରେ ସରକାର ଏହାର ସମାଧାନ କରନ୍ତୁ, ନଚେତ୍ ନବୀନ ନିବାସ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଚେତାବନୀ ଦେଇଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରେଶ କହିଛନ୍ତି ଯେ, ତୁରନ୍ତ ଏହି ଦାବି ସରକାର ମାନି ନିଅନ୍ତୁ, ନ ହେଲେ ୨୭ଟି ଯାକ ଗାଁ ଲୋକ ତାଙ୍କ ନେତୃତ୍ୱରେ ଆସି ନବୀନ ନିବାସ ଘେରାଉ କରିବା ସହିତ ଆତ୍ମାହୁତି ଦେବେ। ୨୭ଟି ଗାଁ ଲୋକଙ୍କ ସ୍ଥିତିବାନ ସମ୍ପତ୍ତିକୁ ୨୦୧୨ ମସିହାରେ ରାଜ୍ୟ ସରକାର ଜଗନ୍ନାଥଙ୍କ ସମ୍ପତ୍ତିଭାବେ ଦର୍ଶାଇଥିଲେ। ଏଥିଲାଗି ଜମି ଥାଇ ମଧ୍ୟ ଉକ୍ତ ଗାଁର ଲୋକମାନେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରିପାରୁନାହାନ୍ତି। କୌଣସି ସାମୂହିକ ଉନ୍ନୟନ ପ୍ରକଳ୍ପ ମଧ୍ୟ ହୋଇପାରୁ ନାହିଁ। ହାଇକୋର୍ଟ ଏ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ସରକାର ଏହାକୁ ପାଳନ କରୁନାହାନ୍ତି ବୋଲି ସୁର ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ରାଜଧାନୀର ସମସ୍ତ ଅଳିଆ ଆବର୍ଜନା ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ପକାଇବା ଦ୍ୱାରା ଦାରୁଠେଙ୍ଗ, ଯୁଯୋଗଡ଼ ଅଞ୍ଚଳରେ ବାୟୁ, ଜଳ ପ୍ରଦୂଷଣ ହେବାରେ ଲାଗିଛି। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକମାନେ ଚର୍ମରୋଗ, ଶ୍ୱାସରୋଗ ଏବଂ ଅଜଣା ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ଉକ୍ତ ପ୍ରଦୂଷଣ ଯୋଗୁ ନନ୍ଦନକାନନ, ଚନ୍ଦକା ଅଭୟାରଣ୍ୟରେ ଥିବା ପଶୁପକ୍ଷୀମାନେ ମଧ୍ୟ ରୋଗାକ୍ରାନ୍ତ ହେଉଛନ୍ତି। ଏହି ସମସ୍ତ ଘଟଣା ସରକାରଙ୍କ ଜ୍ଞାତସାରରେ ଘଟୁଛି। ଯଦି ଦାରୁଠେଙ୍ଗ ଜଟଣୀ ନିର୍ବାଚନମଣ୍ଡଳୀର ଉକ୍ତ ଦୁଇଗୋଟି ସମସ୍ୟା ନେଇ ରହିଥିବା ଦାବି ପୂରଣ କରା ନ ଯିବ ଏବଂ ଜଟଣୀ ଅଞ୍ଚଳର ଉକ୍ତ ଜମିକୁ ସ୍ଥିତିବାନ ଅବସ୍ଥାକୁ ଫେରାଇ ଅଣାଯିବ ନାହିଁ ତେବେ ପରିସ୍ଥିତି ଭୟଙ୍କର ହେବ। ଜାନୁୟାରୀ ୨୭(ସୋମବାର) ପୂର୍ବାହ୍ନ ୧୧ଟା ସମୟରେ ନବୀନ ନିବାସ ଘେରାଉ ସହିତ ଆତ୍ମାହୁତି ଦେବେ ବୋଲି ସୁରେଶ ଧମକ ଦେଇଛନ୍ତି।

CLASSIFIED DISPLAY







ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ପୋଲିସ ଏସ୍ଆଇଙ୍କୁ ଜେଲ, ଜରିମାନା

**ବ୍ରହ୍ମପୁର ଅଫିସ,୨୩।୧୨**

**୧.୧୭ ଲକ୍ଷ ଟଙ୍କା ବାଜ୍ୟାପ୍ତ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୁବ୍ରତ ମହାନ୍ତି ସୋମବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ତତ୍କାଳୀନ ଗଜପତି ଜିଲା ଅଡ଼ବା ଥାନା ଭାରପ୍ରାପ୍ତ ଅଧିକାରୀ ତଥା ବର୍ତ୍ତମାନ ଭୁବନେଶ୍ୱର ଉତ୍ତରା ଫାଣ୍ଡି ଅଧିକାରୀ ଥିବା ପ୍ରମୋଦ କୁମାର ସାହୁଙ୍କୁ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ସେହିପରି ଅଭିଯୁକ୍ତ ପ୍ରମୋଦଙ୍କଠାରୁ ମିଳିଥିବା ୧ ଲକ୍ଷ ୧୭ ହଜାର ଆୟ ବହିର୍ଭୂତ ଟଙ୍କା ବାଜ୍ୟାପ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଭିଜିଲାନ୍ସ ସ୍ୱତନ୍ତ୍ର ପିପି ତପନ କୁମାର ଦାସ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ, ପ୍ରମୋଦ ଗଜପତି ଜିଲା ଅଡବା ଥାନାରେ ଥିବା ବେଳେ ରବୀନ୍ଦ୍ର ନାହାକଙ୍କଠାରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡି ଗିରଫ ହୋଇଥିଲେ। ପରେ ଭିଜିଲାନ୍ସ ପ୍ରମୋଦଙ୍କ ଥାନା କ୍ୱାର୍ଟର୍ସ, ପୈତୃକ ବାସଭବନ ସମେତ ୫ ସ୍ଥାନରେ ଚଢାଉ କରି ୩ ଲକ୍ଷ ୪୨ ହଜାର ୪୭୦ ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଭିଜିଲାନ୍ସ ଅଭିଯୁକ୍ତ ପୋଲିସଙ୍କୁ ମାମଲା ନଂ. ୧୭/୦୬ରେ କୋର୍ଟ ଚାଲାଣ କରିଥିଲା। ପୋଲିସ ଅଧିକାରୀ ପ୍ରମୋଦଙ୍କ ଆୟ ବହିର୍ଭୂତ ସମ୍ପତ୍ତି ୧ ଲକ୍ଷ ୧୭ ହଜାର ଟଙ୍କା ଯାହାକି ତାଙ୍କ ଆୟର ଶତକଡା ୬୭ ଭାଗ ଅଧିକ ବୋଲି ଭିଜିଲାନ୍ସ ଆକଳନ କରିବା ସହ ତାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ କରିଥିଲା। ମୁଦାଲାଙ୍କ ପକ୍ଷରୁ ହାଇକୋର୍ଟ ଓକିଲ ସନ୍ତୋଷ କୁମାର ମୁଣ୍ଡ ମକଦ୍ଦମା ପରିଚାଳନା କରିଥିଲେ।



## ବାର୍ତ୍ତା

ଡିସେମ୍ବର ୨୪ ତାରିଖ ଜାତୀୟ ଖାଉଟି ଦିବସ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

୧୯୮୬ ମସିହାରେ ଉପଭୋକ୍ତା ସୁରକ୍ଷା ଆଇନ ପ୍ରଣୟନ କରାଯାଇ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଏହି ଆଇନ୍ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ମଞ୍ଚ ଓ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ସୁରକ୍ଷା ପ୍ରଦାନ କରାଯାଉଅଛି ।

ପୂର୍ବ ଆଇନକୁ ଅଧିକ କ୍ରିୟାଶୀଳ ଓ ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ସଂପ୍ରତି ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରବର୍ତ୍ତନ କରାଯାଇଅଛି । ଏହି ନୂତନ ଆଇନକୁ ଭିତ୍ତିକରି ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଖୁବ୍ ଶୀଘ୍ର ନିୟମାବଳୀ ପ୍ରଣୟନ କରିବାକୁ ଯାଉଛନ୍ତି ।

ଉପଭୋକ୍ତାମାନଙ୍କର ଦୈନନ୍ଦିନ ଜୀବନରେ ଘଟୁଥିବା ଖାଉଟି ସମ୍ବନ୍ଧୀୟ ଅସୁବିଧାକୁ ଦୂର କରିବା ପାଇଁ ନିଃଶୁଳ୍କ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନମ୍ବର – ୧୮୦୦-୩୪୫୬-୭୬୦ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସହାୟତା ନମ୍ବର-୧୯୬୭ କାର୍ଯ୍ୟ କରୁଅଛି । ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ପ୍ରତି ଜିଲ୍ଲା ସଦର ମହକୁମାଠାରେ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହେବା ।

(ରଣେନ୍ଦ୍ର ପ୍ରତାପ ସ୍ୱାଇଁ)
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ, ଓଡ଼ିଶା

07001/13/0009/1920
DSPL-209

> ବ୍ୟକ୍ତି ପୂର୍ଣ୍ଣସିଦ୍ଧି ଲାଭ କରେନା ଯେତେଦିନ ପର୍ଯ୍ୟନ୍ତ ସେ ନିଜେ ଯାହା ଜାଣେ ତାକୁ ସବୁ ଭଗବାନଙ୍କ ପାଖେ ସମର୍ପଣ ନ କରିଛି। ଠିକ୍ ସେହିପରି ମାନବଜାତି ତା'ର ସବୁକିଛି ଯେତେଦିନ ଯାଏ ଭଗବାନଙ୍କୁ ଦେଇ ନ ପାରିଛି- ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ-ସିଦ୍ଧ ସମାଜ ହୋଇପାରିବନି।
> -ଶ୍ରୀଅରବିନ୍ଦ

# ନାଟକ ବୁଝାପଡ଼ିଲାଣି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦିନାକେତେ କହୁଥିଲେ, ଭାରତ ଗୋଟିଏ ଦେଶ ଓ ଗୋଟିଏ ନିର୍ବାଚନ ହେବା ଦରକାର। କିନ୍ତୁ ତାହା ଏଭଳି ବିରାଟକାୟ ଦେଶ ପାଇଁ ଅତ୍ୟନ୍ତ ଅବାଞ୍ଛିତ। ପିଲାଟିଏ ସ୍କୁଲକୁ ଗଲେ ବର୍ଷକ ମଧ୍ୟରେ ତାକୁ ସର୍ବନିମ୍ନ ଦୁଇଟି ପରୀକ୍ଷା ଦେବାକୁ ପଡ଼ିଥାଏ। ତାହାର ମୂଳ ଅର୍ଥ ହେଉଛି ଘୋଷିକରି ଗୋଟିଏ ପରୀକ୍ଷାରେ ସଫଳତା ହାସଲ କରିନେଲେ ଶିକ୍ଷାଗତ ଯୋଗ୍ୟତା ଜଣାପଡ଼ିବନାହିଁ। ସେଥିପାଇଁ ବର୍ଷ ମଝିରେ ଆଉ ଏକ ପରୀକ୍ଷା ଦେବାକୁ ପଡ଼ିଥାଏ। ସେହିଭଳି ଭାରତ ଭଳି ଏକ ରାଷ୍ଟ୍ରରେ ବିଭିନ୍ନ ନିର୍ବାଚନ ଯୋଗୁ ଲୋକଙ୍କ ବାସ୍ତବ ମତ ବୁଝିବା ସହଜ ହୋଇଥାଏ। ଯେକୌଣସି ରାଜନୈତିକ ବ୍ୟକ୍ତି କ୍ଷମତାରେ ଥିଲେ ମଧ୍ୟ ଅମଲାତନ୍ତ୍ରର ଏକତରଫା ମୁହାଁଇବା ଦେଶକୁ କ୍ଷତିକାରକ। ସେଥିଯୋଗୁ ବିଭିନ୍ନ ସମୟରେ ନିର୍ବାଚନ କରାଯାଉଥିଲେ ଜନମତ ବୁଝିବା ସହଜ ହୋଇଥାଏ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ଭାଜପା ସରକାର ନିଜକୁ ଅପରାଜେୟ ଭାବି ନେଇଥିଲେ। ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ଆଞ୍ଚଳିକ ନିର୍ବାଚନର ପ୍ରତିକ୍ରିୟା ଲୋକ ସଭା ନିର୍ବାଚନରେ ଘୋଡ଼ାଇ ହୋଇଯାଇଥିଲା। କିନ୍ତୁ ହରିୟାଣା ଏବଂ ମହାରାଷ୍ଟ୍ରର ଫଳାଫଳ ଦେଶ ପାଇଁ ଏକ ନୂଆ ସକାଳ ଆଣିଥିବା ଭଳି ମନେହୋଇଥିଲା। ଏବେ ଝାଡ଼ଖଣ୍ଡ ବିଧାନସଭା ଫଳାଫଳ ପ୍ରମାଣ କରିଦେଉଛି ଯେ ଭାରତୀୟ ଜନତା ପାର୍ଟିର ନେତୃତ୍ୱ ପାଇଁ ଭାରତକୁ ବୁଝିବା ଏକ ଅତ୍ୟନ୍ତ କଠିନ ବ୍ୟାପାର। ସେଥିପାଇଁ ମୋଦିଙ୍କ 'ଏକ ଦେଶ, ଏକ ନିର୍ବାଚନ' ଚିନ୍ତାଧାରା ନିଶ୍ଚିତ ଭାବେ ବିକୃତ।

ଭାରତୀୟ ସମାଜର ବିବିଧତାକୁ ବୁଝିବାରେ ଅସମର୍ଥ ଭାଜପା ନେତୃବୃନ୍ଦଙ୍କ ହାତରେ ଲଗାମ ଧରାଇଦେବା ଦେଶର ଭବିଷ୍ୟତକୁ ବିପଦରେ ପକାଇଛି। ମୋଦିଙ୍କ ଇଚ୍ଛା ଥିଲା ସବୁ ରାଜ୍ୟ ସରକାର ଗୈରିକ ପାଲଟିଯିବେ । ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ୩୦୩ ଆସନ ଜିଣିବା ପରେ ତାଙ୍କର ଏହି ଚିନ୍ତାଧାରା ଦୃଢ଼ୀଭୂତ ହୋଇଥିଲା। କିନ୍ତୁ ଭାରତୀୟ ଜନମାନସକୁ ବୁଝିବାରେ ଖୋଦ୍ ମୋଦି ଓ ତାଙ୍କର ସମଗ୍ର ସମର୍ଥକ ଅସଫଳ ହୋଇଛନ୍ତି ବୋଲି ଆଜି ପ୍ରମାଣିତ ହୋଇଛି। 'ବିକାଶ' ନାମରେ ନିର୍ବାଚନ ଜିତିଥିବା ନରେନ୍ଦ୍ର ମୋଦି ସେହି 'ବିକାଶ' ବ୍ୟତୀତ ଅନ୍ୟ ସବୁ ଅଯଥା ବିବାଦୀୟ କାର୍ଯ୍ୟରେ ଆଙ୍ଗୁଠି ଗେଞ୍ଜିଲେ। ଏବେ ବୁଝାପଡୁଛି ଯେ ତାଙ୍କ ଆଙ୍ଗୁଠି ପୋଡୁଥିବ।

ଏବେ ମଧ୍ୟ ସମୟ ଅଛି। ଅଦରକାରୀ ଓ ଅନାବଶ୍ୟକ ବିଷୟକୁ ତ୍ୟାଗ କରି ବାସ୍ତବ ବିକାଶ ପ୍ରତି ଯଦି ଧ୍ୟାନ ଦିଅନ୍ତେ, ତେବେ ଭାରତର ଇତିହାସରେ ମୋଦିଙ୍କ ନାମ ଶ୍ରଦ୍ଧାର ସହିତ ଲିପିବଦ୍ଧ ହୋଇ ରହନ୍ତା। କିନ୍ତୁ ଏବେ ଯେଉଁ ଦିଗକୁ ତାଙ୍କ ସରକାର ମୁହାଁଇଛି, ସେଥିରେ ଜନସାଧାରଣ ସନ୍ତୁଷ୍ଟ ନୁହନ୍ତି ବୋଲି ଉପୁଜୁଥିବା ଘଟଣାଗୁଡ଼ିକରୁ ବୁଝାପଡୁଛି। ବିଭେଦକାରୀ ଓ ହିଂସାତ୍ମକ ପନ୍ଥାରେ ଲୋକଙ୍କ ମନ ଜିଣିବା ଏକ ଅସମ୍ଭବ ବ୍ୟାପାର। ଏକବିଂଶ ଶତାବ୍ଦୀର ଯୁବତୀ ଯୁବକ ସମଗ୍ର ପୃଥିବୀର ଘଟଣାକୁ ତତ୍‌କ୍ଷଣାତ୍ ଦେଖି ନିଜର ମନ୍ତବ୍ୟ ସୃଷ୍ଟି କରୁଛନ୍ତି। ନିର୍ବାଚନ ଫଳାଫଳଗୁଡ଼ିକରୁ ବୁଝାଯିବା କଥା ଯେ ଅନ୍ଧ ଭକ୍ତଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି। ମିଛ ଦେଶପ୍ରେମରେ ସମାଜ ଆଗେଇ ପାରେ ନାହିଁ। ସାମାଜିକ ସ୍ଥିରତା ଏବଂ ନାଗରିକର ମନରେ ଶାନ୍ତି ସୃଷ୍ଟି କରିପାରିଲେ ଅର୍ଥନୈତିକ ଅଭିବୃଦ୍ଧି ଆପଣାଛାଏଁ ତ୍ୱରାନ୍ୱିତ ହୁଏ। ସେହି ମୂଳ ମଞ୍ଜିକୁ ମୋଦି ସରକାରର ବିରୋଧ ହୋଇଥିବାରୁ ସମଗ୍ର ଦେଶରେ ଏବେ ଏକ ପରିବର୍ତ୍ତନର ବାତାବରଣ ସୃଷ୍ଟି ହେଲାଣି। କ୍ଷମତାରେ ଥିବା ଲୋକଙ୍କୁ ଡରନ୍ତି ବୋଲି କେହି ପାଟି ଫିଟାଇ କହନ୍ତି ନାହିଁ। କିନ୍ତୁ ଅର୍ଥ ଏବଂ ବାହୁବଳରେ ଭାରତ ଭଳି ଏକ ବିଚିତ୍ର ଦେଶକୁ ଅଙ୍କୁଶ ଲଗାଇ ରଖି ହୁଏନାହିଁ। ପୁରୁଣା ଦିନର ସିନେମା- 'ଜୋହର ମେହମୁଦ ଇନ୍ ଗୋଆ'ର ଗୋଟିଏ ଗୀତ ମନେପଡ଼େ। ସେ ଗୀତଟି ହେଲା- ' ନା କୋଇ ରହା ହେ, ନା କୋଇ ରହେଗା। ଏ ଦେଶ୍ ଆଜାଦ୍ ହୋ କେ ରହେଗା'। ଅର୍ଥାତ୍ କୌଣସି ଅବାଞ୍ଛିତ ଶକ୍ତି ଏ ଦେଶ ଉପରେ ଶାସନ କରି ତିଷ୍ଠି ରହିପାରିନାହାନ୍ତି। ଭାରତକୁ ମୁକ୍ତିରୁ ଦୂରେଇ ରଖିବା ଅସମ୍ଭବ। ସେଥିପାଇଁ ଆଜି ମଧ୍ୟ ଯଦି ମୋଦିଙ୍କର ଅହଂଭାବ ପରିବର୍ତ୍ତେ ଦେଶବାସୀଙ୍କ ପାଇଁ ଭଲପାଇବା ସୃଷ୍ଟି ହୋଇପାରନ୍ତା, ତେବେ ପରିସ୍ଥିତି ବଦଳିପାରନ୍ତା। ନଚେତ୍ ଯେତେ ବାଲାକୋଟ୍ ବା ନିଲମ ଭ୍ୟାଲି ଭଳି ନାଟକ ରଚାଗଲେ ମଧ୍ୟ ସାଧାରଣ ଭାରତୀୟ ତାହାକୁ ରଚାଉଥିବା ମନ୍ଦ ଉଦ୍ଦେଶ୍ୟକୁ ବୁଝିପାରୁଛନ୍ତି।

# ସ୍ମାର୍ଟଫୋନ୍ ପରିବାର ଉଜାଡ଼ିଦେଲା



ସହଦେବ ସାହୁ

ମୋବାଇଲ ଫୋନ୍ ପରିବାରକୁ ନଷ୍ଟ କରିଦେଲା। ଆଗର ଭୂଇଁ ସହ ଲାଖି ରହିଥିବା ଫୋନ୍ ଯାହାକୁ ଆମେ ଲ୍ୟାଣ୍ଡ୍ ଲାଇନ୍ କହୁଛୁ, ତାହା ସାରା ପରିବାରକୁ ଯୋଡ଼ି ରଖୁଥିଲା। ଫୋନ୍ ବାଜିଲା କ୍ଷଣି ବାପା କି ମା' ଝିଅକୁ ଡାକି ଦେଉଥିଲା, 'ଶ୍ରଦ୍ଧା ଦେଖିଲୁ କିଏ ଫୋନ୍ କରୁଛି।' ପ୍ରକୃତରେ ସେ କହୁଥିଲେ ଫୋନ୍ ଧର, ପଚାର, କିଏ କହୁଛି। ତହିଁରେ ଦେଖିବାର ଅବସର ନ ଥିଲା। ଆଜିର ସେଲ୍ ଫୋନ୍ ଦେହ ସାଙ୍ଗରେ ଅଛି, ଖାଲି କମ୍ପନ ହେଲେ ବି ମଣିଷ ଫୋନ୍ ଧରୁଛି। ଫୋନ୍ ବାଜିବା ଘରଯାକ ତ ଶୁଣୁନାହାନ୍ତି, ଫୋନ୍ ରଖିଥିବା ଲୋକ ବି କାନ ଭିତରେ ଗୁଞ୍ଜିଥିବା ଟିକିଲି (ଇୟର୍ ଫୋନ୍)ରୁ ଶୁଣିନେଉଛି। ଝିଅ କି ତା' ମା' ଆଉ ଫୋନ ତାରକୁ ବାଁ ହାତରେ ଗୁଡ଼ାଇ ଧରି ରୋଷେଇ ଘର ଭିତରେ ବସି ରହୁନାହିଁ କି ପଛ ଆଡ଼େ ରେଫ୍ରିଜରେଟରର ଶବ୍ଦ ଶୁଣୁ ନାହିଁ। ସାଙ୍ଗରେ ତା'ର ଫୋନ ଅଛି, ଫୋନ ପାଖରେ ସେ ବସି ରହିନାହିଁ।

ବିଭାଘର ପ୍ରସ୍ତାବ ଆସିଲେ ମଧ୍ୟସ୍ଥ ପଚାରୁଥିଲା ଆପଣଙ୍କର ଫୋନ୍ ଅଛି ତ? ଲ୍ୟାଣ୍ଡ ଲାଇନ୍ ଥିଲା ଆଭିଜାତ୍ୟର ଚିହ୍ନ। ଏବେ ପଚାରିବା ଦରକାର ନାହିଁ, କାହାର ଗଳାରେ ଫୋନ୍ ଝୁଲୁଛି ତ କାହାର ହାତ କଚଟିରେ ଝୁଲୁଛି କିମ୍ବା ପକେଟ୍‌ରେ ଫୋନ୍। ପରିବାର ଯାକ ଗୋଟିଏ ଫୋନ୍‌ରେ ଚଳିବା ସମୟ ଗଲାଣି। ପରିବାରକୁ ଯୋଡି ରଖିବା ଆଉ ଫୋନ୍‌ର କାମ ନୁହେଁ। ଆଉ ଗୋଟିଏ କୋଠରିରେ ଫୋନ୍ ବାଜିଲେ କେହି ଜଣେ ଦଉଡି ଯାଉଥିଲା ଧରିବାକୁ। ଆଉ ଦଉଡିବାକୁ ପଡୁନାହିଁ। କିଏ ଫୋନ୍ କରୁଛି ସେ ଜାଣିବାର ଉତ୍ସୁକତା ଆଉ ନାହିଁ କି ଯାହାକୁ ଫୋନ୍‌ରେ ଡାକିବାବାଲା ଚାହୁଁଛି 'ସେ ନାହିଁ, ପରେ ଫୋନ୍ କର' କହିବାର ଅବସର ଆଉ ନାହିଁ। ଏ ସବୁ ଶବ୍ଦ ପରିବାରର ଶବ୍ଦ ଭଣ୍ଡାରରୁ ଉଠିଗଲାଣି।

ନୂଆ ସହସ୍ରାବ୍ଦୀର ଲୋକ ଯେତେବେଳେ କହୁଛି ଯେ ତା' ଘରେ ଲ୍ୟାଣ୍ଡଲାଇନ ନାହିଁ ସେ ଖୁବ୍ ଗର୍ବ ଅନୁଭବ କରୁଛି। ଏତେ ଧୀରେ ଧୀରେ ମୋବାଇଲ ବା ସେଲ୍ ଫୋନ୍ ଓ ତା'ପରେ ସ୍ମାର୍ଟଫୋନ୍ ଆମକୁ ମାଡ଼ି ବସିଲା ଯେ ଆମେ ପରିବାର ସହଯୋଗୀ ଭାବ ବା ଯେ ଯୌଥ ଭାବ, ଅଭିନ୍ନ ପରିବାରର ଭାବ ଖୁବ୍ ସହଜରେ ଭୁଲିଗଲୁ। ଲ୍ୟାଣ୍ଡ୍ ଲାଇନ୍ ସମଗ୍ର ପରିବାରର ଥିଲା, ବ୍ୟକ୍ତିବିଶେଷର ନୁହେଁ। ତାକୁ କୋଠ-ଫୋନ୍ କହିଲେ ଭଲ ବୁଝିହେବ, ଫୋନ୍ ଗୋଟିଏ, କିନ୍ତୁ ପରିବାର ଯାକର ସମସ୍ତଙ୍କୁ ମିଶାଇ ରଖୁଥିଲା, ଏବେ ପରିବାରଟା ଭାଙ୍ଗିଦେବାରେ ସେଲ୍ ଫୋନ୍ କାମ କରୁଛି। ପରିବାର-ଡଙ୍ଗାକୁ ବାନ୍ଧିରଖିବାର ନଙ୍ଗର ଆଉ ନାହିଁ; ପରିବାର ହଲ୍‌ଚଲ୍ ହୋଇ ଖଣ୍ଡ ବିଖଣ୍ଡିତ ହୋଇଗଲାଣି ବୋଲି କାହାର ଚିନ୍ତା ନାହିଁ।

ଏ ଭାବ ଜଣେ କମ୍ପ୍ୟୁଟର ବିଜ୍ଞାନ ଅଧ୍ୟାପକ ଲିଉକ୍ ଫର୍ନାଣ୍ଡେଜ ଓ ତାଙ୍କ ସାଙ୍ଗ ଲେଖିଥିବା ବହିର ନାଁରେ ସବୁ କହି ଦେଇଛନ୍ତି: ବୋର୍, ଲୋନ୍‌ଲି, ଆଙ୍ଗ୍ରି, ଷ୍ଟୁପିଡ୍: ଫିଲିଙ୍ଗ୍‌ସ ଏବାଉଟ୍ ଟେକ୍ନୋଲୋଜି, ଫ୍ରମ୍ ଟେଲିଗ୍ରାଫ୍ ଟୁ ଟୁଇଟର୍। (ବିରକ୍ତ, ଏକଲା, ରାଗ, ବଦମାସ୍: ଟେକ୍ନୋଲୋଜି ବିଷୟରେ ଅନୁଭୂତି, ଟେଲିଗ୍ରାଫ୍‌ରୁ ଟୁଇଟର ଯାଏ।)

ଘର ଥିଲା ଯେଉଁଠିକି ଆମେ ଯାଉଥିଲୁ, ଯେଉଁଠୁ ଆମର ଖବରଟା (ମେସେଜ୍) ପାଉଥିଲୁ, କିନ୍ତୁ ସ୍ମାର୍ଟଫୋନ୍ ପରିବାରର ମୂଲ୍ୟ କମାଇଦେଲା। ସେଲ୍ ଫୋନ୍ ଆମକୁ ସିନା ବାର୍ତ୍ତାଳାପ ସହ ଚଲାବୁଲା ଶିଖାଇଦେଲା, ପ୍ରାଇଭେସି (ଗୋପନୀୟତା) ରଖାଇବା ଶିଖାଇଲା, କିନ୍ତୁ ପରିବାରର ଆଚ୍ଛାଦନ ଉଡ଼ାଇଦେଲା। ଆପଣଙ୍କୁ ପାଇବା ପାଇଁ ଲୋକେ ଆପଣଙ୍କ ଘରକୁ ଫୋନ୍ କରୁଥିଲେ। ଏବେ ଆପଣ ବାରବୁଲା। ପରିବାର ବ୍ୟବହାରର ମାର୍ଗ ଦର୍ଶାଉଥିଲା, ପରିବାରର ଫୋନ୍ କଲାବାଲା ବା ଧରିବାବାଲାର ଚଳଣି ତନଖି (ମନିଟର) କରୁଥିଲା। ସମ୍ଭବତଃ ପରିବାରକୁ ଏକାଠି ଅଧିକ ବାନ୍ଧି ରଖୁଥିଲା। ଏବେ ଆପଣ ଆଲେକ୍‌ଜାଣ୍ଡର ସେଲ୍‌କାର୍କ ହୋଇପାରିବେ, ଆପଣଙ୍କର ବା ଆପଣଙ୍କ ପିଲାର ଆଳାପ-ଆଲୋଚନାରେ ଅନ୍ୟ କେହି ଭାଗ ନେଇ ପାରିବେ ନାହିଁ। ହଁ, କନ୍‌ଫରେନ୍ସି ଅଛି, ଗୋଟିଏ ଫୋନରୁ ପାଞ୍ଚ ଛ' ଜଣଙ୍କ ସହ କଥା ହୋଇପାରିବା, କିନ୍ତୁ ସେହି ପାଞ୍ଚ ଛ' ଜଣଙ୍କ ଛଡ଼ା ଆଉ କିଏ ଶୁଣି ପାରିବ ନାହିଁ। ଆମ ସେଲ୍ ଫୋନ୍ ଆମକୁ ଅଶରୀରୀ ଓ ଅବର୍ତ୍ତମାନରେ ବି ଭୂତ ଭଳି କଥା କହି ପାରିବ, ଆମେ ନ ଥିଲା ବେଳେ କଥାକୁ ଚିପି ରଖିଥିବ, ପୁରୁଣା କଥା ବି ରେକର୍ଡ କରି ରଖିପାରିବ- ଆପଣ ଏମିତି କି ସେମିତି କହିନାହାନ୍ତି ବୋଲି ବାହୁସ୍ଫୋଟ ମାରି ହେବ ନାହିଁ। ସେ ପୁଣି କି ପ୍ରକାରର ପ୍ରାଇଭେସି? ସ୍ମାର୍ଟଫୋନ୍ ଥିଲେ ଶ୍ରୀକୃଷ୍ଣ ଅଶ୍ୱତ୍ଥାମାର ମୃତ୍ୟୁ ବିଷୟରେ ଯୁଧିଷ୍ଠିରଙ୍କୁ ମିଛ କହିବାରେ ପ୍ରବର୍ତ୍ତାଇ ଥିଲେ ବୋଲି ପ୍ରମାଣଟା ଚାରିଆଡ଼େ ଖେଳିଥାନ୍ତା, ଦ୍ରୋଣ ମରି ନ ଥାନ୍ତେ କି ମହାଭାରତ ଯୁଦ୍ଧ ଶ୍ରୀକୃଷ୍ଣଙ୍କ ଇଙ୍ଗିତରେ ଚାଲି ନ ଥାନ୍ତା- ଦୁର୍ଯ୍ୟୋଧନର ଗୋଇନ୍ଦାମାନେ ସବୁ କଥା ଜଣାଇ ଦେଇଥାନ୍ତେ।

ଆପଣଙ୍କୁ ପାଇବା ଲାଗି ଆପଣଙ୍କ ଘରକୁ ଯିବାକୁ ପଡୁଥିଲା, ଫୋନ୍‌ରେ କିଏ କ'ଣ କହିଛି ଜାଣିବା ଲାଗି ଆପଣଙ୍କୁ ଘରକୁ ଯିବାକୁ ପଡୁଥିଲା। ମୋବାଇଲ୍ ଫୋନ୍ ଆମ ଚାଲିଚଳଣକୁ ବଦଳାଇଦେଲା, ଘରର ଅର୍ଥାତ୍ ପରିବାରର ମୂଲ୍ୟ କମାଇଦେଲା। ଫୋନ୍‌ରେ କ'ଣ କହୁଛ ଆଉ କେହି ଶୁଣୁ ନାହିଁ, ଘରଲୋକେ ତୁମ କଥାବାର୍ତ୍ତାର ଢଙ୍ଗ କି ଆଚରଣର ଆଦବକାଇଦା ଜାଣିପାରୁ ନାହାନ୍ତି ତ କେମିତି ତୁମକୁ ପରିବାରର ଆଦବକାଇଦା ଶିଖାଇବେ? ଫୋନ୍ ବାଜିଲେ ଟିନ୍ ଟିନ୍ ଶବ୍ଦ ହେଉଥିଲା। ଦେଶ ବ୍ୟାପୀ ଏକା ରକମର ଶବ୍ଦ, ସ୍ମାର୍ଟଫୋନ୍‌ର ଫିଲ୍ମ ଗୀତ କି ମନପସନ୍ଦର ପ୍ରେମଗୀତ ନ ଥିଲା। ଟେଲିଫୋନ୍ ବାଜିଲେ ସାଙ୍ଗେ ସାଙ୍ଗେ ପିଲାଛୁଆ ଦଉଡି ଯାଇ ଧରିବାର ଅବସର ଆଉ ନାହିଁ। ଆରମ୍ଭରୁ ଘର ଫୋନ୍ (ଲ୍ୟାଣ୍ଡ୍ ଲାଇନ୍) ଗୋଟିଏ ସଂହତିର ସୂଚକ ଥିଲା, ରେଡିଓ ଆରମ୍ଭ ହେବା ଆଗରୁ ଫୋନ୍‌ର ମ୍ୟାଜିକ୍ ଲୋକଙ୍କୁ ମୋହିତ କରୁଥିଲା। ୧୯ଶ ଶତାବ୍ଦୀ ଶେଷରେ ୨୦ଶ ଶତାବ୍ଦୀର ମଧ୍ୟଭାଗ ଯାଏ ଆମକୁ (କଲର୍‌ମାନଙ୍କୁ) ସୁଇଚ୍‌ବୋର୍ଡ ଅପରେଟରଙ୍କ ଉପରେ ଭରସା କରିବାକୁ ପଡୁଥିଲା, ଅପରେଟର ଜଣକ ଗ୍ରାହକମାନଙ୍କୁ ଚିହ୍ନିଥିଲା, ସେମାନଙ୍କ ପାଟି ବା ସ୍ୱର ବାରି ନେଉଥିଲା। କାହା ଘରେ ଫୋନ୍ ବାଜିଲେ ପଡ଼ୋଶୀମାନେ ବି ଶୁଣି ପାରୁଥିଲେ, କାନ ଡେରିଲେ କଥା କାନ୍ଥ ପାର ହୋଇ ଶୁଭୁଥିଲା, ତାଙ୍କ ଘରେ କ'ଣ ହେଉଛି ବା ହେବାକୁ ଯାଉଛି କାନ ଡେରି ଶୁଣିଥିବା ପଡ଼ୋଶୀ ଅନୁମାନ କରିନେଉଥିଲା, ମହଲା ଯାକ ଲୋକେ ଏକ ରକମର ଗୋଟିଏ ସମ୍ପ୍ରଦାୟ ହୋଇ ପଡୁଥିଲେ। ସାହିର ଏକ ମ୍ୟାପ୍ (ମାନଚିତ୍ର) ଭଳି ଫୋନ୍ କାମ କରୁଥିଲା।

ପ୍ରଥମେ ପ୍ରଥମେ ତ ଫୋନ୍ ଏତେ ବଡ଼ ଆଉ ଏତେ ଓଜନିଆ ଥିଲା ଯେ ଫୋନ୍ କଲ୍ ଧରିବା ଲୋକଟା ଘରକୁ ଆସିଗଲା ଭଳି ମନେ ହେଉଥିଲା। ଫୋନ୍‌ଟାକୁ ଭଲରେ ରଖିବା ବା ସଜେଇ ରଖିବା ଗୋଟିଏ ସଉକ ହୋଇଯାଇଥିଲା ବା ଆଭିଜାତ୍ୟର ପରିଚୟ ଦେଉଥିଲା। ଘରର ଆସବାବପତ୍ର ବା ସାଜସଜ୍ଜାରେ ଫୋନ୍ ଏକ ଫର୍ନିଚରର ସ୍ଥାନ ନେଉଥିଲା। ଫୋନ୍ ଫର୍ନିଚର ଭିତରେ କାଠ ବା ଧାତୁର କାରୁକାର୍ଯ୍ୟ ଆମ ପରିବାରର ଆଭିଜାତ୍ୟର ପରିଚୟ ଦେଉଥିଲା। ଠାକୁରଙ୍କୁ ଯେପରି ରଖାଯାଏ, ଫୋନ୍ ସେଟ୍ ରହିବା ପାଇଁ ଢଙ୍ଗରଙ୍ଗର କାଠର ଘର କରାଯାଉଥିଲା। ଫୋନ୍ ଫର୍ନିଚର ଭିତରେ ଥିଲା ବସିବାର ଜାଗା, ବେଞ୍ଚ ବା ସେମିତି କିଛି। ବସି ରହିଥିବା ଲୋକ ଫୋନ୍ ଧରି ଭାବୁଥିଲା ଯେମିତି ମାଇଲ ମାଇଲ ଦୂରରୁ କହୁଥିବା ଲୋକଟା ତା' ପାଖରେ ଅଛି ଏବଂ ସେ ତା' ଘର ବା ପରିବାର ସହ ବାନ୍ଧି ହୋଇ ରହିଛି, ଆଉ ସେ ନିଜେ ଘରର କାନ୍ଥରେ ଆଉଜି ରହିଛି। କେତେ ସମୟ ଲାଗିଲା କି କେଉଁ ଜାଗାରେ ଛିଡା ହୋଇ ବା ବସିରହି ଫୋନ୍ ଧରିଲା ଚିନ୍ତା ନ ଥିଲା, କାରଣ ସମସ୍ତେ ଜାଣିଥିଲେ ଯେ ଫୋନ୍ ଅମୁକ ଜାଗାରୁ ସମୁକ ଜାଗାକୁ ଆସୁଛି ଆଉ ଯାଉଛି। ବାପା କି ମା' ଧରିବ ତ ପିଲାକୁ ଡାକି ଦେବ, ଯଦି ତା'ର ସାଙ୍ଗ ବା ନିଯୁକ୍ତିଦାତା ଫୋନ୍ କରିଥାଏ, ଭାରି ଖୁସି ହେବ ଯେ ପିଲା ଭଲ ଚାକିରିରେ ଅଛି। ଅନ୍ୟ କେହି ହୋଇଥିଲେ କାହିଁକି ଫୋନ୍ କରିଛ ବୋଲି ବାପା ମା' ପଚାରୁଥିଲେ।

ସ୍ମାର୍ଟ ଫୋନ୍ ଆମକୁ ସ୍ମାର୍ଟ କରିଦେବା ଆଳରେ ପରିବାର-ଭିତ୍ତିକ ଚଳଣିକୁ ପଙ୍ଗୁ କରିଦେଲା, ସମାଜରେ ବିଶୃଙ୍ଖଳା ଆଣିଦେଲା। ଅପରାଧ ବଢ଼ିବାର ଏକ ବଡ଼ ଅସ୍ତ୍ର ହେଉଛି ଷଡ଼ଯନ୍ତ୍ର, ତାକୁ ବଢ଼ିବାରେ ସ୍ମାର୍ଟ ଫୋନ୍ ସାହାଯ୍ୟ କଲା।

ଇମେଲ୍ : sahadevas@yahoo.com

# ମଦ ଓ ଜୀବନ

ଡ. ଭାରତ ଭୂଷଣ ରଥ

ଅମୂଲ୍ୟ ମାନବ ଜୀବନ। ଜନ୍ମରୁ ମୃତ୍ୟୁ ଯାଏ ମଣିଷ ତା'ର ଲକ୍ଷ୍ୟପଥ ଦେଇ ଦିନ ପରେ ଦିନ ଆଗେଇଯାଏ। ମଣିଷ ଯଦି ଏକ ପୂର୍ଣ୍ଣାଙ୍ଗ ଜୀବନାବଧିକୁ ପ୍ରାପ୍ତ ହୁଏ ତେବେ ଅନେକ ବର୍ଷ ଧରି ଏ ସଂସାରରେ ସେ ବଞ୍ଚିରହେ। ତେବେ ଅନେକ ବର୍ଷର ଆୟୁକୁ ନେଇ ଏକ ନିରର୍ଥକ ଜୀବନ ବଞ୍ଚିରହିବାଠାରୁ ଅଧିକା ଆବଶ୍ୟକ ହେଉଛି କିଛି ଉତ୍ତମ କର୍ମକୁ ନିଜ ଜୀବନର ଆଧାର କରି ବଞ୍ଚିରହିବା। ସଂସାରରେ ଏମିତି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଜୀବନ ନାମରେ କଳଙ୍କ। ସେମାନେ ତାଙ୍କ ଜୀବନରେ ନିଜ ପାଇଁ କିଛି କରିପାରନ୍ତିନି, ଅନ୍ୟ ପାଇଁ ମଧ୍ୟ କିଛି କରିପାରନ୍ତିନି। ଯଦି କରନ୍ତି ତାହା ସଂସାରର ଅମଙ୍ଗଳ ବ୍ୟତୀତ ଅନ୍ୟ କିଛି ନୁହେଁ। ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଅଛନ୍ତି ମଦ୍ୟପାନ କରୁଥିବା ଅନେକ ବ୍ୟକ୍ତି। 'ମଦ' ଭାରତରେ ଏକ ଏଭଳି ବିଷାକ୍ତ ପରିବେଶ ସୃଷ୍ଟି କରିଛି, ଯାହା ଦିନକୁ ଦିନ ଭାରତର ମେରୁଦଣ୍ଡକୁ ଭାଙ୍ଗି ଦେଉଛି। ବିଶେଷକରି ଭାରତର ଜନସଂଖ୍ୟାର ଅର୍ଦ୍ଧାଧିକ ହେଉଛନ୍ତି ଯୁବକ। ଭାରତୀୟ ଯୁବବର୍ଗ ଚାହିଁଲେ ବିଶ୍ୱ ପରିବର୍ତ୍ତନ କରିପାରିବେ। କିନ୍ତୁ ବିଡ଼ମ୍ବନାର ବିଷୟ ଭାରତର ଯୁବବର୍ଗର ସିଂହଭାଗ ମଦକୁ ଆଶ୍ରୟ କରି ଜୀବନ କାଟନ୍ତି। ମଦ ଭାରତର ଅନେକ ଯୁବକଙ୍କୁ କରିଦେଇଛି ଅକର୍ମଣ୍ୟ, ଅଭାବଗ୍ରସ୍ତ ଏବଂ ଅଭିଶପ୍ତ। ଧନୀଘରର ଯୁବତୀଯୁବକ ଦାମୀ ମଦକୁ ଜୀବନର ଅଙ୍ଗ ଭାବରେ ଗ୍ରହଣ କରୁଥିବା ବେଳେ ଗରିବ ଯୁବକମାନେ ଶସ୍ତା ବିଷଯୁକ୍ତ ମଦକୁ ଜୀବନର ଆୟୁଧ କରି ବଞ୍ଚୁଥିବାର ନମୁନା ପ୍ରତି ଗାଁ ଗହଳିରୁ ଆରମ୍ଭକରି ସହର ବଜାର ପର୍ଯ୍ୟନ୍ତ ପରିବ୍ୟାପ୍ତ। ମନ୍ଦିରଠାରୁ ଘର ପର୍ଯ୍ୟନ୍ତ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ମଦ ହୋଇଯାଇଛି ଏକ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ। ଏପରିକି ମା'ବାପାଙ୍କ ଶୁଦ୍ଧ ହେବାକୁ ଯାଉଥିବା ଝିଅପୁଅମାନେ ମଦ ପିଇ ରାସ୍ତାରେ ଗଡୁଥିବାର ଦୃଶ୍ୟ ଆମ ଦେଶରେ ଆଉ ବିରଳ ନାହିଁ। ତେବେ ମଦ କ'ଣ ମଣିଷ ପାଇଁ ଏତେ ଆବଶ୍ୟକ ହୋଇଗଲା ଯେ, ସେ ନିଜର ମାନବିକତାକୁ ବି ଜଳାଞ୍ଜଳି ଦେଇଦେଉଛି। ମଦ ମଣିଷକୁ କିଛି ସମୟର ଉନ୍ମାଦନା ବ୍ୟତୀତ ଆଉ ଦିଏ ବା କ'ଣ? କିନ୍ତୁ ପ୍ରତିବଦଳରେ ମାନବଠାରୁ ଛଡ଼ାଇ ନେଇଯାଏ ତା'ର ସୁସ୍ଥ ଶରୀର, ସମସ୍ତ ସମ୍ପତ୍ତି, ସାମାଜିକ ସ୍ନେହଶ୍ରଦ୍ଧା ଏବଂ ସୁଖଶାନ୍ତିର ସମସ୍ତ ଐଶ୍ୱର୍ଯ୍ୟ। ତଥାପି ଏ କଥାକୁ ବିଝୁଛି କିଏ? ସମାଜର ସୁବିଧା ଅସୁବିଧା ବୁଝିବା ସରକାରଙ୍କର ପ୍ରମୁଖ ଦାୟିତ୍ୱ। ହେଲେ ବର୍ତ୍ତମାନର ସରକାରମାନେ ମଦ ଦୋକାନ ଖୋଲି ଚାଲିଛନ୍ତି। ମଦ ବିକ୍ରି ହେଲେ ବହୁତ ରାଜସ୍ୱ ମିଳୁଥିବା ଅନେକ ଅର୍ଥନୀତି ବିଶାରଦ ମତ ଦିଅନ୍ତି। ତେବେ ଏ ରାଜସ୍ୱ ବୃଦ୍ଧି କାହାପାଇଁ? ଜନସାଧାରଣଙ୍କ ସୁଖ ଓ ଶାନ୍ତିପୂର୍ଣ୍ଣ ଜୀବନ ପାଇଁ ରାଜସ୍ୱ ବୃଦ୍ଧିର ଆବଶ୍ୟକତା ରହିଛି। ତେବେ ଯେଉଁ ମଣିଷଟି ଥରେ ମଦ ପିଇବା ଅଭ୍ୟାସ ଆରମ୍ଭ କଲା ତା' ଜୀବନରେ ନା ସୁଖ ନା ଶାନ୍ତି। ମଦ ପାଇଁ ଅନେକ ପରିବାର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବାର ପ୍ରମାଣ ଆମ ଚକ୍ଷୁ ସମ୍ମୁଖରେ ପ୍ରତିଦିନ ଉଭାସିତ ହୁଏ। ନାନା ପ୍ରକାର ରୋଗ ଏବଂ ରାସ୍ତାଘାଟରେ ଦୁର୍ଘଟଣା ସୂଚେଇ ଦେଉଛି ମଦର ବିଭୀଷିକା। ମଦ ପ୍ରଭାବରେ ଆଜିକାଲି ଘରୁ ବାହାରକୁ ବାହାରିଲେ ପୁଣି ଜୀବନ ନେଇ ଘରକୁ ଫେରିବା ସନ୍ଦେହଜନକ। ଯିଏ ମଦୁଆ ତା' ଜୀବନ ସହିତ ମଦ ପିଉ ନ ଥିବା ଲୋକଟିର ଜୀବନ ମଧ୍ୟ ରାଜସ୍ୱ ବୃଦ୍ଧିର ଶିକାର ହୋଇଯାଉଛି। ଭାରତ ଭଳି ପ୍ରକୃତିର ଗନ୍ତାଘରେ ରାଜସ୍ୱ ବୃଦ୍ଧି ପାଇଁ କ'ଣ ଅନ୍ୟ କିଛି ଉପାୟ ନାହିଁ? ପର୍ଯ୍ୟଟନ, ଶିଳ୍ପ ପ୍ରଭୃତି ଦ୍ୱାରା ଯଦି ଅନ୍ୟ ବିକଶିତ ଦେଶଗୁଡ଼ିକ ରାଜସ୍ୱ ବୃଦ୍ଧି କରିପାରୁଛନ୍ତି ତେବେ ଭାରତରେ ଏହା କାହିଁକି ସମ୍ଭବ ହୋଇପାରୁନାହିଁ? ଗୋଟିଏ ପକ୍ଷେ ରାଜସ୍ୱ ବୃଦ୍ଧି ଏବଂ ଅନ୍ୟ ପକ୍ଷେ ମଣିଷର ଶାନ୍ତି - ଏ ଦୁଇଟିରୁ କ'ଣ ଆମ ପାଇଁ ଶ୍ରେୟସ୍କର ତାହା ସମସ୍ତଙ୍କୁ ଜଣା। ମଦରୁ ଆଉ ଗୋଟିଏ ବଡ଼ ଲାଭ ହେଉଛି ରାଜନୈତିକ ଦଳଙ୍କ ଭୋଟଲାଭ।

ତେବେ ପ୍ରଶ୍ନ ଉଠେ ମଦ୍ୟପାନ ଭଳି ଏକ କୁତ୍ସିତ ପ୍ରଥା ଭାରତରେ ପ୍ରଚଳିତ ହେଲା କାହିଁକି? ଏଥିପାଇଁ ଯେ କେବଳ ସରକାର ହିଁ ଦାୟୀ ଏହା କୁହାଯାଇ ନ ପାରେ, କାରଣ ସରକାର ବି ମଣିଷମାନଙ୍କ ଦ୍ୱାରା ପରିଚାଳିତ ଏକ ନାମମାତ୍ର। ପୁନଶ୍ଚ କେବଳ ବର୍ତ୍ତମାନର ସରକାର ଯେ ମଦ୍ୟପାନକୁ ପ୍ରୋତ୍ସାହନ ଦେଉଛନ୍ତି ତାହା ନୁହେଁ। କାରଣ ଭାରତ ସ୍ୱାଧୀନତାଠାରୁ ପ୍ରାୟ ସମସ୍ତ ସରକାର ଅବକାରୀ ବିଭାଗକୁ ଖୁବ୍ ଲାଭଜନକ ବିଭାଗ ଭାବରେ ସମ୍ମାନ ଦିଅନ୍ତି। ଇଂରେଜମାନେ ଭାରତରେ ଶାସନ କରିବା ପରଠାରୁ ମଦ ଭଳି ଏକ ବିଷାକ୍ତ ପାନୀୟ ଆମ ଦେଶକୁ ପଶି ଆସିଲା। ସେମାନଙ୍କ ଜଳବାୟୁରେ ମଦ ଏକ ନିତ୍ୟ ବ୍ୟବହୃତ ପଦାର୍ଥ ହୋଇଥିବାରୁ ସେମାନେ ଭାରତରେ ମଧ୍ୟ ସେହି କୁଅଭ୍ୟାସକୁ ଛାଡ଼ିପାରିଲେନି। ଶେଷରେ ଭାରତୀୟମାନେ ମଧ୍ୟ ମଦ୍ୟପାନକୁ ଏକ ଅଭ୍ୟାସ ରୂପେ ବରଣ କରିନେଲେ। ହଁ, ଏହା ଆମେ ସ୍ୱୀକାର କରିପାରିବା ଭାରତରେ ସୁରାପାନ ବ୍ୟବସ୍ଥା ପ୍ରାଚୀନ କାଳରୁ ପ୍ରଚଳିତ ଥିଲା। ତେବେ ସୁରା ହେଉଛି ଅନେକ ବୃକ୍ଷ, ଲତା ଏବଂ ଚେରମୂଳର ଶୋଧନ କରି ସୃଷ୍ଟି ହେଉଥିବା ଏକ ରସାୟନ। ବେଳେବେଳେ ଘରୋଇ ଉପାୟରେ ମଦ ପ୍ରସ୍ତୁତି ମଧ୍ୟ ଭାରତର ଏକ ପ୍ରାଚୀନ ପରମ୍ପରା ଥିବାର ଜାଣିହୁଏ। ଏ ସବୁ ଯଦ୍ୟପି କୁଅଭ୍ୟାସ ଥିଲା କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଅନେକ କ୍ଷେତ୍ରରେ ଉପଯୋଗୀ ବି ହେଉଥିଲା। ସୁରା ଶ୍ରାନ୍ତ କ୍ଲାନ୍ତ ମଣିଷର ପରିଶ୍ରମଜନିତ ଭାରକୁ ଉପଶମ କରାଏ। କିନ୍ତୁ ବର୍ତ୍ତମାନର ମଦ ସୁରାଠାରୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଜୀବନନାଶକ। ଅତି ସହଜରେ ଏବଂ ଅତି ନିକଟରେ ମଦ ମିଳିବା ଭାରତ ଭଳି ଏକ ଦେଶରେ କେତେଦୂର ଯଥାର୍ଥ ତାହା ବିଚାରଯୋଗ୍ୟ। ଏଭଳି ଏକ ସ୍ପର୍ଶକାତର ବିଷୟକୁ ଜନସାଧାରଣ ଗମ୍ଭୀରତାର ସହିତ ବିଚାର କରିବା ଆବଶ୍ୟକ। ଦେଶ ଏବଂ ଜାତିର ହିତ ପାଇଁ ବେଳେବେଳେ ଅନେକ କିଛି ଭାବିବାକୁ ପଡ଼ିଥାଏ। କାରଣ ଦେଶ ଏବଂ ଜାତି ବଞ୍ଚି ରହିଲେ ଯାଇ ଆମେ ବଞ୍ଚିବା। ତେଣୁ ଭାରତର ସମସ୍ତ ନାଗରିକ ଏକ ସୁସ୍ଥ ବାତାବରଣରେ ବଞ୍ଚିବା ପାଇଁ ମଦ ଏବଂ ସମସ୍ତ ମାଦକ ଦ୍ରବ୍ୟଠାରୁ ଦୂରେଇ ରହିବା ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ।

ମୋ- ୮୮୯୭୪୨୬୨୪୩, paramatmab-harat@gmail.com

## ଏଇ ଭାରତରେ

ମାଓବାଦୀଙ୍କ ପ୍ରଭାବରେ ୨୦୦୫ରୁ ଭିଟାମାଟି ଛାଡି ଆସିଥିବା ୧୧ଟି ପରିବାର ଛତିଶଗଡ଼ ଦାନ୍ତେୱାଡାର କୁଡୁମପାରା ବସ୍ତିରେ ରହି ଏବେ ମାଓବାଦ ବିରୋଧରେ ଲଢେଇ କରୁଛନ୍ତି। ଏହି ପରିବାରରେ ଜଣେ ଜଣେ ଏସ୍‌ପିଓ (ସ୍ୱତନ୍ତ୍ର ପୋଲିସ ଅଧିକାରୀ) ରହିଛନ୍ତି। ଏଣୁ ଏହାକୁ ଏସ୍‌ପିଓ ବସ୍ତି କୁହାଯାଉଛି। ଏଠାରେ ଆଦିବାସୀ ସମ୍ପ୍ରଦାୟର ଲୋକେ ରହୁଛନ୍ତି। ସାଲୱା ଜୁଡୁମ୍ (ମାଓବାଦୀଙ୍କ ବିରୋଧରେ ଗ୍ରାମବାସୀଙ୍କ ଆନ୍ଦୋଳନ) ଆରମ୍ଭ ହେବା ପୂର୍ବରୁ ରାତାରାତି ଏମାନେ ଘରଛାଡି ଇନ୍ଦ୍ରାବତୀ ନଦୀ ପାର ହୋଇ ଆସି ଏହି ବସ୍ତିରେ ରହିଛନ୍ତି। ଗାଁରେ ରହୁଥିବା ସରପଞ୍ଚଙ୍କୁ ମାଓବାଦୀମାନେ ପ୍ରାଣଘାତକ ଆକ୍ରମଣ କରିବା ପରେ ତାଙ୍କ ସହ ତାଙ୍କର ସମ୍ପର୍କୀୟମାନେ ଚାଲି ଆସିଥିଲେ। ଏହି ୧୧ଟି ପରିବାର ଆଉ ନିଜ ଗାଁକୁ ଫେରିନାହାନ୍ତି। ପ୍ରତି ପରିବାରକୁ ଗୋଟିଏ କୋଠରି ଯୋଗାଇ ଦିଆଯାଇଛି ଓ ଏଥିରେ ହିଁ ସେମାନେ ରହିବାକୁ ବାଧ୍ୟ ହେଉଛନ୍ତି। ଏମାନଙ୍କ ପାଖରେ ଅଳ୍ପ ଚାଷଜମି ଅଛି। ସାଲୱାଜୁଡୁମ୍ ଆରମ୍ଭ ହେବା ପରେ ଏମାନେ ପ୍ରଥମେ ସାମ୍ନାକୁ ଆସିଥିଲେ ଏବଂ ବସ୍ତିର ଯୁବକମାନଙ୍କୁ ଏସ୍‌ପିଓରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ଏହି ୧୧ଟି ପରିବାରରେ ୨୨ ଜଣ ଏସ୍‌ପିଓ ରହିଥିଲେ। ସୁପ୍ରିମ୍‌କୋର୍ଟ ସାଲୱାଜୁଡୁମ୍ ଉପରେ କଟକଣା ଲଗାଇବା ପରେ ସେମାନଙ୍କ ମଧ୍ୟରୁ ୪ ଜଣ ସହାୟକ ଆରକ୍ଷୀ ହୋଇଛନ୍ତି ଓ ଆଉ ୧୮ ଜଣ ସିଟି ପୋଲିସରେ ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୨୪ ଡିସେମ୍ବର ୧୯୯୪

- ଇଟାଲୀ ପ୍ରଧାନମନ୍ତ୍ରୀ ସିଲଭିଓ ବେରଲୁସ୍କୋନି ଆଜି ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।
- ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ କରିବା ପାଇଁ ଭାରତ ଓ ରୁଷିଆ ମଧ୍ୟରେ ୮ଟି ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ଚଖାଇ ଯାଏ ସେ ଗୋ ତପତି ହୀନ ଆଶା,
ରଖାଇ ଯାଏ ପ୍ରାଣେ ପ୍ରକାଶ-ହୀନ ଭାଷା।
ମରମେ ରହେ ମରି
ସଦା ଯେ ମରମରି
ତୃପତିହୀନ ଆଶା
ପ୍ରକାଶହୀନ ଭାଷା।
ବଦନେ ଲୁଚେ ତବ ନିଶାର ଅନ୍ଧକାରେ
ଅନ୍ତର କାନ୍ଦେ ମୋର ନିରାଟ ହାହାକାରେ।
ଯାଏଁ ମୁଁ ଅପସରି
ଡାକିବି କାନି ଧରି
ନିଶାର ଅନ୍ଧକାରେ
ନିରାଟ ହାହାକାରେ!

(ଆଶ୍ୱାସନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | | | | 3 | E | 8 | 0 | | | | A |
| | | 0 | 9 | 2 | | | 6 | | 3 | | | | | |
| | | | | A | | | | | | | | | 5 | E |
| 2 | | C | | 7 | | | | 1 | | E | A | | | |
| 6 | | E | | | | 5 | | A | B | | | 1 | | 3 |
| | | | | | | 4 | | | | | | | | |
| 0 | | | | | | 6 | | | | | 2 | 8 | | |
| C | B | 7 | | | 6 | | 0 | | | | 1 | 5 | 2 | |
| 4 | 1 | 5 | | | | B | | | C | | 6 | | 3 | 0 |
| 3 | | 8 | | | | 2 | 7 | | | | 4 | | 6 | 9 |
| E | | | | | 4 | | 9 | | | 7 | 0 | | | 1 |
| 7 | | 3 | | 1 | | | C | 5 | | 9 | | | 4 | |
| | | | | 9 | | | | 2 | | 3 | E | | | |
| | C | | 8 | | 2 | | | | 5 | | | B | 9 | |
| 5 | 0 | | | | | | | | | | B | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 0 | B | 3 | 8 | C | 1 | 7 | 4 | A | 5 | E | D | 6 | 9 |
| 8 | C | E | B | 1 | A | 5 | 9 | 2 | 6 | D | 3 | 7 | 4 | 0 |
| 5 | 1 | D | 7 | E | 2 | 8 | 3 | 6 | 4 | 9 | 0 | B | C | A |
| 3 | 7 | 6 | 0 | 9 | 4 | E | D | A | 1 | B | C | 5 | 8 | 2 |
| 9 | 4 | A | D | 6 | 5 | C | 0 | B | 7 | 2 | 8 | E | 1 | 3 |
| B | 8 | 0 | A | 7 | D | 9 | C | E | 3 | 6 | 5 | 4 | 2 | 1 |
| 7 | 3 | 1 | 5 | B | E | 2 | 6 | 0 | C | A | 4 | 8 | 9 | D |
| 4 | 9 | C | 1 | 0 | 3 | A | 5 | D | 2 | 8 | 7 | 6 | B | E |
| A | 6 | 2 | 4 | C | 9 | B | 8 | 7 | D | E | 1 | 0 | 3 | 5 |
| E | D | 5 | 8 | 2 | 6 | 3 | 4 | 1 | B | 0 | 9 | A | 7 | C |
| 1 | E | 4 | 9 | A | B | D | 2 | 8 | 5 | C | 6 | 3 | 0 | 7 |
| D | 2 | 3 | E | 4 | 0 | 7 | A | C | 8 | 1 | B | 9 | 5 | 6 |
| C | A | 7 | 6 | D | 8 | 0 | B | 5 | 9 | 3 | 2 | 1 | E | 4 |
| 6 | 5 | 8 | 2 | 3 | 1 | 4 | E | 9 | 0 | 7 | D | C | A | B |
| 0 | B | 9 | C | 5 | 7 | 6 | 1 | 3 | E | 4 | A | 2 | D | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାଳିଆ କେଲେଙ୍କାରୀ

ମହାଶୟ,

କାଳିଆ ଯୋଜନାରେ ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ କୋଟି କୋଟି ଟଙ୍କା ବାଣ୍ଟି ଦେଲେ। ଯେଉଁ ଅଯୋଗ୍ୟ ଲୋକଙ୍କୁ ଅର୍ଥ ବଣ୍ଟାଗଲା ସେମାନେ ସରକାରଙ୍କ କାନ୍ଧରେ ଝୁଲି ପଡି ନ ଥିଲେ। ସେମାନଙ୍କୁ ଖୁସି କରିବାକୁ ଏ ଅର୍ଥ ପ୍ରଦାନ କରାଯାଇଥିଲା। ଯେଉଁମାନେ ସେମାନଙ୍କୁ ଚୟନ କରିଥିଲେ, ସତରେ କ'ଣ ସେମାନଙ୍କ ସ୍ଥିତି ବିଷୟରେ ତାଙ୍କୁ ଜଣା ନ ଥିଲା ? ଆହୁରି ଆଶ୍ଚର୍ଯ୍ୟର କଥା, ସରକାରୀ କର୍ମଚାରୀ ଏବଂ ପେନସନ୍ ପାଉଥିବା ବ୍ୟକ୍ତିଙ୍କୁ ମଧ୍ୟ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସରକାରଙ୍କ ହାତରେ ଆଦାୟ କରିବାର କ୍ଷମତା ଅଛି ବୋଲି ଆଦାୟ କରିବାର ଉପାୟ ବତାଇ ଦେଉଛନ୍ତି। ଏହାଦ୍ୱାରା ସରକାରୀ କଳ ନିୟୋଜିତ ହେବ ଏବଂ ସମୟ ମଧ୍ୟ ବରବାଦ ହେବ। ଅନେକ ହିତାଧିକାରୀ ସେ ଅର୍ଥକୁ ନେଇ ହଜମ କରି ସାରିଥିବେ। ସେମାନେ କେଉଁଠୁ ଆଣି ପଇଠ କରିବେ ? ଯେଉଁ ଅଯୋଗ୍ୟ ହିତାଧିକାରୀ ଏହି ଅର୍ଥକୁ ହାତେଇ ନେଇଛନ୍ତି ଏବଂ ଯେଉଁ ସରକାରୀ କର୍ମଚାରୀ ସେମାନଙ୍କୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି, ସେମାନଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବନି। ନେଇଥିବା ଏବଂ ଦେଇଥିବା ଦୋଷୀ ଦଣ୍ଡ ପାଆନ୍ତୁ। କାଳିଆ ନାଁରେ ଏ କଳାକାରନାମା ଆଉ କେବେ ନ ହେଉ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ତାଳଗଛ ବି ଆୟକାରୀ

ନଡ଼ିଆ, ଗୁଆ ପରି ତାଳଗଛ ମଧ୍ୟ ବେଶ୍ ଆୟକାରୀ। ତାଳଗଛରୁ ବାହାରୁଥିବା ଫୁଲ ବା ଚଅଁରକୁ କାଟି ସେଥିରେ ମାଟିଘଡି ଝୁଲାଇ ଦୈନିକ ତାଳରସ ସଂଗ୍ରହ କରାଯାଇପାରେ। ଏଥିରୁ ତାଳଗୁଡ଼, ତାଳ ମିଶ୍ରି ତିଆରି ସମ୍ଭବ ହୋଇଥାଏ। ତାଳରସରୁ ଭିଟାମିନ୍ ବି, ସି, କ୍ୟାଲସିୟମ୍, ଫସ୍‌ଫରସ୍ ଓ ଅନେକ ଖଣିଜ ତତ୍ତ୍ୱ ମିଳିଥାଏ। ଆୟୁର୍ବେଦ ଓ ପ୍ରାକୃତିକ ଚିକିତ୍ସାରେ ତାଳରସର ବ୍ୟବହାର କରାଯାଇଥାଏ। ତାଳପତ୍ରରେ ପିଲାଙ୍କ ଜାତକ ପ୍ରସ୍ତୁତ ହୋଇଥାଏ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟ ତାଳପତ୍ରରୁ ଡାଲା, କୁଲା, ଭୋଗେଇ ପ୍ରସ୍ତୁତ କରି ନିଜର ଜୀବିକା ନିର୍ବାହ କରିବା ସମ୍ଭବ। ତାଳଗଛ ବାତ୍ୟା ଓ ବଜ୍ରପାତ ପ୍ରତିରୋଧକ। ପରିବେଶର ବନ୍ଧୁ ବାୟାଚଢେଇ ବସା ସ୍ଥାପନ ଓ ବଂଶ ବୃଦ୍ଧି ପାଇଁ ତାଳଗଛ ବେଶ୍ ସହାୟକ ହୋଇଥାଏ। ସୁତରାଂ ରାଜ୍ୟ ହର୍ଟିକଲଚର ବିଭାଗ ରାଜ୍ୟରେ ତାଳଗଛ ରୋପଣର ବ୍ୟାପକତା ଉପରେ ଜନସାଧାରଣଙ୍କୁ ଉତ୍ସାହିତ କରିବା ଉଚିତ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ଡିସେମ୍ବର ୨୪/୨୦୧୯



❝ ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲା
## ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

ବାଲେଶ୍ୱର ଅଫିସ, ୨୩।୧୨

ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ସୋମବାର ବାଲେଶ୍ୱର ଅତିରିକ୍ତ ଦୌରାଜଜ୍ କମ୍ ପୋକ୍ସୋ ଅଦାଲତର ବିଚାରପତି ଗିରିଜା ମହାପାତ୍ର ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନା କରିଛନ୍ତି।

ସୋର ଥାନା ଅଞ୍ଚଳର ଜଣେ ୧୬ବର୍ଷୀୟା ନାବାଳିକା ୨୦୧୩ ଜାନୁୟାରୀ ୩୦ ତାରିଖରେ ସୋର ବସ୍‌ଷ୍ଟାଣ୍ଡରୁ ନିଖୋଜ ହୋଇଯାଇଥିଲେ। ବାଲେଶ୍ୱର ସଦର ଥାନା ବସନ୍ତପୁର ଗ୍ରାମର ତପନ ଓଝା ସୋର ବସ୍‌ଷ୍ଟାଣ୍ଡରୁ ତାଙ୍କୁ ଅପହରଣ କରି ପୁରୀ ନେଇଯାଇଥିଲେ। ସେଠାରେ ତାଙ୍କୁ ବଳପୂର୍ବକ ବଳାତ୍କାର କରି କିଛିଦିନ ପରେ ଭଦ୍ରକ ବସ୍‌ଷ୍ଟାଣ୍ଡରେ ଆଣି ଛାଡ଼ିଦେଇ ପଳାଇଥିଲେ। ନାବାଳିକା ଜଣକ ଫେରିବା ପରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏନେଇ ପରିବାର ପକ୍ଷରୁ ସୋର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସୋର ଥାନାରେ ମାମଲା (ନଂ. ୭୧/୨୦୧୩) ରୁଜୁ ହୋଇ କୋର୍ଟରେ ମାମଲା ବିଚାରାଧୀନ ଥିଲା। ଜଜ୍ ମହାପାତ୍ର ୯ ସାକ୍ଷ୍ୟ ଓ ୧୯ ଦସ୍ତାବିଜକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପ୍ରଣବ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ତପ୍ତପାଣି ଘାଟିରେ ଓଲଟିଲା ପିକ୍‌ନିକ୍ ବସ୍

- ୩୫ରୁ ଊର୍ଦ୍ଧ୍ୱ ଆହତ, ୧୯ ଗୁରୁତର
- ରେଭେନ୍ସା ବିଶ୍ୱବିଦ୍ୟାଳୟର ଏମ୍‌ସିଏ ବିଭାଗ ଛାତ୍ରୀଛାତ୍ରଙ୍କୁ ଧରି ଫେରୁଥିଲା ବସ୍

ଦିଗପହଣ୍ଡି,(ଡି.ଏନ୍.ଏ.)/ ପାଟପୁର,୨୩।୧୨

ଗଞ୍ଜାମ-ଗଜପତି ଜିଲା ସୀମାନ୍ତ ପର୍ଯ୍ୟଟନ କ୍ଷେତ୍ର ତପ୍ତପାଣି ଘାଟିରେ ସୋମବାର ରାତି ପ୍ରାୟ ୮ଟାରେ ଏକ ପିକ୍‌ନିକ୍ ବସ୍ ଓଲଟି ପଡିବାରୁ ୩୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯ ଜଣ ଗୁରୁତର ଅଛନ୍ତି।

ପ୍ରକାଶ ଯେ, କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଏମ୍‌ସିଏ ବିଭାଗ ଛାତ୍ରୀଛାତ୍ରମାନେ ପିକ୍‌ନିକ୍ କରିବା ପାଇଁ ଏକ ଘରୋଇ ବସ୍ (ନଂ.ଓଆର୦୨ଏଡବ୍ଲ୍ୟୁ୩୬୬୩)ରେ ତପ୍ତପାଣିକୁ ଆସିଥିଲେ। ପିକନିକ୍ ସାରି ସମସ୍ତେ ବସ୍‌ରେ ବ୍ରହ୍ମପୁର ଦେଇ କଟକ ଅଭିମୁଖେ ଫେରୁଥିବା ବେଳେ ତପ୍ତପାଣି ଘାଟିରେ ବସ୍‌ଟି ନିୟନ୍ତ୍ରଣ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ସାନ ଖେମୁଣ୍ଡି ଅଗ୍ନିଶମ ବାହିନୀ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ପାଟପୁର ଥାନା ଆଇଆଇସି ଅଜୟ କୁମାର ବାରିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାକ୍ତରଙ୍କୁ ଆହତଙ୍କ ଅବସ୍ଥା ପଚାରି ବୁଝିଥିଲେ।



ଦୁର୍ଘଟଣାଗ୍ରସ୍ତ ବସ୍‌ରୁ ଛାତ୍ରୀଛାତ୍ରମାନଙ୍କୁ ଉଦ୍ଧାର କରାଯାଉଛି।

## ଆଜି କ'ଣ କେଉଁଠି

**ବଲାଙ୍ଗୀର**
- ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗୀର ଶାଖା ପକ୍ଷରୁ ଆଲୋଚନାଚକ୍ର, ଗାନ୍ଧୀ ଭବନ, ପୂର୍ବାହ୍ନ ୧୧।୩୦।

**ନୂଆପଡା**
- ନୂଆପଡା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ବିଦ୍ୟାମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା।
- ଦିଲୀ ପବ୍ଲିକ୍ ସ୍କୁଲ ଖରିଆର ରୋଡର ବାର୍ଷିକ କ୍ରୀଡା,ସ୍କୁଲ ପରିସର, ଅପରାହ୍ନ ୨ଟା୨୦ମିନିଟ।
- ମହାମାୟାର ବାର୍ଷିକ କ୍ରୀଡା, ମହାମାୟା ପଡିଆ, ପୂର୍ବାହ୍ନ ୯ଟା।

**ଦେବଗଡ**
- ସର୍ବଭାରତୀୟ ବାମଣ୍ଡା କପ୍ କ୍ରିକେଟ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

**ଦେଓଗାଁ**
- ସାପ୍ତାହିକ ବଜାର ପାଇଁ ପ୍ରସ୍ତୁତି ବୈଠକ, ଦେଓଗାଁ ଡାକବଙ୍ଗଳା, ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ରାଜ୍ୟସ୍ତରୀୟ ତିଲେଶ୍ୱର କପ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟନ ଉତ୍ସବ, ଉଚ୍ଚ ବିଦ୍ୟାଳୟ ପଡିଆ ତିଲେଶ୍ୱର, ଅପରାହ୍ନ ୩ଟା।

**ବରଗଡ଼**
- ପଞ୍ଚମ ଜିଲା ପରିଷଦ ବୈଠକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା ୩୦ମିନିଟ୍।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଷ୍ଟ୍ରେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୬୪-୨୫୮୦୧୦୧/୨୫୪୯୩୦୨


## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସମୀର



ପ୍ରଶାନ୍ତ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)




# ଶୀତ ପ୍ରବାହ ପାଇଁ ସତର୍କତା

DSPL-208

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

24007/13/0012/1920

ସଚେତନତା ଓ ସତର୍କତା ହିଁ ସୁରକ୍ଷା

OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

## ସଂକ୍ଷେପରେ



### କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**ଲିଭାଇଲେ ଅଗ୍ନିଶମ କର୍ମଚାରୀ**

ବଲାଙ୍ଗୀର ଅଫିସ, ୨୩।୧୨

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନରେ ବିଶାଖାପାଟଣାରୁ ରାୟପୁର ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଲିଭାଇଛନ୍ତି। ସୋମବାର ରାତି ପ୍ରାୟ ୧୧ଟାରେ ମୁରିବାହାଲ ରେଳ ଷ୍ଟେଶନରେ ଉକ୍ତ ଟ୍ରେନ୍‌ର ବିଭିନ୍ନ ବଗିରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା । ଟ୍ରେନ୍ କଣ୍ଟାବାଞ୍ଜି ଷ୍ଟେଶନରେ ପହଞ୍ଚିବା ପରେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଟ୍ରେନ୍‌ର ୨୧ଟି ବଗିରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ତେବେ କେଉଁ କାରଣରୁ କୋଇଲା ବୋଝେଇ ଟ୍ରେନ୍ ବଗିରେ ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ । ଖବର ଲେଖା ହେବା ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି ।

### ପ୍ରସିଦ୍ଧ ଗଣେଶ ମେଳା ପାଇଁ ପ୍ରସ୍ତୁତି

**ନୂତନ କର୍ମକର୍ତ୍ତା ମନୋନୟନ**

ଦେବଗଡ଼,୨୩।୧୨(ଡି.ଏନ.ଏ.)- ସ୍ଥାନୀୟ ଶ୍ରୀଶ୍ରୀ ଝାଡେଶ୍ୱର ମନ୍ଦିରଠାରେ ଦେବଗଡ଼ର ପ୍ରସିଦ୍ଧ ଗଣେଶ ମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସମସ୍ତ ପଦାଧିକାରୀ ଓ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ । ଗତବର୍ଷ ଗଣେଶ ମେଳାର ଆୟବ୍ୟୟର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ ମେଳା କମିଟିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଶମ୍ଭୁନାଥ ଗୋଏଲ , ସମ୍ପାଦକ ଶୁକଦେବ ଭଞ୍ଜ , ଉପସଭାପତି ସୁଶୀଲ କୁମାର ଭୋଇ ଓ କୋଷାଧକ୍ଷ ଭାବେ ଅଜୟ କୁମାର ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଅନ୍ୟତମ ଉପସଭାପତି ଭାବେ ଅରୁଣ କୁମାର ଗୋଏଲ ,ସହ ସମ୍ପାଦକ ଭାବେ ପତିତପାବନ ସାହୁ ଓ ସୁବାସ ପୃଷ୍ଟି ଏବଂ ସହ କୋଷାଧକ୍ଷ ଭାବେ ତ୍ରିବିକ୍ରମ ଶତପଥୀଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ସମ୍ପାଦକ ଶୁକଦେବ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୦ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦେବଗଡ଼,୨୩।୧୨(ଡି.ଏନ.ଏ.)

ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ସାଇ ସ୍ପୋର୍ଟିଂ ରାଇପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସାଇ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତି ନେଇଥିଲେ । ନିର୍ଦ୍ଧାରିତ ୨୩.୪ ଓଭରରେ ସାଇ ସ୍ପୋର୍ଟିଂର ଖେଳାଳିମାନେ ୧୦ ଉଇକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଦିଲୀପ ଠାକୁର ୩୪ ,ପଙ୍କଜ ନାଇଡୁ ୨୧ ରନ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ଲାଲୁ ମହାନ୍ତି ୩, ମନିତେଜ ମହାନ୍ତି ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଭୁବନେଶ୍ୱର ଦଳ ବିଜୟ ଲକ୍ଷ୍ୟ ନେଇ ୧୭ ଓଭରରେ ୪ ଉଇକେଟ ହରାଇ ୧୩୧ ରନ୍ କରିଥିଲା । ଦଳ ପକ୍ଷରୁ କୁନାଲ ମଲ୍ଲିକ ୩୨ ବଲରେ ୩୮ ରନ୍ ଏବଂ ସମ୍ପିତ ବରାଳ ୨୪ବଲରେ ୩୦ ଏବଂ ମନିତେଜ ମହାନ୍ତି ୨୦ ବଲରେ ୨୧ ରନ କରିଥିଲେ । ସାଇ ସ୍ପୋର୍ଟିଂର ଆୟୁଷ ଶୁକ୍ଲା ୨ଟି ଏବଂ ଲକେଶ ମାଳି ଗୋଟିଏ ଉଇକେଟ ନେଇଥିଲେ । ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ରାମେଶ୍ୱର ସ୍ପୋର୍ଟିଂର ମନିତେଜ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।



ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଉଦ୍‌ଘାଟନ କରିବା ପରେ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରୁଛନ୍ତି ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ଲବ୍ ସଭାପତି ତଥା ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଡିଆଇପିଆରଓ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ଅଶୋକ ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କ୍ଲବର ସମ୍ପାଦକ ଇଂ. ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । କ୍ଲବର ପୂର୍ବତନ ସଭାପତି ନବୀନ ପାଣି,

**ରାମେଶ୍ୱର ସ୍ପୋର୍ଟିଂ ବିଜୟୀ**

କୋଷାଧକ୍ଷ ମୋତିଲାଲ ଶର୍ମା,ଜିଲା କ୍ରୀଡା ସମ୍ପାଦକ ଧୀରେନ୍ଦ୍ର ନାଏକ,ପ୍ରଫୁଲ୍ଲ ନାୟକ, ଚିତ୍ତ ରଞ୍ଜନ ଦା, ବିକାଶ ନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ମ୍ୟାଚ୍‌କୁ ଓ.ସି.ଏ. ସ୍ୱୀକୃତିପ୍ରାପ୍ତ ଅମ୍ପାୟର ପରାଶର ବିଶ୍ୱାଳ, ସତ୍ୟ ପ୍ରକାଶ ରଥ ପ୍ରମୁଖ ପରିଚାଳନା କରିଥିଲେ । ସ୍କୋରର ଭାବେ ମନୋଜ ସେଠୀ ଦାୟିତ୍ୱ ତୁଲାଇଥିଲେ । ମଙ୍ଗଳବାର ୟୁଥ ସ୍ପୋର୍ଟିଂ, ରାଉରକେଲା ଏବଂ ଜୁଭେନାଇଲ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୩।୧୨(ଡି.ଏନ.ଏ.)

ତିଲେଇବଣି ବ୍ଲକ ଅନ୍ତର୍ଗତ ସଡୋ ଗ୍ରାମ ପଞ୍ଚାୟତଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଉପ-ଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଏସ୍‌ପି ରବିନାରାୟଣ ସି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ଦେବକୀ ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣ ଚନ୍ଦ୍ର ଦଳପତି, ତହସିଲଦାର ପଲ୍ଲବୀ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଶିବିରରେ ଅତିରିକ୍ତ ଜିଲାପାଳ ହାଁସଦା ୩୯ଟି ଦରଖାସ୍ତର ଶୁଣାଣି କରି ଏହା ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ୧୬ଟି ବ୍ୟକ୍ତିଗତ ଓ ୨୩ଟି ସାମୂହିକ ସମସ୍ୟା ଉପରେ ଥିଲା । ଶିବିରରେ ୪ଟି ଦରଖାସ୍ତର ତତ୍‌କ୍ଷଣାତ ଶୁଣାଣି କରାଯାଇଥିଲା । ମୁଖ୍ୟତଃ ଟୁରିଜିମ ଭିତ୍ତିଭୂମି ନିର୍ମାଣ, ଶିକ୍ଷକ ନିଯୁକ୍ତି, ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳଯୋଗାଣ, ସ୍କୁଲଗୃହ ନିର୍ମାଣ, କଂସର-ତୁଳୁବଡିହ ରାସ୍ତା ନିମ୍ନମାନର କାର୍ଯ୍ୟ ହେଉଥିବା, ଜଳସେଚନ, ପୋଲ ନିର୍ମାଣ, ଚେକ୍‌ଡ୍ୟାମ, ସି.ସି.ରୋଡ, ବିଧବା ଭତ୍ତା, ଜଙ୍ଗଲ ଜମି ଅଧିକାର ପଟ୍ଟା ଆଦି ସମସ୍ୟା ଉପରେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।



ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ ।

# ଧୁମଧାମରେ ପାଳନ ହେବ ଜିଲା ପ୍ରତିଷ୍ଠା ଦିବସ

ଦେବଗଡ଼,୨୩।୧୨(ଡି.ଏନ.ଏ)

ଜିଲାର ପ୍ରତିଷ୍ଠା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧ ତାରିଖ ଦିନ ଧୁମଧାମରେ ଦେବଗଡ଼ ଜିଲାର ୨୬ ତମ ପ୍ରତିଷ୍ଠା ଦିବସ ପାଳନ ହେବ । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିକାଶ ମଞ୍ଚର ଆବାହକ ସୁଧୀର ବ୍ରହ୍ମାଙ୍କ ଆବାହକତ୍ୱ ଓ ସଦସ୍ୟ ମାର୍କଣ୍ଡେଶ୍ୱର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ନବୀନ କୁମାର ପାଣି ଓ ମିତ୍ରଭାନୁ ମହାପାତ୍ର ମଞ୍ଚାସୀନ ଥିଲେ । ଅତିଥିଦ୍ୱୟ ପ୍ରତିଷ୍ଠା ଦିବସ ଉତ୍ସବର ରୂପରେଖ ସମ୍ପର୍କରେ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁମୁଦ ଚନ୍ଦ୍ର ଶତପଥୀ, ମୋତିଲାଲ ଶର୍ମା, ଦିଲୀପ କୁମାର ପାଢୀ, ତରଣୀକାନ୍ତ ଦାଶ, ସୁଶୀଲ କୁମାର କର , ଦିବ୍ୟଶଙ୍କର ଦ୍ୱିବେଦୀ ପ୍ରମୁଖ ଏହି ଉତ୍ସବକୁ ଅଧିକ ଧୁମ୍‌ଧାମରେ ପାଳନ କରିବା ପାଇଁ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ବିଗତ ବର୍ଷରେ କେବଳ ସନ୍ଧ୍ୟାରେ ଉତ୍ସବ ପାଳନ କରାଯାଉଥିବା ବେଳେ ଆଗାମୀ ୧ ତାରିଖ ଦିନ କବିତା ପାଠୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସହ ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ଉତ୍ସବ ପାଳନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ଏଥିସହ ଜିଲା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତି ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଜିଲାର ସହର,ଗାଁ ମାନଙ୍କର ସମସ୍ତ ଘର ସମ୍ମୁଖରେ ସନ୍ଧ୍ୟାରେ ଏକ ଦୀପ ଜାଳିବା ଏବଂ ଘରକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜାଇବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି । ଅନ୍ୟପକ୍ଷରେ ଉତ୍ସବରେ ଅତିଥି ଭାବେ ନିର୍ବାଚିତ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବ । ଏହି ଉତ୍ସବର ସୁପରିଚାଳନା ପାଇଁ ନବୀନ କୁମାର ପାଣି, ତରଣୀକାନ୍ତ ଦାଶ, ସିଦ୍ଧାର୍ଥ ଗୁରୁ, କୁମୁଦ ଚନ୍ଦ୍ର ଶତପଥୀ, ମୋତିଲାଲ ଶର୍ମା, ସୁଶୀଲ କୁମାର କର, ଓ ସୁଧୀର ବ୍ରହ୍ମାଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା । ମୋତିଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।




ପ୍ରସ୍ତୁତି ବୈଠକରେ ଆବାହକ ସୁଧୀର ବ୍ରହ୍ମା ଅଭିଭାଷଣ ପ୍ରଦାନ କରୁଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁରେଇ ଫୁଲ,**
**ବାସ କାଶ ନାହିଁ ଟଙ୍କେଇ ମୂଲ ।**

କୁରେଇ ଫୁଲ ବାସହୀନ ତଥା ମୂଲ୍ୟ ଅଧିକ ହୋଇଥିବା ହେତୁ ଏହି ଫୁଲ ପ୍ରତି କାହାରି ମନରେ ସେତେ ଆକର୍ଷଣ ଭାବ ରହି ନ ଥାଏ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ । ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଯଦି ଭିତରର ଗୁଣ ଓ ସ୍ୱଭାବ ଭଲ ହୋଇ ନ ଥାଏ ତା'ହେଲେ ସେ ସେତେ ଆଦର ସମ୍ମାନ ପାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କଲିକତା କଲି ଚୂନ**
**ପରପୁଅଠାରେ ଶରଧା କଲି**
**ଝୁରି ଝୁରି ଗଲା ଦିନ ।**

ପର ସବୁବେଳେ ପର। ଯେତେ ସ୍ନେହ ଆଦର ଦେଖାଇଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ଉପରେ ପଡ଼ି ନ ଥାଏ। ସେମାନେ କେବେ ନିଜ ରକ୍ତ ପରି ଆପଣାର ହୋଇ ପାରି ନ ଥାନ୍ତି। ଟିକିଏ ଟିକିଏ କଥାରେ ରାଗ ରୁଷା କରି ଘର ଛାଡ଼ି ପଳାଇ ଯାଇଥାନ୍ତି। ପରୋକ୍ଷରେ ପୋଷ୍ୟପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପଦୋନ୍ନତି ଅପେକ୍ଷାରେ ଥିବା କର୍ମଚାରୀଙ୍କ ପାଇଁ ନୂଆବର୍ଷ ଭେଟି

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

- ଡିସେମ୍ବର ୩୧ସୁଦ୍ଧା ସମସ୍ତ ପ୍ରକ୍ରିୟା ସାରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- କର୍ମଚାରୀଙ୍କୁ ହଇରାଣ କଲେ କଡ଼ା କାର୍ଯ୍ୟାନୁଷ୍ଠାନ
- ଟିମ୍ ୱାର୍କକୁ ଗୁରୁତ୍ୱ ଦେବାକୁ ପରାମର୍ଶ

ଜିଲା, ବିଭାଗୀୟ ମୁଖ୍ୟ ଏବଂ ରାଜ୍ୟସ୍ତରୀୟ ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ବିଭାଗରେ ବହୁ କର୍ମଚାରୀ ପଦୋନ୍ନତି ଅପେକ୍ଷାରେ ରହିଛନ୍ତି। ଏହି ଅପେକ୍ଷାରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ପଦୋନ୍ନତି ପ୍ରକ୍ରିୟା ଡିସେମ୍ବର ୩୧ସୁଦ୍ଧା ଶେଷ ହେବ। ନୂଆବର୍ଷର ପ୍ରଥମ ଦିନ ଅର୍ଥାତ୍ ଜାନୁୟାରୀ ୧ତାରିଖ ସୁଦ୍ଧା ଏଥିପାଇଁ ଯୋଗ୍ୟ ସମସ୍ତ କର୍ମଚାରୀଙ୍କୁ ପଦୋନ୍ନତି ଦେଇଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଘୋଷଣା କରିଛନ୍ତି। ଆସନ୍ତା ୩୧ ତାରିଖ ସନ୍ଧ୍ୟା ସୁଦ୍ଧା ଏ ସମ୍ପର୍କରେ ଅନୁପାଳନ, ମୁଖ୍ୟ ସଚିବଙ୍କ ନିକଟକୁ ପ୍ରେରଣ କରିବା ଲାଗି ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଏବଂ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଦୋନ୍ନତି କ୍ଷେତ୍ରରେ ନିମ୍ନ ଓ ମଧ୍ୟମ ବର୍ଗର କର୍ମଚାରୀମାନଙ୍କ କ୍ଷେତ୍ରରେ ଅଯଥା ବିଳମ୍ବ ଏବଂ ହଇରାଣ ହରକତ ଚାଲିଛି। ଅସାଧୁ ଉପାୟ ଅବଲମ୍ବନ କରାଯାଉଥିବା ଯୋଗୁ ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଯଥା ସମୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଅଧିକାରୀମାନଙ୍କୁ ପଦୋନ୍ନତି ଦିଆଯାଉ ବୋଲି ସେ ଆଗ୍ରହ ପ୍ରକାଶ କରିଛନ୍ତି। ପଦୋନ୍ନତି ଅପେକ୍ଷାରେ ରହିଥିବା କୌଣସି ଯୋଗ୍ୟ ଅଧିକାରୀ ବା କର୍ମଚାରୀ ଯେପରି ନିଜ ପଦୋନ୍ନତି ପାଇଁ ଏଠା ସେଠା ନ ହୋଇ ନିୟମ ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ କରାଯିବ ତା'ଉପରେ ଧ୍ୟାନ ଦିଆଯିବ। ସେଥିଲାଗି ପ୍ରଚଳିତ ବ୍ୟବସ୍ଥାରେ ଆବଶ୍ୟକୀୟ ପରିବର୍ତ୍ତନ ଓ ଶୃଙ୍ଖଳା ଆଣିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଛଡା ଅହେତୁକ ବିଳମ୍ବ କ୍ଷେତ୍ରରେ ସମ୍ପୃକ୍ତ ମୁଖ୍ୟମାନଙ୍କୁ ଦାୟୀ କରାଯିବ କହି ମୁଖ୍ୟମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଅପରପକ୍ଷରେ '୫-ଟି'ର ଗୁରୁତ୍ୱପୂର୍ଣ୍ଣ ଅଂଶୀଦାରଭାବେ ଦାୟିତ୍ୱ ନିର୍ବାହ କରୁଥିବା ସରକାରୀ କର୍ମଚାରୀଙ୍କୁ ଏଚ୍‌ଆର୍‌ଏମ୍‌ଏସ୍ ସୁବିଧା ଥାଇ ପଦୋନ୍ନତି ଦେବା କ୍ଷେତ୍ରରେ ଅହେତୁକ ବିଳମ୍ବ ଘଟୁଛି। ତେଣୁ ଆବଶ୍ୟକସ୍ଥଳେ ଏଥିରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯାଇ ଠିକ୍ ସମୟରେ ପଦୋନ୍ନତି ଦିଆଗଲେ ଟିମ୍ ୱାର୍କ ପାଇଁ କର୍ମଚାରୀ ଉତ୍ସାହିତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଦୁଇ ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

କୋରାପୁଟ ଜିଲାର ଦୁଇଟି ଜିଲା ପରିଷଦ ଜୋନ୍‌ରେ ହୋଇଥିବା ଉପନିର୍ବାଚନରେ ବିଜେଡି ବାଜିମାତ୍ କରିଥିଲା। ଜିଲା ପରିଷଦ ନିର୍ବାଚନରେ ନିର୍ବାଚିତ ହୋଇଥିବା ଦୁଇଜଣ ସଭ୍ୟ କହ୍ନେଇ ଜାନି ଏବଂ ଲାଇଚାନ ଖାରା ସୋମବାର ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏହି ଅବସରରେ କୋରାପୁଟ ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଧାୟକ ଚନ୍ଦ୍ରସାରଥି ବେହେରା, ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଧାୟକ ରଘୁରାମ ପଡାଲ, ମନ୍ତ୍ରୀ ପଦ୍ମିନୀ ଦିଆନ, ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିର୍ସାନୀ ଏବଂ ଉପାଧ୍ୟକ୍ଷ ନାରାୟଣ ବିଶୋଇଙ୍କ ସମେତ ଆହୁରି କେତେଜଣ ନବୀନଙ୍କୁ ଭେଟିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବ ନିର୍ବାଚିତ ଜିଲା ପରିଷଦ ସଭ୍ୟଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗାମୀ ଦିନରେ ସାଧାରଣ ଲୋକଙ୍କ ନିକଟରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ପହଞ୍ଚାଇବା ଲାଗି ପରାମର୍ଶ ଦେଇଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ASTROLOGY

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର
୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ରାସ୍ତା କଡରୁ ଉଦ୍ଧାର ଅପରିଚିତ ମହିଳାଙ୍କ ଡାକ୍ତରଖାନାରେ ମୃତ୍ୟୁ

କୁଚିଣ୍ଡା,୨୩।୧୨(ଡି.ଏନ.ଏ.) : କୁଚିଣ୍ଡା ଥାନା ଅଧୀନ ଭୋଜପୁର-ଲଇମୁରା ରାସ୍ତାର କରଙ୍ଗାମାଲ ଗ୍ରାମ ମନ୍ଦିର ନିକଟରେ ଗତ ୨୨ ତାରିଖରେ ମୁମୂର୍ଷୁ ଅବସ୍ଥାରେ ୨୭ ରୁ ୨୮ ବର୍ଷୀୟା ମହିଳା ଜଣେ ପଡିରହିଥିବା କିଛି ବ୍ୟକ୍ତି ଦେଖି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବର ପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚିଥିଲା। ହେଲେ ମହିଳାଙ୍କ ପାଖରେ କୌଣସି ଚିହ୍ନା ପରିଚୟ ଲୋକ ନ ଥିବାରୁ ରୋଗୀଣୀ ମହିଳାଙ୍କୁ ନ ଆଣି ଫେରି ଆସିଥିଲା। ଗାଁର କିଛି ବଦନ୍ୟ ବ୍ୟକ୍ତି ମହିଳାଙ୍କୁ ବିସ୍କୁଟ ଓ ପାଣି ପିଇବା ପାଇଁ ଦେଇଥିଲେ। ପରେ ସ୍ୱେଚ୍ଛାସେବୀ ସଙ୍ଗଠନ ଉକ୍ତ ମହିଳାଙ୍କ ଚିକିତ୍ସା ପାଇଁ ସହଯୋଗ କରିବାକୁ ବାହାରି ଥିବା ବେଳେ ଗ୍ରାମର ଲୋକେ ପ୍ରଧାନ ଓ ଆଶ କର୍ମୀ ଯଶୋଦା ଦେଈ ସହଯୋଗରେ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ନ ଖାଇ ନ ପିଇ ଭୋକ ଉପାସରେ ଅତିଦୁର୍ବଳ ହୋଇ ଯାଇଥିବା ବେଳେ ମହିଳାଙ୍କୁ ଠିକ ଭାବେ ସେବା କରା ନ ଯାଇ କେବଳ ସାଲାଇନ ଦେଇ ଡାକ୍ତର ତାଙ୍କର କାମ ସାରି ଦେଇଥିଲେ। ରୋଗୀଙ୍କୁ ଆଇସିୟୁ କିମ୍ବା ସ୍ୱତନ୍ତ୍ର ଚିକିତ୍ସା ଦରକାର ଥିଲା । ହେଲେ ସେବାରେ ଅବହେଳା ହେବାରୁ କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ପରେ କୁଚିଣ୍ଡା ପୋଲିସକୁ ଖବର ଦିଆଯାଇଥିଲା। କୁଚିଣ୍ଡା ପୋଲିସ ପହଞ୍ଚି ଶବକୁ ଜବତ କରିଛି। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଏ । ମହିଳାଙ୍କୁ କୌଣସି ବ୍ୟକ୍ତି ଆଣି ବିନାଞ୍ଚଳ ସ୍ଥାନରେ ରୁଗୁଣା ଅବସ୍ଥାରେ ଛାଡି ପଳାଇଯାଇଥିବା ଅନୁମାନ କରାଯାଏ। ମୃତା ମହିଳାଙ୍କ ପରିଚୟ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ ।

# ତ୍ରିବଣପୁର ମଣ୍ଡିରେ ଅଚଳାବସ୍ଥା

■କଟନିଛଟନିକୁ ନେଇ ଚାଷୀ ଓ ମିଲର ମଧରେ ବିବାଦ
■ଧାନ କିଣାରେ ପ୍ରଶାସନିକ ସ୍ଥାଣୁତା

ରେଢାଖୋଲ,୨୩।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡରେ ଧାନକିଣାରେ ପ୍ରଶାସନିକ ସ୍ଥାଣୁତା ଯୋଗୁ ବିଭିନ୍ନ ଧାନ କ୍ରୟ କେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି। ଉପଖଣ୍ଡରେ ଥିବା ୧୬ଟି ଧାନକ୍ରୟ କେନ୍ଦ୍ରରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଧାନକିଣାକୁ ସୁବ୍ୟବସ୍ଥିତ କରାଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଉଥିଲେ ହେଁ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ହେଉଛି। କୌଣସି ଧାନକ୍ରୟ କେନ୍ଦ୍ରକୁ ମିଲର ଆସୁ ନ ଥିବା ବେଳେ ମିଲରଙ୍କ ଦ୍ୱାରା ନିଯୁକ୍ତ ଏଜେଣ୍ଟମାନେ କୁଇଣ୍ଟାଲ ପିଛା ୪ ରୁ ୬ କେଜି ଧାନ କାଟୁ ଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷରେ ଧାନକ୍ରୟ କେନ୍ଦ୍ରଗୁଡିକୁ କୌଣସି ସରକାରୀ ଅଧିକାରୀ ଯାଉ ନ ଥିବା ବେଳେ ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ଚାଷୀ ଅଭିଯୋଗ କରୁଛନ୍ତି। ସୋମବାର ତ୍ରିବଣପୁର ଧାନ ମଣ୍ଡିରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଚାଷୀମାନେ ସକାଳୁ ଧାନ ବିକ୍ରୟ କରିବାକୁ ଆସିଥିଲେ ହେଁ ମିଲରଙ୍କ ଏଜେଣ୍ଟଙ୍କ କଟନିଛଟନିକୁ ନେଇ ବିବାଦ ଦେଖାଦେଇଥିଲା। ଫଳରେ ସନ୍ଧ୍ୟା ପର୍ଯ୍ୟନ୍ତ ଧାନ ବିକ୍ରି କରି ନ ପାରି ଚାଷୀମାନେ ଅପେକ୍ଷା କରି ରହିଥିଲେ। ଶେଷରେ ରାତି ସାଢେ ୮ଟା ପରେ ଧାନ କିଣା ଆରମ୍ଭ ହୋଇଥିଲା। ଚାଷୀମାନେ କୁଇଣ୍ଟାଲ ପିଛା ୪ କେ.ଜି. କାଟିବାକୁ ରାଜି ହେବା ପରେ ସମବାୟ ସେବା ସମିତି ଚାଷୀଙ୍କଠାରୁ ଧାନ କିଣିଥିଲା। ଚାଷୀ ସୁରମଣି ସାହୁଙ୍କ ୨୨୭ ବସ୍ତା, ଅଖୁଜ ବିଶ୍ୱାଳଙ୍କ ୬୦ ବସ୍ତା, ଅନାମ ସ୍ୱାଇଁଙ୍କ ୫୬ ବସ୍ତା, ଶିବା କଲତାଙ୍କ ୫୮ ବସ୍ତା, ରବି କହଁରଙ୍କ ୫୧ ବସ୍ତା, ଦିବାକର ପ୍ରଧାନଙ୍କ ୯୦ ବସ୍ତା, ତିର୍ଥବାସଙ୍କ ୪୧ ବସ୍ତା, ଖଗେଶ୍ୱର ସ୍ୱାଇଁଙ୍କ ୪୩ ବସ୍ତା, ବରୁନ ସାହୁଙ୍କ ୬୫ ବସ୍ତା, ସଂସାର ସାହୁଙ୍କ ୫୮ ବସ୍ତା, ସଚ୍ଚିଦାନନ୍ଦ ବେହେରାଙ୍କ ୫୭ ବସ୍ତା ଧାନ ବିକ୍ରି କରିବାକୁ ଆସି ସକଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବସି ରହିଥିଲେ। ସେହିପରି ବଂଶାଜାଲ ମଣ୍ଡିରେ ମଧ ସମାନ ଅବସ୍ଥା ଦେଖାଦେଇଛି। ବଂଶାଜାଲ ମଣ୍ଡିକୁ ମଧ ମିଲର ନ ଆସିବାରୁ ଏଜେଣ୍ଟ କୁଇଣ୍ଟାଲ ପିଛା ୬ କେ.ଜି କାଟିବାକୁ ଜିଦ କରିବାରୁ ଚାଷୀମାନଙ୍କ ମଧରେ ଅସନ୍ତୋଷ ଦେଖା ଦେଇଥିଲା। ବଂଶାଜାଲ ମଣ୍ଡିରେ ମଧ ସନ୍ଧ୍ୟା ୬ ଟାରେ ଧାନ କିଣା ଆରମ୍ଭ ହୋଇଥିବା ଜଣାପଡିଛି। ରବିବାର ଉପଖଣ୍ଡର ଚାରମାଳ, ବଂଶାଜାଲ, ତ୍ରିବଣପୁର, ବଡବାହାଳ, ଲୁହାପଙ୍କ, ବଡମାଳ, କଦଳିଗଡ, ଘୋଷରାମାଲ, କିସିଣ୍ଡା, ବାଟଗାଁ ଓ ସାହେବି ଆଦି ୧୧ଟି ମଣ୍ଡିରେ ଧାନ କିଣା ଯାଇଥିବା ବେଳେ ସବୁଠି ଏହି ପରିସ୍ଥିତି ଦେଖାଦେଇଛି। ଏଫକ୍ୟୁ ମାନର ଧାନ ମଣ୍ଡିକୁ ଚାଷୀ ଆଣୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ଯୋଗାଣ ଅଧିକାରି ବିଘ୍ନରାଜ ମହାପାତ୍ର କହିଛନ୍ତି।



ତ୍ରିବଣପୁର ମଣ୍ଡିକୁ ଧାନ ଆଣି ଥିବା ଚାଷୀମାନେ ଅପେକ୍ଷା କରିଛନ୍ତି ।

## ବୀରସୁରେନ୍ଦ୍ର ସାଏଙ୍କ ୨୧୨ତମ ଜୟନ୍ତୀ ପ୍ରସ୍ତୁତି ବୈଠକ



ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ପ୍ରସ୍ତୁତି ।

ରେଙ୍ଗାଲି,୨୩।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡାଠାରେ ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ବୀରସୁରେନ୍ଦ୍ର ସାଏଙ୍କ ୨୧୨ତମ ଜୟନ୍ତୀ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସୋମବାର ବୀରସୁରେନ୍ଦ୍ର ସାଏ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ବୈଠକରେ ସଂସଦ ସଭାପତି ଡ. ଲାଲଫକୀର ସାଏ, କାର୍ଯ୍ୟକାରୀ ସଭାପତି ପୀତାମ୍ବର ବିଶ୍ୱାଳ, ସମ୍ପାଦକ ସନ୍ତୋଷ ବିଶ୍ୱାଳ, ସହସମ୍ପାଦକ ଶରତ କୁମାର ବିଶ୍ୱାଳ, ସୁନୀଲ ଦାସ, ଅଶୋକ ରାଉତ, ଚନ୍ଦ୍ରଶେଖର ରାଉତ, ପ୍ରଶାନ୍ତ କୁମାର ସିଂଦେଓ, ସୁମନ୍ତ ରାଉତ, ଆଶିଷ ରାଉତ, କାଜୁ ବୁଧିଆ, ବିକାଶ ଖମାରୀ, ଭରତ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଖ୍ରୀଷ୍ଟମାସ ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ଖ୍ରୀଷ୍ଟମାସ ଉପଲକ୍ଷେ ଲହମନୀଠାରେ ବନ୍ଧୁମିଳନ

ରେଙ୍ଗାଲି,୨୩।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲହମନୀଠାରେ ଖ୍ରୀଷ୍ଟମାସ ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲହମନୀ ଚର୍ଚ୍ଚ ପକ୍ଷରୁ ଆୟୋଜିତ ଏହି ବନ୍ଧୁମିଳନରେ ମହେନ୍ଦ୍ର ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଜଙ୍ଗଲା ସରପଞ୍ଚ ଇଂ. ଗାନ୍ଧୀ ବେହେରା, ନାରାୟଣ ଶର୍ମା, ତୁଳସୀ ଓରାମ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଦୁଗନ ବାବା, ଶୁକ୍ରା ସୋରେନ, ପାତ୍ରାଶ ସୋରେନ ପ୍ରମୁଖ ସହଯୋଗ କରିଥିଲେ ।

# ଆନ୍ଦୋଳନରୁ ଓହରିଲେ ସଫେଇ କର୍ମଚାରୀ

ସମ୍ବଲପୁର, ୨୩।୧୨ (ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭୀମସାର ସଫେଇ କର୍ମଚାରୀଙ୍କ ଚାଲିଥିବା ଆନ୍ଦୋଳନ ସୋମବାର ଓହରି ଯାଇଛି। ୫ ଦଫା ଦାବି ନେଇ ବୁର୍ଲାସ୍ଥିତ ଦୀନଦୟାଲ ମାର୍କେଟ କମ୍ପ୍ଲେକ୍ସ ଆନ୍ଦୋଳନ କରି ଆସୁଥିଲେ। ବୁର୍ଲା ଭୀମସାର ପ୍ରଶାସନିକ ଅତିରିକ୍ତ ଅଧିକାରୀ ସୁବ୍ରତ ନାୟକ ଆଲୋଚନା କରିଥିଲେ । ଏହାସହ ତାଙ୍କ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାଜି ହୋଇ ଆନ୍ଦୋଳନରୁ ଓହରି ଯାଇଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖରୁ ସଫେଇ କର୍ମଚାରୀମାନେ ଆନ୍ଦୋଳନରେ ବସିଥିଲେ । ସେମାନେ ଦରମା ବୃଦ୍ଧି, ସରକାରଙ୍କ ସମସ୍ତ ସୁବିଧା ଯୋଗାଇ ଦେବା, ସ୍ଥାୟୀ ନିଯୁକ୍ତି, ସଫେଇ କର୍ମଚାରୀଙ୍କୁ ପରିଚୟପତ୍ର, ବକେୟା ପାଉଣା ତୁରନ୍ତ ପ୍ରଦାନ କରିବା, ମୃତକଙ୍କ ପରିବାରକୁ ନିଯୁକ୍ତି ଦେବା ଭଳି ଦାବି ରହିଥିଲା । ଆନ୍ଦୋଳନ ଯୋଗୁ ଭୀମସାର, ଭିସୁଟ ଓ ଓଏଚପିସିରେ ପରିମଳ ଅବସ୍ଥା ଶୋଚନୀୟ ହୋଇ ପଡିଥିଲା । ବାରମ୍ବାର ପ୍ରଶାସନିକ ଅଧିକାରୀମାନେ ଯାଇ ଆନ୍ଦୋଳନ ବନ୍ଦ କରିବାକୁ ଅନୁରୋଧ କରିବା ପରେ ମଧ ସେମାନେ ନିଜ ଜିଦରେ ଅଟଳ ଥିଲେ। ସୋମବାର ସନ୍ଧ୍ୟା ସୁଦ୍ଧା ପ୍ରଶାସନକୁ ସେମାନେ ଚେତାବନୀ ଦେଇଥିଲେ। ତାଙ୍କ ଦାବି ପୂରଣ ନ ହେଲେ ରାସ୍ତାରୋକୋ, ରେଳ ରୋକୋ ଓ ବୁର୍ଲା ବନ୍ଦର ଡାକରା ଦେଇଥିଲେ। ସୋମବାର ସନ୍ଧ୍ୟାରେ ଜିଲା ପ୍ରଶାସନ ସହ ଭୀମସାର ଓ ଭିସୁଟ ଅଧିକାରୀମାନେ ଆଲୋଚନା କରିଥିଲେ । ଆଲୋଚନା ପରେ ଭୀମସାର ଆନ୍ଦୋଳନ ଓହରିବା ପରେ କର୍ମଚାରୀମାନେ ଖୁସିବ୍ୟକ୍ତ କରିଥିଲେ ।

■ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କ ହାତ ଭାଙ୍ଗିବା ଘଟଣା

## ଚିକିତ୍ସା କରିବାକୁ ବିଇଓଙ୍କ ନିର୍ଦ୍ଦେଶ

ରେଢାଖୋଲ,୨୩।୧୨(ଡି.ଏନ.ଏ.)

ରେଢାଖୋଲ ବ୍ଲକ ତ୍ରୀବଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଜିଜ୍ଞାସା ଭୋଇଙ୍କ ବାମହାତ ଗତ ୨୦ ତାରିଖରେ ସ୍କୁଲରେ ଭାଙ୍ଗି ଯାଇଥିଲା। ଶିକ୍ଷକ ଛାତ୍ରୀଙ୍କ ଚିକିତ୍ସା ନ କରି ଘରେ ନେଇ ଛାଡି ଦେଇଥିଲେ। କୁଲି ମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ମା'ବାପା ଝିଅର ଚିକିତ୍ସା ପାଇଁ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ସ୍କୁଲ ଶିକ୍ଷକ ଓ ଶିକ୍ଷା କମିଟିକୁ ଝିଅଙ୍କ ଚିକିତ୍ସା ପାଇଁ ବାପା ଗୁହାରି କରିଥିଲେ। ହେଲେ କେହି ଶୁଣି ନ ଥିଲେ। ବାଧ ହୋଇ ଛାତ୍ରୀଙ୍କ ବାପା ସେନାପତି ଭୋଇ ସୋମବାର ବିଇଓଙ୍କୁ ଲିଖିତ ଅଭିଯୋଗ କରିବା ସହିତ ଚିକିତ୍ସା କରାଇ ଦେବାକୁ ଗୁହାରି କରିଛନ୍ତି। ସେନାପତି ଅଭିଯୋଗ କରିଛନ୍ତି ଯେ, ପୂର୍ବାହ୍ନ ୧୦ଟାରୁ ୪ ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ସ୍କୁଲରେ ଶିକ୍ଷକମାନଙ୍କ ଦାୟିତ୍ୱରେ ରହୁଛନ୍ତି। ଏହି ସମୟରେ ଛାତ୍ରୀଛାତ୍ରମାନଙ୍କ କିଛି ଅସୁବିଧା ହେଲେ ଯଦି ଶିକ୍ଷକମାନେ ନ ବୁଝିବେ ତାହେଲେ ଅଭିଭାବକମାନେ ସ୍କୁଲକୁ କାହିଁକି ପିଲାଙ୍କୁ ଛାଡିବେ। ଶିକ୍ଷକମାନେ ସ୍କୁଲ ସମୟରେ ଗପସପ କରିବା ସହ ମୋବାଇଲରେ ବ୍ୟସ୍ତ ରହୁଛନ୍ତି। ଅପରପକ୍ଷରେ ସେହି ଦିନ ସ୍କୁଲ ଶିକ୍ଷା କମିଟି ବୈଠକ ଚାଲୁଥିବା ବେଳେ ପିଲାମାନେ ଖେଳୁଥିବା ବେଳେ ଛାତ୍ରୀଙ୍କ ହାତ ଭାଙ୍ଗି ଯାଇଥିଲା। ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଛାତ୍ରୀଙ୍କ ଚିକିତ୍ସା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଇଓ ଭଗବାନ ବାଙ୍କିରା କହିଛନ୍ତି। ତ୍ରୀବଣପୁର ସରପଞ୍ଚ ସୂର୍ଯ୍ୟକାନ୍ତ ପ୍ରଧାନ ଶିକ୍ଷକଙ୍କ ଏଭଳି କାର୍ଯ୍ୟରେ ଦୁଃଖ ପ୍ରକାଶ କରିବା ସହିତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହନ କରିବାକୁ ବିଇଓଙ୍କଠାରେ ଦାବି କରିଛନ୍ତି।



ଆହତ ଛାତ୍ରୀଙ୍କ ବାପା ବିଇଓଙ୍କୁ ସାକ୍ଷାତ୍ ପାଇଁ ଆସିଛନ୍ତି।



ଫୁଟବଲ ଟୁର୍ନାମେଣ୍ଟ : ଅତିଥିଙ୍କ ଗହଣରେ ଖେଳାଳିମାନେ ।

## ଫୁଟବଲ ଟୁର୍ନାମେଣ୍ଟ: ରାଜପୁର ଚାମ୍ପିୟନ

ରେଙ୍ଗାଲି,୨୩।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପୁରୁଣାବସ୍ତି ନବଜ୍ୟୋତି କ୍ଲବ ପକ୍ଷରୁ ରାମାପଡା ଖେଳ ପଡିଆଠାରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଭୋଲାମାଲ ଏବଂ ରାଜପୁର ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜପୁର ଚାମ୍ପିୟନ ହୋଇଥିଲା। ଫାଇନାଲରେ ମହେନ୍ଦ୍ର ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ତୁଳସୀ ଦାସ ଓରାମ, ମନୋଜ ମେହେର, ଦୀନବନ୍ଧୁ ଓରାମ, ନିର୍ମଳ ଓରାମ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ରାଜପୁର ଦଳକୁ ୫ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ପରାଜିତ ଭୋଲାମାଲ ଦଳକୁ ୩ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ନବଜ୍ୟୋତି କ୍ଲବ ପିଣ୍ଟୁ ବାରିକ, ସୁଭ୍ରାଂଶୁ ପଟ୍ଟନାୟକ, ସରୋଜ ପରିଡା, ପ୍ରକାଶ ନାଏକ, ରୁଦ୍ରଦେବ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

ନାକଟିଦେଉଳ,୨୩।୧୨(ଡି.ଏନ.ଏ.)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ନାକଟିଦେଉଳ ବ୍ଲକ ଶାଖା ପକ୍ଷରୁ ଏହି ବ୍ଲକ ଅନ୍ତର୍ଗତ ଡ଼ଇଁଚା ବାପୁଜୀ ଉଚ୍ଚବିଦ୍ୟାଳୟଠାରେ ରବିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଆୟୋଜିତ ହୋଇଯାଇଛି। ମେଳାରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, ସଙ୍ଗୀତ, ଆବୃତ୍ତି, ଗଳ୍ପଲିଖନ, ଏକକ ଅଭିନୟ, ସାଧାରଣଜ୍ଞାନ ଏବଂ କୁଇଜ ପ୍ରତିଯୋଗୀତା ହୋଇଥିଲା। ନାକଟିଦେଉଳ ବ୍ଲକ ଓଷ୍ଟା ଶାଖା ସଭାପତି ଅରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ଓଷ୍ଟା ଶାଖା ପୂର୍ବତନ ବ୍ଲକ ସଭାପତି ମୁରଲୀ ଧର ସ୍ୱାଇଁ ମୁଖ୍ୟଅତିଥି, ରାଜ୍ୟ ଓଷ୍ଟା ଯୁଗ୍ମ ସମ୍ପାଦକ ଘନେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଷ୍ଟାର ବ୍ଲକ ସମ୍ପାଦକ ରାଜେନ୍ଦ୍ର ବିଶି ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଓଷ୍ଟା ପୂର୍ବତନ ବ୍ଲକ ସମ୍ପାଦକ କ୍ଷୀରୋଦ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଶୁ ମହୋତ୍ସବ କାର୍ଯ୍ୟକ୍ରମରେ ଓଷ୍ଟା ଶାଖା ସମସ୍ତ କର୍ମକର୍ତ୍ତା, ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିବା ବେଳେ ବାପୁଜୀ ହାଇସ୍କୁଲ ଶିକ୍ଷକ ମଧୁସୁଦନ ରାଉଳ, ବିଭୁତି ଭୁଷଣ ସ୍ୱାଇଁ, କୁମୁଦ ବନ୍ଧୁ ସାହୁ, ତାପସ ପାଢୀ, ମଦନମୋହନ ପ୍ରଧାନ ଏବଂ ଧନେଶ୍ୱର ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।




ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ମହୁକୁଦରେ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ

ନାକଟିଦେଉଳ,୨୩।୧୨(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ପଞ୍ଚାୟତର ମହୁକୁଦ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ମଲ୍ଲୀକୁଦ ଖେଳ ପଡ଼ିଆଠାରେ ରବିବାର ଏକ ଦ୍ୱିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ କିସିଣ୍ଡା ଏବଂ ମହୁକୁଦ ମଧରେ ହୋଇଥିଲା। ମହୁକୁଦ କିସିଣ୍ଡାକୁ ୮ଉଇକେଟରେ ହରାଇ ବିଜୟୀ ହୋଇଥିଲା। ମହୁକୁଦ ଗ୍ରାମ ମଙ୍ଗଳ ଯୁବକ ସଂଘ ପୂର୍ବତନ ସଭାପତି ଅଜିତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱ ଏବଂ ସୁଜିତ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ନାକଟିଦେଉଳ କଲେଜ ରାଜନିତୀ ବିଜ୍ଞାନ ପ୍ରଧାପକ ଡ. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସିକୁନ ସାହୁ ଏବଂ ମନୋରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ। ହିରଣ୍ମୟୀ ବିଶ୍ୱାଳ, ଦେବାଶିଷ ବିଶ୍ୱାଳ, ଚିନ୍ମୟ ନାୟକ, ସନତ ନାୟକ, ଅଶ୍ୱିନୀ ଧଳ, ରୋହିତ ସାହୁ, ଏଲିନ ମାଝି ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ଅଧାପକ ଡ. ଦୀପେନ କୁମାର ପଟ୍ଟନାୟକ ଏବଂ ଶିକ୍ଷାବିତ ଅଚ୍ୟୁତାନନ୍ଦ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ।



ଏକ ଦ୍ୱିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳିଙ୍କ ସହ ଉପସ୍ଥିତ ଅତିଥି ।

■ପୁଣି ୨ ପଞ୍ଚାୟତ ଅଫିସରେ ତାଲା ପକାଇଲେ ଚାଷୀ

# ୯ ପଞ୍ଚାୟତରେ ତାଲା, ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ବାମରା,୨୩।୧୨(ଡି.ଏନ.ଏ.)

୨୦୧୮-୧୯ ଫସଲ ବୀମା ଯୋଜନା କ୍ଷତିପୂରଣ ଅର୍ଥ ପ୍ରଦାନ ଦାବି ନେଇ ମୋଟ ୭ଟି ଗ୍ରାମପଞ୍ଚାୟତ ଅଫିସରେ ତାଲା ପଡ଼ିଥିବା ବେଳେ ସୋମବାର ଜରାବଗା ଓ କୁଟାରୀମାଲ ପଞ୍ଚାୟତରେ ତାଲା ପକାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜରାବଗା ପଞ୍ଚାୟତର ଜରାବଗା, ଲପଡା, ଦୁମୁକୁ, କିନାବଗା, କର୍ଲିଆଡିହି, ଶର୍ଗିଡିହି, ବେତଝରନ, ଉଉରଗାଁ, ଚାଲଟିକିରା, ଡଙ୍ଗାଖୁଣ୍ଟି ଆଦି ଗ୍ରାମରୁ ଶତାଧିକ ଚାଷୀ ପହଞ୍ଚି ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇଥିଲେ। ସ୍ଥାନୀୟ ଗଡପାଟି କୃଷକ ସୁରକ୍ଷା ସଙ୍ଗଠନ ଚାଷୀ ନେତା ସୁଦୀପ୍ତ ପଟେଲଙ୍କ ନେତୃତ୍ୱରେ ରୁପାନନ୍ଦ ପଟେଲ, ଦିଲୀପ ନାୟକ, ସୁରେଶ ଘୋଷ, ଦେବେନ୍ଦ୍ର ପଟ୍ଟା, ଖଗେଶ୍ୱର ଧୁରୁଆ, ଲବଣୀ ଭଇଁସା, ପିଙ୍କଲ ପଟେଲ, ଦୁତିଆ ଖଡିଆ, ଉଜଳ ନାଏକଙ୍କ ଛଡା ଅନ୍ୟମାନେ ସାମିଲ ହୋଇଥିଲେ। ଏ ନେଇ ସରପଞ୍ଚ ଛବିନା ଓରାମଙ୍କ ଉପସ୍ଥିତିରେ ଇଓ ରଣଜିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିଭଳି ପୂର୍ବରୁ ବ୍ଲକର ତୁରେଇ, ବାବୁନିକ୍ତିମାଲ, ରଙ୍ଗିଆଟିକିରା, ବାଉଁଶଲଗା, ଉଚ୍ଚକାପାଟ, ଗୋବିନ୍ଦପୁର, କୁଟାରିମାଲ ଓ ଲରିଆପାଲି ପଞ୍ଚାୟତରେ ଚାଷୀଙ୍କ ଦ୍ୱାରା ତାଲା ପଡିଥିବାରୁ ଉନ୍ନୟନମୂଳକ କାମ ସମ୍ପୂର୍ଣ୍ଣ ଠପ ହୋଇପଡିଛି ।




ପଞ୍ଚାୟତ ଅଫିସରେ ଚାଷୀମାନେ ତାଲା ପକାଇଛନ୍ତି ।

## ଛାତରୁ ଠେଲି ଅଭିନେତ୍ରୀ ନିକିତାଙ୍କୁ ହତ୍ୟା

ଜାନୁୟାରୀ ୪ ତାରିଖ ରାତିରେ ଧାରାବାହିକ ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରା ଛାତରୁ ଖସି ପଡିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ନିକିତାଙ୍କୁ ତାଙ୍କ ସ୍ୱାମୀ ଛାତରୁ ଠେଲି ହତ୍ୟା କରିଥିବା ତାଙ୍କ ବାପା ସନାତନ ବେହେରା ଅଭିଯୋଗ କରିଥିଲେ। ଜାନୁୟାରୀ ୭ରେ କଟକ ଚାଉଳିଆଗଞ୍ଜ ଥାନା ପୋଲିସ ନିକିତାଙ୍କ ସ୍ୱାମୀ ଲିପନ ସାହୁଙ୍କୁ ଗିରଫ କରିଥିଲା। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାଗରେ ନିକିତାଙ୍କୁ ଠେଲି ଦେଇଥିଲେ ବୋଲି ଲିପନ ସ୍ୱୀକାର କରିଥିବା ଡିସିପି ଅଖିଳେଶ୍ୱର ସିଂ କହିଥିଲେ।





# ସୁନା ସ୍ମଗ୍‌ଲିଂ

ବିଦାୟ ନେବ ୨୦୧୯। ଏହି ବିଦାୟୀ ବର୍ଷରେ ଅପରାଧୀମାନେ ଘଟାଇଥିଲେ କେତେକ ଲୋମଟାଙ୍କୁରା ଅପରାଧ। ଫଳରେ କିଏ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିଲେ ତ କିଏ ନିଜ ସମ୍ପତ୍ତି ହରାଇଥିଲେ। ଏହାଛଡ଼ା କେତେକ ଦୁର୍ଘଟଣାରେ ଅକାଳରେ ଝଡ଼ିଯାଇଥିଲା ବହୁ ଅମୂଲ୍ୟ ଜୀବନ, ଯାହା ସେମାନଙ୍କ ପରିଜନଙ୍କ ଆଖିରେ ଲୁହ ଭରିଦେଇଥିଲା। ହେଲେ ବର୍ଷତମାମ ଚର୍ଚ୍ଚାରେ ରହିଥିଲା ସୁନା ସ୍ମଗ୍‌ଲିଂ। ବିଦେଶରୁ ବିଭିନ୍ନ ଛଳ ଉପାୟରେ ସୁନା ଆଣି ଧରାପଡ଼ିଥିଲେ ଭୁବନେଶ୍ୱର ବିମାନବନ୍ଦରରେ।






## ଜବତ ହୋଇଛି ୧୩ କେଜି ସୁନା

ଓଡ଼ିଶାରୁ ବିଦେଶକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବା ପରେ ବିଜୁ ପଟ୍ଟନାୟକ ବିମାନ ବନ୍ଦର ସହ ଯୋଡ଼ି ହୋଇଯାଇଥିଲା ସୁନା ସ୍ମଗ୍‌ଲିଂ। ଦେଶର ଅନ୍ୟ ବିମାନବନ୍ଦରରେ ଯାଞ୍ଚ କଡ଼ାକଡ଼ି ଥିବାରୁ ଅନ୍ତର୍ଜାତୀୟ ମାଫିଆମାନେ ଏଜେଣ୍ଟଙ୍କ ଜରିଆରେ ବିମାନରେ ଓଡ଼ିଶା ଦେଇ ସୁନା ଭାରତକୁ ଚାଲାଣ କରୁଥିଲେ। ଏହା ଜଣାପଡ଼ିବା ପରେ ବିମାନବନ୍ଦରରେ କଷ୍ଟମ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ବର୍ଷକ ଭିତରେ ୧୩ କେଜିରୁ ଊର୍ଦ୍ଧ୍ୱ ସୁନା ଜବତ କରାଯିବା ସହ ସମ୍ପୃକ୍ତ ୨୫ଜଣ ଯାତ୍ରୀଙ୍କୁ ଧରାଯାଇଥିଲା। ମାଲେସିଆରୁ ଅଧିକାଂଶ ସୁନା ବିସ୍କୁଟ, ଟାବ୍‌ଲେଟ୍ ଓ ବିଭିନ୍ନ ଆକାରରେ ଚାଲାଣ ହୋଇଥିବାବେଳେ ଥାଇଲାଣ୍ଡରୁ ଆସିଥିବା କେତେଜଣ ବିମାନଯାତ୍ରୀଙ୍କଠାରୁ ମଧ୍ୟ ସୁନା ଜବତ ହୋଇଥିଲା। ଗ୍ରାଇଣ୍ଡର, ଟର୍ଚ୍ଚ, ଶାର୍ଟ ବଟମ୍, ଲଗେଜ ଚକ ଓ ଯାତ୍ରୀଙ୍କ ମଳଦ୍ୱାରରୁ ସୁନା ମିଳିଥିଲା। ସେହିପରି ବିମାନବନ୍ଦର ଦେଇ ସିଗାରେଟ ଓ ଅନ୍ୟାନ୍ୟ ଦାମୀ ସାମଗ୍ରୀ ଭାରତକୁ ଚୋରା ଚାଲାଣ ହୋଇଥିଲା। ଅକ୍ଟୋବର ୧୬ରେ ଏୟାରପୋର୍ଟରୁ ୧୩ଲକ୍ଷ ଟଙ୍କାର ବିଦେଶୀ ସିଗାରେଟ୍ ଜବତ କରାଯାଇଥିଲା।

## ସରକାରୀ କ୍ୱାର୍ଟର୍ସରେ ବନ୍ଧୁକ କାରଖାନା

ଏପ୍ରିଲ ୧୫ରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଓୟୁଏଟି କଲୋନୀ ପ୍ଲଟ ନଂ. ୱାନୱାର ୧/୬ କ୍ୱାର୍ଟର୍ସରେ ପୋଲିସ ଚଢ଼ାଉ କରି ବନ୍ଧୁକ କାରଖାନା ଠାବ କରିଥିଲା। ସେଠାରେ ୩ଟି ଅର୍ଦ୍ଧନିର୍ମିତ ବନ୍ଧୁକ, ୩୫ଗୁଳି, ଗୁଳି ତିଆରି ପାଇପ, ବାରୁଦ, ଖଣ୍ଡା ସହ ବନ୍ଧୁକ ତିଆରି ସାମଗ୍ରୀ ଜବତ ହୋଇଥିଲା। ବନ୍ଧୁକ ତିଆରି କରୁଥିବା ଅଭିଯୋଗରେ ପୋଲିସ ଓୟୁଏଟିରେ କାର୍ଯ୍ୟରତ ସୁପରଭାଇଜର ନୃସିଂହ ନାୟକଙ୍କୁ ଗିରଫ କରିଥିଲା। ନୃସିଂହଙ୍କ ଘର ଖଣ୍ଡଗିରି ସରକନ୍ତରା ଅଞ୍ଚଳରେ ହୋଇଥିବା ବେଳେ ସେ ପାଇଥିବା ଓୟୁଏଟି କ୍ୱାର୍ଟର୍ସରେ ରହି କାରଖାନା ଚଳାଇଥିଲେ।




ନୃସିଂହ

## ପାଣି ସମ୍ପରେ ଫସି ୩ ମୃତ

ପୁରୀ ବାଇପାସ୍ ରୋଡ୍ ପାର୍ଶ୍ୱ ପଳାଶୁଣୀ ଓ ପାଣ୍ଡରା ଛକ ନିକଟ ଏକ ନିର୍ମାଣାଧୀନ ଘରର ପାଣି ସମ୍ପରେ ଫସି ଠିକାଦାର ଓ ୨ଜଣ ଶ୍ରମିକଙ୍କ ଅଗଷ୍ଟ ୨ରେ ମୃତ୍ୟୁ ଘଟିଥିଲା। ମୃତକମାନେ ଥିଲେ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରର ଠିକାଦାର ସମିରନ୍ ମୁନିୟାନ, ଶ୍ରମିକ ଭ୍ରିଗୁରାମ ମଣ୍ଡଳ ଓ ବାସୁଦେବ ମଣ୍ଡଳ। ଶ୍ୱାସରୁଦ୍ଧ ହୋଇ ସେମାନଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି।

## ପୋଲିସ କ୍ୱାର୍ଟର୍ସରେ ଗଣବଳାତ୍କାର

ପୁରୀ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଏକ ପୋଲିସ କ୍ୱାର୍ଟର୍ସରେ ଡିସେମ୍ବର ୧ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏଥିରେ ଜଣେ ବହିଷ୍କୃତ ପୋଲିସ କନଷ୍ଟେବଳ ଜିତେନ୍ଦ୍ର ସେଠୀ, ମୁଖ୍ୟ ଅଭିଯୁକ୍ତ ଖବରଦାତା ରଞ୍ଜିତ ପରିଡ଼ା ଓ ତାଙ୍କ ସ୍ତ୍ରୀ ସୌମ୍ୟା ସେଫାଳିଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଥିଲା।


ରଞ୍ଜିତ ଓ ସୌମ୍ୟା

## ୨୪ ଘଣ୍ଟାରେ ୩ଜଣଙ୍କୁ ଗଳାକାଟି ହତ୍ୟା

ଜୁଲାଇ ୨୩ରୁ ୨୪ ତାରିଖ ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ କଟକ ସହରରେ ୩ଜଣଙ୍କ ଗଳାକାଟି ହତ୍ୟା କରାଯାଇଥିଲା। ସେମାନେ ସମସ୍ତେ ଶ୍ରମଜୀବୀ । ଫୁଟ୍‌ପାଥ୍‌ରେ ଶୋଇଥିବାବେଳେ ସେମାନଙ୍କୁ ହତ୍ୟା କରାଯାଇଥିଲା। ପୋଲିସ ଅଗଷ୍ଟ ୧ରେ ଅଭିଯୁକ୍ତ ତଥା ନୟାଗଡ଼ ଜିଲା ସୁନାମୁହିଁ ଗ୍ରାମର ନାରାୟଣ ସାହୁଙ୍କୁ ଗିରଫ କରିଥିଲା। ସେ ୨ଟି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଏବଂ ପୂର୍ବ ଶତ୍ରୁତାରୁ ଏଭଳି କରିଥିବା ଡିସିପି ଅଖିଳେଶ୍ୱର ସିଂ କହିଥିଲେ।

## ଡାକ୍ତରଙ୍କୁ ଗୁଳି

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟ ନିଜ କ୍ଲିନିକରେ ଶିଶୁରୋଗ ବିଶେଷଜ୍ଞ ଡା.ମାନସ ଦାସ ଡିସେମ୍ବର ୧୫ ସନ୍ଧ୍ୟାରେ ରୋଗୀ ଦେଖୁଥିଲେ। ଏହି ସମୟରେ ଜଣେ ଯୁବକ ମଙ୍କି କ୍ୟାପ ପିନ୍ଧି ରୋଗୀ ହିସାବରେ ତାଙ୍କ ପାଖକୁ ଯାଇଥିଲେ। କେହି କିଛି ବୁଝିବା ପୂର୍ବରୁ ଯୁବକ ଜଣକ ଡାକ୍ତରଙ୍କ ଉପରକୁ ଗୁଳିମାଡ କରିଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ଯାଇ କ୍ଲିନିକ୍‌ରେ ଔଷଧ ଦୋକାନ କରିଥିବା କୃଷ୍ଣଚନ୍ଦ୍ର ସାହୁ ଗୁଳିମାଡ଼ର ଶିକାର ହୋଇଥିଲେ। ୧୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ଡାକ୍ତର ଦାସ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଅଦ୍ୟାବଧି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ।

## ଏୟାର ଇଣ୍ଡିଆ ବିମାନରେ ନିଆଁ

ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନ (ଏ ୩୨୧) ନଭେମ୍ବର ୮ରେ ଉଡ଼ାଣ କରୁଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ତେବେ ବିମାନକୁ ପାଇଲଟ ରାୟପୁର ବିମାନବନ୍ଦରରେ ଅବତରଣ କରିବା ପରେ ତୁରନ୍ତ ନିଆଁ ଲିଭାଯାଇଥିଲା। ଫଳରେ ଏଥିରେ ଥିବା ସମସ୍ତ ୮୯ ଯାତ୍ରୀ ବର୍ତ୍ତି ଯାଇଥିଲେ। ଏହି ବିମାନରେ ଥିଲେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ଚଳଚ୍ଚିତ୍ର ଅଭିନେତା ଦେବାଶିଷ ପାତ୍ର।




# ହତ୍ୟା

## ଭାଜପା ନେତା ମଙ୍ଗୁଲି ଜେନାଙ୍କୁ ହତ୍ୟା

ଏପ୍ରିଲ ୧୪ ତାରିଖ ବିଳମ୍ବିତ ରାତିରେ ଖୋର୍ଦ୍ଧା ନିର୍ବାଚନୀମଣ୍ଡଳୀର ୯ନଂ. ଜୋନ ଭାଜପା ମଣ୍ଡଳ ସଭାପତି ମଙ୍ଗୁଳି ଜେନାଙ୍କୁ ହତ୍ୟା କରାଯାଇଥିଲା। ନବୀନବାଗସ୍ଥିତ ଭାଜପା କାର୍ଯ୍ୟାଳୟ ନିକଟରେ ଘଟିଥିଲା ଏହି ଘଟଣା। ଦୁଇଜଣ ଯୁବକ ଏକ ବାଇକ୍‌ରେ ଆସି ମଙ୍ଗୁଳିଙ୍କୁ ଗୁଳି କରି ପଳାଇଥିଲେ।


ଅନିଷା ମିତ୍ର

## ପଟ୍ଟନାୟିକିଆ ଛକରେ ୩ଭାଇଙ୍କୁ ହତ୍ୟା

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଜନଗହଳିପୂର୍ଣ୍ଣ ବଜାର ପଟ୍ଟନାୟିକିଆ ଛକରେ ୧୪ ଜୁଲାଇ ଅପରାହ୍ନରେ ଘଟିଥିଲା ଟ୍ରିପଲ୍ ମର୍ଡର। ବିଚ୍ ରାସ୍ତାରେ ଦୁର୍ବୃତ୍ତମାନେ ଦୁଇ ଭାଇ ପୂର୍ଣ୍ଣ ବେହେରା(୪୫), କୃଷ୍ଣ ବେହେରା(୪୨) ଓ ସେମାନଙ୍କ ଦାଦା ପୁଅ ଭାଇ ପଞ୍ଚୁଆ ବେହେରା(୪୪)ଙ୍କୁ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିଥିଲେ।



## କଟକରେ ଦମ୍ପତିଙ୍କୁ ହତ୍ୟା

କଟକ ନୂଆବଜାର ଅଞ୍ଚଳରେ ଡିସେମ୍ବର ୧୨ତାରିଖ ରାତିରେ ବୃଦ୍ଧ ଦମ୍ପତି ଶ୍ରୀନାଥ ସାମଲ ଓ ବିଦ୍ୟୁଲତା ସାମଲଙ୍କୁ ହତ୍ୟା କରାଯାଇଥିଲା। ଘଟଣାର ପରଦିନ ସକାଳେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ। ଅଦ୍ୟାବଧି ହତ୍ୟାର କାରଣ ଅସ୍ପଷ୍ଟ ରହିଥିବାବେଳେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରି ନାହିଁ।

## ନିର୍ବନ୍ଧ ପୂର୍ବରୁ ବାନ୍ଧବୀଙ୍କୁ ମାରିଦେଲେ

ପୁଅ ଦେଖା ସରିଥିଲା। ଦୁଇଦିନ ପରେ ନିର୍ବନ୍ଧ ହୋଇଥାନ୍ତା। କିନ୍ତୁ ତା ପୂର୍ବରୁ ନିଜ ବାନ୍ଧବୀ ସାଜିଲା ବଇରି। ଜାନୁୟାରୀ ୧୯ ତାରିଖ ବିଳମ୍ବିତ ରାତିରେ ଯୁବତୀଙ୍କ ତଣ୍ଟିକାଟି ହତ୍ୟା କଲେ ବାନ୍ଧବୀ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଥିଲା ଲିଙ୍ଗରାଜ ଥାନା ଅଧୀନ ଗୌରୀନଗର ଲେନ୍ -୫ରେ ଥିବା ଏକ ହଷ୍ଟେଲରେ। ହତ୍ୟାର ଶିକାର ହୋଇଛନ୍ତି ବାଲେଶ୍ୱର ଜିଲା ବସ୍ତା ଥାନା ବାଉଁଶ ମୁଖା ଗାଁର ଅଳକାନନ୍ଦା ଦାଶ। ପୋଲିସ ଅଭିଯୁକ୍ତ ତଥା ଅଳକାନନ୍ଦାଙ୍କ ବାନ୍ଧବୀ ଅନିଷା ମିତ୍ରଙ୍କୁ ଗିରଫ କରିଥିଲା।

## ଓଭରବ୍ରିଜ୍ ଉପରୁ ତଳକୁ ଖସି ବାପ, ପୁଅ ମୃତ

ମେ ୨୭ ତାରିଖରେ ଆଚାର୍ଯ୍ୟ ବିହାର ଛକ ନିକଟ ଓଭରବ୍ରିଜ୍ ଉପରେ ଏକ ଟ୍ରକ ଧକ୍କାରେ ସ୍କୁଟିରେ ଯାଉଥିବା ବାପା ଓ ପୁଅ ୩୦ଫୁଟ ତଳକୁ ଖସିପଡ଼ି ପ୍ରାଣ ହରାଇଥିଲେ। ସେମାନେ ଥିଲେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ମଦନପୁର ଗ୍ରାମର ଗଙ୍ଗାଧର ମହାରଣା(୫୫) ପୁଅ ଲକ୍ଷ୍ମଣ(୨୫)।

## ଚଢ଼ିଗଲା ହାଇୱା

### ପୁଅ ସାମ୍ନାରେ ଗଲା ବାପାଙ୍କ ଜୀବନ

ବାଲକାଟୀ-ରାଜଧାନୀ ଉପକଣ୍ଠ ବାଲକାଟୀସ୍ଥିତ ଭାର୍ଗବୀ ବ୍ରିଜ୍ ଉପରେ ଅଗଷ୍ଟ ୧୦ରେ ଏକ ବାଲି ବୋଝେଇ ହାଇୱା ଚଢ଼ିଯିବାରୁ ବାଇକରେ ଯାଉଥିବା ସୁକାନ୍ତ ନାୟକ (୫୦)ନାମକ ଜଣେ ବ୍ୟକ୍ତିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ତାଙ୍କ ପୁଅ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ହାଇୱାକୁ ଜାଳିଦେଇଥିଲେ।




## ସ୍ତ୍ରୀଙ୍କ କଟାମୁଣ୍ଡ ଧରି ଥାନାରେ ପହଞ୍ଚିଲେ ସ୍ୱାମୀ

ଚରିତ୍ରକୁ ସନ୍ଦେହ କରି ଅଗଷ୍ଟ ୨୫ ତାରିଖ ରାତିରେ ସ୍ତ୍ରୀଙ୍କୁ ପିଟିପିଟି ମାରିଦେବା ପରେ ସ୍ୱାମୀ କଟୁରିରେ ମୁଣ୍ଡକାଟି ଅଲଗା କରିଦେଇଥିଲେ। ଏହାପରେ କଟାମୁଣ୍ଡ ଧରି ଅସ୍ତରଙ୍ଗ ଥାନାରେ ପହଞ୍ଚିଥିଲେ ଅଭିଯୁକ୍ତ ସ୍ୱାମୀ ତଥା ନିକଟସ୍ଥ ରାଇବେରୁଆଁ ଗ୍ରାମର ଗଣେଶ ବେହୁରା।


ଗଣେଶ

## ପଦ୍ମଶ୍ରୀ ଗ୍ରହଣ କରିବାକୁ ମନାକଲେ ଗୀତା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ଭଉଣୀ ତଥା ବିଶିଷ୍ଟ ଲେଖିକା ଗୀତା ମେହେଟ୍ଟା ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିବାକୁ ଜାନୁୟାରୀ ୨୭ ତାରିଖରେ ବିନମ୍ରତାର ସହ ମନା କରି ଦେଇଥିଲେ। ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଇଥିବାରୁ ସେ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ତେବେ ନିର୍ବାଚନ ବର୍ଷରେ ପୁରସ୍କାର ପ୍ରଦାନ ଭୁଲ ଅର୍ଥ ସୃଷ୍ଟି କରିପାରେ ବୋଲି ସେ କହିଥିଲେ।

## ମହାରଥୀ ଗିରଫ



ସାଧାରଣ ନିର୍ବାଚନର ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ ଓ ତାଙ୍କ ଟିମ୍‌କୁ ଆକ୍ରମଣ ଘଟଣାରେ ଏପ୍ରିଲ୍ ୨୨ ତାରିଖରେ ଗିରଫ ହୋଇଥିଲେ ପିପିଲି ବିଧାୟକ ପ୍ରଦୀପ ମହାରଥୀ। ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ଦଫା ଲାଗିଥିଲା। ଝାରପଡ଼ା ଜେଲକୁ ନିଆଯିବା ପରେ ଅସୁସ୍ଥତା କାରଣରୁ ତାଙ୍କୁ ଆଣି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏପ୍ରିଲ ୨୭ରେ ସ୍ୱତନ୍ତ୍ର ପ୍ରାଧିକୃତ କୋର୍ଟର ଆଡିଶନାଲ ସେସନ୍ସ ଜଜ୍-୩ ଅରୁଣ କୁମାର ମଲ୍ଲିକ ମହାରଥୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

## ମୁକୁଳିଲେ ସାରଥୀ



ପ୍ରାୟ ୪ ବର୍ଷ ଚୌଦ୍ୱାର ଜେଲରେ ରହିବା ପରେ ଜୁଲାଇ ୨୫ ତାରିଖରେ ମୁକୁଳିଥିଲେ କେନ୍ଦ୍ରାପଡ଼ା ଜିଲା ବାରିମୂଳ ଆଶ୍ରମର ପ୍ରତିଷ୍ଠାତା ସାରଥି ଓରଫ ସନ୍ତୋଷ ରାଉଳ। ତାଙ୍କୁ ଜୁଲାଇ ୨୨ ତାରିଖରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ବାରିମୂଳ ଆଶ୍ରମକୁ ଯିବା ପାଇଁ ବାରଣ ଥିବାରୁ ତାଙ୍କୁ ତାଙ୍କ ସହଯୋଗୀମାନେ ଅନ୍ୟତ୍ର ନେଇଥିଲେ। ପୂର୍ବରୁ ତାଙ୍କୁ ୨ଟି ମାମଲାରେ ଜାମିନ ମିଳିସାରିଥିଲା।

## ମହାପ୍ରଭୁଙ୍କ ବିଗ୍ରହ ଧରି ସମ୍ବିତ୍‌ଙ୍କ ରାଲି



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ହାତରେ ଧରି ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର ମାର୍ଚ୍ଚ ୨୫ରେ ଖୋଲା ଜିପରେ ଏକ ରାଲିରେ ସାମିଲ ହୋଇଥିଲେ। ଏହାକୁ ବିରୋଧ କରି ପୁରୀ ନଗର ବିଜେଡି ପକ୍ଷରୁ ମାର୍ଚ୍ଚ ୨୬ରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା।

**୨୦୧୯ରେ ଏଭଳି ଅନେକ ଘଟଣା ଘଟିଥିଲା, ଯାହାକୁ ନେଇ କେତେବେଳେ ଚର୍ଚ୍ଚା ତ କେତେବେଳେ ବିବାଦ ଦେଖିବାକୁ ମିଳିଥିଲା। ବର୍ଷ ଆରମ୍ଭରେ ରାଜଧାନୀରେ ଆତଙ୍କ ଖେଳାଇଥିଲା ଏକ କଲରାପତରିଆ ବାଘ ଏବଂ ଶେଷ ଭାଗକୁ ଲୋକଙ୍କ ଆଖିରୁ ଲୁହ ଝରାଇଥିଲା ପିଆଜର ଅହେତୁକ ଦର ବୃଦ୍ଧି ଏଭଳି କିଛି ଘଟଣାବଳୀକୁ ନେଇ ଏହି ଉପସ୍ଥାପନା...**



## ଲୁହ ଝରାଇଛି ପିଆଜ

ଚଳିତବର୍ଷ ଶେଷ ୩ ମାସ ଖାଉଟିଙ୍କ ଆଖିରୁ ଲୁହ ଝରାଇଛି ପିଆଜ ଦର। କିଲୋ ପିଛା ଦର ଛୁଇଁଛି ୧୫୦ ଟଙ୍କା। ଲଗାଣ ବର୍ଷାରୁ ବିଭିନ୍ନ ରାଜ୍ୟରେ ପିଆଜ ଫସଲ ନଷ୍ଟ ହୋଇଯିବାରୁ ଦର ଦିନକୁ ଦିନ ଆକାଶଛୁଆଁ ହୋଇଥିଲା, ଯାହା ଅଦ୍ୟାବଧି ଜାରି ରହିଛି। ଦରବୃଦ୍ଧିରେ ନିୟନ୍ତ୍ରଣ ନ ଆସିବା ଏବଂ ପିଆଜ ଯୋଗାଣରେ ସରକାରଙ୍କ ନୀରବତା ଯୋଗୁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ମଧ୍ୟ ହୋଇଛି।



## ରାଜଧାନୀରେ ବାଘ ଆତଙ୍କ

ଭୁବନେଶ୍ୱର ପଳାଶପଲ୍ଲୀ ଅଞ୍ଚଳରେ ଏକ କଲରାପତରିଆ ବାଘ ବୁଲୁଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ଫେବୃୟାରୀ ୧୭ ତାରିଖ ରାତି ପ୍ରାୟ ସାଢେ ୧୦ଟାରେ ଏକ କଲରାପତରିଆ ବାଘ ଏୟାରପୋର୍ଟ ପାଚେରି ଡେଇଁ ବାହାରକୁ ଆସୁଥିବା ସ୍ଥାନୀୟ ବାସିନ୍ଦା ବାଙ୍କନିଧି ସେନାପତି ପ୍ରଥମ ଦେଖିଥିଲେ। ବାଘକୁ କାବୁ କରିବାକୁ ୭ ଯନ୍ତା ବସା ଯିବା ସହ ୯ କ୍ୟାମେରା ଲଗାଯାଇଥିଲା। ଯନ୍ତାରେ ଛେଳି ଓ କୁକୁଡ଼ା ରଖାଯାଇଥିଲା। ୧୯ ତାରିଖ ବିଳମ୍ବିତ ରାତି ପ୍ରାୟ ୨ଟା ୩୦ରେ ବାଘଟି କୁକୁଡ଼ା ଖାଇବାକୁ ଆସି ବିମାନବନ୍ଦର କାର୍ଗୋ ଗେଟ ପାଖରେ ରଖାଯାଇଥିବା ଯନ୍ତାରେ ଧରା ପଡ଼ିଥିଲା।

## ୧୦ ଗୁଣା ଜରିମାନା

# ପୋଲିସ-ଜନତା ଖଣ୍ଡଯୁଦ୍ଧ



ସେପ୍ଟେମ୍ବର ୧ରୁ ଦେଶରେ ନୂଆ ମୋଟରଯାନ ଆଇନ ଲାଗୁ ହୋଇଥିଲା। ଏହି ନିୟମ ଅନୁସାରେ ବିଭିନ୍ନ ସ୍ଥାନରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୧୦ ଗୁଣା ଜରିମାନା ଆଦାୟ କରାଯାଇଥିଲା। ହେଲେ ଯାଞ୍ଚ ସମୟରେ ପୋଲିସ ଜୁଲମ ପ୍ରତିବାଦରେ ସେପ୍ଟେମ୍ବର ୭ ତାରିଖରେ ରାଜମହଲ ଛକରେ ଘଟିଥିଲା ତୁମୁଳକାଣ୍ଡ। ପୋଲିସ-ଜନତା ମଧ୍ୟରେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଥିଲା। ଏହାପରେ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି ପାଇଁ ୨ ପର୍ଯ୍ୟାୟରେ ୩ ମାସ ଲେଖାଏ ସମୟ ଦେଇଛନ୍ତି।

## ସମୁଦ୍ରରେ ୫୭ ଦିନର ସଂଗ୍ରାମ

ଅଗଷ୍ଟ ୨୮ ତାରିଖ। ଛୋଟ ବୋଟ୍‌ରେ ରାଶନ ସାମଗ୍ରୀ ସହ ଏକ ନୂଆ ସ୍କୁଟି ଲଦି ପୋର୍ଟବ୍ଲେୟାରରୁ ବାହାରିଥିଲେ ନାବିକ ଅମ୍ରିତ କୁଜୁର। ଲକ୍ଷ୍ୟ ଥିଲା ନିଜ ଗାଁ ଆଣ୍ଡାମାନ ନୀଲ୍‌ଦୀପର ଶହୀଦ ଦ୍ୱୀପରେ ପହଞ୍ଚିବେ। ସାଙ୍ଗରେ ଥିଲେ ସାଥୀ ରଞ୍ଜନ ବିଶ୍ୱାସ। କିନ୍ତୁ ସମୁଦ୍ରରେ ଝଡ଼ ସେମାନଙ୍କୁ ଦିଗହରା କରିଦେଲା। ବାଟରେ ସାଥୀ ରଞ୍ଜନଙ୍କୁ ହରାଇଲେ ଅମ୍ରିତ। ୫୭ ଦିନ ପରେ ଅକ୍ଟୋବର ୨୪ ତାରିଖ ରାତି ସାଢେ ୧ଟାରେ କୃଷ୍ଣପ୍ରସାଦ ବ୍ଲକ ଖିରିସାହି ନିକଟ ସମୁଦ୍ର କୂଳରେ ପହଞ୍ଚିଥିଲେ ଅମ୍ରିତ। ଭୋକ ଉପାସରେ ସମୁଦ୍ରର ଅଥଳ ଜଳରାଶି ସହ ସଂଗ୍ରାମ କରି ସେ ପାଇଥିଲେ ନୂଆ ଜୀବନ।




## ମାଟ୍ରିକ ପ୍ରଶ୍ନପତ୍ର ଭାଇରାଲ

ରାଜ୍ୟରେ ଫେବୃୟାରୀ ୨୨ରୁ ଆରମ୍ଭ ହୋଇଥିଲା ମାଟ୍ରିକ ପରୀକ୍ଷା। ହେଲେ ପ୍ରଥମଦିନରୁ ହିଁ ବିଭ୍ରାଟ ଉପୁଜିଥିଲା। ଓଡ଼ିଆ ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଏନେଇ ୪ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ୩ ପରୀକ୍ଷା ନିରୀକ୍ଷକଙ୍କୁ ନିଲମ୍ବିତ କରାଯାଇଥିଲା। ଏହାପରେ ଗଣିତ ଓ ଶେଷ ଦିନ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର ମଧ୍ୟ ଭାଇରାଲ ହେବା ସହ ଗୋଟିଏ କେନ୍ଦ୍ରର ଗଣିତ ଉତ୍ତର ଖାତା ଗାଏବ ହୋଇଯାଇଥିଲା।

## ସ୍ତ୍ରୀ, ପୁଅଙ୍କୁ ଛାଡ଼ି କାଠଯୋଡ଼ିକୁ ଡେଇଁଲେ ଯୁବକ

ଅକ୍ଟୋବର ୯ରେ କଟକ ନିଆଳି ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ଦେବବ୍ରତ ମହାପାତ୍ର କାଠଯୋଡ଼ି ପୋଲ ଉପରେ ସ୍ତ୍ରୀ ଓ ୪ବର୍ଷର ପିଲାଙ୍କୁ ଛାଡ଼ି ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଦେବବ୍ରତ ଯାଜପୁରର ଏକ କମ୍ପାନୀରେ ଚାକିରି କରୁଥିବାବେଳେ ସ୍ତ୍ରୀ ଶୁଭଲକ୍ଷ୍ମୀ ମୟୂରଭଞ୍ଜର ଏକ ସ୍କୁଲ୍‌ରେ ଶିକ୍ଷକତା କରନ୍ତି। ଘଟଣା ଦିନ ଯାଜପୁରରୁ ଏକ ବାଇକ୍‌ରେ ସମସ୍ତେ ଗାଁକୁ ଫେରୁଥିବାବେଳେ ପାରିବାରିକ କଳହକୁ ନେଇ ଏହି ଘଟଣା ଘଟିଥିଲା।

## ବାଣୀବିହାରରେ ଚାଞ୍ଚଲ୍ୟ

ନଭେମ୍ବର ୨୨ରେ ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର)ରେ ଖେଳିଯାଇଥିଲା ଚାଞ୍ଚଲ୍ୟ। କ୍ୟାମ୍ପସ ପରିସରସ୍ଥ ପରିଜା ଲାଇବ୍ରେରି ଛାତ ଉପରେ ଚଢି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ୪ଘଣ୍ଟା ନାକେଦମ୍ ହେବାକୁ ପଡ଼ିଥିଲା। ଯୁବକ ଜଣକ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପ୍ରହରାଜପୁରର ସୁବୋଧ ବାରିକ ବୋଲି ଚିହ୍ନଟ ହୋଇଥିବାବେଳେ ସେ ମାନସିକ ସ୍ତରରେ ଅସୁସ୍ଥ ଥିବାରୁ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଥିଲା।



## ବସିଲା ପୂର୍ଣ୍ଣ ଖଣ୍ଡପୀଠ




ଅକ୍ଟୋବର ୧୫ରେ ପ୍ରଥମଥର ହାଇକୋର୍ଟଙ୍କ ପୂର୍ଣ୍ଣ ଖଣ୍ଡପୀଠ ବସିଥିଲା। ଓକିଲ ସଂଘଗୁଡ଼ିକର ଆନ୍ଦୋଳନ ଯୋଗୁ ଅଦାଲତରେ ବିଚାର ପ୍ରକ୍ରିୟା ବିଳମ୍ବିତ ହେଉଥିବା ଦର୍ଶାଇ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ଦାଏର ହୋଇଥିଲା। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ଅନ୍ୟ ୧୪ଜଣ ବିଚାରପତିଙ୍କୁ ନେଇ ଗଠିତ ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ହାଇକୋର୍ଟ ବାର୍ ସମେତ ରାଜ୍ୟର ସମସ୍ତ ବାର୍ ଆସୋସିଏଶନକୁ ନୋଟିସ କରାଯାଇଥିଲା।

## ସାମୂହିକ ଦାନ୍ତ ଘଷି ଗିନିଜ୍ ରେକର୍ଡ

କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍) ପରିସରରେ ନଭେମ୍ବର ୭ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିସ୍ ଛାତ୍ରୀଛାତ୍ର, ଅନୁଷ୍ଠାନର କର୍ମଚାରୀ ଏବଂ ଜନଜାତିର ପିଲାମାନଙ୍କ ସମେତ ମୋଟ ୨୬, ୩୮୨ ଜଣ ଲୋକ ସାମୂହିକ ଦାନ୍ତ ଘଷି ଗିନିଜ୍ ୱାର୍ଲଡ ରେକର୍ଡ କରିଥିଲେ। ଓରାଲ ହେଲ୍‌ଥ ସମ୍ପର୍କରେ ସଚେତନତା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।







## ଫ୍ଲାଏଓଭର ଆତଙ୍କ

ଅଗଷ୍ଟ ୨୫ ତାରିଖରେ ଭୁବନେଶ୍ୱର ଉପକଣ୍ଠ ହାଇଟେକ୍ ଛକ ନିକଟ ଜାତୀୟ ରାଜପଥରେ ଥିବା ଫ୍ଲାଏଓଭରର ଆପ୍ରୋଚ ରୋଡ ହଠାତ୍ ୬ ଇଞ୍ଚ ଦବି ଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ପୂର୍ବରୁ ନିମ୍ନମାନର କାମ ଓ ଅବହେଳା ଯୋଗୁ ବମିଖାଲ ଫ୍ଲାଏଓଭର ନିର୍ମାଣବେଳେ ଦୁର୍ଘଟଣା ଘଟି ୨ଜଣଙ୍କ ପ୍ରାଣ ଯାଇଥିବାରୁ ଏହି ଘଟଣା ଆତଙ୍କ ସୃଷ୍ଟି କରିଥିଲା। ଲୋକେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଆଣି ରାସ୍ତାରୋକୋ କରିଥିଲେ।



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି। କୋଟି କୋଟି ଦେବତା ମଧ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।

- ମହର୍ଷି ଗର୍ଗ



**ସଂକ୍ଷେପରେ**

## ନୃସିଂହଗୁରୁ ସ୍ମାରକୀ ବିବିଧ ପ୍ରତିଯୋଗିତା ଫଳ ଘୋଷଣା

ସମ୍ବଲପୁର,୨୩।୧୨ (ବ୍ୟୁରୋ)
ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ତଥା ନୃସିଂହ ଗୁରୁଙ୍କ ୩୬ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯିବ। ଏହି ଅବସରରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ନେଇ ବିବିଧ ପ୍ରତିଯୋଗିତା ହୋଇଥିଲା । ସୋମବାର ଏଥିରେ କୃତୀ ଛାତ୍ରୀଛାତ୍ରଙ୍କ ନାମ ତାଲିକା ପ୍ରକାଶ ପାଇଛି। ଡିଆଇଇଟିର ଅବସରପ୍ରାପ୍ତ କଳା ଶିକ୍ଷକ ରାଧାରମଣ ମୁଦୁଲି ଚିତ୍ରାଙ୍କନଗୁଡିକର ମୂଲ୍ୟାୟନ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଅବସରପ୍ରାପ୍ତ ଶିକ୍ଷକ ରାମେଶ୍ୱର ବାରିକ, ପ୍ରଦ୍ୟୋତ କୁମାର ମିଶ୍ର, ସେଫାଳୀ ରାଣୀ ଦାଶ ବିଚାରକ ଭାବେ ଉପସ୍ଥିତ ଥିଲେ। ସେହିପରି ସଙ୍ଗୀତ ପ୍ରତିଯୋଗିତାରେ ପ୍ରସନ୍ନ କୁମାର ମହାପାତ୍ର, ତ୍ରିଲୋଚନ ତ୍ରିପାଠୀ ଏବଂ ପ୍ରଣତୀ ମିଶ୍ର, ଶ୍ରୀମଦ ଭଗବଦ୍ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗିତାରେ ରଘୁବୀର ପାଣିଗ୍ରାହୀ, ପ୍ରତିଭା ମିଶ୍ର ଏବଂ କାର୍ତ୍ତିକ ପ୍ରସାଦ ବହିଦାର ବିଚାରକ ଭାବେ ରହିଥିଲେ । କୁଇଜ୍ ପ୍ରତିଯୋଗିତାରେ ସିଦ୍ଧାନ୍ତ ଷଡ଼ଙ୍ଗୀ, କୁଇଜ୍ ମାଷ୍ଟର ଦାୟିତ୍ୱ ନିର୍ବାହ କରିଥିବା ବେଳେ ତାଙ୍କୁ ଶିକ୍ଷକ ହରିହର ମିଶ୍ର ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁଆରୀ ୨ ତାରିଖ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରସଙ୍ଗ

# ଦ୍ୱିତୀୟ ଦିନରେ ସରକାରୀ କଳ ଅଚଳ

ସମ୍ବଲପୁର,୨୩।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଚାଲିଥିବା ୩ ଦିନିଆ ଆନ୍ଦୋଳନ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି । କେନ୍ଦ୍ରୀୟ କ୍ରୀୟା ଅନୁଷ୍ଠାନ କମିଟି (ସିଏସି) ଅଧୀନରେ ଥିବା ପଶ୍ଚିମ ଓଡିଶାରେ ଜିଲାଗୁଡିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସଗୁଡିକ ବନ୍ଦ ରହିଥିଲା। ନାଗରିକ କ୍ରିୟା ଅନୁଷ୍ଠାନ କମିଟି, ବିଭିନ୍ନ ସଙ୍ଗଠନ ସମସ୍ୟ, ଜିଲା ଓକିଲ ସଂଘ କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ହୋଇଥିଲେ। ସୋମବାର ପୂର୍ବାହ୍ନ ୧୦ଟାରେ ବିଚାରପତିମାନେ କୋର୍ଟ କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ ହେଲେ ଆନ୍ଦୋଳନ ସ୍ଥଳରୁ ଫେରି ଯାଇଥିଲେ । ହାଇାକୋର୍ଟ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରାଜ୍ୟ ସକରାର ଓ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। ଏହା ସହ ହାଇକୋର୍ଟ ନିଜ ମତ ରଖିବାକୁ ଅନୁରୋଧ କରିଥିଲେ। ହାଇକୋର୍ଟ ମତ ଦେବା ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଯାଇ ପାରେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ସୁପ୍ରିମ କୋର୍ଟ ମଧ ହସ୍ତକ୍ଷେପ କରନ୍ତୁ ବୋଲି ଦାବି ହୋଇଥିଲା। ରେଳ ବିଭାଗ, ଆୟକର ବିଭାଗ, ବାଣିଜ୍ୟକର ବିଭାଗ, ପୋଷ୍ଟ ଅଫିସ ସମେତ ଜିଲାପାଳ ଅଫିସ, କଚେରୀ ବନ୍ଦ ରହିଥିଲା । ସୁରକ୍ଷା ଦୃଷ୍ଟିରୁ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ମୁତାୟନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ୨୦୧୭ ସେପ୍ଟମ୍ବର ୫ ତାରିଖଠାରୁ ଆନ୍ଦୋଳନ ଜାରି ରହିଛି । ରାସ୍ତା ରୋକ, ରେଳରୋକ, ୪୮ ଘଣ୍ଟିଆ ମହାବନ୍ଦ, ରାଲି, ଅନଶନ ଭଳି ଉପାୟର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



ରେଢ଼ାଖୋଲ ସିଭିଲ କୋର୍ଟ ସମ୍ମୁଖରେ ଓକିଲ ଓ ନାଗରିକ ମଞ୍ଚ କର୍ମକର୍ତ୍ତା ଏସଡିଜେଏମଙ୍କ ସହ ଆଲୋଚନା କରୁଛନ୍ତି।

ରେଢାଖୋଲ,୨୩।୧୨(ଡି.ଏନ.ଏ.)
ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡିଶା ଓକିଲ ସଂଘ ସମୁହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ପ୍ରତିମାସର ଶେଷ ୩ ଦିନ କାର୍ଯ୍ୟ ଦିବସରେ ରେଢାଖୋଲ ନାଗରିକ ମଞ୍ଚ ଓ ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି। ଚଳିତ ମାସ ମଧ ଶେଷ ତିନି ଦିନ କାର୍ଯ୍ୟ ଦିବସରେ ରେଢାଖୋଲ ଓକିଲ ସଂଘ ଓ ନାଗରିକ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇଛି। ୨୫ ତାରିଖଠାରୁ କୋର୍ଟ ଛୁଟି ରହୁଥିବା ଯୋଗୁ ଚଳିତ ମାସ ୨୧, ୨୩, ଓ ୨୪ ତାରିଖ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପରିପେକ୍ଷୀରେ ଚାଲିଥିବା ଓକିଲଙ୍କ ଆନ୍ଦୋଳନ ସୋମବାର ଦ୍ୱିତୀୟ ଦିନରେ ମଧ ରେଢାଖୋଲରେ ପ୍ରଶାସନ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିଲା। ପୂର୍ବାହ୍ନ ୧୦ଟା ବେଳେ ନାଗରିକ ମଞ୍ଚ ଓ ଓକିଲମାନେ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିବା ସହ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ଏଥି ଯୋଗୁ ସମସ୍ତ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଫଳରେ ବିଚାରପତିଙ୍କ ସମେତ କୋର୍ଟ କର୍ମଚାରୀମାନେ କୋର୍ଟ ଭିତରକୁ ଯାଇ ନ ପାରି ଫେରିଯାଇଥିଲେ। ସେହିପରି ଉପଖଣ୍ଡ ପ୍ରଶାସନର ବହୁ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରୁ ଫେରିଯାଇଥିଲେ। ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଦୟାସାଗର ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତ, ଉମାକାନ୍ତ ମହାନନ୍ଦ,ଭବାନି ପଣ୍ଡା, ତୁଷାର କର, ନିମାଇଁ ଚରଣ ବେହେରା, ସୁଜିତ ପ୍ରଧାନଙ୍କ ସମେତ ସମସ୍ତ ଆଇନଜୀବୀ ଓ ନାଗରିକ ମଞ୍ଚର ଅନାଦି ଚରଣ ସାହୁ, ଉମାକାନ୍ତ ପ୍ରଧାନ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ଏସ୍‌ଏଚଜି୍‌କୁ ମାଧମ କରୁଛନ୍ତି ମିଲର୍ସ ଓ ବେପାରୀ ଘଟଣା

## ତଦନ୍ତ ନିର୍ଦ୍ଦେଶ ଦେଲେ ଡିଆର୍‌ସିଏସ୍

ସମ୍ବଲପୁର, ୨୩।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ଧାନ କିଣାରେ ନିୟୋଜିତ ଥିବା କୟାକୁଦ ଏସଏଚଜିକୁ ମାଧ୍ୟମ କରି ମିଲର୍ସ ଓ ବେପାରୀମାନେ ଦୁର୍ନୀତି କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଖବର ପ୍ରସାରଣ ପରେ ସମ୍ବଲପୁର ଡିଆରସିଏସ ଲିଙ୍ଗରାଜ ନାୟକ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ସମିତି ଅଧିକାରୀ ପ୍ରଫୁଲ୍ଲ ମହାନନ୍ଦ ଏହି ତଦନ୍ତ କରିବ ରିପୋର୍ଟ ପ୍ରସ୍ତୁତ କରିବେ। ଏହାସହ ଯୋଗାଣ ବିଭାଗ ପକ୍ଷରୁ ମଧ ଏହି ଘଟଣାକୁ ଗୁରୁତର ସହ ନେଇଛି । ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ସୂଚନାଯୋଗ୍ୟ ଯେ, ଡିସେମ୍ବର ୧୭ ତାରିଖରେ ଯୁଯୁମୁରା ମାର୍କେଟରେ ଗାଡି ନମ୍ବର ଓଆର ୧୫ କେ-୯୬୨୯ରେ ଚାଷୀ ସଞ୍ଜୟ ବିଶ୍ୱାଳ ଧାନ ବିକ୍ରି କରିବାକୁ ଆସିଥିଲେ। ଯୁଯୁମୁରା ସେବା ସମିତି ପକ୍ଷରୁ ସଞ୍ଜୟଙ୍କ ଧାନ କିଣା ଯାଇଥିଲା ଓ ଟ୍ରାଞ୍ଜିଟ୍ ପାସ ଦେଇ ମାଁ ମେଟାକାନୀ ରାଇସ ମିଲକୁ ପଠାଯାଇଥିଲା ।ସେହିପରି କୟାକୁଦ ଏସଏଚଜି ଗ୍ରୁପ ପକ୍ଷରୁ ଚାଷୀ ବିଶ୍ୱମିତ୍ର ବିଶ୍ୱାଳଙ୍କ ଧାନ କିଣି ଉକ୍ତ ଗାଡିରେ ଆଉ ଗୋଟିଏ ମିଲକୁ ଟ୍ରାଞ୍ଜିଟ୍ ପାସ ଦେଇ ଧାନ ପଠା ଯାଇଥିଲା। ଏହି ଘଟଣାକୁ ନେଇ ଅଭିଯୋଗ ହେବା ପରେ ସର୍ବଶେଷ ତଥ୍ୟ ଦେଇ ସୋମବାର ଖବର ପ୍ରକାଶ ପାଇଥିଲା ।

## ପଶ୍ଚିମ ଓଡ଼ିଶା ରବିଦାସ ସମାଜର ନୂତନ କର୍ମକର୍ତ୍ତା ଚୟନ

ସମ୍ବଲପୁର, ୨୩।୧୨ (ବ୍ୟୁରୋ)

ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ପଶ୍ଚିମ ଓଡିଶା ରବିଦାସ ସମାଜର ଏକ ଜରୁରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା । ଛବିଲ ସାଙ୍କ ଅଧକ୍ଷତା କରିଥିବା ବେଳେ କୁନ୍ଦୁରୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଦୀପ୍ତ ରୋହିଦାସ ସଭା ପରିଚାଳନା କରିଥିଲେ । ବରିଷ୍ଠ ସଦସ୍ୟ କରୁଣାକର ଅଣ୍ଡିଲ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପଶ୍ଚିମ ଓଡିଶାରେ ରବିଦାସ ସମାଜ ବହୁବର୍ଷ ଧରି ଶିକ୍ଷା, ଆର୍ଥିକ ସମସ୍ୟା ମଧରେ ଦୟନୀୟ ଅବସ୍ଥାରେ ରହି ଆସୁଛନ୍ତି । ତେଣୁ ସମସ୍ତଙ୍କ ସହ ଖାପ ଖୁଆଇ ଚଳିବାକୁ ହେଲେ ସଙ୍ଗଠନର ଏକତା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ ସଭାପତି ବରଗଡ ଜିଲା ଆଇନଜୀବୀ ସୀତାରାମ ମେହେର, ସାଧାରଣ ସମ୍ପାଦକ ସମ୍ବଲପୁର ଜିଲାର କୁନ୍ଦୁରୁ ଦାସ, ଉପସଭାପତି ବଲାଙ୍ଗୀର ଜିଲା ବିଜୟ ମେହେର ଓ ସୁନ୍ଦରଗଡ ଜିଲା ଯୋଗେନ୍ଦ୍ର ରୋହିଦାସ ଏବଂ ସମ୍ବଲପୁର ଜିଲା ଟଙ୍କଧର ରୋହିଦାସ, ସହସମ୍ପାଦକ ଝାରସୁଗୁଡା ଜିଲା ସୀତାରାମ ରୋହିଦାସ ଓ କଳାହାଣ୍ଡି ଜିଲା ଶଙ୍କର ମେହେର । ସେହିପରି କୋଷାଧକ୍ଷ ଭାବେ ସମ୍ବଲପୁର ଜିଲା ଅଶୋକ ମେହେର ଓ ସହ କୋଷାଧକ୍ଷ ସୋନପୁର ଜିଲାର ସୁବଧନ ମିର୍ଦ୍ଧା ଚୟନ ହୋଇଥିଲେ। ଡୋଳାମଣୀ ରୋହିଦାସ, ଡିଗ୍ରିଲାଲ ମେହେର, ଦିଲୀପ ମେହେର, କେଶବ ରୋହିଦାସ, ବିଷ୍ଣୁରଞ୍ଜନ ମେହେର, କରୁଣାକର ଅଣ୍ଡିଲ, ଛବିଲ ସା, ପରମେଶ୍ୱର ମେହେର, ସୁରେନ୍ଦ୍ର ରୋହିଦାସ, କୃଷ୍ଣ ମେହେର, ଅଶୋକ ମେହେର, ଲକ୍ଷ୍ମୀକାନ୍ତ ମିରିକ, ନକୁଳ ଅଜଗର, ଡମ୍ବରୁ ସତନାମୀ, ଶ୍ରୀରାମ ମେହେର ପ୍ରମୁଖ ବିଭିନ୍ନ ପଦପଦବୀ ପାଇଁ ଚୟନ ହୋଇଛନ୍ତି। ଶଙ୍କର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ପଶ୍ଚିମ ଓଡିଶା ରବିଦାସ ସମାଜର ନୂତନ କର୍ମକର୍ତ୍ତା ।

### ମନ୍ଥର ଗତିରେ ଚାଲିଛି ପୂର୍ତ୍ତ ବିଭାଗ କାମ

## ଜିଲାପାଳଙ୍କ ପରିଦର୍ଶନ, ସମ୍ପୂର୍ଣ୍ଣ କରିବାକୁ ତାଗିଦ



ସମ୍ବଲପୁର ଜିଲାପାଳ ଶୁଭମ ସକସେନା ପୂର୍ତ୍ତ ବିଭାଗ ନିର୍ମାଣ କାମ ତଦାରଖ କରୁଛନ୍ତି ।

ସମ୍ବଲପୁର,୨୩।୧୨ (ବ୍ୟୁରୋ)

ସମ୍ବଲପୁର ପୂର୍ତ୍ତ ବିଭାଗ ପକ୍ଷରୁ ସହର ଭିତରେ ଅନେକ ବଡ ପ୍ରକଳ୍ପ ନିର୍ମାଣ କାମ ମନ୍ଥର ଗିତରେ ଚାଲିଛି । ସୋମବାର ଜିଲାପାଳ ଶୁଭମ ସକସେନା ଚାଲିଥିବା ପ୍ରକଳ୍ପଗୁଡିକୁ ଯାଇ ତଦାରଖ କରିଛନ୍ତି। କେତେ ପ୍ରତିଶତ କାମ ସରିଛି । ଆଉ କେତେ କାମ ରହିଛି ଦେଖିଥିଲେ। କାମର ମାନକୁ ମଧ ଯାଞ୍ଚ କରିଥିଲେ। ସବୁ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତାଗିଦ କରିଥିଲେ। ଫ୍ଲାଇ ଓଭର ଉଭୟ ପାର୍ଶ୍ୱରେ ଚର୍ଚ୍ଚ ଛକ ଓ କଚୋରୀ ଛକରେ ଚାଲିଥିବା କାମ ଦେଖିବାକୁ ଯାଇଥିଲେ। କାମରେ ବିଳମ୍ବ ହେଉଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ଧାର୍ଯ୍ୟ ସମୟଠାରୁ ଅହେତୁକ ବିଳମ୍ବ ହେଉଛି । ସେଥିପାଇଁ ବ୍ୟୟ ଅଟକଳରେ ବୃଦ୍ଧି ପାଉଛି। ଲୋକମାନଙ୍କ ସମସ୍ୟା ହେଉଛି ବୋଲି କହିଥିଲେ। ପରେ କ୍ଷେତରାଜପୁର ଫ୍ଲାଇ ଓଭର, ହରଡଯୋର ବ୍ରିଜ, ଟାଉନ ହଲ ମଣ୍ଡପ, ରାଜସ୍ୱ ବିଭାଗ କ୍ୱାଟର, ମାଝିପାଲି ହୋମିଓପଥି କଲେଜ ପରିଦର୍ଶନ କରିଥିଲେ । ସେଠାରେ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଅତିରିକ୍ତ ମହାନଗର କମିଶନର ଦେବେନ୍ଦ୍ର ନନ୍ଦ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସରୋଜ ମିଶ୍ରଙ୍କ ସମେତ ପୂର୍ତ୍ତ ବିଭାଗ ଏସଡିଓ ଓ ଜେଇମାନେ ଉପସ୍ଥିତ ଥିଲେ ।

### ପାଠାଗାର ଆନ୍ଦୋଳନ, ପରିବେଶ ସୁରକ୍ଷା

## ସମ୍ବଲପୁରରୁ ବଲାଙ୍ଗୀରକୁ ସାଇକେଲ ଯାତ୍ରା

ସମ୍ବଲପୁର,୨୩।୧୨ (ବ୍ୟୁରୋ)
ସମ୍ବଲପୁର ଲିମ ସରିଏନ ଯୁବକ ସଂଘ ପକ୍ଷରୁ ଶିକ୍ଷାର ପ୍ରସାର, ପାଠାଗାର, ପରିବେଶ ସୁରକ୍ଷା, ପଲିଥିନ ମୁକ୍ତ ସମାଜ ଗଠନ, ପଠନ ଅଭ୍ୟାସ ବୃଦ୍ଧି ବାର୍ତ୍ତା ନେଇ ସାଇକେଲ ଯାତ୍ରା କରାଯିବ । ସମ୍ବଲପୁର ଜିଲା ଖଣ୍ଡୁଆଳସ୍ଥିତ ଲିମସରିଏନ ମନ୍ଦିର ପୂଜାଅର୍ଚ୍ଚନା କରି ଡିସେମ୍ବର ୨୭ରେ ଯାତ୍ରା ବାହାରି ୨୯ ତାରିଖ ବଲାଙ୍ଗୀର ପହଞ୍ଚିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ପାଠାଗାର, ପରିବେଶ ସୁରକ୍ଷା ଦିଗରେ ସଚେତନ ସଭା କରାଯିବ। ଗୋହିରାଟିକ୍ରା କ୍ଲବ, ବରଗଡ଼ ନିଷ୍ଠା ଭବନ, ଅତାବିରା ଶିକ୍ଷକ ଭବନ, ବରପାଲିର କ୍ଲବ, ଢୁଙ୍ଗୁରୀପାଲି କ୍ଲବ, ସାଲେଭଟା, ବଲାଙ୍ଗୀରର ଆଜାଦ କ୍ଲବ ପ୍ରଭୃତି ସ୍ଥାନରେ କମ୍ପ୍ୟୁଟର, ପ୍ରତିଯୋଗିତାମୂଳକ ପରୀକ୍ଷା ଓ ପଠନ ସାମଗ୍ରୀ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଶତାଧିକ ଯୁବକ ରାଲିରେ ସାମିଲ ହେବେ । ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡା, ସଂଘ ସଭାପତି ଅମିତ କୁମାର ସ୍ୱାଇଁ, ଉପସଭାପତି ଅସୀମ ପତି, ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର, ସହକାରୀ ସମ୍ପାଦକ ବିଭୁତି ଭୂଷଣ ବେହେରା, ନାରାୟଣ ରାଉତ, ଭାନୁ ଝାଙ୍କରିଆ, ବିଶ୍ୱଜିତ ଦାଶ, ସୁମିତ କୁମାର ପଂଡ଼ା, ହିତେଶ୍ୱର ପ୍ରଧାନ, କୈଳାଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବଲପୁର ଲିମସରିଏନ ଯୁବକ ସଂଘ କର୍ମକର୍ତ୍ତା ।

### ଜିଲା ସଦର ଡାକ୍ତରଖାନାରେ ଲାଗିଲା ସାଉଣ୍ଡ ସିଷ୍ଟମ

## ସ୍ୱାସ୍ଥ୍ୟସେବା ସୂଚନା, ଆଧ୍ୟାତ୍ମିକ ଭଜନ ପ୍ରସାରଣ

ସମ୍ବଲପୁର, ୨୩।୧୨ (ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ସାଉଣ୍ଡ ସିଷ୍ଟମ ଖଞ୍ଜା ଯାଇଛି । ଆଧ୍ୟାତ୍ମିକ ପରିବେଶ ଓ ସ୍ୱାସ୍ଥ୍ୟ ସେବା ଉପରେ ସୂଚନା ପ୍ରଦାନ କରାଯିବ। ପ୍ରତ୍ୟେକ ରୋଗୀ ଓ ସମ୍ପର୍କିୟମାନଙ୍କୁ ମେଡିକାଲର ଠିକ ତଥ୍ୟ ଏହା ମାଧ୍ୟମରେ ପ୍ରଦାନ କରାଯିବ । ଏପରିକି କିଛି ସମୟରେ ଗାୟତ୍ରୀ ମନ୍ତ୍ର ଓ ଆଧ୍ୟାତ୍ମିକ ଭଜନ ପ୍ରସାରଣ କରାଯିବ । ପ୍ରସୂତି, ଶିଶୁ ବିଭାଗ ଓ ଅସ୍ତ୍ରୋପଚାର କକ୍ଷକୁ ଛାଡ଼ି ସମସ୍ତ ୱାର୍ଡ଼, ବିଭାଗ, ରିସେପସନ୍ କକ୍ଷରେ ଏହା ଶୁଣିବାକୁ ମିଳିବ । ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କିମାନଙ୍କୁ ସାମାନ୍ୟ ଚାପମୁକ୍ତ କରି ମାନାଶିକ ସ୍ଥିରତା, ଦୃଢତା ଏବଂ ଏକାଗ୍ରତା ପ୍ରଦାନ ପାଇଁ ଏହି ସୁବିଧା କରାଯାଇଛି । ଏଥିସହ ସ୍ୱଚ୍ଛତା, ପରିମଳ, ଶାରିରୀକ ସୁରକ୍ଷା, ସୁସ୍ଥ ସ୍ୱାସ୍ଥ୍ୟ ଗଠନ ଲାଗି ମଧ ଏହି ସାଉଣ୍ଡ ସିଷ୍ଟମ ମାଧ୍ୟମରେ ରୋଗୀ ଓ ସମ୍ପର୍କିୟମାନଙ୍କୁ ସଚେତନତା ବାର୍ତ୍ତା ଦିଆଯିବାକୁ ସ୍ଥିର କରାଯାଇଛି ବୋଲି ସିଡିଏମଓ ପଙ୍କଜ ପଟେଲ ସୂଚନା ଦେଇଛନ୍ତି । ଆଗକୁ ଜିଲାର ଅନ୍ୟ ଡାକ୍ତରଖାନାଗୁଡିକରେ ମଧ ଏହି ବ୍ୟବସ୍ଥା କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଛି। ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ସମ୍ପର୍କୟମାନେ ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୯୪୪ରେ ଜିଲା ସଦର ଡାକ୍ତରଖାନା ଏହି କୋଠାକୁ ସ୍ଥାନାନ୍ତରିତ ହୋଇଥିଲା । ଦୈନିକ ହଜାର ହଜାର ରୋଗୀ ଓ ସମ୍ପର୍କିୟ ଯିବାଆସିବା କରିଥାନ୍ତି। ରାଜ୍ୟରେ ସମ୍ବଲପୁର ସଦର ଡାକ୍ତରଖାନାରେ ପ୍ରଥମ ପ୍ରୟାସ ବୋଲି ଜଣାପଡିଛି ।

## ଅନ୍ତର୍ଜାତୀୟ ଫଟୋ ପ୍ରଦର୍ଶନ ୨୮ରେ



ଅନ୍ତର୍ଜାତୀୟ ଫଟୋ ପ୍ରଦର୍ଶନ ପାଇଁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ସମ୍ବଲପୁର,୨୩।୧୨ (ବ୍ୟୁରୋ)

ଡିସେମ୍ବର ୨୮ ଓ ୨୯ ତାରିଖ ଦୁଇଦଦିନ ଧରି ଅନ୍ତର୍ଜାତୀୟ ଫଟୋ ପ୍ରଦର୍ଶନ ମେଳା ଅନୁଷ୍ଠିତ ହେବ। ଫ୍ୟୁଜନ ୨ୟ ଓ ଫଟୋ ଫିଲିକସ ପକ୍ଷରୁ ଆୟୋଜିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଅନୁଷ୍ଠାନ ସଭାପତି ଅରବିନ୍ଦ ମିଶ୍ର ଅଧକ୍ଷତା କରିଥିଲେ। ଏହା ପ୍ରଥମ ଅନ୍ତର୍ଜାତୀୟ ଫଟୋ ପ୍ରଦର୍ଶନ ପ୍ରତିଯୋଗିତାର ଫଟୋଗୁଡିକ ସ୍ଥାନ ପାଇବ। ଫଟୋ ପ୍ରଦର୍ଶନ ହେବା ଫଳରେ ସହରବାସୀ ଫଟୋରୁ ଅନେକ କିଛି ଶିଖି ପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

## ବୀରସୁରେନ୍ଦ୍ର ସାଏ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର, ୨୩।୧୨ (ବ୍ୟୁରୋ)
ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଇଂଲି ମିଡିୟମ ସ୍କୁଲ ୧୬ତମ ବାର୍ଷିକ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ସ୍କୁଲ ଅଧକ୍ଷ ୟୁସମିନ ବାନୋଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ମୁଖ୍ୟଅତିଥି ଭାବେ ଧନକଉଡା ମାନସିକ ଅନଗ୍ରସର ସ୍କୁଲ ଅଧକ୍ଷ ବ୍ରଜବନ୍ଧୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନିର୍ଦ୍ଦେଶକ ସୌକୁମାରିୟ ପ୍ରଧାନ ପରିଚାଳନା କରିଥିଲେ। ସ୍କୁଲ କୁନି ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସଙ୍ଗୀତ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ ଭାଗ ନେଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ସହଯୋଗ କରିଥିଲେ । ଅଭିଭାବକମାନେ ଉପସ୍ଥିତ ରହିଥିଲେ ।

**ଫଟୋରେ ଖବର**







ଭିଏସଏସ ଇଂଲିଶ ମିଡିୟମ ସ୍କୁଲରେ କୁନି ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି (ବାମ)। ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ରୋଗୀମାନଙ୍କୁ ସଚେତନ କରାଯାଉଛି ।

## ମାଷ୍ଟର୍ସ ଆଥ୍‌ଲେଟିକ୍ସ ବାର୍ଷିକ କ୍ରୀଡ଼ା

ସମ୍ବଲପୁର,୨୩।୧୨(ବ୍ୟୁରୋ)
ସମ୍ବଲପୁର ମାଷ୍ଟର୍ସ ଆଥ୍‌ଲେଟିକ୍ସ ଆସୋସିଏଶନ ପକ୍ଷରୁ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମଠାରେ ୨୧ତମ ବାର୍ଷିକ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କ୍ରୀଡାବିତ କିରଣ ଶଙ୍କର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଜିଲାର ୭୦ରୁ ଉର୍ଦ୍ଧ୍ୱ ବରିଷ୍ଠ କ୍ରୀଡାବିତମାନେ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଂଗ୍ରାମ କେଶରୀ ସାହାଣୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଗୋକୁଳ ଚନ୍ଦ୍ର ଦର୍ଜୀ, ଅଭୟ୍ କୁମାର ହୋତା, ସୁରେନ୍ଦ୍ର ମୋହନ ପୁରୋହିତ ଭଳି ଖେଳାଳିମାନଙ୍କ ପଦର୍ଶନକୁ ଦର୍ଶକମାନେ ଉପଭୋଗ କରିଥିଲେ। ଡ.ବିଜୟ୍ କୁମାର ପ୍ରଧାନ, ସଦାଶିବ ପୁରୋହିତ, ଅମୂଲ୍ୟ କୁମାର ମିଶ୍ର, ସୁବାସ ରାଉତ, ସୁକାନ୍ତ ବୋଷ, ଜଗବନ୍ଧୁ ବେହେରା, ମନୋଜ ଭୋଇ, ସାହେବ ଖମାରୀ, ମଥୁରା ଓରାମ ପ୍ରମୁଖ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ।



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି।
କୋଟି କୋଟି ଦେବତା ମଧ୍ୟ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।
- ମହର୍ଷି ଗର୍ଗ



## ସଂକ୍ଷେପରେ

### ଜହ୍ନାପଙ୍କ ପ୍ରିମିୟର ଲିଗ୍ ବ୍ରାହ୍ମଣୀପାଲି, ମର୍ଯ୍ୟାଦାପୁର ବିଜୟୀ

ଜହ୍ନାପଙ୍କ, ୨୩।୧୨ (ଡି.ଏନ.ଏ) ବୌଦ୍ଧ ଜିଲା ଜହ୍ନାପଙ୍କ ମେଡିକାଲ ପଡିଆରେ ଚାଲିଥିବା ଜହ୍ନାପଙ୍କ (ଏ) ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟର ସୋମବାର ତୃତୀୟ ଦିବସରେ ଜହ୍ନାପଙ୍କ ଓ ବ୍ରାହ୍ମଣୀପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ବ୍ରାହ୍ମଣୀପାଲି ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ କରିଥିଲା । ଜବାବରେ ଜହ୍ନାପଙ୍କ (ଏ) ୧୨ ଓଭରରେ ୮ ଉଇକେଟ ହରାଇ ୯୮ ରନ କରିଥିଲା। ଫଳରେ ବ୍ରାହ୍ମଣୀପାଲି ୬ ରନରେ ବିଜୟୀ ହୋଇଥିଲା । ଅପରାହ୍ନରେ ଦ୍ୱିତୀୟ ମ୍ୟାଚ ମର୍ଯ୍ୟାଦାପୁର ଓ ବୁଢ଼ିପଦର ମଧ୍ୟରେ ହୋଇଥିଲା। ପ୍ରଥମେ ବୁଢ଼ିପଦର ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ମର୍ଯ୍ୟାଦପୁର ଦଳ ୮.୪ ଓଭରରେ ୪ ଉଇକେଟ ହରାଇ ୭୨ ରନ କରି ବିଜୟୀ ହୋଇଥିଲା । ଏଥିରେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

### ଗୁଲୁଣ୍ଡା ସରକାରୀ ଉପ୍ରା ବିଦ୍ୟାଳୟର ଶତବାର୍ଷିକୀ ସମାରୋହ

ବିନିକା,୨୩।୧୨(ଡି.ଏନ୍.ଏ.) ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଗୁଲୁଣ୍ଡା ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଶତବାର୍ଷିକୀ ସମାରୋହ ସୋମବାର ପାଳିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ଜିଲା ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସୋନପୁର ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ବିନିକା ତହସିଲଦାର ତ୍ରିପୁର ମହାନନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ଶଶି ଭୂଷଣ ସେଠୀ, ସୁବର୍ଣ୍ଣପୁର ଶିଶୁ ବିକାଶ ଅଧିକାରୀ ଚର୍ତୁଭୁଜ ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବଲେ। ଆନନ୍ଦ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବାଣିଜ୍ୟ ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପଦ୍ମଶ୍ରୀ ଲୋକକବି ହଳଧର ନାଗ ମୁଖ୍ୟବକ୍ତାଭାବେ ଯୋଗଦେଇ ସମ୍ବଲପୁରୀ ଭାଷାର କଥା, ଗୀତ, କଳା, ସଂସ୍କୃତି ଏବଂ ମହାନତା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ଊଷା କୁମାରୀ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ଭଣ୍ଡାର ସରପଞ୍ଚ ଲକ୍ଷ୍ମଣ କୁମାର ସାହୁ, ସମିତି ସଭ୍ୟ ଭୀମସେନ ସାହୁ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ ବାଗ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ପରମାନନ୍ଦ ପଧାନ ମଞ୍ଚ ପରିଚାଳନା କରିଥିଲେ ।

### ବଙ୍ଗାପଡ଼ା ଚାମ୍ପିୟନ

ଜହ୍ନାପଙ୍କ,୨୩।୧୨(ଡି.ଏନ.ଏ.) ବୌଦ୍ଧ ଜିଲା ଆମଝିର ପଞ୍ଚାୟତ ବଏଲବେଡା ଖେଳ ପଡିଆରେ ଗତ ୧୫ ତାରିଖରୁ ଚାଲିଥିବା ବାବା ଧବଳେଶ୍ୱର କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଶେଷ ହୋଇଛି। ଫାଇନାଲ ଖେଳ ଖୁଣ୍ଟବନ୍ଧ ଓ ବଙ୍ଗାପଡା ମଧ୍ୟରେ ହୋଇଥିଲା। ବଙ୍ଗାପଡା ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ୧୨ ଓଭରରେ ୫ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ଖୁଣ୍ଟବନ୍ଧ ଦଳ ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୭ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଖୁଣ୍ଟବନ୍ଧ ଦଳ ୮ଓଭରରେ ୬ଉଇକେଟ ହରାଇ ୫୫ରନ କରିଥିଲା। ଜବାବରେ ବଙ୍ଗାପଡା ଦଳ ୫.୫ଓଭରରେ ୨ଉଇକେଟ ହରାଇ ୬୦ରନ କରି ୨-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ରାମଶଙ୍କର ଜେନା ଉପବିଜେତା ଖୁଣ୍ଟବନ୍ଧ ଦଳକୁ ଟ୍ରଫି ସହ ୮ ହଜାର ଓ ଚାମ୍ପିୟନ ବଙ୍ଗାପଡାକୁ ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ୍ ମିଥୁନ ପ୍ରଧାନଓ ମ୍ୟାନ ଅଫ୍ ଦି ସିରିଜ ଅରୁଣ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୋଦ ବାଘ, କ୍ଷୀରାର୍ଣ୍ଣବ କର୍ଣ୍ଣ ଅତିଥି ଭାବେ ଯୋଗଦେଇଥିଲେ ।

# ବିଦ୍ୟୁତ୍ ସଂଯୋଗ ଦାବିରେ ଫେରାଦ

ବରଗଡ଼ ଅଫିସ୍,୨୩।୧୨

ଘରେ ବିଦ୍ୟୁତ ବୋର୍ଡ଼ ଲାଗିଛି । ଗାଁ ମୁଣ୍ଡରେ ଟ୍ରାନ୍ସଫର୍ମର ବସିଛି । ହେଲେ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ତ ଦୂରର କଥା, ଖୁଣ୍ଟ ସ୍ଥାପନ କିମ୍ବା ତାର ମଧ୍ୟ ଟଣାଯାଇ ନାହିଁ। ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କହେନମୁଣ୍ଡା ଗ୍ରାମରେ ସରକାରଙ୍କ ବିଦ୍ୟୁତ ଯୋଜନା ଏଭଳି ସ୍ଥିତିରେ ରହିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ ସହିତ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି କରିଥିଲେ। ଗ୍ରାମରେ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରି ନ ଥିବାରୁ ସେମାନଙ୍କ ପିଲାଛୁଆ ପାଠ ପଢ଼ିପାରୁ ନାହାନ୍ତି । ଅନ୍ଧାରରେ ଜୀବନଯାପନ କରି ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେଇ କହେନମୁଣ୍ଡା ଗ୍ରାମରେ ତୁରନ୍ତ ବିଦ୍ୟୁତ ସଂଯୋଗ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମର ବହୁ ମହିଳାପୁରୁଷ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।



ବିଦ୍ୟୁତ ସଂଯୋଗ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।

# ରୋଜଗାର ବୃଦ୍ଧି ସୁଗମ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର,୨୩।୧୨ (ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅଧୀନ ନୂଆଁ ବରଗାଁମାଲ ଗ୍ରାମରେ ବନ ବିଭାଗ ପକ୍ଷରୁ ରୋଜଗାର ବୃଦ୍ଧି ସୁଗମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଆଞ୍ଚଳିକ ବନ ସଂରକ୍ଷକ ସମ୍ବଲପୁର ସର୍କଲ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସମ୍ବଲପୁର ବନଖଣ୍ଡ ଅଧିକାରୀ ଡ.ସଞ୍ଜୀତ କୁମାର, ସଦର ରେଞ୍ଜର ଗୌରୀ ଦାସ ଉପସ୍ଥିତ ଥିଲେ। ଓଡିଶା ବନ୍ୟାଞ୍ଚଳ ଉନ୍ନୟନ ପ୍ରକଳ୍ପ (୨)ର ଆର୍ଥିକ ସହାୟତାରେ ଏହି ଘର ନିର୍ମାଣ ହୋଇଛି । ଏହି ଗୃହରେ ବନ ସୁରକ୍ଷା ସମିତିର ସଦସ୍ୟମାନେ ବୈଠକ କରି ପାରିବେ। ବିଭିନ୍ନ ସମାଗ୍ରୀ ତିଆରୀ କରିବା ଉପରେ ତାଲିମ ନେଇ ପାରିବେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏଫଏସୟୁ ମୁଖ୍ୟ ଦିଲୀପ କୁମାର ମେଣ୍ଡୁଆଲା, ଫରେଷ୍ଟର କୂଳମଣୀ ପାଣିଗ୍ରାହୀ, ରାମଚନ୍ଦ୍ର ସେଠ, ସତ୍ୟନାରାୟଣ ପ୍ରଧାନ, ଜୀବନ ଜିବିକା ସଂଯୋଜକ ବିଭୂତି ଭୁଷଣ ହୋତା, ସଂଯୋଜକ ସୁଶିଲ କୁମାର ପାତ୍ର, ଉନ୍ନୟନ ଅଧିକାରୀ ସତଶ୍ରାଶୁଂ ରଥ ଓ ରିତା ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।



ସମ୍ବଲପୁର ବନଖଣ୍ଡ ସଦରରେଞ୍ଜ ଅଧୀନ ନୂଆଁବରଗାଁମାଲ ଗ୍ରାମରେ ରୋଜଗାର ବୃଦ୍ଧି ସୁଗମକେନ୍ଦ୍ର ଉଦ୍‌ଘାଟନ ହେଉଛି ।

# କ୍ରିକେଟ ଟୁର୍ନାମେଣ୍ଟ: ଯୁକ୍ତ ଦୁଇ ପ୍ରଥମ ବର୍ଷ ଚାମ୍ପିୟନ

ନାକଟିଦେଉଳ, ୨୩।୧୨ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟରେ ଗତ ୧୮ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃ ଶ୍ରେଣୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଯୁକ୍ତ ୨ ଅଧ୍ୟକ୍ଷ କନ୍ଦର୍ପ ରାଉଳଙ୍କ ଦ୍ୱାରା ଉଦଘାଟିତ ଏହି ଟୁର୍ନାମେଣ୍ଟରେ ଯୁକ୍ତ କଳା ଓ ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷର ଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଟିମ ଦ୍ୱିତୀୟ ବର୍ଷ ଟିମକୁ ୩ ରନରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ସମାରୋହରେ ପ୍ରଧାପକ ଡ. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରିୟ ପ୍ରଧାନ, ଅଧାପକ ସରୋଜ କୁମା ଭୁଏ, ହେମାନନ୍ଦ ପ୍ରଧାନ ଏବଂ ଅନିଲ କୁମାର ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରଧାପିକା ଡ଼.ସରସୀରାଣୀ ନାୟକ ଫାଇନାଲ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଅଧାପକ ସଞ୍ଜୀବ ଦାଶ, ଉମାକାନ୍ତ ବିଶ୍ୱାଳ, ପ୍ରଧାପିକା ସରସ୍ୱତୀ ପଣ୍ଡା, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବାଉଁଶୁଣୀ, ୨୩।୧୨ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀଠାରେ ଥିବା ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ ସ୍କୁଲର ସଭାପତି କାର୍ତ୍ତିକ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କନ୍ଧମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି, ପ୍ରାଣୀ ଚିକିତ୍ସକ ପ୍ରିୟବ୍ରତ ବେହେରା, ବୌଦ୍ଧ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । କେଶବ ପୂଜାହାରୀ ମଞ୍ଚ ପରିଚାଳନା କରିଥିଲେ। ପୂର୍ବରୁ ହୋଇଥିବା ଖେଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ କାଳିନ୍ଦ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।


**ବିଜ୍ଞାପନ ସଂଖ୍ୟା.2600 | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭେଡ଼େନ | ତା.21.12.2019**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯-୨୦ (୦୧ ଅପ୍ରେଲ ୨୦୧୯ରୁ ୩୦ ସେପ୍ଟେମ୍ବର୨୦୧୯) ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA)ରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡିକର ଓ ଜାତୀୟ ସାମାଜିକ ସହାୟତା ଯୋଜନା (NSAP) ବାବଦକୁ ସାମାଜିକ ସମୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ କୌଣସି ଆପତ୍ତି ଅଭିଯୋଗ ଥିଲେ ଉକ୍ତ ତାରିଖରେ ପଞ୍ଚାୟତରେ ଉପସ୍ଥିତ ରହି ଆପତ୍ତି ଉପସ୍ଥାପନ କରିବେ। ଏହି ବୈଠକରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ନୋଡାଲ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସମସ୍ତ ଗ୍ରାମ ସଂଯୋଜକ, ଗ୍ରାମ୍ୟ ସାଧନା କର୍ମୀ, ବ୍ଲକ ସାମାଜିକ ସମୀକ୍ଷକ ଏବଂ ଜିଲ୍ଲା ସାମାଜିକ ସମୀକ୍ଷକ ଉପସ୍ଥିତ ରହି ସମସ୍ତ ରେକର୍ଡ ଉପସ୍ଥାପନ କରାଇବେ।

**କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରା. ସଭା ତାରିଖ | ସମୟ | ଗ୍ରାମ ପଞ୍ଚାୟତର ନାମ | ଗ୍ରା.ସ. ଉପସ୍ଥିତ ହେବାକୁ ଥିବା ଅଧିକାରୀ |
|---|---|---|---|---|
| ୧ | ୧୭।୦୧।୨୦୨୦ | ସକାଳ ୧୦.୩୦ଘଟିକା | ଅଁଇଲାପାଲି, ସୁନାଲରମ୍ଭା, ଭେଡ଼େନ, ରେଶମ, ଲୁହାଖଣ୍ଡି | ଏ.ଓ./ଡବ୍ଲ୍ୟୁ.ଇ.ଓ/ଏ.ପି.ଓ/ ଏମ.ଆଇ /ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.-୧ |
| ୨ | ୩୧।୦୧।୨୦୨୦ | ସକାଳ ୧୦.୩୦ଘଟିକା | ଚିଚିଣ୍ଡା, ବକଟି, ଲୁପୁରସିଂହା, ତାଲମେଣ୍ଡା, ଅରେଇଗୁଡ଼ | ଜି.ପି.ଇ.ଓ/ପି.ଏ/ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍-୨/ ଏ.ପି.ଓ/ ଡବ୍ଲ୍ୟୁ.ଇ.ଓ |
| ୩ | ୧୪।୦୨।୨୦୨୦ | ସକାଳ ୧୦.୩୦ଘଟିକା | ଅର୍ଜୁଣ୍ଡ, ରେମଣ୍ଡା, ସଂକ୍ରିଡ଼ା, କୁବେଡେଗା, ପପଙ୍ଗା, ରୁଷୁଡ଼ା | ବି.ଡି.ଓ/ ଡବ୍ଲ୍ୟୁ.ଇ.ଓ/ପି.ଏ/ ଏ.ପି.ଓ/ ଜି.ପି.ଇ.ଓ/ ଏମ.ଆଇ |
| ୪ | ୨୮।୦୨।୨୦୨୦ | ସକାଳ ୧୦.୩୦ଘଟିକା | ସିଆଲଖଣ୍ଡହଟା, ମାନପୁର, ମହୁଲପାଲି, ଡ଼ାଲବ, ଦେଶଭଟିଲି | ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.-୧/ପି.ଏ/ଜି.ପି.ଇ.ଓ/ଜି.ପି.ଇ.ଓ/ ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.-୨ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭେଡ଼େନ



**OFFICE OF THE DEPUTY DIRECTOR OF MINES, KOIRA CIRCLE, KOIRA**
**DISTRICT: SUNDARGARH**
**Email: ddm.koira@orissaminerals.gov.in**

**NOTICE**
**No. 6414, Date: 11.12.2019**
**Loss of e-Transit Passes**

**No. G-23:-** The following Electronically Generated Transit Passes (e-Pass) in Form M1/G1 issued for transportation of minerals from different mining lease holders / plant (Licensee holders) under Koira Mining Circle are lost during transit by the mineral carrying vehicles. These lsot e-TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful / illegal and such act is punishable under Law.

| Sl. No. | e-Pass No. (G1/ M1) / Date of issue | Vehicle No. | Source of dispatch with User-Code (Lessee/ Licensee) | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | M1 L111902572/119, dt.25.11.2019 | OD04E-4885 | Kalta Iron Mines of SAIL (093013017108) | SAIL Steel Plant at Rourkela through Roxy Rly. siding (1230113388441) | Loaded with 17.700 MT of 63.28% Fe Iron ore screened fines lost near Jamudihi |
| 2 | M1 L101903521/62, Dt.17.11.2019 | OR09J-8982 | Sanindpur Iron & Bauxite Mines of Rungta Sons (P) Ltd. (093057016908) | Karakola Steel Plant of Rungta Mines Ltd. (071813016842) | Loaded with Iron Ore lumps (5-18) of 9.280 MT of 62.49% Fe lost near Rugudi |

It is hereby requested that, if any of the above Transit Passes traced / found anywhere by anybody, the said e-TP may please be returned generously to the Deputy Director of Mines-cum-Competent Authority, Koira 'or' in any of the circle office of Deputy Director of Mines 'or' O/o the Mining Officer of Steel & Mines Department, Odisha to prevent from illegal use of such e-Transit Passes.

30016/11/0007/1920 *Sd./- Deputy Director of Mines-cum-Competent Authority, Koira*



NANDANKANAN
**NANDANKANAN ZOOLOGICAL PARK**
**NOTICE No.20 of 2019-20 Date: 18.12.2019**
**CORRIGENDUM TO TENDER NOTICE No.19 of 2019-20 Dt.13.12.2019**

No.MM-118 :- First sentence of Clause No.9 of terms and conditions relating to the tender for vehicle parking area of Nandankanan shall be replaced with following lines.

**"The agreement shall remain valid for a period of one year from the date of execution of agreement or up to the finalization of tender for multi-level-car parking whichever is earlier".**

**Sd./-**
08070/11/0006/1920 **Deputy Director**
**Nandankanan Zoological Park**



**ODISHAN INSTITUTE OF MARITIME AND SOUTH EAST ASIAN STUDIES**
**An Autonomous Organisation of Dept. of OLL & Culture, Govt. of Odisha, Bhubaneswar-14**
**TENDER**

No.________/OIMSEAS, Dt.________

No.RR-33 :- Secretary, Odishan Institute of Maritime and South East Asian Studies on behalf of Department of Odia Language, Literature & Culture, invites sealed tender from reputed firms / agencies to Curate, Design and Execute the Maritime Heritage Gallery in Odisha State Museum, Bhubaneswar latest by **06.01.2020.**
For details of the tender please visit www.orissaculture.govt.in

**Secretary, OIMSEAS**
**03020/11/0001/1920**



**OFFICE OF THE DIVISIONAL FOREST OFFICER : MAHANADI WILDLIFE DIVISION : NAYAGARH**
Fax No. : 06753-253971, Mob : 943720200, Phones : 06753-254015
E-mail : mahanadiwl.dfo@gmail.com
Tender Notice No. 2 /1F/ Dt. 12/2019
No. MM-119

Sealed tenders are invited in two Bid systems from established/ reputed/registered/experienced and accredited manufactures for supply of following items for use in Mahanadi Wildlife Division, Nayagarh.

| Item | Quantity | Cost of Tender Paper | EMD to be Deposited |
|---|---|---|---|
| 1 | 2 | 3 | 4 |
| 10 (Ten) Seater FRP Boat | 04 (Four) Nos. | Rs. 5,000/- | 60,000/- |
| 20 (Twenty) Seater FRP Boat | 02 (Two) Nos. | | |

1. Non Transferable tender documents for supply of the items stated above will be available from the office of the Divisional Forest Officer, Mahanadi Wildlife Division, Nayagarh, Odisha, on Payment of tender document cost specified above. The tender document cost which is non-refundable, is payable in shape of crossed Demand Draft of State Bank of India, Nayagarh branch, drawn in favor of the Divisional Forest Officer, Mahanadi Wildlife Division, Nayagarh.
2. The Tenders are required to furnish copies of VAT Clearance Certificate, PAN and Registration Certificate etc. as indicated in the Tender document.
3. The Tenders are required to enclose the Earnest Money Deposit (EMD) in Technical Bid, In shape of account payee Demand Draft/ Fixed Deposit Receipt / Bank Guarantee from any of the Nationalized bank pledged in favor of the Divisional Forest Officer, Mahanadi Wildlife Division, Nayagarh.
4. The Items confirming to required specifications are to be delivered at Badamul of Gania Block of Nayagarh District in the state of Odisha and the tender has to quote the rates giving details of taxes, levies, charges, premium etc. separately.
5. The filled –in sealed tenders containing Technical Bid and price Bid in double cover system as per the instruction given in tender documents shall be submitted.
6. The Tender papers will be available for sale in the Office of the Divisional Forest Officer, Mahanadi Wildlife Division, Nayagarh, Odisha between 10 AM – 05 PM on working days till 31.12.2019 . The sealed tenders will be received till 04.01.2020 up to 05 PM in the Office of the Divisional Forest Officer, Mahanadi Wildlife Division, Nayagarh, Odisha. The Technical Bids will be opened on 06.01.2020 at 04 PM in the Office of the Divisional Forest Officer, Mahanadi Wildlife Division, Nayagarh, in presence of Divisional Level Purchase Committee & Tenderers or their authorized representatives. The date of Opening of the Price Bids will be intimated to the technically qualified bidders.
7. The Divisional Forest Officer, Mahanadi Wildlife Division, Nayagarh, Odisha reserves the right to cancel any or all the tenders without assigning any reason thereof.

Sd./- Divisional Forest Officer,
08017/11/0003/1920 Mahanadi Wildlife Division, Nayagarh



DSPL-207

**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏକ୍ୟୁ" ସିରିଜ ("AQ" Series)**

ଏହି ଯୋଜନାରେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ନିବେଶ କରିବାର ଶେଷ ତାରିଖ: ୩୧.୧୨.୨୦୧୯
କୁପନ ସଂଗ୍ରହର ଶେଷ ତାରିଖ: ୨୯.୦୨.୨୦୨୦
ଉଠାଣ ତାରିଖ: ୨୬.୦୪.୨୦୨୦
ସର୍ବନିମ୍ନ ଜମା ପରିମାଣ: ୨୦୦୦ ଟଙ୍କା (ତା ୦୧.୦୧.୨୦୧୯ ଠାରୁ ତା ୩୧.୧୨.୨୦୧୯ ରିଖ ମଧ୍ୟରେ)

**ଯୋଗ୍ୟ ସ୍ୱଳ୍ପ ସଞ୍ଚୟ ଯୋଜନା:-**

୧) କିଷାନ ବିକାଶ ପତ୍ର (KVP)
୨) ଜାତୀୟ ସଞ୍ଚୟ ସାର୍ଟିଫିକେଟ (ଅଷ୍ଟମ ଇସ୍ୟୁ) (NSC 8th issue)
୩) ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (PPF)
୪) ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (SCSS) (କେବଳ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ)
୫) ସୁକନ୍ୟା ସମୃଦ୍ଧି ଜମା (SSA)
୬) ଡାକଘର ୫ ବର୍ଷିଆ ଅବଧି ଜମା (5Yr POTD)/ ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା (5Yr NSTDA)
୭) ଡାକଘର ପୌନଃପୁନିକ ଜମା (PORD)/ ଜାତୀୟ ସଞ୍ଚୟ ପୌନଃପୁନିକ ଜମା ଖାତା (NSRDA)
୮) ଡାକଘର ମାସିକ ଆୟ ଯୋଜନା (POMIS)/ ଜାତୀୟ ସଞ୍ଚୟ ମାସିକ ଆୟ ଜମା (NSMIA)

ଓଡିଶାସ୍ଥିତ ଯେକୌଣସି ଡାକଘର ଏବଂ ବ୍ୟାଙ୍କ ମାନଙ୍କରେ ଅନ୍ୟୁନ ୨୦୦୦ ଟଙ୍କା ଜମା କରିବା ପୂର୍ବକ ଏହି ପ୍ରୋତ୍ସାହନ ଯୋଜନାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ରାଶି ବିଜୟୀ ହୋଇ ଲକ୍ଷପତି ହେବାର ସୁଯୋଗ ନିଅନ୍ତୁ । ଏଥିରେ ୭ଟି ଶ୍ରେଣୀରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୨୦୦୦ ଟଙ୍କା ହିସାବରେ ସମୁଦାୟ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ ଗୋଟି ପୁରସ୍କାର ବିତରଣର ବ୍ୟବସ୍ଥା ରହିଛି ।

ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ ।

ସବିଶେଷ ବିବରଣୀ ତଥା କୁପନ ସଂଗ୍ରହ ପାଇଁ , ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ/ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ/ବ୍ଲକ କାର୍ଯ୍ୟାଳୟରେ ଅବସ୍ଥାପିତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ବର୍ଷର ଶେଷ ଭାଗରେ ପ୍ରବଳ ଭିଡ଼ରୁ ରକ୍ଷା ପାଇବାପାଇଁ, ବର୍ତ୍ତମାନ ସୁଦ୍ଧା ଜମା କରିସାରିଥିବା ଜମାକାରୀମାନେ ସେମାନଙ୍କର କୁପନ ଆଜିଠାରୁ ହିଁ ସଂଗ୍ରହ କରିନିଅନ୍ତୁ ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
05001/13/0016/1920 ଅର୍ଥ ବିଭାଗ, ଓଡ଼ିଶା ସରକାର



ଅଭିନେତା ଅରବାଜ୍ ଖାନ୍ ଓ ଅଭିନେତ୍ରୀ ମଲାଇକା ଆରୋରାଙ୍କ ମଧ୍ୟରେ ୨୦୧୭ରେ ବିବାହ ବିଚ୍ଛେଦ ହୋଇଥିଲା। ୧୭ ବର୍ଷର ଦାମ୍ପତ୍ୟ ଜୀବନରେ କାହିଁକି ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ସେ ନେଇ ଅରବାଜ୍ ଏକ ସାକ୍ଷାତକାରରେ ପ୍ରଘଟ କରିଛନ୍ତି। ଅରବାଜ୍ ଇଟାଲୀୟ ମଡେଲ ଜର୍ଜିଆ ଆନ୍ଦ୍ରିଆନିଙ୍କୁ ଡେଟିଂ କରୁଥିବା ବେଳେ ମଲାଇକା ଅଭିନେତା ଅର୍ଜୁନ କପୁରଙ୍କ ସହ ଖୁସି ଅଛନ୍ତି।

# ଖାଉଟି ସଚେତନତା ଲୋଡ଼ା

## ଜାତୀୟ ଖାଉଟି ଦିବସ



ପ୍ରତିବର୍ଷ ଭାରତରେ ୨୪ ଡିସେମ୍ବରକୁ ରାଷ୍ଟ୍ରୀୟ ଖାଉଟି ଦିବସ ଭାବେ ପାଳନ କରାଯାଏ। ୧୯୮୬ରେ ଏହି ଦିନ ଖାଉଟି ସୁରକ୍ଷା ଆଇନ ପାରିତ ହୋଇଥିଲା। ଏହାପରେ ଏହାକୁ ୧୯୯୧ ଓ ୧୯୯୩ରେ ସଂଶୋଧନ କରାଯାଇଥିଲା। ଏହି ଆଇନକୁ ଅଧିକରୁ ଅଧିକ କାର୍ଯ୍ୟକାରୀ କରିବା ସହ ଏହାର ଆବଶ୍ୟକତାକୁ ନିଶ୍ଚିତ କରିବା ଲାଗି ୨୦୦୨ରେ ବ୍ୟାପକ ସଂଶୋଧନ କରାଯିବା ପରେ ୧୫ ମାର୍ଚ୍ଚ୨୦୦୩ରେ ଏହାକୁ ଲାଗୁ କରାଯାଇଥିଲା। ପୁଣି ଖାଉଟି ବା ଉପଭୋକ୍ତାଙ୍କୁ ନ୍ୟାୟ ଦେବା ଲାଗି ୬ ଅଗଷ୍ଟ ୨୦୧୯ରେ ନ୍ୟୁ କଞ୍ଜୁମର ପ୍ରୋଟେକ୍ସନ ଆକ୍ଟ ବା ନୂଆ ଖାଉଟି ସୁରକ୍ଷା ଆଇନ୍ ଲୋକସଭାରେ ପାରିତ ହୋଇଛି। ପୁରୁଣା ଆଇନ୍ ଆମ ଲାଗି ଏକ ବଡ଼ ଉପହାର ଥିଲା, କିନ୍ତୁ ଏହାକୁ ବାରମ୍ବାର ସଂଶୋଧନ କରାଯିବା ପରେ ବି ଉପଭୋକ୍ତାଙ୍କ ଦ୍ୱାରା ଏହାର ଉପଯୋଗ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ସେଥିପାଇଁ ଏକ ନୂଆ ଆଇନର ଆବଶ୍ୟକତା ଉପଲବ୍ଧି କରି ସରକାର ଏହା ଆଣିଛନ୍ତି। ଏହା ଉପଭୋକ୍ତାଙ୍କୁ ଶୀଘ୍ର ନ୍ୟାୟ ଦେବା ଉଦ୍ଦେଶ୍ୟରେ କରାଯାଇଛି। ନ୍ୟୁ କଞ୍ଜୁମର ପ୍ରୋଟେକସନ ଅଥରିଟିଙ୍କୁ ତଦନ୍ତ କରିବା ଲାଗି ଏଥିରେ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯିବା ସହ ଆହୁରି ଅନେକ ବ୍ୟବସ୍ଥା ରଖାଯାଇଛି। ଖାଉଟି ସୁରକ୍ଷା ଆଇନ ପୂର୍ବରୁ ଖାଉଟିମାନେ ପ୍ରତ୍ୟେକ କ୍ଷେତ୍ରରେ ଠକାମିର ଶିକାର ହେଉଥିଲେ ଓ ଏହା ବିରୋଧରେ ସ୍ୱର ଉଠାଇପାରୁ ନ ଥିଲେ। ଗ୍ରାହକମାନଙ୍କର କ୍ଷତି ହେଉଥିଲେ ବି ନ୍ୟାୟ ପାଇବା ଲାଗି ସେମାନଙ୍କ ପାଖରେ କୌଣସି ଆଇନ ନ ଥିଲା। ବ୍ୟବସାୟୀମାନଙ୍କ ଠକାମି ବିରୋଧରେ ଉପଭୋକ୍ତାମାନଙ୍କ ସ୍ୱର ସରକାରଙ୍କ ପାଖରେ ପହଞ୍ଚିପାରୁନଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଖାଉଟି ସୁରକ୍ଷା ଆଇନ କରିଥିଲେ। ଏବେ ଏହି ଆଇନ ବଳରେ ଉପଭୋକ୍ତା ନିଜକୁ ସୁରକ୍ଷିତ ମଣୁଛନ୍ତି। ଉପଭୋକ୍ତାଙ୍କୁ ସଚେତନ କରିବା ସହ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିବା ଏହି ଦିବସର ଉଦ୍ଦେଶ୍ୟ। ଖାଉଟିଙ୍କ ସମସ୍ୟାର ସମାଧାନ କରିବା ତଥା ସେମାନଙ୍କୁ ସଚେତନ କରିବା ପାଇଁ ଜାତୀୟ, ରାଜ୍ୟ ଓ ଜିଲା ସ୍ତରରେ ଖାଉଟି ସୁରକ୍ଷା ପରିଷଦ ଗଠନ କରାଯାଇଛି। ଉପଭୋକ୍ତା ଆନ୍ଦୋଳନର ଆବଶ୍ୟକତା ଓ ଏହାର ଲକ୍ଷ୍ୟ ଲୋକଲୋଚନକୁ ଆଣିଥାଏ ଏହି ଦିବସ। ଆମ ଦେଶରେ ଉପଭୋକ୍ତାଙ୍କୁ ସଚେତନ କରିବା ଲାଗି ଅନେକ ଖାଉଟି ସଂଗଠନ ଓ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟ କରୁଛନ୍ତି।



# କୁଟା ବ୍ୟବହାର କରି ଲକ୍ଷପତି

**ନୂଆଦିଲ୍ଲୀ:** ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣର ମାତ୍ରା ଏତେ ବଢ଼ିଯାଇଥିଲା ଯେ, ସରକାରଙ୍କ ସମେତ କୋର୍ଟ ମଧ୍ୟ ନାକେଦମ ହୋଇପଡ଼ିଥିଲେ। ପ୍ରଦୂଷଣ ବଢ଼ିବାର ଦୋଷ ସିଧା ଚାଷୀଙ୍କ ମୁଣ୍ଡକୁ ଯାଇଥିଲା। କାରଣ ସେମାନେ ଧାନ ଅମଳ କରିବା ପରେ କୁଟାକୁ ଜାଳିଦିଅନ୍ତି। ଏହାର ଧୂଆଁ ଚାରିଆଡ଼େ ବ୍ୟାପୀ ପରିବେଶ ପ୍ରଦୂଷଣ କରିଥାଏ। ମାତ୍ର ଏ କ୍ଷେତ୍ରରେ ଦିଲ୍ଲୀର ଜଣେ ଚାଷୀ ଏମିତି କିଛି କରିଛନ୍ତି, ଯାହାଦ୍ୱାରା ସେ ଲକ୍ଷପତି ହୋଇଯାଇଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ବିନୋଦ ଚୌହାନ ନାମକ ଚାଷୀ ଜମିରୁ ଧାନ କାଟିବା ପରେ କୁଟାକୁ ନ ଜଳାଇ ପୁନର୍ବାର ଚାଷଜମିରେ ବ୍ୟବହାର କରିଛନ୍ତି। ଏହି କୁଟାରେ ସେ ଛତୁଚାଷ କରିଛନ୍ତି। ତାଙ୍କ ମନରେ କ୍ଷତି ହୋଇଯିବାର ଭୟ ଥିଲା। କିନ୍ତୁ ଛତୁଚାଷ କରି ୩ ମାସ ମଧ୍ୟରେ ସେ ୩ ଲକ୍ଷ ଟଙ୍କା ରୋଜଗାର କରିସାରିଲେଣି, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

# 'ଗୁଡ୍ ନ୍ୟୁଜ୍'କୁ ନେଇ ଅକ୍ଷୟଙ୍କୁ ଟ୍ରୋଲ୍



**ମୁମ୍ବାଇ:** ସୋସିଆଲ ମିଡିଆରେ ଟ୍ରୋଲ୍ ହେଉଛନ୍ତି ବଲିଉଡ୍ ସୁପରଷ୍ଟାର୍ ଅକ୍ଷୟ କୁମାର। ଆଜିକାଲି ସେ ନିଜ ଅପ୍‌କମିଂ ଫିଲ୍ମ 'ଗୁଡ୍ ନ୍ୟୁଜ୍'ର ପ୍ରମୋଶନରେ ବ୍ୟସ୍ତ ଥିବାବେଳେ ଫିଲ୍ମର ଏକ ଡାଏଲଗ୍‌କୁ ନେଇ ବିବାଦ ଉପୁଜିଛି।

ଅକ୍ଷୟଙ୍କ ଫିଲ୍ମ 'ଗୁଡ୍ ନ୍ୟୁଜ୍'ର ଦୁଇ ଦୁଇଟି ଟ୍ରେଲର୍ ରିଲିଜ୍ ହୋଇଯାଇଛି, ଯାହା ଫ୍ୟାନ୍‌ମାନଙ୍କୁ ଖୁବ୍ ପସନ୍ଦ ମଧ୍ୟ ଆସିଛି। ତେବେ ଦ୍ୱିତୀୟ ଟ୍ରେଲର୍‌ରେ ଏକ ଡାଏଲଗ୍‌କୁ ନେଇ ଏବେ ବିବାଦ ଦେଖାଦେଇଛି। ଏଥିରେ ଭଗବାନ ରାମଚନ୍ଦ୍ରଙ୍କୁ ଅପମାନ କରାଯାଇଥିବା ନେଇ ସୋସିଆଲ୍ ମିଡିଆରେ ଅକ୍ଷୟଙ୍କୁ ତୀବ୍ର ନିନ୍ଦା ଓ ସମାଲୋଚନା କରାଯାଉଛି। ଅନ୍ୟପଟେ ବିବାଦୀୟ ଡାଏଲଗ୍ ସହ କ୍ଲିପ୍‌ଟି ଏବେ ସୋସିଆଲ୍ ମିଡିଆରେ ମଧ୍ୟ ଭାଇରାଲ୍ ହେଉଛି। ପ୍ରକୃତରେ ଫିଲ୍ମ 'ଗୁଡ୍‌ନ୍ୟୁଜ୍'ର ଏହି ଟ୍ରେଲର୍‌ରେ ଅକ୍ଷୟ ଜଣେ ବ୍ୟକ୍ତିଙ୍କ ସହ କଥା ହେଉଛନ୍ତି। ସେ ବ୍ୟକ୍ତି ଜଣକ ତାଙ୍କ ଶିଶୁ ହୋଲି ଦିନ ଜନ୍ମ ହୋଇଥିବାରୁ ତାର ନାମ 'ହୋଲା ରାମ' ରଖିଥିବା ଅକ୍ଷୟଙ୍କୁ କହୁଛନ୍ତି। ଏହାର ଉତ୍ତରରେ ଅକ୍ଷୟ 'ରାମ' ନାଁ ଧରି ଏକ କମେଡି କରିଥିବା ଦେଖିବାକୁ ମିଳିଛି। ଏହି କାରଣରୁ କିଛି ଧର୍ମବିଶ୍ୱାସୀ ଆପତ୍ତି ଉଠାଇଛନ୍ତି ଏବଂ ସୋସିଆଲ୍ ମିଡିଆରେ ଏହାକୁ ବିରୋଧ କରୁଛନ୍ତି। ଏପରି କି, ଜଣେ ୟୁଜର ଅକ୍ଷୟଙ୍କୁ ବିଦେଶୀ ବୋଲି ଆକ୍ଷେପ କରି କହିଛନ୍ତି, "ଜଣେ ବିଦେଶୀ ଆମ ଦେଶକୁ ଆସି ଧନ ଏବଂ ସମ୍ମାନ ଲାଭ କରିଛି। ଆଉ ଆମ ଭଗବାନଙ୍କୁ ନେଇ ଅପଶବ୍ଦ ବ୍ୟବହାର କରୁଛନ୍ତି। ଆମେ ଆପଣଙ୍କୁ କେବେ କ୍ଷମା କରିବୁନାହିଁ।" ଆଉ ଜଣେ ୟୁଜର ଅକ୍ଷୟ କୁମାରଙ୍କୁ 'ଫେକ୍ କୁମାର' ବୋଲି ଲେଖିଛନ୍ତି। ସେହିପରି ଆଉ ଜଣେ ୟୁଜର କହିଛନ୍ତି, "ତୁମେ କାନାଡିଆନ। ଏଥିପାଇଁ ଆମର କିଛି ଅସୁବିଧା ନାହିଁ। ହେଲେ ଆପଣଙ୍କ ସାହସ କିପରି ହେଲା, ଆମ ଭଗବାନଙ୍କୁ ଅପମାନ କରିବାକୁ।" ଏପରି ଅନେକ ଅସନ୍ତୋଷ ଅକ୍ଷୟଙ୍କ ବିରୋଧରେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ତେବେ ଏନେଇ ବର୍ତ୍ତମାନ ସୁଦ୍ଧା ସେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି।

ଅନ୍ୟପଟେ ଫିଲ୍ମ 'ଗୁଡ୍ ନ୍ୟୁଜ୍' ଆସନ୍ତା ୨୭ରେ ରିଲିଜ୍ ହେବ। ଫିଲ୍ମରେ ଅକ୍ଷୟଙ୍କ ବ୍ୟତୀତ କରୀନା କପୁର ଖାନ୍, ଦିଲ୍‌ଜିତ୍ ଦୋସାଞ୍ଝ ଏବଂ କିୟାରା ଆଡ୍‌ଭାନୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମରେ ଭରପୂର କମେଡି, ରୋମାନ୍ସ ଏବଂ ଡ୍ରାମା ଦେଖିବାକୁ ମିଳିବ।



# ଯାଆଁଳା ସନ୍ତାନଙ୍କ ଗାଁ

ଯାଆଁଳା ପିଲାଙ୍କ କଥା ସମସ୍ତେ ଜାଣିଥିବେ। ହେଲେ କେରଳର ମଲ୍ଲମପୁର ଜିଲାର କୋଡିନ୍ନି ଗାଁ ସବୁଠାରୁ ନିଆରା। ଏଠାରେ ଅଧିକାଂଶ ମା' ଜମଜ ସନ୍ତାନ ଜନ୍ମ ଦେଇଥାଆନ୍ତି। ଏବେ ଏଠାରେ ପ୍ରାୟ ୪୦୦ ଯାଆଁଳା ସନ୍ତାନ ରହିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ୬୫ ବର୍ଷୀୟ ବୃଦ୍ଧ ପର୍ଯ୍ୟନ୍ତ। ଏକ ଗବେଷଣାରୁ ଜଣାଯାଏ, ପ୍ରତି ୧ ହଜାର ଶିଶୁଙ୍କ ମଧ୍ୟରେ ୪ ଯାଆଁଳା ସନ୍ତାନ ଜନ୍ମ ନିଅନ୍ତି। ହେଲେ କେରଳର କୋଡିନ୍ନି ଗାଁ ଏହାର ବ୍ୟତିକ୍ରମ। ଏଠାରେ ପ୍ରତି ୧ ହଜାରରେ ୪୫ ଯାଆଁଳା ସନ୍ତାନ ଜନ୍ମ ନେଉଛନ୍ତି। ତେବେ ଯାଆଁଳା ସନ୍ତାନ ଜନ୍ମ କରିବାରେ ଏହି ଗାଁ ବିଶ୍ୱରେ ଦ୍ୱିତୀୟ। ଏହା ଏକ ମୁସଲମାନ ବହୁଳ ଗାଁ ହୋଇଥିବାବେଳେ ଏହାର ଜନସଂଖ୍ୟା ପାଖାପାଖି ୨ହଜାର। ତେଣୁ ସ୍କୁଲ, କଲେଜ, ବ୍ୟବସାୟ ସ୍ଥଳ ସବୁଠି ଦେଖିବାକୁ ମିଳେ ଏମିତି କେତେଜଣ ଯାଆଁଳା ବ୍ୟକ୍ତିଙ୍କୁ। ଏକ ରିପୋର୍ଟ ଅନୁଯାୟୀ, ୨୦୦୮ରେ ଏଠାରେ ଜନ୍ମ ନେଇଥିବା ୩ଶହ ପିଲାଙ୍କ ମଧ୍ୟରେ ୧୫ ଯୋଡା ଥିଲେ ଯାଆଁଳା। ଯାହା ଏକ ବର୍ଷରେ ଜନ୍ମ ନେଇଥିବା ଯାଆଁଳା ଶିଶୁଙ୍କ ମଧ୍ୟରେ ସର୍ବାଧିକ ବୋଲି କୁହାଯାଏ। ତେବେ ଗତ କିଛି ବର୍ଷ ହେବ ଏହି ଗାଁରେ ୨ ଯାଆଁଳା ସନ୍ତାନଙ୍କ ବଦଳରେ ଅନେକ ସ୍ଥଳେ ଏକକାଳୀନ ୩ ସନ୍ତାନ ଜନ୍ମ ନେଉଥିବା କୁହାଯାଏ।

## ପ୍ଲାଷ୍ଟିକ୍ ବୋତଲରେ ୨୮.୫ ମିଟର ଉଚ୍ଚ

# କ୍ରିସ୍‌ମାସ ଟ୍ରି



**ଲେବାନନ୍:** ପ୍ଲାଷ୍ଟିକ୍ ବ୍ୟବହାର କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ପ୍ରତି ବିପଦ ସୃଷ୍ଟି କରିଚାଲିଛି। ସବୁ ଦେଶର ସରକାର ଏହାକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଜୋର୍‌ଦାର ପ୍ରୟାସ ବି ଚଳାଇଛନ୍ତି। ଏହି ଅଭିଯାନରେ ସାମିଲ ହୋଇଛି ଉତ୍ତର ଲେବାନନ୍। ପ୍ଲାଷ୍ଟିକ୍ ବନ୍ଦ କରିବାକୁ ଏହି ଦେଶ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ଏଠାରେ ୧ ଲକ୍ଷ ୨୦ ହଜାର ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରାଯାଇ ୨୮.୫ ମିଟର ଉଚ୍ଚର ଏକ କ୍ରିସ୍‌ମାସ ଟ୍ରି' ତିଆରି କରାଯାଇଛି। ଏହାକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଦେବାକୁ ଚେଷ୍ଟା ଜାରି ରହିଛି। ଉତ୍ତର ଲେବାନନ୍‌ର ଚେକ୍କା ଗାଁରେ ଏପରି ଏକ ଭିନ୍ନ କ୍ରିସ୍‌ମାସ ଟ୍ରି' ଦେଖିବାକୁ ମିଳିଛି। ଏହାକୁ ସମସ୍ତ ଗ୍ରାମବାସୀ ମିଶି ତିଆରି କରିଛନ୍ତି। ଗ୍ରାମବାସୀ କୁହନ୍ତି, ଏହା ବିଶ୍ୱର ସବୁଠାରୁ ବଡ଼ କ୍ରିସ୍‌ମାସ ଟ୍ରି', ଯାହା ଖୁବ୍‌ଶୀଘ୍ର ଗିନିଜ୍ ରେକର୍ଡରେ ସ୍ଥାନ ପାଇବାକୁ ଯାଉଛି। ଏହାର ମୁଖ୍ୟ କ୍ୟାରୋଲିନ୍ ଛେବିଟିନି କୁହନ୍ତି, ଏହି ଟ୍ରି ବିଶ୍ୱର ସମସ୍ତ ଲୋକଙ୍କୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ପାଇଁ ବାର୍ତ୍ତା ଦେବ। ଏହାକୁ ତିଆରି କରିବା ପାଇଁ ୬ ମାସ ସମୟ ଲାଗିଛି। ଗ୍ରାମବାସୀ ସୋସିଆଲ ମିଡିଆ ମାଧ୍ୟମରେ ବୋତଲ ସଂଗ୍ରହ କରିବାକୁ ନିବେଦନ କରିଥିଲେ। ଲୋକେ ମଧ୍ୟ ଧୀରେ ଧୀରେ ଏଥିରେ ସହଯୋଗ କରିଥିଲେ, ଯେଉଁଥିପାଇଁ ଏହା ସମ୍ଭବ ହୋଇପାରିଛି। ଏହି ଟ୍ରି'କୁ ଲୋକଙ୍କ ଦେଖିବା ଲାଗି ଦେଢ଼ ମାସ ରଖାଯିବ। ଏହା ପରେ ବୋତଲର ରିସାଇକ୍ଲି କରାଯିବ।

## ଶ୍ରେଷ୍ଠ ଅଭିନେତା

# ଭିକ୍କି – ଆୟୁଷ୍ମାନ



ଭିକ୍କି କୌଶଲ



ଆୟୁଷ୍ମାନ ଖୁରାନା

**ନୂଆଦିଲ୍ଲୀ:** ସୋମବାର ଅନୁଷ୍ଠିତ ହୋଇଯାଇଛି ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ। ଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏହି ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଦିବ୍ୟା ଦତ୍ତ ଏହାର ହୋଷ୍ଟ ଭାବେ ନଜର ଆସିଥିଲେ। ଅମିତାଭ ବଚ୍ଚନଙ୍କୁ ଦାଦା ସାହେବ ଫାଲ୍‌କେ ଆୱାର୍ଡ ମିଳିଥିବା ବେଳେ ଅସୁସ୍ଥତା କାରଣରୁ ବିଗ୍ ବି ଏହି ଉତ୍ସବରେ ଯୋଗ ଦେଇପାରି ନାହାନ୍ତି। ବରିଷ୍ଠ ଅଭିନେତ୍ରୀ ସୁରେଖା ଶିକାରୀଙ୍କୁ ଫିଲ୍ମ 'ବଧାଇ ହୋ' ପାଇଁ ବେଷ୍ଟ ସପୋର୍ଟିଂ ଆକ୍ଟ୍ରେସ୍ ଆୱାର୍ଡ ମିଳିଛି। ସେ ହ୍ୱିଲ୍‌ଚେୟାରରେ ଆସି ଭେଙ୍କାୟାଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। 'ଅନ୍ଧାଧୁନ' ପାଇଁ ଆୟୁଷ୍ମାନ ଖୁରାନାଙ୍କୁ ଓ 'ଉରି-ଦ ସର୍ଜିକାଲ ଷ୍ଟ୍ରାଇକ' ପାଇଁ ଭିକ୍କି କୌଶଲଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସମ୍ମାନିତ କରାଯାଇଛି। ସେହିପରି ଅକ୍ଷୟ କୁମାରଙ୍କ ଫିଲ୍ମ 'ପ୍ୟାଡମ୍ୟାନ୍'କୁ ଶ୍ରେଷ୍ଠ ସାମାଜିକ ଚଳଚ୍ଚିତ୍ର ପୁରସ୍କାର ମିଳିଛି।

# ଅନନ୍ୟା

ଶେଷପାଦରେ ଉପନୀତ ୨୦୧୯ । ଚଳିତବର୍ଷ ଚର୍ଚ୍ଚାର ପରିସରକୁ ଆସିଥିବା ଏବଂ ବିଭିନ୍ନ କ୍ଷେତ୍ରରେ ନିଜକୁ ଅନନ୍ୟ ପ୍ରମାଣିତ କରିଥିବା ପ୍ରମୁଖ ମହିଳାଙ୍କ ସମ୍ପର୍କରେ...

**ଚର୍ଚ୍ଚାରେ ଅନୁପ୍ରିୟା:** ମାଲକାନଗିରିର ଅନୁପ୍ରିୟା ଲାକ୍ରା ଏବର୍ଷ ପାଲଟିଛନ୍ତି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ। ରାଜ୍ୟର ପ୍ରଥମ ଆଦିବାସୀ ମହିଳା ପାଇଲଟ୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଇଞ୍ଜିନିୟରିଂ ପଢ଼ିବା ସମୟରେ ପାଇଲଟ୍ ହେବାର ନିଶା ତାଙ୍କୁ ଘାରିଥିଲା। ତେଣୁ ସେ ଇଞ୍ଜିନିୟରିଂ ପଢ଼ା ଛାଡ଼ି ଆଭିଏସନ୍ ଏକାଡେମୀରେ ନାମ ଲେଖାଇଥିଲେ।

**ସାହସୀ ଆରୋହୀ:** ବମ୍ବେର ବୋରିବଲୀରେ ଜନ୍ମିତା ଆରୋହୀ ପଣ୍ଡିତ ଚଳିତବର୍ଷ ପ୍ରଶାନ୍ତ ମହାସାଗର ଓ ଆଟ୍‌ଲାଣ୍ଟିକ୍ ମହାସାଗର ଉପରେ ଏକାକୀ ବିମାନ ଉଡ଼ାଇ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ମହିଳାମାନଙ୍କୁ ପାଇଲଟ୍ ହେବାକୁ ଉତ୍ସାହିତ କରିବା ପାଇଁ ସେ ଏକ ମହିଳା ପାଇଲଟ୍ ଟିମ୍ ଗଠନ କରିଛନ୍ତି ଏବଂ ତାହାର ନାମ ରଖିଛନ୍ତି 'ମାହି'।


କାନେ ଟାନାଜି

**ରକେଟ୍ ଓମେନ ରିତୁ:** ରିତୁ କାରିଧାଲ୍। ବର୍ତ୍ତମାନ ସେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ କାର୍ଯ୍ୟରତ । ଇସ୍ରୋର ମଙ୍ଗଳ ଗ୍ରହ ଅଭିଯାନର ଅନ୍ୟତମ ପ୍ରମୁଖ ବୈଜ୍ଞାନିକ ଭାବରେ ତାଙ୍କୁ ବିବେଚନା କରାଯାଉଛି। କେବଳ ସେତିକି ନୁହେଁ, ତାଙ୍କୁ ଏବେ 'ରକେଟ୍ ଓମେନ' ଭାବରେ ସମ୍ବୋଧନ କରାଯାଉଛି।

**ଗ୍ରେଟା ଥନବର୍ଗ:** ଲୋକପ୍ରିୟ ଟାଇମ୍ ମାଗାଜିନ୍ ତରଫରୁ ହୋଇଥିବା ୨୦୧୯ ପର୍ସନ ଅପ୍ ଦି ଇୟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ସ୍ୱିଡେନ୍‌ର ୧୬ ବର୍ଷୀୟ ଯୁବତୀ ଗ୍ରେଟା ଥନ୍‌ବର୍ଗ। ସମଗ୍ର ବିଶ୍ୱରେ ଅନ୍ୟତମ ଚିନ୍ତାର କାରଣ ପାଲଟିଥିବା ପରିବେଶ ପ୍ରଦୂଷଣ ସମ୍ପର୍କରେ ଜନସଚେତନତା ସୃଷ୍ଟିକରି ସେ ଚର୍ଚ୍ଚିତା ହୋଇଛନ୍ତି।

**ଏଲବ୍ରୁସ୍ ଶୃଙ୍ଗ ଆରୋହଣ କଲେ ଲିପିକା:** ଓଡ଼ିଆ ଝିଅ ଲିପିକା ସେଠ୍ ତାଙ୍କ ସଫଳତାରେ ଆଉ ଏକ ପର୍ଦ୍ଦ ଯୋଡ଼ିଛନ୍ତି। ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ୍ ଚଢ଼ିବାରେ ସେ ସଫଳ ହୋଇଛନ୍ତି।

**ଆମେରିକା ରାଷ୍ଟ୍ରପତି ଦୌଡ଼ରେ ଭାରତୀୟ ମହିଳା:** ଆମେରିକା ରାଷ୍ଟ୍ରପତି ଦୌଡ଼ରେ ପ୍ରଥମଥର ପାଇଁ ଜଣେ ପ୍ରବାସୀ ଭାରତୀୟ ଭାବେ ମହିଳା ତୁଳସୀ ଗାବାର୍ଡ ନିଜ ନାମକୁ ସାମିଲ କରିଛନ୍ତି। ୩୭ ବର୍ଷ ବୟସ୍କା ଏହି ମହିଳା ହାୱାଇରୁ ଡେମୋକ୍ରାଟିକ୍ ଦଳ ପକ୍ଷରୁ ୪ ଥର ଆମେରିକା କଂଗ୍ରେସକୁ ନିର୍ବାଚିତ ହୋଇସାରିଛନ୍ତି। ୨୦୨୦ରେ ଅନୁଷ୍ଠିତ ହେବାକୁ ଥିବା ଏହି ହାଇଭୋଲ୍‌ଟେଜ୍ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ସେ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଚ୍ୟାଲେଞ୍ଜ ଦେବେ।

**ବୟସ୍କା ମହିଳା:** ବିଶ୍ୱର ସବୁଠୁ ବୟସ୍କା ମହିଳା ହେବାର ଗୌରବ ଅର୍ଜନ କରିଛନ୍ତି ଜାପାନର କାନେ ଟାନାଜି। ୧୯୦୩ରେ ଜନ୍ମିତା ୧୧୬ ବର୍ଷ ବୟସ୍କା ଏହି ମହିଳାଙ୍କ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଛି। ୧୯୨୨ରେ ହାଇଡିଓ ଟାନାଜିଙ୍କୁ ସେ ବିବାହ କରିଥିଲେ। ଟାନାଜି ପ୍ରତିଦିନ ଭୋର ସମୟରେ ଶଯ୍ୟା ତ୍ୟାଗକରି ଗଣିତ କଷିବାକୁ ଭଲ ପାଆନ୍ତି।


ପାୟଲ୍ ଜାଙ୍ଗିଡ୍

**ରାଜସ୍ଥାନ ଝିଅଙ୍କୁ ଚେଞ୍ଜ ମେକର ଆୱାର୍ଡ:** ସମାଜରେ ପରିବର୍ତ୍ତନ ଆଣି ଅନ୍ୟମାନଙ୍କ ପ୍ରେରଣା ସାଜିଥିବା ରାଜସ୍ଥାନର ଝିଅ ପାୟଲ୍ ଜାଙ୍ଗିଡ୍‌ଙ୍କୁ ସମ୍ମାନଜନକ ଚେଞ୍ଜ ମେକର ଆୱାର୍ଡରେ ସମ୍ମାନିତ କରାଯାଇଛି। ପାୟଲ୍ ନିଜ ପରିବାରରୁ ହିଁ ପ୍ରଥମେ ପରିବର୍ତ୍ତନ ଲଢ଼େଇ ଆରମ୍ଭ କରିଥିଲେ। ତାଙ୍କ ପରିବାର ଲୋକେ ଅତି କମ୍ ବୟସରେ ତାଙ୍କୁ ବିବାହ କରିବାକୁ ବାଧ କରିଥିଲେ। କିନ୍ତୁ ଏହାର ବିରୋଧକରି ଏତେ କମ୍ ବୟସରେ ବିବାହ କରିବେ ନାହିଁ ବୋଲି ସେ ମନା କରିଦେଇଥିଲେ।


ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ

**ଶ୍ରଦ୍ଧାଞ୍ଜଳିଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର:** ୨୦୧୮ମସିହା ନିମନ୍ତେ ଘୋଷିତ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ଲ । ଗ ମ ନୋ ନୀ ତ ହୋଇଛନ୍ତି ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ। ତାଙ୍କ ଅନୁବାଦିତ ଉପନ୍ୟାସ 'ଶ୍ରୀମୟୀ ମା' ପାଇଁ ତାଙ୍କୁ ଏହି ପୁରସ୍କାର ମିଳିବ। ରାମକୃଷ୍ଣ ପରମହଂସ ଓ ସାରଦା ଦେବୀଙ୍କ ଜୀବନ କାହାଣୀକୁ ନେଇ ରଚିତ ମୂଳ ପୁସ୍ତକ 'ଶ୍ରୀମୟୀ ମା' ର ଏହା ଓଡ଼ିଆ ଅନୁବାଦ।

**ଟ୍ରାଡିଶନାଲ ଟାଇଟଲ ଜିତିଲେ ଓଡ଼ିଆ ଝିଅ ଶିବାନୀ:** ମୁମ୍ବାଇ ମହାନଗର ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେଇ ମିସ୍ ଟ୍ରାଡିଶନାଲ ବିଭାଗରେ ବିଜୟୀ ହୋଇଛନ୍ତି ଓଡ଼ିଆ ଝିଅ ଶିବାନୀ ମିଶ୍ର। ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ଶିବାନୀ ଏହି ପ୍ରତିଯୋଗିତାରେ ଓଡ଼ିଶାର ସଂସ୍କୃତି, ପରମ୍ପରା, ଚଳଣି ଓ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରଦର୍ଶିତ କରି ବିଚାରକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ସୁଜାତା ମହାପାତ୍ରଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର:** ୨୦୧୭ ମସିହା ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର। ସମଗ୍ର ଦେଶରୁ ମୋଟ୍ ୪୨ ଜଣ କଳାକାର ରାଷ୍ଟ୍ରପତିଙ୍କଠାରୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଗ୍ରହଣ କରିଛନ୍ତି। ସଙ୍ଗୀତ, ନୃତ୍ୟ, ମଞ୍ଚନାଟକ, ପାରମ୍ପରିକ ଲୋକକଳା, ଲୋକନୃତ୍ୟ, ଆଦିବାସୀ ସଙ୍ଗୀତ ଓ ନୃତ୍ୟ ଆଦି କ୍ଷେତ୍ରକୁ ପ୍ରତିଭାବାନ୍ କଳାକାରମାନେ ୨୦୧୭ ମସିହା ପାଇଁ ଏହି ପୁରସ୍କାର ପାଇଛନ୍ତି। ରାଜ୍ୟ ତଥା ଦେଶ ବାହାରର ବହୁ ଛାତ୍ରୀଛାତ୍ରଙ୍କୁ ଓଡ଼ିଶୀନୃତ୍ୟ ଶିକ୍ଷା ପ୍ରଦାନ ସହ ଓଡ଼ିଶୀରେ ଅଧିକରୁ ଅଧିକ ଗବେଷଣା କରିବା ଓ ଏହି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୁଜାତାଙ୍କୁ ଏକାଡେମୀ ସମ୍ମାନ ମିଳିଛି।


ସୁଜାତା ମହାପାତ୍ର


ତୁଳସୀ ଗାବାର୍ଡ

**ପାକିସ୍ତାନର ପ୍ରଥମ ହିନ୍ଦୁ ମହିଳା ବିଚାରପତି:** ପାକିସ୍ତାନରେ ସୁମନ କୁମାରୀ ପ୍ରଥମ ହିନ୍ଦୁ ମହିଳା ବିଚାରପତି ହେବାର ସୌଭାଗ୍ୟଲାଭ କରିଛନ୍ତି। ସୁମନ ହେଉଛନ୍ତି ସିନ୍ଧ୍ ପ୍ରଦେଶର କୁମାର ସାହାବାଦ୍ କୋର୍ଟ ଅଞ୍ଚଳର ବାସିନ୍ଦା। ସେ ନିଜ ଜିଲାରେ ସିଭିଲ ଜଜ୍ ଭାବରେ ନିଯୁକ୍ତି ପାଇଛନ୍ତି। ସେ ହାଇଦ୍ରାବାଦ୍‌ରୁ ଏଲ୍‌ଏଲ୍‌ବି ପାସ୍ କରିବା ସହ ସାବିଷ୍ଟ ୟୁନିଭର୍ସିଟିରୁ ଆଇନରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି।

## ଟ୍ରିପଲ ତଲାକ୍ ବିଲ୍



ବହୁ ପ୍ରତୀକ୍ଷିତ ଟ୍ରିପଲ ତଲାକ୍ ବିଲ୍‌କୁ ପାର୍ଲାମେଣ୍ଟରେ ମଞ୍ଜୁରୀ ମିଳିଛି । ଏହି ଐତିହାସିକ ବିଲ୍ ପାସ୍‌ହେବା ଫଳରେ ଏଣିକି କୌଣସି ମୁସଲମାନ ପୁରୁଷ ତତ୍କ୍ଷଣାତ୍ ୩ ଥର ତଲାକ୍ କହି ନିଜ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇପାରିବେ ନାହିଁ। ଯଦି କେହି ଦିଅନ୍ତି ତେବେ ତାହା ଅପରାଧର ପର୍ଯ୍ୟାୟଭୁକ୍ତ ହେବ। ନୂତନ ବିଲ୍‌ରେ ସମ୍ପୃକ୍ତ ସ୍ୱାମୀଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡର ବ୍ୟବସ୍ଥା ରହିଛି।

## ଏ ବର୍ଷର ସୁନ୍ଦରୀ

**ମିସ୍ ଇଣ୍ଡିଆ :** ଚଳିତ ବର୍ଷର ମିସ୍ ଇଣ୍ଡିଆ ଟାଇଟଲ ବିଜୟିନୀ ହୋଇଛନ୍ତି ରାଜସ୍ଥାନ ସୁନ୍ଦରୀ ସୁମନ୍ ରାଓ। ଚଳିତବର୍ଷର ଏହି ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାର ୫୬ତମ ସଂସ୍କରଣର ରଙ୍ଗାରଙ୍ଗ ଫାଇନାଲ ବମ୍ବେସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ୨୦ ବର୍ଷ ବୟସ୍କା ଏହି ସୁନ୍ଦରୀ ବର୍ତ୍ତମାନ ନୂଆଦିଲ୍ଲୀରେ ବି.କମ୍ ପଢୁଛନ୍ତି। ମଡେଲିଂ ସହ ଜଡିତ ସୁମନ ଜଣେ କଥକ ନୃତ୍ୟାଙ୍ଗନା ଭାବରେ ବେଶ୍ ପରିଚିତା।

**ମିସ୍ ୟୁନିଭର୍ସ :** ଦକ୍ଷିଣ ଆଫ୍ରିକାର ସୁନ୍ଦରୀ ତଥା ୨୬ବର୍ଷ ବୟସ୍କା ଜୋଜିବିନ୍ ଟୁନ୍‌ଜି ୨୦୧୯ର ମିସ୍ ୟୁନିଭର୍ସ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଆମେରିକାର ଆଟ୍‌ଲାଣ୍ଟାସ୍ଥିତ ଟାଇଲର ପେରି ଷ୍ଟୁଡିଓରେ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁର୍ଟୋରିକୋ ସୁନ୍ଦରୀ ମାଡିସନ୍ ଆଣ୍ଡରସନ୍ ପ୍ରଥମ ରନର୍ସ ଅପ୍ ଓ ମେକ୍ସିକୋ ସୁନ୍ଦରୀ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଏହି ପ୍ରତିଯୋଗିତାରେ ମୋଟ୍ ୯୦ଟି ଦେଶର ସୁନ୍ଦରୀ ଅଂଶଗ୍ରହଣ କରିଥିବାବେଳେ ଭାରତର ଭାର୍ଟିକା ସିଂ ଟପ୍ ୨୦ ରୁ ବାଦ୍ ପଡ଼ିଥିଲେ।


ଜୋଜିବିନ୍ ଟୁନ୍‌ଜି

**ସୋନାଲିଙ୍କୁ ମିସେସ୍ ଇଣ୍ଡିଆ ୟୁନିଭର୍ସ ଟାଇଟଲ:** ମିସେସ୍ ଇଣ୍ଡିଆ ୟୁନିଭର୍ସ-୨୦୧୯ ଗ୍ରାଣ୍ଡ ଫିନାଲେର ପ୍ଲାଟିନମ୍ ବର୍ଗରେ ପ୍ରବେଶ କରି ଚର୍ଚ୍ଚିତ ହୋଇଥିଲେ ଓଡ଼ିଆ ମହିଳା ସୋନାଲି ରାଜ୍ ମହାନ୍ତି। ଶେଷରେ ସେ ଏହି ଟାଇଟଲ ବିଜୟିନୀ ମଧ୍ୟ ହୋଇଛନ୍ତି। ତୁଷାର ଧଲିୱାଲ୍ ଏବଂ ଅର୍ଚ୍ଚନା ତୋମାରଙ୍କ ଦ୍ୱାରା ମରିସସ୍‌ଠାରେ ଆୟୋଜିତ ଏହି ଜାତୀୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାର ଟାଲେଣ୍ଟ ରାଉଣ୍ଡରେ ସୋନାଲି ମିସେସ୍ ଟାଲେଣ୍ଟ ଟାଇଟଲ ମଧ୍ୟ ହାସଲ କରିଛନ୍ତି। ମିସେସ୍ ଇଣ୍ଡିଆ ୟୁନିଭର୍ସ ୨୦୧୯ର ଭୁବନେଶ୍ୱର ଅଡିସନ୍‌ରେ ରାଜ୍ୟର ବିଭିନ୍ନ ସହରରୁ ପ୍ରାୟ ୬୦ଜଣ ମହିଳା ଭାଗ ନେଇଥିଲେ। ଭୁବନେଶ୍ୱରର ଜଣେ ଉଦ୍ୟୋଗପତି ତଥା ବିୟୁଟିସିଆନ୍ ଭାବେ ୩୭ ବର୍ଷୀୟା ସୋନାଲି ପିଲାଟି ଦିନରୁ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଭାଗନେବା ପାଇଁ ବେଶ୍ ଆଗ୍ରହୀ ଥିଲେ।

**ମିସ୍ ଟିନ୍ ଡିଭା ଇଣ୍ଡିଆ ଇଣ୍ଟରନ୍ୟାଶନାଲ :** ନୂଆଦିଲ୍ଲୀରେ ଅନୁଷ୍ଠିତ ମିସ୍ ଟିନ୍ ଡିଭା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ୨୦୧୯ ଟାଇଟଲ ଜିତିଛନ୍ତି ଓଡ଼ିଆ ଝିଅ ଲାବଣ୍ୟା ଦାସ। ଭୁବନେଶ୍ୱର ୟୁନିଟ୍ ୮ ଡିଏଭିରେ ଦଶମ ଶ୍ରେଣୀ ଛାତ୍ରୀ ଏହି ସୁନ୍ଦରୀ ପ୍ରତିଯୋଗିତାରେ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ଭାରତରୁ ୪୦ ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ଯାଇଥିବାବେଳେ ଲାବଣ୍ୟା ସମସ୍ତଙ୍କୁ ପଛରେ ପକାଇ ଏହି ଟାଇଟଲ ଜିତିଥିଲେ।


ଲାବଣ୍ୟା ଦାସ

## ପରପାରିରେ...


କଳ୍ପନା ଦାଶ

**କଳ୍ପନା ଦାଶ :** ରାଜ୍ୟର ପ୍ରଥମ ଏଭରେଷ୍ଟ ଆରୋହଣକାରୀ କଳ୍ପନା ଦାଶଙ୍କର ପରଲୋକ ଘଟିଛି। ୫୨ ବର୍ଷୀୟା ଏହି ମହିଳା ପର୍ବତାରୋହୀ ଦ୍ୱିତୀୟ ଥର ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟର ଶିଖରରୁ ଅବତରଣ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଶେଷରେ ଏଭରେଷ୍ଟ ବାଲ୍‌କୋନି ଏରିଆରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଓଡ଼ିଶାର ଢେଙ୍କାନାଳ ଜିଲାରେ ଜନ୍ମଗ୍ରହଣ କରିଥିବା କଳ୍ପନା ଏଭରେଷ୍ଟ ସମେତ ଭାରତ, ନେପାଳ, ୟୁରୋପ, ଦକ୍ଷିଣ ଆମେରିକା ଓ ଅଷ୍ଟ୍ରେଲିଆର ବିଭିନ୍ନ ଶୃଙ୍ଗ ସଫଳତାର ସହ ଚଢ଼ିଛନ୍ତି। ୨୦୦୮ରେ କଳ୍ପନା ନେପାଳ ବାଟ ଦେଇ ସଫଳତାର ସହ ଏଭରେଷ୍ଟ ଚଢ଼ି ଇତିହାସ ସୃଷ୍ଟି କରିଥିଲେ।

**ବୈଦେହୀ ପଣ୍ଡା:** ବିଶିଷ୍ଟ ସର୍ବୋଦୟ ନେତ୍ରୀ ତଥା ସଂଗ୍ରାମୀ ବୈଦେହୀ ପଣ୍ଡା(୮୭)ଙ୍କର ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି। ୧୯୩୨ ମସିହାରେ ଭଦ୍ରକ ଜିଲା ଧାମନଗର ବ୍ଲକ ଲୁଣିଆକଟ ସାହି ଗାଁରେ ତାଙ୍କର ଜନ୍ମ। ବାପା ପ୍ରାଣବନ୍ଧୁ ପଣ୍ଡା ଓ ମାଆ ହାରାମଣି ଦେବୀଙ୍କ ସ୍ନେହ ଆଦରରେ ସେ ବଢ଼ିଥିଲେ। ସେତେବେଳେ ବାଲ୍ୟବିବାହ ପ୍ରଥା ଅନୁସାରେ ତାଙ୍କୁ ବିବାହ କରିବାକୁ ପଡ଼ିଥିଲା। ମାତ୍ର ୯ବର୍ଷ ବୟସରେ ଯେତେବେଳେ ସେ ତୃତୀୟ ଶ୍ରେଣୀରେ ପଢୁଥିଲେ ସେ ବିଧବା ହୋଇଥିଲେ। ବହୁ ଘାତ ପ୍ରତିଘାତ ଭିତରେ ତାଙ୍କର ବାକି ଜୀବନ କଟିଥିଲା।

| Dollar | Sensex | Nifty | Gold | Silver |
|---|---|---|---|---|
| 71.18 (6) | 41,642.66 (38.88) | 12,262.75 (9.05) | 39,053.00 (`187) | 46,499.00 (`495) |



ଇସ୍ପାତ କ୍ଷେତ୍ରକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କରିବା ଲାଗି ଦେଶ ମଧ୍ୟରେ କମ୍ପାନୀଗୁଡିକ ନୂଆ ଜ୍ଞାନ କୌଶଳ ଉନ୍ନତୀକରଣ କରିବାର ଆବଶ୍ୟକତା ରହିଛି।

– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ



ଇଜ ଅଫ୍ ଡୁଇଁ ବିଜନେସ୍‌କୁ ତ୍ୱରାନ୍ୱିତ କରିବା ଲାଗି ଏମ୍ଏସ୍ଏମ୍‌ଇ ସଂଜ୍ଞା ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି।

– ଡି.କେ. ଅଗ୍ରୱାଲ, ପିଏଚ୍‌ଡିସିସିଆଇ

## ସଂକ୍ଷେପରେ

### ଅଧିକ ପୁରୁଣା ବିମାନର ଇଞ୍ଜିନ ବଦଳାଇବ ଇଣ୍ଡିଗୋ




ନୂଆଦିଲ୍ଲୀ,୨୩-୧୨

ଏୟାର ବସ୍ ଏସିଇ ଏ୩୨୦ ନିଓ ବିମାନ ଇଞ୍ଜିନର ନିରାପତ୍ତାକୁ ନେଇ ସରକାର ଏବେ କାର୍ଯ୍ୟାନୁଷ୍ଠାନ ନେଉଥିବା ଦେଖାଯାଇଛି। ଏହି ଆଧାରରେ ବିମାନ କମ୍ପାନୀଗୁଡିକ ସେମାନଙ୍କ କୌଶଳରେ ପରିବର୍ତ୍ତନ କରିବେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ବଜେଟରେ ବିମାନ ସେବା ଯୋଗାଉଥିବା କମ୍ପାନୀ ଇଣ୍ଡିଗୋ ଏହି ଆଧାରରେ ଏହା ନିକଟରେ ଥିବା ଅଧିକ ପୁରୁଣା ବିମାନର ଇଞ୍ଜିନ ବଦଳାଇବା ପୂର୍ବର ଧାର୍ଯ୍ୟ କାର୍ଯ୍ୟକ୍ରମଠାରୁ ଏହି ଧାରା ଅଧିକ ହେବ ବୋଲି କୁହାଯାଉଛି। ପ୍ରାଟ ଆଣ୍ଡ ହ୍ୱିଟନି ଦ୍ୱାରା ନିର୍ମାଣ କରାଯାଇଥିବା ବିମାନ ଇଞ୍ଜିନଗୁଡିକର ନିରାପତ୍ତାକୁ ସରକାର ଏବେ ଗୁରୁତ୍ୱ ସହ ନେଇଛନ୍ତି। ଏହି ବିମାନ ଇଞ୍ଜିନ ମଝି ଆକାରରେ ହୁଏତ କାମ କରିବା ବନ୍ଦ କରିପାରେ,ଯାହା ଯାତ୍ରୀଙ୍କ ନିରାପତ୍ତାକୁ ପ୍ରଭାବିତ କରିବ ବୋଲି ବେସାମରିକ ବିମାନ ଚଳାଚଳ ମୁଖ୍ୟ ଅରୁଣ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଇଣ୍ଡିଗୋ ପୂର୍ବରୁ ୧୧୦ ବିମାନର ଇଞ୍ଜିନ ବଦଳାଇବାକୁ କହିଥିଲା,ମାତ୍ର ନୂଆ ନିୟମ ଯୋଗୁ ଏହା ୧୩୦ ବିମାନକୁ ବଢାଇଥିବା ସରକାରଙ୍କ ସୂଚନାରୁ ସ୍ପଷ୍ଟ ହୋଇଛି। ପ୍ରଭାବିତ ସ୍ଥିତିରେ ଥିବା ଯାନଗୁଡିକ ଅପ୍‌ଗ୍ରେଡ କରାଇବା ପରେ ପୁଣି ଥରେ ଚାଲୁ କରାଇବା ଲାଗି କମ୍ପାନୀଗୁଡିକୁ କୁହାଯାଇଛି।

# କଳାଟଙ୍କା ତଥ୍ୟ ଦେବାକୁ ସରକାର ଅରାଜି

ନୂଆଦିଲ୍ଲୀ,୨୩-୧୨




- ସୁଇସ ଆକାଉଣ୍ଟ ସୂଚନା ଦିଆଗଲାନି
- ଗୋପନୀୟତା ଆଧାରରେ ତଥ୍ୟ ମିଳିଲାନି
- ସୂଚନା ଅଧିକାରରେ ମଗାଯାଇଥିଲା ତଥ୍ୟ
- ଚଳିତ ବର୍ଷଠାରୁ ସୁଇଜରଲାଣ୍ଡ ଭାରତକୁ ତଥ୍ୟ ଦେଉଛି

ସୁଇଜରଲାଣ୍ଡରେ ଥିବା ବ୍ୟାଙ୍କଗୁଡିକୁ କଳାଟଙ୍କା ରଖିବାର ଭୂସ୍ୱର୍ଗ ବୋଲି ବିଚାର କରାଯାଇଥାଏ। ପୂର୍ବରୁ ଏଠାକାର ସରକାର ଅନ୍ୟ କୌଣସି ଦେଶକୁ ନିଜ ବ୍ୟାଙ୍କରେ ଥିବା ଆକାଉଣ୍ଟ ସମ୍ପର୍କିତ ତଥ୍ୟ ଦେଉ ନ ଥିଲେ। ହେଲେ ଏହି ଧାରାରେ ନିୟମ ପରିବର୍ତ୍ତନ ହେବା ସହ ଅନ୍ୟ ଦେଶଗୁଡିକ ଟିକସ ଚୁକ୍ତି ଦ୍ୱାରା ଆକାଉଣ୍ଟ ସୂଚନା ପାଉଛନ୍ତି। ଉକ୍ତ ଦେଶଗୁଡିକ ମଧ୍ୟରେ ଭାରତ ମଧ୍ୟ ସାମିଲ ହୋଇଛି। ଭାରତ ସୁଇଜରଲାଣ୍ଡଠାରୁ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ପାଇବା ଆରମ୍ଭ ହୋଇଛି ହେଲେ ଏହି ସମ୍ପର୍କରେ ସୂଚନା ଦେବାକୁ ଅଗ୍ରାହ୍ୟ କରିଥିବା ଜଣାପଡିଛି। ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ବିସ୍ତୃତ ସୂଚନା ଦେବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ମନା କରି ଦେଇଛି। ଦୁଇ ଦେଶ ମଧ୍ୟରେ ହୋଇଥିବା ଟିକସ ଚୁକ୍ତି ମୁତାବକ ଗୋପନୀୟତା ପ୍ରସଙ୍ଗକୁ ବିଚାର କରି ତଥ୍ୟ ଦେଇ ହେବ ନାହିଁ ବୋଲି ସରକାର କହିଛନ୍ତି। ସେହିଭଳି ବିଦେଶରୁ କେତେ ପରିମାଣର କଳାଟଙ୍କା ସରକାର ଲାଭ କରିଛନ୍ତି ସେ ସମ୍ପର୍କିତ ତଥ୍ୟ ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ ମଗାଯାଇଥିବା ବେଳେ ଏହା ଦେବାକୁ ସରକାର ମନା ଦେଇଥିବା ଜଣାପଡିଛି।

ସୁଇଜରଲାଣ୍ଡ ସହ ନୂଆ ପ୍ରତ୍ୟକ୍ଷ ଟିକସ ଚୁକ୍ତି ମୁତାବକ ଭାରତୀୟଙ୍କ ଆକାଉଣ୍ଟ ସୂଚନା ସରକାର ଚଳିତ ବର୍ଷ ସେପ୍ଟେମ୍ବରରେ ପ୍ରଥମଥର ଲାଗି ଲାଭ କରିଛନ୍ତି। ସୁଇଜରଲାଣ୍ଡର ସଂଘୀୟ ଟିକସ ପ୍ରଶାସନ(ଏଫ୍‌ଟିଏ) ଭାରତ ସମେତ ଅନ୍ୟ ୭୫ ଦେଶ ସହ ଏଭଳି ଚୁକ୍ତିରେ ସାମିଲ ହୋଇଛି। ବିଶ୍ୱସ୍ତରର ଅଟୋମେଟିକ ଏକ୍ସଚେଞ୍ଜ ଅଫ୍ ଇନଫରମେଶନ(ଏଇଓଆଇ) ମୁତାବକ ସୁଇସ୍ କର୍ତ୍ତୃପକ୍ଷ ଏଭଳି କାର୍ଯ୍ୟକ୍ରମ ଜାରି କରିଛନ୍ତି। ସୁଇଜରଲାଣ୍ଡ ବ୍ୟାଙ୍କଗୁଡିକରେ ଥିବା କଳାଟଙ୍କା ଉପରେ ଅଧ୍ୟୟନ କରିବା ଲାଗି ପୂର୍ବର ଉପା ସରକାରଙ୍କ ସମୟରେ ୩ଟି ପ୍ରତିଷ୍ଠାନକୁ କାର୍ଯ୍ୟନ୍ୟସ୍ତ କରାଯାଇଥିଲା। ଏହା ମଧ୍ୟରେ ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ ଇକୋନୋମିକ ରିସର୍ଚ୍ଚ(ଏନ୍‌ସିଏଇଆର୍) ଭଳି ଅନୁଷ୍ଠାନ ରହିଥିଲେ। ୧୯୮୦ ପରଠାରୁ ୨୦୧୦ ମଧ୍ୟ ଦେଶ ବାହାରେ ଭାରତୀୟଙ୍କ କଳା ସମ୍ପତ୍ତି ପ୍ରାୟ ୩୮୪ ବିଲିୟନରୁ ୪୯୦ ବିଲିୟନ ହେବ ବୋଲି ଆକଳନ କରାଯାଇଥିଲା।

ସେହିଭଳି ୧୯୯୦ ପରଠାରୁ ୨୦୦୮ ମଧ୍ୟରେ ଭାରତ ବାହାରକୁ ବେଆଇନ ଭାବେ ୨୧୬.୪୮ ବିଲିୟନ ବା ୯.୪୧ ଲକ୍ଷ କୋଟି ଟଙ୍କା ପଠାଯାଇଛି ବୋଲି ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ଫାଇନାସିଆଲ ମ୍ୟାନେଜମେଣ୍ଟ(ଏନ୍ଆଇଏଫ୍ଏମ୍) ପକ୍ଷରୁ କୁହାଯାଇଥିଲା। ଟଙ୍କା ଚାଲାଣ ଦେଶରେ ହେଉଥିବା ବେଆଇନ ଆୟର ମାତ୍ର ୧୦% ବୋଲି ଅନୁମାନ କରାଯାଏ। ୧୯୯୭-୨୦୦୯ ମଧ୍ୟରେ ବିଦେଶକୁ ବେଆଇନ ଅର୍ଥ ଚାଲାଣ ଦେଶର ଜିଡିପିର ୦.୨%ରୁ ୭.୪% ରହିଥିବା ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ପଲିସି ଆଣ୍ଡ ଫାଇନାନ୍ସ (ଏନ୍ଆଇପିଏଫ୍‌ପି) ଆକଳନ କରିଛି। ଏହି ପ୍ରତିଷ୍ଠାନଗୁଡିକ ୨୦୧୩ ଡିସେମ୍ବର ରୁ ଅଗଷ୍ଟ ୨୦୨୧ ମଧ୍ୟରେ ସରକାରଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ସଂସଦର ଷ୍ଟାଣ୍ଡିଂ କମିଟି ଏହି ରିପୋର୍ଟକୁ ସାର୍ବଜନୀନ କରିଥିଲେ।

## ■ଟାଟା ସନ୍ସ ମାମଲା

# ରାୟର 'ବେଆଇନ ଶବ୍ଦ' ସଂଶୋଧନ ଲାଗି ଆବେଦନ



ରତନ ଟାଟା



ସାଇରସ୍ ମିସ୍ତ୍ରି

ନୂଆଦିଲ୍ଲୀ,୨୩-୧୨

ନ୍ୟାଶନାଲ କମ୍ପାନୀ ଲ ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି) ଟାଟା ସନ୍ସ ଏବଂ ସାଇରସ ମିସ୍ତ୍ରି ମାମଲାର ରାୟ ନିକଟରେ ଦେଇଛନ୍ତି। ଏହି ରାୟ ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରିଙ୍କ ସପକ୍ଷରେ ରହିଥିଲା। ମିସ୍ତ୍ରିଙ୍କୁ ହଟାଇବା ବେଆଇନ ଥିଲା ବୋଲି ଆପିଲେଟ ଟ୍ରିବ୍ୟୁନାଲ ରାୟରେ କହିଥିଲେ। ଏହି ରାୟରେ ବ୍ୟବହାର କରାଯାଇଥିବା ବେଆଇନ ଶବ୍ଦ ପରିବର୍ତ୍ତନ ଲାଗି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏନ୍‌ସିଏଲ୍‌ଏଟିର ଦ୍ୱାରସ୍ଥ ହୋଇଛନ୍ତି। ଟାଟା ସନ୍ସ ମାମଲାରେ ଅର୍ଡରରେ କିଛି ପ୍ରସଙ୍ଗକୁ ପରିବର୍ତ୍ତନ କରିବା ଲାଗି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ରେଜିଷ୍ଟ୍ରାର ଅଫ୍ କମ୍ପାନିଜ(ଆର୍‌ଓସି) ମୁମ୍ବାଇ ପକ୍ଷରୁ ସୋମବାର ଏନ୍‌ସିଏଲ୍‌ଏଟିରେ ଆବେଦନ କରାଯାଇଛି। ଟାଟା ସନ୍ସକୁ ଏକ ପବ୍ଲିକ ଲିମିଟେଡ କମ୍ପାନୀରୁ ପ୍ରାଇଭେଟ ଲିମିଟେଡ ଲିମିଟେଡ କମ୍ପାନୀକୁ ପରିବର୍ତ୍ତନ ପ୍ରସଙ୍ଗକୁ ଟ୍ରିବ୍ୟୁନାଲ ବେଆଇନ କହିଥିଲେ। ଏହାର ସଂଶୋଧନ ଲାଗି ଆବେଦନରେ ଅନୁରୋଧ କରାଯାଇଛି।

ପ୍ରାଇଭେଟ ଲିମିଟେଡ କମ୍ପାନୀ ହେବା ଲାଗି ଟାଟା ସନ୍ସର ପ୍ରକ୍ରିୟା ବେଆଇନ ନ ଥିଲା ବୋଲି ଆର୍‌ଓସି ପକ୍ଷରୁ ଆବେଦନରେ କୁହାଯାଇଛି। ଏହା କହିଛି ଯେ, ସମସ୍ତ ପ୍ରକ୍ରିୟାକୁ ଆଇନଗତ ଭାବେ ମଞ୍ଜୁରୀ ପ୍ରଦାନ କରାଯାଇଛି। ଟାଟା ଏକ ପବ୍ଲିକ ଲିମିଟେଡ କମ୍ପାନୀ ହେବା ଲାଗି ଅଂଶୀଦାରମାନେ ୨୦୧୭ ସେପ୍ଟେମ୍ବରରେ ମଞ୍ଜୁରୀ ଦେଇଥିବା ଆବେଦନରେ କୁହାଯାଇଛି। ଏହା ପରେ ଆର୍‌ଓସି ଟାଟା ସନ୍ସକୁ ଘରୋଇ ଲିମିଟେଡ କମ୍ପାନୀ ଭାବେ ମଞ୍ଜୁରୀ ଦେଇଥିଲା। ସାଇରସ ମିସ୍ତ୍ରିଙ୍କ ପରିବାର ଏହି ପ୍ରକ୍ରିୟାର ବିରୋଧରେ ରହିଥିଲେ।

# ହିରୋ ଏକ୍ସପଲସ୍ ୨୦୦କୁ ଇମୋଟି ଆୱାର୍ଡ

ନୂଆଦିଲ୍ଲୀ,୨୩-୧୨

ହିରୋ ମୋଟୋକର୍ପର ପ୍ରିମିୟମ ଆଡଭେଞ୍ଚର ବାଇକ ଏକ୍ସପଲସ ୨୦୦ ମଡେଲକୁ ଇଣ୍ଡିଆନ ମୋଟର ସାଇକେଲ ଅଫ୍ ଦ ଇୟର(ଇମୋଟି) ଆୱାର୍ଡ ପ୍ରଦାନ କରାଯାଇଛି। ଚଳିତ ବର୍ଷ ଏପ୍ରିଲରେ ଏହି ବାଇକ ବଜାରକୁ ଆସିଥିଲା। ଦ୍ରୁତ ଭାବେ ସର୍ବାଧିକ ବିକ୍ରି ହେଉଥିବା ଆଡଭେଞ୍ଚର ମୋଟର ସାଇକେଲ ଭାବେ ଏହା ଉଭା ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ମଡେଲଟିରେ ସୁପରିୟର ଟେକ୍ନୋଲୋଜି, ଅତ୍ୟାଧୁନିକ ଡିଜାଇନ ରହିଛି। ଏହି ପୁରସ୍କାର ଲାଭ କରି ଅତ୍ୟନ୍ତ ଖୁସି ବୋଲି ହିରୋ ମୋଟୋକର୍ପ ଲିମିଟେଡ୍‌ର ଅଧ୍ୟକ୍ଷ ପୱନ କୁମାର ମୁଞ୍ଜାଲ କହିଛନ୍ତି। ପ୍ରିମିୟମ ମୋଟର ସାଇକେଲ ଏବଂ ସ୍କୁଟର ନିର୍ମାଣ ଦିଗରେ କମ୍ପାନୀ ଏବେ ଧ୍ୟାନ କେନ୍ଦ୍ରିତ କରିଛି। ଗ୍ରାହକଙ୍କୁ ନୂଆ ପ୍ରଡକ୍ଟ ଯୋଗାଣ ଧାରା ଜାରି ରହିବ ବୋଲି ମୁଞ୍ଜାଲ ମତ ଦେଇଛନ୍ତି।




# ଏଲ୍‌ପିୟୁ ଛାତ୍ରୀଙ୍କୁ ୪୨ ଲକ୍ଷର ପ୍ୟାକେଜ

**ଚଣ୍ଡିଗଡ,୨୩-୧୨:** ଲଭ୍‌ଲୀ ପ୍ରଫେଶନାଲ ୟୁନିଭର୍ସିଟି (ଏଲ୍‌ପିୟୁ) ଛାତ୍ରୀଛାତ୍ର ଚଳିତ ବର୍ଷ କ୍ୟାମ୍ପସ ନିଯୁକ୍ତିରେ ସଫଳତା ହାସଲ କରିଛନ୍ତି। ୟୁନିଭର୍ସିଟିର ଶେଷ ବର୍ଷ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ଛାତ୍ରୀ ତାନ୍ୟା ଅରୋରା ମାଇକ୍ରୋସଫ୍ଟ କମ୍ପାନୀରେ ବାର୍ଷିକ ୪୨ ଲକ୍ଷ ଟଙ୍କାର ପ୍ୟାକେଜରେ ନିଯୁକ୍ତି ଲାଭ କରିଛନ୍ତି। ସେ ମାଇକ୍ରୋସଫ୍ଟର ହାଇଦ୍ରାବାଦ ସ୍ଥିତ ଆର୍ ଆଣ୍ଡ ଡି ସେଣ୍ଟରରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରିବେ। ଗତ ୩ ବର୍ଷ ଧରି ଏଲ୍‌ପିୟୁ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ବେଶ୍ ସଫଳ ରହି ଆସିଥିବା ସୂଚନା ରହିଛି। ମାଇକ୍ରୋସଫ୍ଟରେ ନିଯୁକ୍ତି ଲାଭ କରି ଅତ୍ୟନ୍ତ ଖୁସି ବୋଲି ତାନ୍ୟା କହିଛନ୍ତି। ମାଇକ୍ରୋସଫ୍ଟରେ ଏଲ୍‌ପିୟୁ ଛାତ୍ରୀଙ୍କ ଏହି ନିଯୁକ୍ତି ଅନୁଷ୍ଠାନ ଲାଗି ଗର୍ବର ବିଷୟ ବୋଲି ଚାନ୍‌ସେଲର ଅଶୋକ ମିତ୍ତଲ କହିଛନ୍ତି।

# ସେନ୍‌କୋ ଆଣିଲା ନୂଆ କଲେକ୍ସନ

**ଭୁବନେଶ୍ୱର,୨୩-୧୨:** ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଦି ଗ୍ରେଟ ଇଣ୍ଡିଆନ ବିବାହ କଲେକ୍ସନ ଅଳଙ୍କାର ସମ୍ଭାର ବଜାରକୁ ଆସିଛି। ବିବାହ ଋତୁର ଚାହିଦା ପୂରଣ ଲାଗି ବିଭିନ୍ନ ବର୍ଗର ଗହଣା ବଜାରକୁ ଆସିଛି। ଏହି ଗହଣାଗୁଡିକରେ ଗ୍ରାହକ ହସ୍ତକଳାର ଯାଦୁଗରୀ ସ୍ପର୍ଶ, ଆକର୍ଷଣୀୟ ଏବଂ ଗୁଣାତ୍ମକମାନ ଲାଭ କରିପାରିବେ। ଗ୍ରାହକଙ୍କ ମନକୁ ଛୁଇଁବା ଭଳି ଅଳଙ୍କାର ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଗହଣା ସମ୍ଭାର ମଧ୍ୟରେ ମୁଦି, ଝୁମର, ନୋଥ, କାନଫୁଲ, ମାଙ୍ଗଟିକା, ହାର ସେଟ୍, ଆର୍ମବ୍ୟାଣ୍ଡ, ନାକପିନ୍, ଚୁଟି ଉପକରଣ, ଚୁଡି, ଝୁଣ୍ଟିଆ, ଶଙ୍ଖା, ପାଉଞ୍ଜି, ଖଡୁ, ଚିକ୍ ଆଣ୍ଡ ଲଙ୍ଗ ଚେନ୍ ସାମିଲ ରହିଛି। ଗ୍ରାହକଙ୍କୁ ଗଢା ମୂଲ୍ୟ ଉପରେ ୨୫% ରିହାତି ଏବଂ ହୀରା ଅଳଙ୍କାର ଉପରେ ୧୦% ରିହାତି ପ୍ରଦାନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ୟୁନିୟନ ବ୍ୟାଙ୍କର ନୂଆ ଇ-ଲବି

ଭୁବନେଶ୍ୱର,୨୩-୧୨

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ଭୁବନେଶ୍ୱର ମୁଖ୍ୟ ଶାଖାଠାରେ ଇ-ଲବି ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାଳ, ରାଞ୍ଚି କ୍ଷେତ୍ର ମହାପ୍ରବନ୍ଧକ ପ୍ରବୀଣ ଶର୍ମା ଏହାକୁ ଉଦଘାଟନ କରିଥିଲେ। ଏଭଳି ବିଭିନ୍ନ ପଦକ୍ଷେପ ଦ୍ୱାରା ବ୍ୟାଙ୍କ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଣ ଧାରା ଜାରି ରଖିବ ବୋଲି ଭୁବନେଶ୍ୱର କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରୂପଲାଲ ମୀନା ଏହି ଅବସରରେ ସୂଚନା ଦେଇଛନ୍ତି। ଏହି ଇ-ଲବି ମାଧ୍ୟମରେ ଗ୍ରାହକମାନେ ଟଙ୍କା ଉଠାଣ ଏବଂ ୨୪ ଘଣ୍ଟିଆ ଜମା ସୁବିଧା ପାଇପାରିବେ। ଏଥିରେ ପାସବୁକ ପ୍ରିଣ୍ଟିଂ କିଓସ୍କ ସେବା ମଧ୍ୟ ଉପଲବ୍ଧ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।


**National Leprosy Eradication Programme** No. E-608

Adv. No: 03/19 **TENDER CALL NOTICE** Date: 24.12.2019

Sealed tenders are invited from registered agencies (with GSTIN No.) having adequate experience in taking up the works of composing / proof reading/ designing & printing. Details regarding the printing and terms & conditions may be collected from the office of undersigned/ may download from the website WWW.dphodisha.nic.in. The tender should reach the office of the undersigned by **13.01.2020 (till 5 PM)**. The Tender will be opened at **3:30 PM on 14.01.2020**
The undersigned reserves the right to reject any or all the tenders without assigning any reason thereof.

10036/11/0009/1920 Sd/- Director of Public Health, Odisha, Bhubaneswar

**OFFICE OF THE PRINCIPAL**
**KENDRAPARA AUTONOMOUS COLLEGE, KENDRAPARA**
(Accredited with Grade "A" by NAAC)
No. 2829/ Date : 23.12.2019

**QUOTATION CALL NOTICE**

Sealed quotations are invited from registered firms/ Suppliers / registered Labour Contractor having GSTIN, PAN & valid labour licence or construction license from State/ Central Department of works engaged in construction activity for supply of skilled & unskilled labour to carry out the construction of building work, having requisite experience in fabrication, erection and galvalume sheet shed construction works and for supply of construction materials, furniture, electronic and electrical items, Laboratory equipments. The quotations along with GSTIN, PAN, Authorisation certificate from the manufucturer where required must reach the undersigned by speed/registered post/ courier within 15 days of the publication of the notice. The quoted price should include GST, delivery and installation charges. The undersigned reserves the right to cancel/ reject all or any one of the quotations without assigning any reason thereof. For DTCN & other details visit our college website www.kac.edu.in. Right top corner of the quotation must specify the item(s).

Sd./- (Dr. Rajendra Prasad Tripathy)
Principal, Kendrapara Autonomous College, Kendrapara

**OFFICE OF THE EXECUTIVE ENGINEER** No. O-676
**RURAL WORKS DIVISION-II, GANJAM, BERHAMPUR**
Phone-0680-2404096 E-Mail: eerwgmt@yahoo.co.in
Government of Odisha e-Procurement Notice
Bid Identification No. Online Tender/06/EERWD-II/2019-20
No.........10293................./RWD-IIGB, Date 16.12.2019

| | | | |
|---|---|---|---|
| 1 | Name of the work | :: | Building Works |
| 2 | Estimated cost | :: | Rs.49.99 Lakh |
| 3 | Period of Completion | :: | 2 (Two) Calendar Months as per Annexure |
| 4 | Date & Time of availability of Bid documents in the Portal | :: | From 26.12.2019 at 10.00 AM to 04.01.2020 upto 3.00 PM |
| 5 | Last Date/ Time for receipt of Bids in the Portal | :: | 04.01.2020 upto 3.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website **https://tenders.ori.nic.in/nicgep/app**
25073/11/0008/1920 Executive Engineer R.W Division-II, Ganjam Berhampur

**GOVERNMENT OF ODISHA** No. B-465
**OFFICE OF THE EXECUTIVE ENGINEER,**
**SUNDARGARH (R&B) DIVISION, SUNDARGARH**
E-mail ID:pwd_sng@yahoo.co.in Tel./Fax -(06622)272230
"e"-Procurement Notice
**Bid Identification No-EE-R&B-SNG-16 OF 2019-20.**
Letter No....4467....//WE Date: 21-12-2019 //

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for Building Electrical works & Road works as detailed in DTCN . | | |
| 2. | Nature of Works | :- | Electrical Works & Road works |
| 3. | No. of works. | :- | 07 (Four) nos |
| 4. | Tender Cost | :- | Rs. 4,000/- and Rs. 6,000/-. |
| 5. | Class of Contractor | :- | 'D', 'C', 'B' & 'A' and HT Electrical Contractor |
| 6. | Availability of bid document in the website | :- | From 10:00 A.M. of date-30-12-2019 to 05:00 P.M. of date-10-01-2020. |
| 7. | Date of opening of Bid | :- | 11:00 A.M. on Dt.13-01-2020. |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum /corrigendum / cancellation of tender can also be seen in the website said only. | | |

34043/11/0006/1920 Sd./- Executive Engineer Sundargarh (R&B) Division

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
E.H.T. (C) DIVISION, JHARSUGUDA
AT-Budhipadar, PO: H.Katapali,
Dist.- Jharsuguda-768202, E-mail: ehtc.div.jsg@optcl.co.in
Tender No.09/2019-20 Date: 23.12.2019

**TENDER NOTICE**

Sealed tenders are invited from Registered Travel Agencies / Vehicle Owners having valid GST registration for **HIRING OF BOLERO (NON AC) OR EQUIVALENT VEHICLE ON MONTHLY BASIS WITH DAILY HIRING RATE FOR ENGAGEMENT AT OFFICE OF THE SDO, EHT(C) SUB-DIVISION, SAMBALPUR UNDER OFFICE OF THE DY. GENERAL MANAGER EHT (C) DIVISION, JHARSUGUDA.** Cost of Tender Paper Rs. 2000/- +12% GST along with EMD of **Rs.5,000.00.** Sale of Tender documents starts from **24.12.2019 to 07.01.2020** in working days only. Last date of submission of tender is 07.01.2020 up to 01.00 PM. Date of opening of tender 07.01.2020 at 3.30 PM. For details please visit our website **www.optcl.co.in.** *(Bidders are requested to visit above site regularly for any changes, since it will not be published in newspaper again).*

Sd./-
Dy., General Manager (Elect.)

**Odisha State Health & Family Welfare Society,**
Deptt. of Health & Family Welfare, Govt. of Odisha
Annex Building of SIH&FW, Nayapalli, Unit-8, Bhubaneswar-751012,
District-Khordha (Odisha) Phone/Fax: 0674- 2392480/79

Adv. No.: 61/19 **CONTRACTUAL APPOINTMENT** Date:24/12/2019

No.E-607 :- Applications are invited from eligible candidates for filling up the following positions under National Health Mission, Odisha on contractual basis with monthly remuneration as noted against each and subject to renewal as per OSH&FW Society terms and conditions. The positions are purely temporary and co-terminus with the Scheme. Lower age limit for all the positions is 21 years as on **01.12.2019.**

| Sl. No. | Name of the Post | Remuneration (in Rs.), Performance Incentive & other allowances as admissible |
|---|---|---|
| 01 | VBD Consultant, NVBDCP | Rs.40,054/- + PI |
| 02 | Physiotherapist under Integrated Physiotherapy Unit | Rs.25,931/- + PI |

Interested candidates can log on to **www.nhmodisha.gov.in** for details of vacancy, eligibility criteria, ToR, age, selection procedure etc. Online application form will be available from **25.12.2019 to 31.12.2019 by 11.59 P.M. Last date for receipt of the system generated application duly signed by the candidate along with self attested copies of all supportive documents is 08.01.2020** (by 5.00 P.M.).

Sd/- Mission Director, NHM
Member Secretary, OSH&FWS, Odisha
10084/11/0047/1920

**GOVERNMENT OF ODISHA** No. A-512
**OFFICE OF THE EXECUTIVE ENGINEER,**
DESIGNS, MONITORING & QUALITY CONTROL DIVISION, SAMAL – 759037
e-mail ID : eedmqcsamal@gmail.com Phone No. 06760266378

**QUOTATION CALL NOTICE**

Quotation Call Notice No. – DM&QCDS – 01/2019-20 Dated 18.12.2019
Sealed Quotations are invited from reputed Equipments Manufacturers / Authorized Suppliers / Registered Firms / Authorized Indian Agents of Foreign Suppliers for supply of "Quality Control laboratory equipment to Quality Control Laboratory, Samal."

| Sl. No. | Description of Equipment | Quantity | Bid Cost | Cost of quotation Paper | E.M.D. |
|---|---|---|---|---|---|
| 1 | Mu Compression Testing Machine with Automatic Pace Rate Controller Capacity 2000 KN. | 1 No. | Rs. 528097.00 | Rs. 4000.00 | Rs.5300.00 |
| 2 | Weight Precision Electronic Weighing Balance, Capacity – 300 gms. | 1 No. | | | |
| 3 | Electronic Pan Balance- 30 Kg. | 1 No. | | | |
| 4 | Electronic Pan Balance- 10 Kg. | 1 No. | | | |

Sale of Quotation Paper – From Dt. 27.12.2019 (10.00 AM) to 06.01.2020 (11.30 AM)
Last date of submission of Quotation – 06.01.2020 (1.30 PM)
Date & Time of opening of quotation – 06.01.2020 (4.30 PM)
For details of the Quotation documents, terms & conditions please visit the DOWR Website www.dowrodisha.gov.in
32398/11/0001/1920 Sd/- Executive Engineer, DM&QC Division, Samal



❝ ବର୍ତ୍ତମାନ ସୁରକ୍ଷାଜନିତ ଦୃଷ୍ଟିକୋଣରୁ ପାକିସ୍ତାନ ତୁଳନାରେ ଭାରତରେ ଖେଳିବା ଅଧିକ ରିସ୍କ ମନେ ହେଉଛି ।

–ଏହେସାନ ମନି, ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ



❝ କିପିଂରେ ଉନ୍ନତି ଆଣିବାକୁ ହେଲେ ରିଷଭ ପନ୍ତଙ୍କୁ ଜଣେ ସ୍ପେଶାଲିଷ୍ଟ କୋଚ୍‌ଙ୍କ ଅଧୀନରେ କାର୍ଯ୍ୟକରିବାକୁ ହେବ ।

–ଏମ୍.ଏସ୍.କେ. ପ୍ରସାଦ, ମୁଖ୍ୟ ଚୟନକର୍ତ୍ତା

## ସଂକ୍ଷେପରେ

### ଫିଲାଣ୍ଡରଙ୍କ ଅବସର ଘୋଷଣା



**ଜୋହାନ୍ସବର୍ଗ,୨୩।୧୨(ପି.ଟି.):** ଦକ୍ଷିଣ ଆଫ୍ରିକୀୟ ପେସର ଭର୍ନନ ଫିଲାଣ୍ଡର ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ। ଏ ନେଇ ସୋମବାର କ୍ରିକେଟ ଦକ୍ଷିଣ ଆଫ୍ରିକା ସୂଚନା ଦେଇଛି। ଡେଲ ଷ୍ଟେଇନ ଓ ମର୍ନି ମୋର୍କେଲଙ୍କ ଭଳି ଫିଲାଣ୍ଡର ଜାତୀୟ ଦଳର ପେସ ବିଭାଗର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଉଭୟେ ସାଥୀ ପେସର ଟେଷ୍ଟରୁ ଅବସର ନେଇସାରିଛନ୍ତି। ପ୍ରାୟତଃ ଟେଷ୍ଟ କ୍ରିକେଟରେ ଖେଳିଥିବା ୩୪ ବର୍ଷୀୟ ଫିଲାଣ୍ଡର ୬୦ ଟେଷ୍ଟ, ୩୦ ଦିନିକିଆ ଓ ୭ ଟି୨୦ ଖେଳିଛନ୍ତି। ଟେଷ୍ଟରେ ସେ ୨୧୬ ଉଇକେଟ ନେଇଛନ୍ତି। ଏଥିରେ ରହିଛି ୧୩ ଥର ୫ ଉଇକେଟ ସଫଳତା। ଆସନ୍ତା ଜାନୁୟାରୀରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପରେ କ୍ରିକେଟର ସମସ୍ତ ଫର୍ମାଟରୁ ଅଲରାଉଣ୍ଡର ଫିଲାଣ୍ଡର ଅବସର ନେବେ ବୋଲି ସିଏସ୍ଏ ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ତାଙ୍କ ନିକଟରେ ଷ୍ଟେଇନ ଓ ମୋର୍କେଲଙ୍କ ଭଳି ଗତି ନ ଥିଲା।

### ରଣଜୀ ଖେଳିବେ ଈଶାନ୍ତ, ଧାୱନ

**ନୂଆଦିଲ୍ଲୀ,୨୩।୧୨(ପି.ଟି.):** ଡିସେମ୍ବର ୨୫ରେ ଖେଳାଯିବାକୁଥିବା ହାଇଦ୍ରାବାଦ ବିପକ୍ଷ ରଣ୍ଜୀ ଟ୍ରଫି ମୁକାବିଲା ପାଇଁ ଘୋଷଣା କରାଯାଇଥିବା ଦିଲ୍ଲୀ ଦଳରେ ସିନିୟର ପେସ୍ ବୋଲର ଈଶାନ୍ତ ଶର୍ମା ଓ ଭେଟେରାନ ଓପନର ଶିଖର ଧାୱନ ସ୍ଥାନ ପାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୱାର୍କଲୋଡ୍ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ୍‌ର ଅଂଶବିଶେଷ ସ୍ୱରୂପ ଈଶାନ୍ତଙ୍କୁ କେତୋଟି ରଣ୍ଜୀ ଟ୍ରଫି ମ୍ୟାଚରୁ ବିଶ୍ରାମ ଦିଆଯାଇଥିଲା। ନ୍ୟୁଜିଲାଣ୍ଡ ଟେଷ୍ଟ ଟୁର୍ ପୂର୍ବରୁ ସେ ଫର୍ମକୁ ଫେରିବା ଦରକାର।

# ଓଡ଼ିଶାରେ ପ୍ରଥମଥର ଜାତୀୟ ସିନିୟର ଭଲିବଲ

**ଭୁବନେଶ୍ୱର, ୨୩।୧୨(କ୍ରୀଡ଼ା ପ୍ରତିନିଧି)**



ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଭଲିବଲ୍ ଦଳର ଖେଳାଳିମାନେ।

- କିଟ୍‌ରେ ପ୍ରତିଯୋଗିତା ଡିସେମ୍ବର ୨୫ରୁ ଜାନୁୟାରୀ ୨
- ଭାଗନେବେ ୭୦ ଦଳ, ୧୫୦୦ ଖେଳାଳି ଓ ଅଫିସିଆଲ
- ୨୦୦ ଅନ୍ତର୍ଜାତୀୟ ଖେଳାଳିଙ୍କ ହେବ ସମାଗମ
- ଗ୍ରୁପ୍ 'ଇ'ରେ ଓଡ଼ିଶା ପୁରୁଷ ଓ ମହିଳା ଦଳ

ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଛି ଜାତୀୟ ସିନିୟର ଭଲିବଲ (ମହିଳା, ପୁରୁଷ) ପ୍ରତିଯୋଗିତା। ପ୍ରତିଯୋଗିତାର ଏହି ୬୮ତମ ସଂସ୍କରଣ କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚଳିତମାସ ୨୫ରୁ ଏହା ଆରମ୍ଭ ହୋଇ ଜାନୁୟାରୀ ୨ରେ ଶେଷ ହେବ। କିଟ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ପ୍ରତିଯୋଗିତାରେ ଦେଶର ୩୦ ପୁରୁଷ ଓ ୨୭ଟି ମହିଳା ଦଳ ଅଂଶଗ୍ରହଣ କରିବେ। ୧୫୦୦ ଖେଳାଳି ଓ ଅଫିସିଆଲ ଗୋଟିଏ ସ୍ଥାନରେ ସମବେତ ହେବେ। ଏଥିରେ ୨୦୦ ଅନ୍ତର୍ଜାତୀୟ ଖେଳାଳି ଭାଗ ନେବାକୁ ଯାଉଛନ୍ତି, ଯାହାକି ଏକ ଖୁସିର କଥା ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଆୟୋଜକ କମିଟି ସଭାପତି ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଓଭିଏର ସମ୍ପାଦକ ଡ. ଗଗନେନ୍ଦୁ ଦାଶ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶାରେ ପ୍ରଥମଥରପାଇଁ ଏଭଳି ଏକ ମେଗା ଇଭେଣ୍ଟ ଆୟୋଜନ ହେବାକୁ ଯାଉଥିବାରୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ଗଗନେନ୍ଦୁ।

ପ୍ରତିଯୋଗିତା ଲିଗ୍ ଏବଂ ନକ୍‌ଆଉଟ ଭିତ୍ତିରେ ହେବ। ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ଗ୍ରୁପ୍ 'ଇ'ରେ ସ୍ଥାନ ପାଇଛି। ପୁରୁଷ ବିଭାଗ ପାଇଁ ଗ୍ରୁପ୍ 'ଏ'ରେ କର୍ଣ୍ଣାଟକ, ପଞ୍ଜାବ, ହରିୟାଣା, ସର୍ଭିସେସ, 'ବି'ରେ ତାମିଲନାଡୁ, କେରଳ, ରେଲୱେ, ଆନ୍ଧ୍ର ପ୍ରଦେଶ, 'ସି'ରେ ଉତ୍ତରାଞ୍ଚଳ, ଗୁଜରାଟ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ତେଲେଙ୍ଗାନା, 'ଡି'ରେ ରାଜସ୍ଥାନ, ମଧ୍ୟପ୍ରଦେଶ, ବିହାର, ଗୋଆ, ଦିଲ୍ଲୀ, 'ଇ'ରେ ଚଣ୍ଡିଗଡ଼, ଓଡ଼ିଶା, ଛତିଶଗଡ଼, ପଣ୍ଡିଚେରୀ, ତ୍ରିପୁରା, ଜମ୍ମୁ-କଶ୍ମୀର ଏବଂ 'ଏଫ'ରେ ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ମିଜୋରାମ, ମଣିପୁର, ଆସାମ ଓ ପଶ୍ଚିମବଙ୍ଗ ସ୍ଥାନ ପାଇଛି। ସେହିପରି ମହିଳା ବିଭାଗ ଗ୍ରୁପ 'ଏ'ରେ କେରଳ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ଦିଲ୍ଲୀ, 'ବି'ରେ ରେଲୱେ, ମହାରାଷ୍ଟ୍ର, ତାମିଲନାଡୁ, ହରିୟାଣା, 'ସି'ରେ ତେଲେଙ୍ଗାନା, ରାଜସ୍ଥାନ, ଝାଡ଼ଖଣ୍ଡ, ଜମ୍ମୁ-କଶ୍ମୀର, 'ଡି'ରେ ଗୁଜରାଟ, ପଞ୍ଜାବ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ତ୍ରିପୁରା, 'ଇ'ରେ ଉତ୍ତର ପ୍ରଦେଶ, ଚଣ୍ଡିଗଡ଼, ହିମାଚଳ ପ୍ରଦେଶ, ପଣ୍ଡିଚେରୀ, ଓଡ଼ିଶା ଏବଂ 'ଏଫ'ରେ ମଧ୍ୟପ୍ରଦେଶ, ବିହାର, ଉତ୍ତରାଞ୍ଚଳ, ଆସାମ ଓ ମଣିପୁର ସ୍ଥାନ ପାଇଛି। ପ୍ରତିଯୋଗିତାରେ ଭାଗ ନେବାପାଇଁ ଦଳ ଗୁଡ଼ିକ ସୋମବାରଠାରୁ ପର୍ଯ୍ୟାୟକ୍ରମେ ପହଞ୍ଚିବା ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଭିଏର ସଭାପତି ସୁବୋଧ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ, ଟୁର୍ନାମେଣ୍ଟ ସଂଯୋଜକ ନୀଳ କମଳ ରୟ ଓ ଓଡ଼ିଶା ଟିମ୍ ମୁଖ୍ୟ କୋଚ୍ ଏମ. ମସୁଦ ଜମ୍ମା ଉପସ୍ଥିତ ଥିଲେ।

**ଓଡ଼ିଶା ମହିଳା ଦଳ**

ସୁଶ୍ରୀ ସଙ୍ଗୀତା ଜେନା, ଶୁଭଲକ୍ଷ୍ମୀ ମଲିକ, କରମି ଶିରେସା, ରଶ୍ମିତା ବାରିକ, ମୁକ୍ତି ବାର୍ଲା, ଜୟଶ୍ରୀ ପଲାଇ, କରିସ୍ମା ଟେଟେ, ଶିବାନୀ ପ୍ରିୟଦର୍ଶିନୀ, ସଙ୍ଗୀତା ଦାସ, ସୁଚିତ୍ରା ମନ୍ତ୍ରୀ, ସୁନୀତା ମାର୍ଥା, ମୋନାଲିସା ପାତ୍ର। ଷ୍ଟାଣ୍ଡବାଇ: ମେଘନା ପ୍ରିୟଦର୍ଶିନୀ ବାରିକ, ସସ୍ମିତା ମହାନ୍ତି, କୌଶଲ୍ୟା ମାଝି। ମୁଖ୍ୟ କୋଚ୍: ଜଗନ୍ନାଥ ସିହ୍ନି, ସହକାରୀ କୋଚ୍: ଅଭୟ କୁମାର ଦାସ, ମଧୁସ୍ମିତା ସାହୁ, ମ୍ୟାନେଜର: ସୁଷମା ନନ୍ଦା।

**ଓଡ଼ିଶା ପୁରୁଷ ଦଳ**

ସେକ୍ ସିରାଜ ଅଲୀ, ଶୁଭ୍ରାଂଶୁ ଶେଖର ଓଝା, ଏମ. ବିଘ୍ନେଶ୍ୱରନ, ଦିପ୍ତିରାଜ ମିଶ୍ର, ଅଫଜାଲ ପି.ପି., ପ୍ରତ୍ୟୁଷ କୁମାର ନନ୍ଦ, ଅକ୍ଷୟ କୁମାର ମିଶ୍ର, ଆଶୁତୋଷ ତ୍ରିପାଠୀ, ପପୁନା ସ୍ୱାଇଁ, ରାଜେଶ କୁମାର ସାହୁ, ଖଗେଶ୍ୱର ଜେନା, ପ୍ରଜ୍ଞାସାରଥି ଜେନା। ଷ୍ଟାଣ୍ଡବାଇ: ବିକାଶ ଗିରି, ବିନୋଦ ବେହେରା, ଜଗନ୍ନାଥ ପ୍ରସାଦ ବାଲା। ମୁଖ୍ୟ କୋଚ୍: ଏମ. ମସୁଦ ଜମ୍ମା, ସହକାରୀ କୋଚ୍: ସୁଧାଂଶୁ ଭୂଷଣ ମିଶ୍ର, ଆଶୁତୋଷ ବର୍ମା, ମ୍ୟାନେଜର: ସଞ୍ଜୟ କୁମାର ଦାସ, ଟ୍ରେନର ସିକ୍ସେର ଆଲୋକ ଦାସ।

**ଓଡ଼ିଶା ଦଳର ଭଲ ପ୍ରଦର୍ଶନକୁ ନେଇ**

**ଜମ୍ମା ଆଶାବାଦୀ**

ଏକଦା ଓଡ଼ିଶା ଭଲିବଲ ଦଳ ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ବ୍ୟକ୍ତିଗତ ସ୍ତରରେ କେତେକ ଖେଳାଳି ନିଜର ପରିଶ୍ରମ ଏବଂ ନିଷ୍ଠା ଯୋଗୁ ଚର୍ଚ୍ଚାରେ ରହିଥିଲେ। ସେମାନଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ବର୍ତ୍ତମାନ ଓଡ଼ିଶା ପୁରୁଷ ଦଳର କୋଚ୍ ଏମ. ମସୁଦ ଜମ୍ମା। ଆଗାମୀ ଟୁର୍ନାମେଣ୍ଟରେ ଓଡ଼ିଶା ଦଳର ପ୍ରଦର୍ଶନକୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି। ଓଡ଼ିଶା ଅତିକମ୍‌ରେ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇ ପାରିବ ବୋଲି ସେ ଆଶା ରଖିଛନ୍ତି। ପୁରୁଷ ବିଭାଗରେ ଓଡ଼ିଶା ଦଳର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଭାବେ ଆସାମ ଉଭା ହେବ। ଏହି ହର୍ଡଲ୍ସ ଅତିକ୍ରମ କରିବା ଓଡ଼ିଶା ପାଇଁ କଷ୍ଟସାଧ ହେବ ବୋଲି ସେ ପୂର୍ବାନୁମାନ କରୁଛନ୍ତି। ତେବେ ଓଡ଼ିଶା ଏହି ପ୍ରତିଯୋଗିତାରେ ପ୍ରତିପକ୍ଷ ଦଳକୁ କଡ଼ା ଟକ୍କର ଦେବ ବୋଲି ସେ ଦୃଢ଼ତାର ସହ କହିଛନ୍ତି।

## ଭାରୋତ୍ତୋଳିକା ରାକ୍ଷୀ ଭାଙ୍ଗିଲେ ଜାତୀୟ ରେକର୍ଡ

**ଦୋହା,୨୩।୧୨(ପି.ଟି.):** ଭାରତୀୟ ଭାରୋତ୍ତୋଳିକା ରାକ୍ଷୀ ହଲଧର ଏଠାରେ ଅନୁଷ୍ଠିତ କତାର ଅନ୍ତର୍ଜାତୀୟ କପ୍ ଟୁର୍ନାମେଣ୍ଟରେ ସୋମବାର ୬୪ କେଜି ଓଜନ ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ଅବସରରେ ସେ ଦୁଇ ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି। ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ ସ୍ୱର୍ଣ୍ଣ ପଦକଧାରୀ ରାକ୍ଷୀ ସିନିୟର ଜାତୀୟ ବିଭାଗର ଉଭୟ ସ୍ନାଚ ଓ ମୋଟ ଓଜନ ଉଠାଇବାର ରେକର୍ଡ ଭଙ୍ଗ କରିଛନ୍ତି। ସେ ମୋଟ ୨୧୮ କେଜି (୯୫ କେଜି ସ୍ନାଚ + ୧୨୩ କେଜି କ୍ଲିନ ଓ ଜର୍କ) ଭାର ଉଠାଇଥିଲେ। ଗତ ଜୁନରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପରେ ସେ ୨୧୪ କେଜି (୯୪+୧୨୦ କେଜି) ଭାର ଉତ୍ତୋଳନ କରିଥିଲେ। ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟସ୍ତରୀୟ ଇଭେଣ୍ଟରେ ଭାରତ ୩ ପଦକ ସହ ଅଭିଯାନ ଶେଷ କରିଛି। ପ୍ରତିଯୋଗିତାର ପ୍ରଥମ ଦିନ ପୂର୍ବତନ ବିଶ୍ୱ ଚାମ୍ପିୟନ ମିରାବାଇ ଚାନୁ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଜେରେମି ଲାଲରିନୁଙ୍ଗା ରୌପ୍ୟ ପଦକ ହାତେଇଥିଲେ।

## ସିଡ୍‌ଲେ ଅସୁସ୍ଥ

**ସିଡ୍‌ନୀ,୨୩।୧୨(ଏଏଫ୍‌ପି):** ଗତ ଶନିବାର କାନବେରାଠାରେ ସିଡ୍‌ନୀ ଥଣ୍ଡର୍ସ ଓ ଆଡିଲେଡ୍ ଷ୍ଟ୍ରାଇକର୍ସ ମଧ୍ୟରେ ଅନୁଷ୍ଠିତ ବିବିଏଲ ମ୍ୟାଚ୍‌ବେଳେ ଏକ ବୁଦାରେ ନିଆଁ ଲାଗି ଯିବାରୁ ବିଷାକ୍ତ ଧୂଆଁ ଚାରି ଆଡ଼େ ବ୍ୟାପି ଯାଇଥିଲା। ଫଳରେ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା। ଏଥିଯୋଗୁ ଅଷ୍ଟ୍ରେଲିଆ ଟେଷ୍ଟ ଦଳର ପିଟର ସିଡ୍‌ଲେ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଏବେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ରଖାଯାଇଛି। ଏହା ସଭିଙ୍କ ପାଇଁ ଅସୁରକ୍ଷିତ ଥିଲା। ଦଳରେ କିଛି ଖେଳାଳିଙ୍କ ଆସ୍ଥମା ଥିବାରୁ ସେମାନେ ଅସୁସ୍ଥ ହୋଇ ପଡ଼ିଛନ୍ତି। ସୌଭାଗ୍ୟବଶତଃ ସେମାନେ ଗ୍ରାଉଣ୍ଡରେ ଅଧିକ ସମୟ ରହି ନ ଥିଲେ ବୋଲି ଷ୍ଟ୍ରାଇକର୍ସ ଦଳର ଅଧିନାୟକ ଆଲେକ୍ସ କ୍ୟାରି କହିଛନ୍ତି। ଏବେ ଅଷ୍ଟ୍ରେଲିଆନ କ୍ରିକେଟରଙ୍କ ଆସୋସିଏଶନ ଏ ସମ୍ପର୍କରେ କ୍ରିକେଟ ଅଷ୍ଟ୍ରେଲିଆ ଓ ଆଇସିସି ସହ ଆଲୋଚନା କରୁଛି। ମ୍ୟାଚ୍ ପାଇଁ ବାୟୁର କ୍ୱାଲିଟି କେଉଁ ଭଳି ରହିବା ଦରକାର ଓ ବାୟୁ ପ୍ରଦୂଷଣ ଦ୍ୱାରା ମ୍ୟାଚ୍ ବାଧାପ୍ରାପ୍ତ ହେଲେ ଫଳାଫଳ ପାଇଁ କ'ଣ କରାଯିବ ସେ ନେଇ ଏକ ନିୟମ ଆଣିବାକୁ ପ୍ରସ୍ତାବ ଦିଆଯାଇଛି। ବାୟୁ ପ୍ରଦୂଷଣ ଭାରତରେ ମଧ ଏକ ବଡ଼ ସମସ୍ୟା। ଏହି କାରଣରୁ ୨୦୧୭ରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଟେଷ୍ଟ ବନ୍ଦ କରିଦିଆଯାଇଥିଲା। ଏହି ସମୟରେ ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରେ।

# ନିପୁନ, ପ୍ରତିମା, ରାଜେଶଙ୍କୁ ଟାଇଟଲ

**କଟକ ଅଫିସ, ୨୩।୧୨:** ଜିଲା ବଧିର ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଦେଉଳସାହିସ୍ଥିତ ମୋନାଲିସା ପ୍ୟାଲେସଠାରେ ଚାଲିଥିବା ୨୨ତମ ରାଜ୍ୟ ବଧିର ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପୁରୁଷ ବିଭାଗରେ ଏସ୍‌ଆର୍ ଚେସ୍ ସେଣ୍ଟରର ନିପୁନ ଆଦିତ୍ୟ ମହାନ୍ତି, ମହିଳା ବିଭାଗରେ କଟକର ପ୍ରତିମା ଦଳାଇ, ଜୁନିୟର ବିଭାଗରେ ରାଜେଶ ଲେଙ୍କା ଚାମ୍ପିୟନ ହୋଇଛନ୍ତି। ରାଜ୍ୟ ବଧିର କ୍ରୀଡ଼ା ପରିଷଦ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଉକ୍ତ ପ୍ରତିଯୋଗିତା ୫ ରାଉଣ୍ଡ ବିଶିଷ୍ଟ ହୋଇଥିଲା। ଏଥିରେ ଖୋର୍ଦ୍ଧାକୁ ଦଳଗତ ଚାମ୍ପିୟନ ଘୋଷଣା କରାଯାଇଛି।

ପୁରୁଷ ବର୍ଗରେ ନିପୁନ ଆଦିତ୍ୟ ମହାନ୍ତି ପ୍ରଥମ, ସୁଶାନ୍ତ କୁମାର ସାହୁ ଦ୍ୱିତୀୟ ହୋଇଥିବାବେଳେ ବାବୁଲା କୁମାର ପଟେଲ, ମନୋରଞ୍ଜନ ପାଣିଗ୍ରାହୀ ଓ ସୁଶାନ୍ତ ବେହେରା ୪ ପଏଣ୍ଟ ଲେଖାଏ ପାଇ ମିଳିତ ୩ୟ ସ୍ଥାନରେ ରହିଥିଲେ। ମହିଳା ବର୍ଗରେ ପ୍ରଥମ ହୋଇଥିଲେ ପ୍ରତିମା ଦଳାଇ। ମାଳତୀ ସିଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବର୍ଗରେ ରାଜେଶ ଲେଙ୍କା ଓ ରିଙ୍କୁ ସାହୁ ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ଉପରୋକ୍ତ ପ୍ରତିଯୋଗୀ ଆସନ୍ତା ଜାନୁୟାରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ମହୀଶୂରଠାରେ ହେବାକୁ ଥିବା ୨୨ତମ ଜାତୀୟ ବଧିର ଚେସ୍‌ରେ ଓଡ଼ିଶାରୁ ପ୍ରତିନିଧିତ୍ୱ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟ ବଧିର କ୍ରୀଡ଼ା ପରିଷଦର ସାଙ୍ଗଠନିକ ସମ୍ପାଦକ ନିରଞ୍ଜନ ଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୋନାଲିସା ପାଲେସର ମୁଖ୍ୟ ସନ୍ତୋଷ ସାହୁ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଏନ୍.କେ. ମହାନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏସ୍.ଆର୍. ଚେସ୍ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ବଧିର ସଂଘ ସଭାପତି ଅସିତ ମିଶ୍ର, ସାଙ୍ଗଠନିକ ସମ୍ପାଦକ ଜିତେନ୍ଦ୍ର ନନ୍ଦ, ଉପସଭାପତି ଏସ୍.ଏନ୍. ବହିଦାର, ସମୀର ନାୟକ, ପି.କେ. ମହାପାତ୍ର, ଏମ୍.ଆର୍. ସାମଲ ଓ ଚେସ୍ କୋଚ ଅବିନାଶ ଦାସ ଯୋଗଦେଇଥିଲେ।

**୨୨ତମ ରାଜ୍ୟ ବଧିର ଚେସ୍**



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ନିପୁନ ଆଦିତ୍ୟ ମହାନ୍ତି।

# ପାକିସ୍ତାନକୁ ଟେଷ୍ଟ ସିରିଜ ଜିତାଇଲେ ନସିମ

**କରାଚୀ, ୨୩।୧୨ (ଏଏଫ୍‌ପି)**



ଟ୍ରଫି ସହ ପାକିସ୍ତାନ ଖେଳାଳିମାନେ।

କରାଚୀଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ପାକିସ୍ତାନ ୨୬୩ ରନରେ ସହଜ ବିଜୟ ହାସଲ କରିଛି। ଏଥିସହ ଦଳ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ଜିତିନେଇଛି। ସୋମବାର ଅନ୍ତିମ ତଥା ୫ମ ଦିବସ ଖେଳରେ ପାକିସ୍ତାନ ମାତ୍ର ୧୪ ମିନିଟ ଓ ୧୬ ବଲ୍ ବିନିମୟରେ ମ୍ୟାଚ ଜିତି ନେଇଥିଲା। ଭ୍ରମଣକାରୀ ଦଳ ପୂର୍ବଦିନର ଅସମାପ୍ତ ସ୍କୋର ୨୧୨ରେ ଗୋଟିଏ ହେଲେ ରନ ଯୋଗ କରି ପାରି ନ ଥିବାବେଳେ ଏହାର ଅବଶିଷ୍ଟ ୩ ଉଇକେଟ ହରାଇଥିଲା। ପାକିସ୍ତାନ ରବିବାର ଶ୍ରୀଲଙ୍କା ବିପକ୍ଷରେ ୪୭୬ରନର କଷ୍ଟସାଧ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ପାକିସ୍ତାନର ସ୍ୱଳ୍ପ ବୟସ୍କ ବୋଲର ନସିମ୍ ଶାହ (୧୬ ବର୍ଷ ଓ ୩୦୭ ଦିନ) ଚମତ୍କାର ବୋଲିଂ କରି ୩୧ରନ ବିନିମୟରେ ୫ ଉଇକେଟ ହାସଲ କରିଥିଲେ। ଏକ ଟେଷ୍ଟ ଇନିଂସରେ ୫ ଉଇକେଟ ହାସଲ କରିବାରେ ସେ ପାକିସ୍ତାନର ଦ୍ୱିତୀୟ ସର୍ବକନିଷ୍ଠ ବୋଲର ବିବେଚିତ ହୋଇଛନ୍ତି। ପାକିସ୍ତାନର ସର୍ବ କନିଷ୍ଠ ବୋଲର ଭାବେ ଗୋଟିଏ ଇନିଂସରେ ୫ ଉଇକେଟ ସଫଳତା ରେକର୍ଡ ବାମହାତୀ ସ୍ପିନର ନାସିମ ଉଲ୍ ଘାନିଙ୍କ ନାମରେ ରହିଛି। ଶାହଙ୍କଠାରୁ ଘାନି ବୟସରେ ୪ ଦିନ ସାନ। ୧୯୫୭-୫୮ରେ ଜର୍ଜଟାଉନ୍‌ଠାରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ସେ ଏହି ସଫଳତା ହାସଲ କରିଥିଲେ।

# ଚ୍ୟାଲେଞ୍ଜର ଟ୍ରଫି ଖେଳିବେ ସୁଶ୍ରୀ, ମାଧୁରୀ

**୪ରୁ ସିନିୟର ମହିଳା ଟି୨୦**

- ବାରବାଟୀରେ ଖେଳାଯିବ ପ୍ରତିଯୋଗିତା
- ଆସିବେ ମହିଳା କ୍ରିକେଟ୍ ଦଳର ନାମୀଦାମୀ ଖେଳାଳି

**କଟକ ଅଫିସ,୨୩।୧୨:** ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଏକଦିବସୀୟ ମ୍ୟାଚ୍ ଆୟୋଜନ କରିବା ପରେ ପୁଣିଥରେ ବାରବାଟୀ ଷ୍ଟାଡିୟମରେ ଅନ୍ତର୍ଜାତୀୟ ଖେଳାଳିଙ୍କ ଆସର ଜମିବ। ଆସନ୍ତା ୪ରୁ ଏଠାରେ ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି ଖେଳାଯିବ। ଯେଉଁଥିରେ ଭାରତୀୟ ମହିଳା କ୍ରିକେଟ୍ ଦଳର ଅନେକ ନାମୀଦାମୀ ଖେଳାଳି ଭାଗ ନେବେ। ହରମନପ୍ରୀତ କୌର, ତାନିୟା ଭାଟିଆ, ପ୍ରିୟା ପୁନିଆ, ସ୍ମୃତି ମନ୍ଧନା, ଜେମିମା ରୋଡ୍ରିଗ୍ସେଜ, ଶିଖା ପାଣ୍ଡେ, ଭେଦା କ୍ରୀଷ୍ଣାମୂର୍ତ୍ତିଙ୍କ ପରି ଖେଳାଳି ଏଠାରେ ମୁକାବିଲାକୁ ଓହ୍ଲାଇବେ।

ଏହି ପ୍ରତିଯୋଗିତାରେ ଇଣ୍ଡିଆ-ଏ, ଇଣ୍ଡିଆ-ବି ଓ ଇଣ୍ଡିଆ-ସି ନାମରେ ୩ଟି ଦଳ ରହିଛି। ଅଲରାଉଣ୍ଡର ହରମନପ୍ରୀତ ଇଣ୍ଡିଆ-ଏ ଦଳର ଅଧିନାୟିକା ଥିବା ବେଳେ ସ୍ମୃତି ଇଣ୍ଡିଆ-ବି ଦଳର ଓ କ୍ରୀଷ୍ଣାମୂର୍ତ୍ତି ଇଣ୍ଡିଆ-ସି ଦଳର ନେତୃତ୍ୱ ନେବେ। ୪ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ୪ଟି ଲେଖାଏ ମ୍ୟାଚ୍ ଖେଳିବେ। ୧୧ରେ ଫାଇନାଲ ମୁକାବିଲା ହେବ। ୨ ତାରିଖରେ ସମସ୍ତ ଖେଳାଳି ବାରବାଟୀରେ ପହଞ୍ଚିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ପ୍ରତିଯୋଗିତା ନିମନ୍ତେ ବିସିସିଆଇ ଦ୍ୱାରା ଘୋଷିତ ଦଳରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ସୁଶ୍ରୀ ଦିବ୍ୟଦର୍ଶିନୀ ଓ ମାଧୁରୀ ମେହେଟା। ସୁଶ୍ରୀ ଇଣ୍ଡିଆ-ବି ପକ୍ଷରୁ ଓ ମାଧୁରୀ ଇଣ୍ଡିଆ-ସି ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସୁଶ୍ରୀ ଜାଗୃତୀ କ୍ରିକେଟ ଏକାଡେମୀ (ଏସ୍‌ଜିଓ)ରେ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ।

**ଇଣ୍ଡିଆ-ଏ ଦଳ:** ହରମନପ୍ରୀତ କୌର(ଅଧିନାୟିକା), ତାନିୟା ଭାଟିଆ(ଉଇକେଟ କିପର), ଜେସିଆ ଅଖତାର(ଉଇକେଟ କିପର), ପ୍ରିୟା ପୁନିଆ, ଦୀପ୍ତି ଶର୍ମା, ଦେବିକା ବୈଦ୍ୟ, ସ୍ନେହ ରାଣା, ମାନସୀ ଯୋଶୀ, ମେଘନା ସିଂ, ଜେ କୋମଲ, ମିନୁ ମାନି, ରାଧା ଯାଦବ, ଭାରତ ଫୁଲମଲି।

**ଇଣ୍ଡିଆ-ବି ଦଳ:** ସ୍ମୃତି ମନ୍ଧନା(ଅଧିନାୟିକା), ସୁଷମା ବର୍ମା(ଉଇକେଟ କିପର), ଆର୍ କଳ୍ପନା(ଉଇକେଟ କିପର), ଭି.ଆର. ଭନିଆ, ଜେମିମା ରୋଡ୍ରିଗ୍ସେଜ, ଅନୁଜା ପାଟିଲ, ପୁନମ ଯାଦବ, ପୂଜା ଭସ୍ତ୍ରକାର, ଶିଖା ପାଣ୍ଡେ, ରେଣୁକା ସିଂ, ଅଞ୍ଜଳି ଶ୍ରାବଣୀ, ସୁଶ୍ରୀ ଦିବ୍ୟଦର୍ଶିନୀ, ଟି.ପି. କନୱାର, ରିଚା ଘୋଷ।

**ଇଣ୍ଡିଆ-ସି ଦଳ:** ଭେଦ କ୍ରୀଷ୍ଣାମୂର୍ତ୍ତି (ଅଧିନାୟିକା), ନୁଜହତ ପରୱିନ (ଉଇକେଟ କିପର), ଶେଫାଳି ବର୍ମା (ଉଇକେଟ କିପର), ୟସ୍ତିକା ଭାଟିଆ, ଡି. ହେମଲତା, ହରଲିନ ଦେଓଲ, ମନାଲୀ ଦକ୍ଷିଣୀ, ଜିନସି ଜର୍ଜ, ଅରୁନ୍ଧତୀ ରେଡ୍ଡୀ, ମୋନିକା ପଟେଲ, ଭୂଷାଳି ଭଗତ, ରାଜେଶ୍ୱରୀ ଗାଏକ୍ୱାଡ଼, ତନୁଶ୍ରୀ ସରକାର, ମାଧୁରୀ ମେହେଟା।

### ଘରୋଇ ପରିବେଶରେ ଭଲ ଖେଳିବି- ସୁଶ୍ରୀ



ଡାହାଣହାତୀ ଅଫ୍‌ସ୍ପିନର ଓ ବ୍ୟାଟ୍ସୱମ୍ୟାନ ସୁଶ୍ରୀ ଇଣ୍ଡିଆ-ବି ଦଳରେ ସ୍ଥାନ ପାଇଛନ୍ତି। ଏହି ଦଳର ନେତୃତ୍ୱ ନେବେ ଭାରତୀୟ ଦଳର ଓପନର ସ୍ମୃତି ମନ୍ଧନା। ଘରୋଇ ପରିବେଶରେ ଭଲ ପ୍ରଦର୍ଶନ କରିବା ସହଜ ହେବ ବୋଲି ସୁଶ୍ରୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହାଛଡ଼ା ସ୍ମୃତିଙ୍କ ସହ ପୂର୍ବରୁ କେମେଷ୍ଟ୍ରି ଭଲ ରହିଛି। ମୋ ବୟସ ବର୍ଗର ବିଭିନ୍ନ ମ୍ୟାଚ୍ ତାଙ୍କ ଖେଳିଛି। ଏଣୁ ଏହି ଦଳରେ ଏକ ପାରିବାରିକ ଅନୁଭୂତି ଭିତରେ ରହିବାର ସୁବିଧା ମିଳିବ ବୋଲି ସେ କହିଥିଲେ। ଭୁବନେଶ୍ୱରର ନୟାପଲ୍ଲୀରେ ଜନ୍ମିତ ସୁଶ୍ରୀ ରାଜ୍ୟ ଦଳର ଜଣେ ପ୍ରମୁଖ ଖେଳାଳି। ପୂର୍ବରୁ ମଧ ସେ ବିଭିନ୍ନ ବୟସବର୍ଗର ଟୁର୍ନାମେଣ୍ଟରେ ଭାରତୀୟ-ଏ ଦଳରୁ ପ୍ରତିନିଧିତ୍ୱ କରିଛନ୍ତି।

### ଦଳଗତ ପ୍ରଦର୍ଶନ ଭଲ ରହିବ- ମାଧୁରୀ



ଅଭ୍ୟାସ ଜୋରଦାର ଚାଲିଛି। କିଛିଦିନ ହେବ ଫିଟନେସ୍ ଉପରେ ବିଶେଷ ଧ୍ୟାନ ଦେଉଛି ବୋଲି ଇଣ୍ଡିଆ-ସି ଦଳରେ ସ୍ଥାନ ପାଇଥିବା ରାଜ୍ୟର ପ୍ରତିଭାବାନ ମହିଳା କ୍ରିକେଟ୍ ଖେଳାଳି ମାଧୁରୀ ମେହେଟା କହିଛନ୍ତି। ବଲାଙ୍ଗୀରରେ ଜନ୍ମିତ ଡାହାଣହାତୀ ବ୍ୟାଟ୍ସୱମ୍ୟାନ ମାଧୁରୀ ପୂର୍ବରୁ ଭାରତ ପକ୍ଷରୁ ୨ଟି ଲେଖାଏ ଟି୨୦ ଓ ଏକଦିବସୀୟ ମ୍ୟାଚ୍ ଖେଳି ସାରିଛନ୍ତି। ମାଧୁରୀ କହିଛନ୍ତି ଯେ, କ୍ରୀଷ୍ଣାମୂର୍ତ୍ତିଙ୍କ ନେତୃତ୍ୱରେ ଘୋଷିତ ହୋଇଥିବା ଦଳ ବହୁତ ଭଲ ଅଛି। ଦଳଗତ ପ୍ରଦର୍ଶନ ଆମର ଭଲ ରହିବ। ଆମେ ଜିତିବାକୁ ଚେଷ୍ଟା କରିବୁ।



❝ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆରେ ରବୀନ୍ଦ୍ର ଜାଡେଜାଙ୍କ ଉନ୍ନତ ବ୍ୟାଟିଂ ଭାରତୀୟ ଦଳର ଭବିଷ୍ୟତ ପାଇଁ ଶୁଭଙ୍କର ।

–ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି



❝ ସମଗ୍ର ବିଶ୍ୱକୁ ନୁହେଁ, ମୋତେ ନିଜକୁ ପ୍ରମାଣ କରି ଦେଖାଇବାକୁ ପଡ଼ିବ ଯେ, ମୁଁ ଅନ୍ତର୍ଜାତୀୟ ଦିନିକିଆ ଖେଳିପାରେ ।

–ରବୀନ୍ଦ୍ର ଜାଡେଜା, ଭାରତୀୟ ଅଲରାଉଣ୍ଡର

## ସଂକ୍ଷେପରେ

### ସର୍ବାଧିକ ଦିନିକିଆ ଉଇକେଟ ସହ ବର୍ଷ ଶେଷ କଲେ ଶାମି

**ନୂଆଦିଲ୍ଲୀ,୨୩।୧୨:** ଭାରତୀୟ ପେସର ମହମ୍ମଦ ଶାମି ସର୍ବାଧିକ ୪୨ ଦିନିକିଆ ଉଇକେଟ ସହ ବର୍ଷ ଶେଷ କରିଛନ୍ତି। କ୍ୟାରିୟରରେ ଦ୍ୱିତୀୟ ଥର ପାଇଁ ସେ ଏଭଳି ସଫଳତା ପାଇଛନ୍ତି। ଏଥିପୂର୍ବରୁ ୨୦୧୪ରେ ମଧ୍ୟ ସେ ଏହି ସଫଳତା ପାଇଥିଲେ। ସର୍ବାଧିକ ଦିନିକିଆ ଉଇକେଟ ସହ ବର୍ଷ ଶେଷ କରିଥିବା ବୋଲରଙ୍କ ତାଲିକାରେ ଶାମିଙ୍କ ବ୍ୟତୀତ ୩ ଜଣ ଭାରତୀୟ ରହିଛନ୍ତି। କପିଳ ଦେବ ପ୍ରଥମ ଭାରତୀୟ ବୋଲର ଭାବେ ୧୯୮୬ରେ ସର୍ବାଧିକ ୩୨ ଉଇକେଟ ସହ ବର୍ଷ ଶେଷ କରିଥିଲେ। ଏହାପରେ ୧୯୯୮ରେ ଅଜିତ ଅଗରକର (୫୮ ଉଇକେଟ), ୨୦୦୪ରେ ଇର୍ଫାନ ପଠାନ (୪୭) ଓ ୨୦୧୪ରେ ମହମ୍ମଦ ଶାମି (୩୮) ଏହି ତାଲିକାରେ ରହିଛନ୍ତି।

### ଶେଷରେ ଜିତିଲେ କୋହଲି

**ନୂଆଦିଲ୍ଲୀ,୨୩।୧୨:** ଚଳିତବର୍ଷ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଉପଅଧିନାୟକ ରୋହିତ ଶର୍ମାଙ୍କ ମଧ୍ୟରେ ଚାଲିଥିବା ଦୌଡ଼ ଶେଷ ହୋଇଛି। ରୋହିତଙ୍କୁ ପଛରେ ପକାଇ କୋହଲି ୨୦୧୯ରେ ଅନ୍ତର୍ଜାତୀୟ ସ୍ତରରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ ହେବାର ରେକର୍ଡ କରିଛନ୍ତି। ଚଳିତବର୍ଷ କୋହଲି ମୋଟ ୨,୪୫୫ ରନ୍ କରିଥିବାବେଳେ ମାତ୍ର ୧୩ ରନ୍ ପଛରେ ରହି ଯାଇଛନ୍ତି ରୋହିତ। କୋହଲି ୨୬ ଦିନିକିଆରେ ୧୩୭୭ ରନ୍ କରିଥିବାବେଳେ ୮ ଟେଷ୍ଟରେ ୬୧୨ ରନ୍ ଓ ୧୦ ଟି୨୦ରେ ୪୬୬ ରନ୍ କରିଛନ୍ତି। ସେହିଭଳି ରୋହିତ ୨୮ ଦିନିକିଆ ମ୍ୟାଚ୍‌ରେ ୧୪୯୦, ୫ ଟେଷ୍ଟରେ ୫୫୬ ଓ ୧୪ ଟି୨୦ ଖେଳି ୩୯୬ ରନ୍ ହାସଲ କରିଛନ୍ତି। ଏହି ତାଲିକାରେ ପାକିସ୍ତାନର ବାବର ଆଜମ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ନ୍ୟୁଜିଲାଣ୍ଡର ରସ ଟେଲର (୧୮୨୦) ଓ ଇଂଲଣ୍ଡର ଜୋ ରୁଟ (୧୭୯୦) ଟପ୍ ୫ରେ ରହିଛନ୍ତି। ତେବେ ଚଳିତବର୍ଷ କେବଳ ଦିନିକିଆରେ ସର୍ବାଧିକ ରନ୍ କରିବାରେ ରୋହିତ ଶୀର୍ଷ ସ୍ଥାନ ଅଧିକାର କରି ବର୍ଷ ଶେଷ କରିଛନ୍ତି।

### ୨୦୦ ପ୍ରତିଶତ ସୁରକ୍ଷିତ ପାକିସ୍ତାନ: ଶ୍ରୀଲଙ୍କା ଅଧିନାୟକ

**କରାଚୀ,୨୩।୧୨(ଏପି):** ପାକିସ୍ତାନଠାରୁ ଶ୍ରୀଲଙ୍କା ଟେଷ୍ଟ ସିରିଜ୍‌ରେ ପରାସ୍ତ ହୋଇଛି। ହେଲେ ପାକିସ୍ତାନରେ ସୁରକ୍ଷା ବ୍ୟବସ୍ଥା ନେଇ ସନ୍ତୋଷ ପ୍ରକଟ କରିଛନ୍ତି ଭ୍ରମଣକାରୀ ଶ୍ରୀଲଙ୍କା ଦଳର ଅଧିନାୟକ ଦିମୁଥ କରୁଣାରତ୍ନେ। ଅନ୍ତର୍ଜାତୀୟ ସିରିଜ୍ ଲାଗି ପାକିସ୍ତାନ ୨୦୦ ପ୍ରତିଶତ ସୁରକ୍ଷିତ ବୋଲି କହିବା ସହ ଏଠାକୁ ପୁଣି ଥରେ ଫେରିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏକ ଦଶନ୍ଧି ପରେ ପାକିସ୍ତାନ ଘରୋଇ ଟେଷ୍ଟ ସିରିଜ୍ ଆୟୋଜନ କରିଥିଲା। ୨୦୦୯ ପରେ ଦଳ ତା'ର ସମସ୍ତ ଘରୋଇ ମ୍ୟାଚ୍ ୟୁଏଇଠାରେ ଖେଳୁଥିଲା। ପ୍ରତ୍ୟେକ ସମୟରେ ଖେଳାଳିଙ୍କୁ ସୁରକ୍ଷା ଦିଆଯାଉଛି। ଏପରି କି ଆମେ ଖାଇବା କିମ୍ବା ଯେ କୌଣସି ସ୍ଥାନକୁ ଗଲେ, ସେମାନେ ଆମ ସହ ରୁହନ୍ତି।

# ବୁମ୍ରା ଫେରିଲେ: ରୋହିତ, ସାମିଙ୍କୁ ବିଶ୍ରାମ

**ନୂଆଦିଲ୍ଲୀ, ୨୩।୧୨ (ପି.ଟି.)**

କଟକ ଦିନିକିଆ ମ୍ୟାଚ୍ ସହ ୨୦୧୯ ବର୍ଷ ଲାଗି ଭାରତୀୟ କ୍ରିକେଟ୍ ଦଳର କାର୍ଯ୍ୟସୂଚୀ ସମାପ୍ତ ହୋଇଛି। ନୂଆବର୍ଷର ପ୍ରଥମ ସପ୍ତାହରୁ ଘରୋଇ ମାଟିରେ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ ସହ ଭାରତ ଏହାର ୨୦୨୦ ସିଜନ ଆରମ୍ଭ କରିବ। ସେହିଭଳି ଜାନୁୟାରୀ ୨ୟ ସପ୍ତାହରେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ଘରୋଇ ପରିବେଶରେ ଦିନିକିଆ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଶ୍ରୀଲଙ୍କା (ଟି୨୦) ଓ ଅଷ୍ଟ୍ରେଲିଆ (ଦିନିକିଆ) ବିପକ୍ଷ ଦୁଇଟି ସୀମିତ ଓଭର ସିରିଜ ଲାଗି ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଆଘାତଜନିତ ସମସ୍ୟାରୁ ସୁସ୍ଥ ହୋଇଥିବା ପ୍ରମୁଖ ଷ୍ଟ୍ରାଇକ ବୋଲର୍ ତଥା ୟର୍କର ସ୍ପେଶାଲିଷ୍ଟ ଯଶପ୍ରୀତ୍ ବୁମ୍ରା ଉଭୟ ସିରିଜ ଲାଗି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଦୁଇ ପ୍ରମୁଖ ଖେଳାଳି ରୋହିତ୍ ଶର୍ମା ଓ ଦ୍ରୁତ ବୋଲର ମହମ୍ମଦ ସାମିଙ୍କୁ ଶ୍ରୀଲଙ୍କା ବିପକ୍ଷ ସିରିଜରୁ ବିଶ୍ରାମ ଦିଆଯାଇଛି।

ମାଂସପେଶୀ ଟାଣି ହୋଇଯାଇଥିବାରୁ ବୁମ୍ରା କିଛିଦିନ ହେଲା କ୍ରିକେଟ୍‌ରୁ ଦୂରେଇ ରହିଥିଲେ। ତେବେ ଫିଟ୍ ହୋଇଯାଇଛନ୍ତି, ଏବଂ ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ଭାରତୀୟ ଦଳର ଫିଜିଓ ନୀତୀନ ପଟେଲ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଅଭିଜ୍ଞ ଓପନର୍ ଶିଖର ଧାୱନ ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ସଞ୍ଜୁ ସାମସନଙ୍କୁ ଶ୍ରୀଲଙ୍କା ସିରିଜ ଲାଗି ଅତିରିକ୍ତ ଓପନର୍ ଭାବେ ସ୍ଥାନ ମିଳିଛି ବୋଲି ଚୟନ କମିଟିର ଅଧ୍ୟକ୍ଷ ଭେଙ୍କଟେଶ ପ୍ରସାଦ ଟିମ୍ ଘୋଷଣା ଅବସରରେ କହିଛନ୍ତି। ପିଠି ଯନ୍ତ୍ରଣା ଲାଗି ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ଅଧାରୁ ବାଦ୍ ପଡ଼ିଥିବା ଦୀପକ ଚହର ଆଇପିଏଲ୍ ଆରମ୍ଭ ହେବା ପର୍ଯ୍ୟନ୍ତ ଆକ୍ସନରୁ ଦୂରେଇ ରହିବେ। ଫଳରେ ନବାଗତ ବୋଲର ନବଦୀପ ସଇନୀ ଦଳରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ୨୦୧୯ରେ ରୋହିତ୍ ୩ଟି ଯାକ ଫର୍ମାଟ୍‌ରେ ମୋଟ୍ ୪୭ ମ୍ୟାଚ୍ ଖେଳିଛନ୍ତି। ଅଧିନାୟକ ବିରାଟ କୋହଲି (୪୪)ଙ୍କ ଠାରୁ ଅଧିକ ୩ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ତେଣୁ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରୁ ରୋହିତ୍‌ଙ୍କୁ ବିଶ୍ରାମ ଦିଆଯାଇଛି। ଅଷ୍ଟ୍ରେଲିଆ ସିରିଜ ଲାଗି ସେ ଦଳରେ ସ୍ଥାନ ପାଇଥିବାରୁ ଲୋକେଶ ରାହୁଲ ଓ ଧାୱନଙ୍କ ରୂପରେ ୩ ଜଣ ଓପନର୍ ରହିବେ। ସେହିଭଳି ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଜାନୁୟାରୀ ୩ୟ ସପ୍ତାହ ବେଳକୁ ସୁସ୍ଥ ହେବାକୁ ଥିବାରୁ ନ୍ୟୁଜିଲାଣ୍ଡ ସିରିଜ ପାଇଁ ତାଙ୍କୁ ନଜରରେ ରଖାଯାଇଛି ବୋଲି ପ୍ରସାଦ ଏହି ଅବସରରେ କହିଛନ୍ତି। ଜାନୁୟାରୀ ୨୪ରୁ ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ ହେବ। ଏହି ଗସ୍ତରେ ଭାରତ ୫ ଟି୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।




**ଶ୍ରୀଲଙ୍କା ବିପକ୍ଷ ଟି୨୦**

| ମ୍ୟାଚ୍ | ତାରିଖ | ଭେନ୍ୟୁ |
|---|---|---|
| ପ୍ରଥମ ଟି୨୦ | ଜାନୁୟାରୀ ୫ | ଗୁଆହାଟୀ |
| ଦ୍ୱିତୀୟ ଟି୨୦ | ଜାନୁୟାରୀ ୭ | ଇନ୍ଦୋର |
| ତୃତୀୟ ଟି୨୦ | ଜାନୁୟାରୀ ୧୦ | ପୁନେ |

**ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ**

| | | |
|---|---|---|
| ପ୍ରଥମ ଦିନିକିଆ | ଜାନୁୟାରୀ ୧୪ | ମୁମ୍ବାଇ |
| ଦ୍ୱିତୀୟ ଦିନିକିଆ | ଜାନୁୟାରୀ ୧୭ | ରାଜକୋଟ |
| ତୃତୀୟ ଦିନିକିଆ | ଜାନୁୟାରୀ ୧୯ | ବେଙ୍ଗାଲୁରୁ |

**ଭାରତୀୟ ଦଳ**

**(ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ):** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ୍‌କିପର), ରବୀନ୍ଦ୍ର ଜାଡେଜା, ଶିଭମ ଦୁବେ, ୟୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍ରା, ନବଦୀପ ସଇନୀ, ଶାର୍ଦ୍ଦୁଳ ଠାକୁର, ମନୀଷ ପାଣ୍ଡେ, ୱାଶିଂଟନ ସୁନ୍ଦର ଓ ସଞ୍ଜୁ ସାମସନ।

**(ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ):** ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ୍ ଶର୍ମା, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟ୍‌କିପର), କେଦାର ଯାଦବ, ଶିଭମ ଦୁବେ, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ, ନବଦୀପ ସଇନୀ, ଶାର୍ଦ୍ଦୁଳ ଠାକୁର ଓ ଯଶପ୍ରୀତ୍ ବୁମ୍ରା।


ଜନ୍ମଦିନ ଶୁଭେଚ୍ଛା



ଆରାଧ୍ୟା ମହାକୁଡ଼ (ପିହୁ, ଲୋରି)
ସ୍ଥାନ: ପଥରଗାଡ଼ିଆ, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ହେବା ସହ ଭବିଷ୍ୟତ ଜୀବନ ଦୀର୍ଘାୟୁ, ସୁଖମୟ ଓ ଉଜ୍ଜ୍ୱଳମୟ।
ଶୁଭେଚ୍ଛା ସହ:
କେକେ, କେକେମା', ଅଜା, ଆଇ, ବାବା, ମାମା, ମାମୁ, ମାଇଁ, ପିଉସା, ପିଉସୀ, ଦିପୁଭାଇ, ଯୀଶୁ ଓ ଜିନୁ।
ଧ–୧୫୭୭୫


### ଶୀର୍ଷରେ କୋହଲି, ରୋହିତ

**ଦୁବାଇ,୨୩।୧୨(ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଉପଅଧିନାୟକ ରୋହିତ ଶର୍ମା ଆଇସିସି ଦିନିକିଆ ବ୍ୟାଟ୍ସମ୍ୟାନଙ୍କ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି ଚଳିତବର୍ଷ ଶେଷ କରିଛନ୍ତି। ରୋହିତ ଶ୍ରୀଲଙ୍କାର ସନଥ ଜୟସୂରିୟାଙ୍କ ୨୨ ବର୍ଷ ପୁରୁଣା ରେକର୍ଡ ଭାଙ୍ଗିଥିବାବେଳେ କୋହଲି ୨୦୧୯ରେ ସର୍ବାଧିକ ରନ୍ ସ୍କୋର କରିବାର ରେକର୍ଡ ହାତେଇଛନ୍ତି। ତାଙ୍କଠାରୁ ରୋହିତ ମାତ୍ର ୧୩ ରନ୍ ପଛରେ ଥିଲେ। ଲୋକେଶ ରାହୁଲ ଓ ଶ୍ରେୟାସ ଆୟାର ୧୭ ଓ ୨୩ ସ୍ଥାନ ଉପରକୁ ଉଠି ଯଥାକ୍ରମେ ୭୧ ଓ ୮୧ତମ ର୍‍ୟାଙ୍କ ହାସଲ କରିଛନ୍ତି। ଟପ୍ ୧୦ରେ ପ୍ରବେଶ କରିଛନ୍ତି ୱେଷ୍ଟଇଣ୍ଡିଜ ଓପନର ଶାଇ ହୋପ। ଭାରତ ବିପକ୍ଷରେ ୨୨୨ ରନ୍ କରି ହୋପ ୯ମ ସ୍ଥାନ ହାତେଇଛନ୍ତି।

# ଭାରତ ଏ' ଦଳରେ ପୃଥ୍ୱୀ

**ନୂଆଦିଲ୍ଲୀ, ୨୩।୧୨(ପି.ଟି.):** ଭାରତ ଏ' କ୍ରିକେଟ ଦଳ ନ୍ୟୁଜିଲାଣ୍ଡ ଟୁର୍‌ରେ ଯିବ। ଏଥିରେ ଫର୍ମରେ ଥିବା ପୃଥ୍ୱୀ ଶ'ଙ୍କୁ ଦଳରେ ସ୍ଥାନ ମିଳିଛି। ଡୋପିଂ ପାଇଁ ୮ ମାସ ବାସନ୍ଦ ଦଣ୍ଡ ଭୋଗିବା ପରେ ପ୍ରତ୍ୟାବର୍ତ୍ତନ କରି ଶ' ମୁମ୍ବାଇ ଦଳର ବରୋଦା ବିପକ୍ଷ ଓପନିଂ ରଣଜୀ ଟ୍ରଫି ମ୍ୟାଚରେ ଏହି ଯୁବ ଖେଳାଳି ଏକ ଦର୍ଶନୀୟ ଦ୍ୱିଶତକ ହାସଲ କରିଛନ୍ତି। ଭାରତୀୟ ଟେଷ୍ଟ ଦଳର ଓପନିଂ ଯୋଡ଼ି ଭାବେ ରୋହିତ ଶର୍ମା ଓ ମୟଙ୍କ ଅଗ୍ରୱାଲଙ୍କ ପ୍ରଦର୍ଶନ ଯଦିଓ ଭଲ ରହିଛି, ୨୦ବର୍ଷୀୟ ଶ'ଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପାଇଁ ରିଜର୍ଭ ଓପନର ଭାବେ ନିଆଯାଇପାରେ। ଶ'ଙ୍କୁ ଯଥାସମ୍ଭବ ଅଧିକାରୁ ଅଧିକ ଗେମ୍ ଖେଳାଇବାର ବ୍ୟବସ୍ଥା କରାଯାଉଥିବା ସିଲେକ୍ସନ କମିଟି ଚେୟାରମ୍ୟାନ ଏମ୍ଏସ୍‌କେ. ପ୍ରସାଦ ପ୍ରକାଶ କରିଛନ୍ତି। ଗତବର୍ଷ ଶ'ଙ୍କ ଟେଷ୍ଟ ପଦାର୍ପଣ ସ୍ମରଣୀୟ ଥିଲା। ରାଜକୋଟ୍‌ଠାରେ ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଶତକ ହାସଲ କରିଥିଲେ।

ନ୍ୟୁଜିଲାଣ୍ଡରେ ପ୍ରଥମଶ୍ରେଣୀ ଗେମ୍‌ରେ ହନୁମା ବିହାରୀ ଏବଂ ୫୦ ଓଭର ଫର୍ମାଟ ପାଇଁ ଅଧିନାୟକ ମନୋନୀତ କରାଯାଇଛି। ଭାରତ ସିନିୟର ଦଳ ନ୍ୟୁଜିଲାଣ୍ଡରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ମ୍ୟାଚ ୱେଲିଂଟନଠାରେ ଫେବୃୟାରୀ ୨ରୁ ଏବଂ ଦ୍ୱିତୀୟ ମ୍ୟାଚ କ୍ରିଷ୍ଟଚର୍ଚ୍ଚଠାରେ ଫେବୃୟାରୀ ୨୯ରୁ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଆର. ଅଶ୍ୱିନ, ଅଜିଙ୍କ୍ୟ ରାହାନେ, ଉମେଶ ଯାଦବ, ମୟଙ୍କ ଅଗ୍ରୱାଲ ଏବଂ ଈଶାନ୍ତ ଶର୍ମାଙ୍କ ଭଳି ଟେଷ୍ଟ ସ୍ପେଶାଲିଷ୍ଟ ଏହି ଦେଶରେ ଅଭ୍ୟାସ ପାଇଁ ସୁଯୋଗ ପାଇବେ। ସେମାନେ ଭାରତ ଏ'ର ଦ୍ୱିତୀୟ ମ୍ୟାଚରେ ସୁଯୋଗ ପାଇବେ।



**ନ୍ୟୁଜିଲାଣ୍ଡ ଟୁର୍**



ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଜୁନିୟର ରୋଲ୍‌ବଲ୍ ଦଳର ଖେଳାଳିମାନେ ।

# ଜାତୀୟ ଜୁନିୟର ରୋଲ୍‌ବଲରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଆସାମର ଗୁଆହାଟୀଠାରେ ଚଳିତ ମାସ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ ଜୁନିୟର ରୋଲ୍‌ବଲ ଚାମ୍ପିୟନଶିପ୍‌ର ତ୍ରୟୋଦଶ ସଂସ୍କରଣ ଅନୁଷ୍ଠିତ ହେବ। ବାଳକ ବିଭାଗରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲାଗି ୧୨ ଜଣିଆ ଓଡ଼ିଶା ରୋଲ୍‌ବଲ ଟିମ୍ ଘୋଷଣା କରାଯାଇଛି। ଓଡ଼ିଶାର ବିଭିନ୍ନ ଜିଲା ଓ ସ୍କୁଲରୁ ଖେଳାଳି ଚୟନ କରାଯାଇ ରାଜ୍ୟ ଟିମ୍ ଘୋଷଣା କରାଯାଇଛି। ଏହି ଅବସରରେ ଓଡ଼ିଶା ରୋଲ୍‌ବଲ ଆସୋସିଏଶନ (ଓଆର୍‌ବିଏ) ଓ ଓଡ଼ିଶା ସ୍କେଟିଂ ଏକାଡେମୀ (ଓଏସ୍ଏ) ପକ୍ଷରୁ ସୋମବାର ମନୋନୀତ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୋଖରୀପୁଟ ବିଡିଏ ମଧୁସୂଦନ ପାର୍କଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସାମାଜିକ କର୍ମୀ ଆର୍.ଏନ୍. ଦାଶ, ରାଜ୍ୟ ଆସୋସିଏଶନର ସମ୍ପାଦିକା ସୌଦାମିନୀ ପାତ୍ର ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଥ ସାରଥି ଜେନା, ହେମନ୍ତ ସାମନ୍ତରାୟ, ଶ୍ରୀନିବାସ ସାହୁ, ପ୍ରକାଶ ବିଶୋୟୀ, ଶୁଭେନ୍ଦୁ ରାୟସାମନ୍ତରାୟ ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ।

**ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ:** ଓମ୍ ସାଶ୍ୱତ ମହାପାତ୍ର, ଆଦିତ୍ୟ ଭାନୁ ସାହୁ, ବ୍ୟାସଦେବ ମହାପାତ୍ର, ପ୍ରିତିଶ ଆର୍ଯ୍ୟନା ଜେନା, ଆୟୁଷ ଜୈନ, କୌସ୍ତୁଭ ପଟ୍ଟନାୟକ (ସମସ୍ତେ ଖୋର୍ଦ୍ଧାର), ପ୍ରଭୁ ସମ୍ପଦ, ସଚ୍ଚିଦାନନ୍ଦ ସାହୁ, ଦ୍ୱିବେଶ ଅଗ୍ରୱାଲ, ସିଦ୍ଧାର୍ଥ ଦଳାଇ (ସମସ୍ତେ କଟକ), ସ୍ୱତନ୍ତ୍ରସ୍ୱରାଜ ସାହୁ (ଗଞ୍ଜାମ) ଓ ଶୁଭଙ୍କର ଖିଲାର (ଭଦ୍ରକ)।


ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଧ୍ରୁବ ଚରଣ ସାହୁ
ଗାରେଡ଼ି ପାର୍ଥାଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୦।୦୫।୧୯୩୦
ତିରୋଧାନ: ୧୪।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର– ଅନ୍ତର୍ଯ୍ୟାମୀ, ନେତ୍ରାନନ୍ଦ, ବନ୍ଧୁ ଓ ପରିବାରବର୍ଗ।
ଧ–୬୮୭୩୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା
ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳୀ ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ–୬୮୦୪୦

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଦିଗମ୍ବର ପତି
ସମେଇଗାଡ଼ିଆ ଗାଁ, ଭୁବନେଶ୍ୱର
ଆବିର୍ଭାବ: ୦୫।୦୯।୧୯୩୪
ତିରୋଧାନ: ୦୨।୦୧।୨୦୧୯
ଚାହୁଁ ଚାହୁଁ ଏକବର୍ଷ ବିତିଗଲା ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କର୍ତ୍ତବ୍ୟନିଷ୍ଠା ଆମେ ଭୁଲି ପାରିବୁ ନାହିଁ। ଆଜି ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର– ତୁଷାର ରଞ୍ଜନ, ନିହାର ରଞ୍ଜନ, ମନୋରଞ୍ଜନ, ମାନସ ରଞ୍ଜନ, ବନ୍ଧୁ ଓ ପରିବାରବର୍ଗ ।
ଧ–୬୮୬୩୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ କିଶୋର ଚନ୍ଦ୍ର ଦାଶ
ଗ୍ରାମ: ଭାଲିଆବାଡ଼ି, ଖୋର୍ଦ୍ଧା
ଆବିର୍ଭାବ: ୧୦।୧୦।୧୯୪୭
ତିରୋଧାନ: ୦୪।୦୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ:
ପତ୍ନୀ: ସୌଦାମିନୀ, ପୁତ୍ର: ସନ୍ତୋଷ, ପୁତ୍ରବଧୂ: ସ୍ୱପ୍ନାରାଣୀ, ଶ୍ରୀୟା, ଆଶୁ, ଝିଅ: ରୁନୁ, ମାନୁ, ଜ୍ୱାଇଁ: ସନ୍ତୋଷ, ଅଜିତ୍, ସୋନୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ–୧୫୮୭୪


**ବାଇଚୁଙ୍ଗ ଭୂଟିଆ**

# କ୍ରିସ୍‌ମାସ୍ ଗିଫ୍ଟ

ଡିସେମ୍ବର ୨୫ ମେରୀ କ୍ରିସ୍‌ମାସ୍ ସମଗ୍ର ବିଶ୍ୱରେ ଆନନ୍ଦ ଉତ୍ସବ ଦିବସ। ସେହିଦିନ ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ପଏଣ୍ଟ ଟେବୁଲରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ବେଙ୍ଗାଲୁରୁ ଏଫ୍‌ସି (ବିଏଫ୍‌ସି)ଏବଂ ଏଟିକେ ମଧ୍ୟରେ ହେବ ମୁକାବିଲା। ଉଭୟେ ଧମାକାଦାର ପ୍ରଦର୍ଶନ ସହ ସେମାନଙ୍କ ସ୍ଥିତି ଜାହିର କରିବାକୁ ଚାହିଁବେ ନିଶ୍ଚୟ। ନଭେମ୍ବରରେ ଅନ୍ତର୍ଜାତୀୟ ବିରତି ପରେ ଦୁଇ ଟାଇଟଲ ଦାବିଦାର ଦଳର ଫର୍ମକୁ ନେଇ କିଛି ପୂର୍ବାନୁମାନ କରିହେବ ନାହିଁ। ତେବେ ପ୍ରଦର୍ଶନକୁ ଦେଖିଲେ ବିଏଫ୍‌ସି ଫେଭରାଇଟ୍ ମନେ ହେଉଛି। ଗତ ୫ଟି ମ୍ୟାଚରେ ଏହି ଦଳ ୩ ବିଜୟ ଓ ଗୋଟିଏରେ ପରାଜୟବରଣ କରିଥିବାବେଳେ ଗୋଟିଏ ଡ୍ର ରଖିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଏଟିକେ ଗୋଟିଏ ମ୍ୟାଚରେ ବିଜୟୀ ହୋଇଥିବାବେଳେ ଗୋଟିଏ ମ୍ୟାଚ ହାରିଛି ଏବଂ ତିନୋଟି ମ୍ୟାଚ ଡ୍ର ରଖିଛି। କିନ୍ତୁ ଏସବୁ ଅତୀତ ହୋଇଯାଇଛି। ଦୁଇଦଳ ସତେଜ ମନୋଭାବ ନେଇ ପଡ଼ିଆକୁ ଓହ୍ଲାଇବେ। ଏଟିକେ ପାଇଁ ଏହି ମ୍ୟାଚ ଜିତିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଫ୍‌ସି ଗୋଆ(୯ଟି ମ୍ୟାଚରୁ ୧୮ ପଏଣ୍ଟ) ବର୍ତ୍ତମାନ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଏଟିକେ ଯଦି ଏହାର ମ୍ୟାଚ ହାରିଯାଏ ପ୍ରତ୍ୟାବର୍ତ୍ତନ କରିବା ଲାଗି ଦଳକୁ କଷ୍ଟକର ହୋଇପଡ଼ିବ। ଏଟିକେ ଦଳର ଡିଫେନ୍ସ ଏବଂ ମିଡ୍‌ଫିଲ୍ଡରେ ତ୍ରୁଟି ଯୋଗୁ ବିପକ୍ଷ ଦଳ ଫାଇଦା ଉଠାଉଛି। ସମ୍ମୁଖ ଭାଗ ଖେଳାଳି ହେଉଛନ୍ତି ଦଳର ଶକ୍ତି। ବିଶେଷକରି ଏହାର ଷ୍ଟ୍ରାଇକର ତଥା ଅଧିନାୟକ ରୟ କ୍ରିଷ୍ଣାଙ୍କ ପ୍ରଦର୍ଶନ ଉପରେ ନିର୍ଭରଶୀଳ। ଏଟିକେର ଆକ୍ରମଣାତ୍ମକ ବିଚକ୍ଷଣତା ସତ୍ତ୍ୱେ ଲିଗ୍‌ରେ ବିଏଫ୍‌ସି ଅନ୍ୟତମ ଶ୍ରେଷ୍ଠ ଆଟାକିଂ ଦଳ। ଦଳରେ ଉଦାନ୍ତ ସିଂ, ଆଶିକ କୁରୁନିୟାନ ରାଫାଲ ଅଗଷ୍ଟୋସ ଏବଂ ସୁନୀଲ ଛେତ୍ରୀଙ୍କ ଭଳି ଦକ୍ଷ ଖେଳାଳି ରହିଛନ୍ତି। ଫରୱାର୍ଡ ଖେଳାଳିଙ୍କୁ ମିଡ୍‌ଫିଲ୍ଡ ଏବଂ ଡିଫେନ୍ସର ଉପଯୁକ୍ତ ସହାୟତା ମିଳୁଛି। ଗୁରପ୍ରୀତ ସିଂଙ୍କ ଭୂମିକା ଉଲ୍ଲେଖନୀୟ। ଏକ ସନ୍ତୁଳିତ ଦଳ ହୋଇଥିବାରୁ ବିଏଫ୍‌ସି ଲିଗ୍‌ରେ ସ୍ଥିର ପ୍ରଦର୍ଶନ କରୁଥିବା ଦଳଗୁଡ଼ିକ ମଧ୍ୟରେ ଅନ୍ୟତମ ରହିଛି। ଏଟିକେ କୋଚ୍ ଆଣ୍ଟୋନିଓ ହାବାସ ଦଳ ଉଭୟ ମିଡ୍‌ଫିଲ୍ଡ ଓ ଡିଫେନ୍ସରେ ରହିଥିବା ତ୍ରୁଟିକୁ ସଜାଡ଼ିବା ଦିଗରେ ଧ୍ୟାନ ଦେଇଥିବେ ବୋଲି ମୋର ବିଶ୍ୱାସ। ଏହାଦ୍ୱାରା ଭ୍ରମଣକାରୀ ଦଳର ଉଚିତ୍ ମୁକାବିଲା କରିହେବ। ବିଏଫ୍‌ସି ଯେପରି ଖେଳୁଛି ଡିସେମ୍ବର ୨୫ ମ୍ୟାଚ ପାଇଁ ଦଳର କୌଣସି ପରିବର୍ତ୍ତନ ନ କରିପାରେ। ମ୍ୟାଚରେ ରୟ କ୍ରିଷ୍ଣା ଏବଂ ସୁନୀଲଙ୍କ ମଧ୍ୟରେ ଲଢେଇ ଦେଖିବାକୁ ମିଳିବ। ଉଭୟେ ଯଥାକ୍ରମେ ଏଟିକେ ଏବଂ ବିଏଫ୍‌ସିର ନେତୃତ୍ୱ ନେଉଛନ୍ତି। ଏହି ମ୍ୟାଚରେ ବିଜୟ ସେମାନଙ୍କ ଦଳର ସମର୍ଥକଙ୍କ ପାଇଁ କ୍ରିସ୍‌ମାସ୍ ଗିଫ୍ଟ ଭଳି ହେବ।

–(ଗେମ୍‌ପ୍ଲାନ)


#WhatDrivesYou
EXIDE





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଦେବଝରନ ଡ୍ୟାମ୍‌ରୁ କମୁଛି ଜଳସ୍ତର




ସମ୍ବଲପୁର ଜିଲା ଯୁଯୁମୁରା ଦେବଝରନ ଡ୍ୟାମ ଅବହେଳିତ ହୋଇ ସୁଇସ୍ ଗେଟ ପଡିଛି (ବାମ)। ଦେବଝରନ ଡ୍ୟାମ ।

**ସମ୍ବଲପୁର, ୨୩।୧୨ (ବ୍ୟୁରୋ)**

■ଡ୍ୟାମ୍‌ରେ ଫାଟ, ସୁଇସ୍ ଗେଟ୍‌ରୁ ବି ପାଣି ଲିକ୍

■ପର୍ଯ୍ୟଟନ ସ୍ଥଳ ଉପରେ ପଡିବ ପ୍ରଭାବ

■ଚାଷ ପାଇଁ ନିଅଣ୍ଟ ପଡ଼ିବ ପାଣି

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଦେବଝରନ ପର୍ଯ୍ୟଟନ ସ୍ଥଳୀରେ ଥିବା ଡ୍ୟାମରେ ଫାଟ ସୃଷ୍ଟି ହୋଇଛି । ସୁଇସ୍ ଗେଟ ଦେଇ ଅହରହ ପାଣି ବୋହି ଯାଉଛି। ଡ୍ୟାମରେ ତଳପଟେ ଫାଟ ସୃଷ୍ଟି ହୋଇଛି । ଫଳରେ ଜଳସ୍ତର କମିବାରେ ଲାଗିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଡିସେମ୍ବରରୁ ଜଳସ୍ତର ହ୍ରାସ ପାଉଥିବାରୁ ଗ୍ରୀଷ୍ମ ପ୍ରବାହ ବେଳେ ଉକ୍ତ ଡ୍ୟାମ୍‌ରେ କେତେ ପାଣି ରହିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପାଣି ଲିକ୍ ହେବାରୁ ଡ୍ୟାମ୍ ଏବେ ବିପଦ ଆଡ଼କୁ ଠେଲି ହୋଇଯାଉଛି । ଏହି ଡ୍ୟାମ୍ ଉପରେ ପ୍ରାୟ ୫ଶହ ଚାଷୀ ନିର୍ଭର କରନ୍ତି । ଡ୍ୟାମ୍‌ରୁ ଜଳସ୍ତର ହ୍ରାସର ପ୍ରଭାବ ସିଧା ସଳଖ ଚାଷ ଉପରେ ପଡିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ୍ ମରାମତି ପାଇଁ ୨ ବର୍ଷ ତଳେ ସର୍ଭେ କରାଯାଇଥିଲା । ମୁଖ୍ୟ ଯନ୍ତ୍ରୀସ୍ତରୀୟ ଏକ ଦଳ ଆସି ଡ୍ୟାମ୍ ଅଞ୍ଚଳ ପରିଦର୍ଶନ କରିଥିଲେ । ଗ୍ରୀଷ୍ମପ୍ରବାହ ବେଳେ ଜଳସ୍ତର କମିଗଲେ ଏହାର ମରାମତି କରାଯିବ ବୋଲି କହିଥିଲେ । ଏହା ସହ ପାଣିରେ ବୁଡ଼ି ଫାଟ ତଦାରଖ କରୁଥିବା ସ୍ୱତନ୍ତ୍ର ଟିମ୍ ସାହାଯ୍ୟରେ କେଉଁ ସ୍ଥାନରେ ମରାମତି କରାଯିବ ସେ ନେଇ ଯାଞ୍ଚ କରାଯିବ ବୋଲି କହିଥିଲେ । ହେଲେ ମରାମତି କାମ ଏ ଯାଏ ଆରମ୍ଭ ହୋଇ ପାରିନାହିଁ । ବର୍ଷା ଓ ପ୍ରାକୃତିକ ଝରଣା ପାଣିକୁ ଡ୍ୟାମ୍‌ରେ ଯେତିକି ସଞ୍ଚୟ କରାଯାଇଥିଲା ଏବେ ତାହା ଅପଚୟ ହେବାକୁ ଲାଗିଛି ବୋଲି ଦେବଝରନ ବିକାଶ ମଞ୍ଚ ଓ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଦେବଝରନ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟ ବଢ଼ାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଏହି ୭୦ ହେକ୍ଟର ଡ୍ୟାମର ଭୂମିକା ରହିଛି । ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ ବାରମ୍ବାର ପର୍ଯ୍ୟଟନ ଓ ଜଙ୍ଗଲ ପରିବେଶ ବିଭାଗକୁ ଚିଠି ଲେଖି ଇକୋଟୁରିଜମ୍ ଘୋଷଣା କରିବାକୁ ଦାବି କରି ଆସୁଥିଲେ । ୨୦୧୮ ମସିହା ଫେବୃୟାରୀ ମାସରେ ଦେବଝରନକୁ ଇକୋ ଟୁରିଜମ୍ ଘୋଷଣା କରାଯାଇଛି । ଜଳ ପ୍ରପାତ ସହ ଡ୍ୟାମ ଚତୁଃପାର୍ଶ୍ୱରେ ଥିବା ସବୁଜ ଘନଜଙ୍ଗଲ ପରିବେଶକୁ ଆହୁରି ମନ ଲୋଭା କରିଥାଏ । ତେଣୁ ଡ୍ୟାମ୍‌ରେ ଜଳସ୍ତର ହ୍ରାସ ହେଲ ପର୍ଯ୍ୟଟନ ଉପରେ ମଧ ପ୍ରଭାବ ପଡିବ ବୋଲି ଅଭିଯୋଗ ହେଉଛି । ସେଥିପାଇଁ ଡ୍ୟାମ୍‌ର ମରାମତି ଶୀଘ୍ର କରାଯାଉ ପରିବେଶବିତ୍‌ମାନେ ଦାବି କରିଛନ୍ତି ।

୧୯୭୧- ୭୨ ମସିହାରେ ପଥର ଓ ମାଟିରେ ଏହି ବନ୍ଧ ନିର୍ମାଣ କରାଯାଇଥିଲା। ଉକ୍ତ ଡ୍ୟାମ୍‌ର ଲମ୍ବ ୪୮ ମିଟର । ବର୍ଷା ପାଣିକୁ ସଂରକ୍ଷିତ କରିବା ପାଇଁ ପ୍ରାୟ ୩୬ ମିଟର ଦୈର୍ଘ୍ୟ ଓ ୬ମିଟର ପ୍ରସ୍ଥରେ ଏକ କଂକ୍ରିଟ ଡ୍ୟାମ ବି ସେଠାରେ ନିର୍ମାଣ କରାଯାଉଛି । ଏହି ଡ୍ୟାମ୍‌ରୁ ଯୁଯୁମୁରା ଅଞ୍ଚଳର ୪ ପଞ୍ଚାୟତର ପ୍ରାୟ ୨୮୩ ହେକ୍ଟର ଜମିକୁ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ରବି ଓ ଖରିଫ ଫସଲ ସହିତ କେତେଜଣ ଚାଷୀ ଧାନ ସହିତ ପନିପରିବା,ଫଳ,ଡାଲି ଜାତୀୟ ଶସ୍ୟ ଚାଷ କରୁଛନ୍ତି । ହେଲେ ପାଣିର ଅଭାବ ହେଲେ ଉପରୋକ୍ତ ଫସଲ ଉଜୁଡି ଯିବ ବୋଲି ଚାଷୀମାନେ କହିଛନ୍ତି ।

ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗ ଏସ୍‌ଡିଓ କିଶୋର ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ପାଣି ଲିକ୍ ଘଟଣାକୁ ନେଇ ଉଚ୍ଚସ୍ତରୀୟ ବୈଷୟିକ ଦଳ ଆସିଥିଲେ । ପାଣିରେ ବୁଡ଼ି କିଭଳି ସେହି ଫାଟ ମରାମତି ହେବ ସେ ନେଇ ପଦକ୍ଷେପ ନିଆଯାଉଛି । ଖୁବ୍ ଶୀଘ୍ର ମରାମତି କାମ କରାଯିବ । ଏହା ସହ ସୁଇସ୍ ଗେଟରେ ପାଣି ଅପଚୟ ରୋକା ଯିବା । ସେଠାରେ ଏକ ଘର ନିର୍ମାଣ କରି ଲୁହା ଗ୍ରୀଲ ଲଗାଇ ବନ୍ଦ କରି ଦିଆଯିବ ବୋଲି ସେ କହିଥିଲେ ।

# ୧୮ବର୍ଷ ଜେଲରେ ରହି ଫେରିବା ପରେ ଆତ୍ମହତ୍ୟା

**ନୂଆପଡା ଅଫିସ, ୨୩।୧୨**

■ଜେଲ ପାରିଶ୍ରମିକ ବାବଦ ଅର୍ଥ ମିଳିଲାନି

■ହତାଶ କଲା ସମ୍ପର୍କୀୟଙ୍କ ବ୍ୟବହାର

■ସ୍ତ୍ରୀଙ୍କୁ ହତ୍ୟା କରିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିଲେ

ସ୍ତ୍ରୀଙ୍କୁ ହତ୍ୟା କରି ଦୋଷୀ ସାବ୍ୟସ୍ତ ହେବା ପରେ ଦୀର୍ଘ ୧୮ବର୍ଷ ତାଙ୍କର ଜେଲରେ କଟିଥିଲା । ସଜା ସରିବା ପରେ ଏଇ କିଛିଦିନ ତଳେ ସେ ଫେରିଥିଲେ ଘରକୁ । ହେଲେ ସୋମବାର ସେ କୌଣସି କାରଣରୁ ଆତ୍ମହତ୍ୟା କରିଛନ୍ତି । ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ମୃତକ ହେଲେ ନୂଆପଡ଼ା ଥାନା ଅଧୀନ ଗୋଲାବନ୍ଧ ଗାଁର ଭୁବନ ମାଝି (୫୦) । ସେ ଜେଲରେ ବିଭିନ୍ନ କାମ କରିଥିଲେ । ପାରିଶ୍ରମିକ ବାବଦରେ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଲକ୍ଷାଧିକ ଟଙ୍କା ଦେଇଥାନ୍ତେ । ନିୟମ ଅନୁଯାୟୀ ସେ ଜେଲରୁ ଯେଉଁଦିନ ମୁକ୍ତି ପାଇଲେ ସେଦିନ ତାଙ୍କୁ ସେହି ଟଙ୍କା ମିଳିବା କଥା । ହେଲେ ତାହା ମିଳି ନ ଥିଲା। ଏହାକୁ ନେଇ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଆଜକୁ ୧୮ବର୍ଷ ତଳେ ଭୁବନ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଜେଲ ଯାଇଥିଲେ। ପ୍ରଥମେ ନୂଆପଡା ଉପକାରାଗାରରେ ତାଙ୍କୁ ୨ବର୍ଷ କାଟିବାକୁ ପଡିଥିଲା । ପରେ ଭବାନୀପାଟଣା ଜେଲରେ ୧୦ ବର୍ଷ ଏବଂ ଶେଷ ସମୟରେ ଖଡିଆଳ ଉପକାରାଗାରରେ ୬ବର୍ଷ ରହିଥିଲେ। ଜେଲରେ ଥିବା ସମୟରେ ମିସ୍ତ୍ରୀ ଭାବେ ଦରି ଏବଂ ଲୁଗା ବୁଣା କାମରେ ନିୟୋଜିତ ଥିଲେ। ଏହି ବାବଦକୁ ତାଙ୍କୁ ଲକ୍ଷାଧିକ ଟଙ୍କା ପାରିଶ୍ରମିକ ମିଳିବା କଥା। ଆଜକୁ ମାସକ ତଳେ ସେ ଖଲାସ ହୋଇ ଘରକୁ ଆସିଥିଲେ। ଘରେ ପହଞ୍ଚିବା ବେଳକୁ ପୁଅ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ । ଘରେ ଆଉ କେହି ନିଜର ନ ଥିଲେ। ଯେଉଁ ଦୂର ସମ୍ପର୍କୀୟମାନେ ଥିଲେ ସେମାନେ ତାଙ୍କୁ ଠିକ ଭାବେ ଗ୍ରହଣ କରି ନ ଥିଲେ। କେତେଜଣ ଗ୍ରାମବାସୀଙ୍କ ସହ ମିଶି ପାରିଶ୍ରମିକ ବାବଦରେ ଥିବା ଟଙ୍କା ଆଣିବା ପାଇଁ ସେ ଭବାନୀପାଟଣା ଜେଲକୁ ଯାଇଥିଲେ। ସେଠାରେ ଗୁହାରି କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେ ହତାଶ ହୋଇ ଘରକୁ ଫେରି ଆସିଥିଲେ ବୋଲି ତାଙ୍କର ସହଯୋଗୀ ହେମଲାଲ ରଣା କହିଛନ୍ତି। ସେଦିନଠାରୁ ଭୁବନ ମାନସିକ ଭାରସାମ୍ୟ ହରାଇ ଭାଙ୍ଗି ପଡିଥିଲେ। ଶେଷରେ ସୋମବାର ବେକରେ ରଶି ଲଗାଇ ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏ ବିଷୟରେ ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କୁ ପଚାରିବାରୁ ମୃତକଙ୍କ ଗାଁ ମାଓବାଦୀ ଉପଦ୍ରୁତ ଅଞ୍ଚଳ । ସେଥିପାଇଁ ମୃତଦେହକୁ ଆଣିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା କହିଛନ୍ତି ।




# ୪ବର୍ଷ ଶିଶୁକନ୍ୟାଙ୍କୁ ବଳାତ୍କାର

■ଜୁଭେନାଇଲ କୋର୍ଟ ଗଲେ ନାବାଳକ

**ନୂଆପଡ଼ା ଅଫିସ, ୨୩।୧୨**

ନୂଆପଡ଼ା ଜିଲା ଖରିଆରରୋଡ ଜୋଙ୍କ ଥାନା ଅଧୀନ ଏକ ଗାଁର ୪ ବର୍ଷର ଶିଶୁକନ୍ୟାଙ୍କୁ ଜଣେ ନାବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ତୁରନ୍ତ ତଦନ୍ତ କରି ସଂପୃକ୍ତ ନାବାଳକଙ୍କୁ ଜେରା କରିବା ସହ ବ୍ରହ୍ମପୁରସ୍ଥିତ ଜୁଭେନାଇଲ କୋର୍ଟକୁ ଚାଲାଣ କରିଛି। ଆଜକୁ ୨ ମାସ ତଳେ ଏହି ଘଟଣା ଘଟିଥିଲା। ନାବାଳକ ଜଣକ ପଡୋଶୀ ଘରର ଶିଶୁକନ୍ୟାଙ୍କୁ ବିଭିନ୍ନ ବାହାନା ଦେଖାଇ ନିଜ ଘରକୁ ନେଇଥିଲେ। ସେଠାରେ କେହି ନ ଥିବା ସମୟରେ ବଳାତ୍କାର କରିଥିଲେ। ଏହି କଥା ଗାଁରେ ପ୍ରଘଟ ହେବା ପରେ ସମାଧାନ ପାଇଁ ବୈଠକ ବସିଥିଲା। ହେଲେ ଶିଶୁର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କ ବାପା ବାଧ୍ୟ ହୋଇ ଜୋଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ରବିବାର ପୋଲିସ ସଂପୃକ୍ତ ନାବାଳକଙ୍କୁ ଥାନାକୁ ଆଣି ଜେରା କରିଛି । ଡାକ୍ତରୀ ମାଇନା ପରେ ସୋମବାର ତାଙ୍କୁ ବ୍ରହ୍ମପୁର ଜୁଭେନାଇଲ କୋର୍ଟକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ କହିଛନ୍ତି ।

# ଟ୍ରକରୁ ଡିଜେଲ ଚୋରି ଅଭିଯୋଗ: ୨ଗିରଫ

**ଯୋଡ଼ା, ୨୩।୧୨ (ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଆମ୍ବ୍ରାମାଣ୍ଡା ଛକ ନିକଟରେ ରବିବାର ସନ୍ଧ୍ୟା ସମୟରେ ଛିଡ଼ା ହୋଇଥିବା ଟ୍ରକ ଗୁଡ଼ିକରୁ ଡିଜେଲ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଚୋରି କରୁଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ଗ୍ରାମବାସୀ ଧରି ପୋଲିସରେ ଜିମା ଦେଇଛନ୍ତି। ବାମେବାରୀ ଥାନା ଅଧିକାରୀ ଅମିତାବ୍ ଦାସଙ୍କଠାରୁ ମିଳିଥିବା ସୂଚନାନୁଯାୟୀ ଟ୍ରକ୍‌ରୁ ଡିଜେଲ ଚୋରି କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ଅର୍ଜୁନ ନାଏକ ନାମକ ଅଭିଯୁକ୍ତଙ୍କୁ ଧରିଥିଲେ। ପରେ ତାଙ୍କୁ ପୋଲିସ ପାଖରେ ଜିମା ଦେଇଥିଲେ। ପୋଲିସ ଏହି ଘଟଣାର ଅଧିକ ତଦନ୍ତ କରି ଏହି ଡିଜେଲ ଚୋରି ଅଭିଯୋଗରେ ଅନ୍ୟ ଜଣେ ଅଭିଯୁକ୍ତ ଜୁରୁଡି ପେଣ୍ଡେଇ ବସ୍ତିର ଝାଡ଼େଶ୍ୱର ପେଣ୍ଡେଇଙ୍କୁ ଗିରଫ କରିଥିଲା। ପୋଲିସ ସେମାନଙ୍କଠାରୁ ୫୦ଲିଟର ଡିଜେଲ ଜବତ କରିଛି । ବାମେବାରୀ ଥାନାରେ ଏକ ମାମଲା (ନଂ.୧୭୭/୨୦୧୯) ରୁଜୁକରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମୋବାଇଲ ଦେଖିବାକୁ ମନା କରିବା କାଳ ହେଲା

**ପଦ୍ମପୁର, ୨୩।୧୨ (ଡି.ଏନ.ଏ.)**

ମୋବାଇଲ ଦେଖିବାକୁ ମନା କରିବାରୁ ନବମ ଶ୍ରେଣୀ ଛାତ୍ରଙ୍କ ଅଭାବନୀୟ କାଣ୍ଡ। ସୋମବାର ମଧ୍ୟାହ୍ନରେ ଛାତ୍ର ଜଣଙ୍କ ଶିଢ଼ି ଘରକୁ ଯାଇ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ମୃତ ନାବାଳକ ହେଲେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ଦେବଙ୍କର ନାୟକ(୧୪)। ସେ ସ୍ଥାନୀୟ ଭେଡ଼ା ସହଯୋଗ ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ଦେବଙ୍କର ବହୁ ସମୟ ଧରି ମୋବାଇଲ ବ୍ୟବହାର କରୁଥିବାରୁ ସକାଳେ ତାଙ୍କ ମା' ଆକଟ କରିଥିଲେ। ଏହାପରଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ସେମାନେ ତାଙ୍କୁ ଘରେ ନ ପାଇବାରୁ ବହୁ ଖୋଜାଖୋଜି କରିଥିଲେ। ପରେ ଶିଢ଼ି ଘରେ ଦଉଡ଼ିରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସେମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଦେବଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ଦେବଙ୍କର ମା' ବାପାଙ୍କର ଏକମାତ୍ର ପୁଅ ହୋଇଥିବାରୁ ତାଙ୍କ ମୃତ୍ୟୁରେ ପରିବାର ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ ନାୟକାଣିଡିହୀ ପୋଲିସ ଘଟଣାର ତଦନ୍ତ ଚଳାଇଛି।








ଯଦି ତୁମେ ଚାହୁଁଛ ଲୋକେ ତୁମକୁ,
ତେବେ କଦାପି ଆତ୍ମପ୍ରଶଂସା କର ନାହିଁ।
- ପାସ୍‌କଲ୍



**ସଂକ୍ଷେପରେ**

## ସୋଲାର ପ୍ଲାଣ୍ଟ ଲାଗି ଜଙ୍ଗଲକଟାକୁ ବିରୋଧ

ବୌଦ୍ଧ,୨୩।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲା ଦେବଗଡ ଠାରେ ପ୍ରାୟ ୫୫ ଏକର ଅଞ୍ଚଳରେ ଆଦିତ୍ୟ ବିର୍ଲା କମ୍ପାନୀ ପକ୍ଷରୁ ଏକ ସୋଲାର ପ୍ଲାଣ୍ଟ ନିର୍ମାଣ କରାଯିବାକୁ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ପ୍ଲାଣ୍ଟ ନିର୍ମାଣ ଦ୍ୱାରା ନିକଟରେ ଥିବା ଏକ ପୋଖରୀ ସମ୍ପୂର୍ଣ୍ଣ ଭାବେ ପୋତି ନଷ୍ଟ ହେବା ସହିତ ଚାଷ, ଗାଈଗୋରୁଙ୍କ ପାନୀୟଜଳ ପାଇଁ ଅସୁବିଧା ସୃଷ୍ଟି ହେବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପୋଖରୀ ପୋତାଯିବା ଯୋଗୁ ଗ୍ରାମ ଭିତରକୁ ପାହାଡ ପାଣି ପଶି ବନ୍ୟା ସୃଷ୍ଟି ହେବ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ଏହାବ୍ୟତୀତ ସୋଲାର ପ୍ଲାଣ୍ଟ ନିର୍ମାଣ ଯୋଗୁଁ ଗ୍ରାମବାସୀଙ୍କ ଦ୍ୱାରା ଦୀର୍ଘ ୩୦ ବର୍ଷ ହେଲା ରକ୍ଷଣାବେକ୍ଷଣ ହୋଇଆସୁଥିବା ଗ୍ରାମ୍ୟ ଜଙ୍ଗଲକୁ କାଟି ନଷ୍ଟ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମ ସଭାପତି ଦେବହରି ବିଶ୍ୱାଳ, ନବୀନ ମେଣ୍ଡଲି, କୁମୁଦ ମାଝୀ, ପ୍ରମୋଦ ପୋଢ, ସତ୍ୟନାରାୟଣ ବିଶ୍ୱାଳ, ଧନଞ୍ଜୟ ପ୍ରଧାନ, ଇନ୍ଦ୍ରମଣି ମେଣ୍ଡଲି, ଉମେଶ ନାଏକ ପ୍ରମୁଖ ଗ୍ରାମବାସୀ ଜିଲାପାଳ ଓ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ଦେଇ ତୁରନ୍ତ ସୋଲାର ପ୍ଲାଣ୍ଟ କାର୍ଯ୍ୟ ବନ୍ଦ ସହିତ ଗଛ କଟାଳିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## କନ୍ଧମାଳ ମଣ୍ଡିରେ ଅବ୍ୟବସ୍ଥା

# ୨ ସପ୍ତାହ ପରେ ଉଠିଲା ଧାନ

କନ୍ଧମାଳ,୨୩।୧୨(ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ପ୍ୟାକ୍ସ ପରିଚାଳିତ ମଣ୍ଡିରୁ ୨ ସପ୍ତାହ ପରେ ସୋମବାର ଧାନ ଉଠିଛି । ଧାନକ୍ରୟକୁ ନେଇ କନ୍ଧମାଳ ମଣ୍ଡିରେ ଅଚଳାବସ୍ଥା ଲାଗି ରହିଥିବାରୁ ଚାଷୀମାନେ ଉପଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ କିଛି ସମୟ ଘେରାଉ କରିଥିଲେ । ଉପଜିଲାପାଳ ହସ୍ତକ୍ଷେପ କରିବା ପରେ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ଚାଷୀଙ୍କ ଧାନ ଉଠାଣ ହୋଇଛି ।

ସୂଚନା ଅନୁସାରେ, କନ୍ଧମାଳ ଅଞ୍ଚଳର ଅଭିମନ୍ୟୁ ସାହୁ, ଅଜିତ କୁମାର ସାହୁ, ଫକୀର ରଣା, ସତ୍ୟ ପ୍ରକାଶ ସ୍ୱାଇଁ ପ୍ରମୁଖ ୧୭ ଜଣ ଚାଷୀ ଗତ ୧୨ ତାରିଖରେ କନ୍ଧମାଳ ମଣ୍ଡିକୁ ଧାନ ଆଣିଥିଲେ । ସେହିପରି ୧୩ତାରିଖରେ ୧୩ଜଣ ଚାଷୀ ନିଜ ଧାନ ଆଣିଥିଲେ । ଏହି ୨ଟି କ୍ରୟ ଦିବସର ଧାନ ଉଠି ନ ପାରିବାରୁ ୬ ତାରିଖରେ ଟୋକନ ପାଇଥିବା ଶଙ୍କର ସାହୁ, ଗରିବ ନାଗ, ମଗୁଣିର ଦ୍ୱାରି ପ୍ରମୁଖ ୮ ଜଣ ଚାଷୀ ମଣ୍ଡିକୁ ଧାନ ଆଣିବାରୁ ବିରତ ରହିଥିଲେ। ଏହିସବୁ କ୍ରୟ ଦିବସର ପୂର୍ବବର୍ତ୍ତୀ ତାରିଖର ଧାନ ମଧ୍ୟ ମଣ୍ଡିରେ ରହିଥିଲା । ଏହି ଧାନ ୨ ସପ୍ତାହ ହେଲା ଉଠି ନ ପାରିବାରୁ ପରବର୍ତ୍ତୀ ଟୋକନ ପାଇଥିବା ଚାଷୀ କ୍ରୟ ଦିବସର ସୂଚନା ପାଇ ମଧ୍ୟ ମଣ୍ଡିକୁ ଧାନ ଆଣି ନ ଥିଲେ। ପ୍ରବଳ ଶୀତରେ ୨ ସପ୍ତାହ ଧରି ଚାଷୀ ଧାନକୁ ଜଗି ରହିଥିଲେ ମଧ୍ୟ ମିଲର୍ସ ନ ଆସିବାରୁ ମଣ୍ଡିରେ ଅଚଳାବସ୍ଥା ଲାଗି ରହିଥିଲା। ସୋମବାର ଉପଜିଲାପାଳ ଓ ଯୋଗାଣ ଅଧିକାରୀ ଜନଶୁଣାଣି ପାଇଁ ବରଗାଁକୁ ଯାଉଥିବା ସମୟରେ ଚାଷୀମାନେ ସେମାନଙ୍କୁ ମଣ୍ଡି ନିକଟରେ ଅଟକାଇଥିଲେ । ଏ ନେଇ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରଧାନ କହିଛନ୍ତି, ଦିନେ ଦୁଇ ଦିନ ଭିତରେ ବାହାର ଜିଲା ମିଲର୍ସଙ୍କ ସହ ଏଗ୍ରିମେଣ୍ଟ ହେଉଛି। ବାହାର ଜିଲା ମିଲର୍ସ ଆସିଲେ ଧାନକ୍ରୟ ସ୍ୱାଭାବିକ ହେବ ।



ଚାଷୀମାନେ ସରକାରୀ ଅଧିକାରୀଙ୍କୁ ଘେରି ରହି ଦାବି ଜଣାଉଛନ୍ତି।

## ବୌଦ୍ଧ ମହୋତ୍ସବ ପାଇଁ ଫୁଟବଲ ମ୍ୟାଚ

ବୌଦ୍ଧ,୨୩।୧୨(ସ୍ୱ.ପ୍ର)

ବୌଦ୍ଧ ମହୋତ୍ସବ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବୌଦ୍ଧ ଷ୍ଟାଡିୟମ ପଡିଆ ସହିତ ବ୍ଲକସ୍ତରରେ ଫୁଟବଲ ମ୍ୟାଚ ଆରମ୍ଭ ହୋଇଛି । ବୌଦ୍ଧ ଷ୍ଟାଡିୟମରେ ଏନଏସି ପକ୍ଷରୁ ଆୟୋଜିତ ଖେଳର ପ୍ରଥମ ମ୍ୟାଚ ଟାଉନ ଆଥଲେଟିକ କ୍ଲବ ଓ ଭୈରବୀ କ୍ଲବ ମଧ୍ୟରେ ହେବାର ଥିଲା। ଭୈରବୀ କ୍ଲବ ଯୋଗ ନ ଦେବାରୁ ଅନ୍ୟ ଦଳକୁ ୱାକଓଭର ମିଳିଥିଲା। ଦ୍ୱିତୀୟ ମ୍ୟାଚ ଗେହ୍ଲାମା କ୍ଲବ ଓ ପାଣ୍ଡେ ଏକାଡେମୀ ମଧ୍ୟରେ ହୋଇଥିଲା। ଏଥିରେ ଗେହ୍ଲାମା ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଅତିଥି ଭାବେ ଏନଏସିର ନିର୍ବାହି ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା, ଡେପୁଟି କଲେକ୍ଟର ଅବିନାଶ ପାଣ୍ଡିଆ, ବରିଷ୍ଠ ଖେଳାଳି ଶିବନାରାୟଣ ଦାସ ଓ ଜିଲା କ୍ରୀଡା ସଂଘର ସମ୍ପାଦକ ରବିନ୍ଦ୍ର କୁମାର ରାଉତ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ପ୍ରବିଣ ବେହେରା, ଶଶୀକାନ୍ତ ଦାସିଆ, ବିକ୍ରମ ନାଏକ ଓ ସୁରେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ ।

## ଦେବଦର୍ହା ଗଣ୍ଡଗୋଳ ଘଟଣାରେ ୭ ଗିରଫ

ପଦ୍ମପୁର, ୨୩।୧୨ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଅଞ୍ଚଳର ତୀର୍ଥକ୍ଷେତ୍ର ଦେବଦର୍ହାଠାରେ ରବିବାର ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପଦ୍ମପୁରର ତ୍ରିଲୋଚନ ବରିହା (ମୁନା), ଲିଟୁ ବହିଦାର, ମୁନା ବିଶି, ମହେନ୍ଦ୍ର ପ୍ରଧାନ, ନୀଳକଣ୍ଠ ଭୋଇ, ରାଜେନ୍ଦ୍ର ପ୍ରଧାନ, ରୂପେଶ ନାଏକ । ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୋଜା ଚାଲିଛି ବୋଲି ତଦନ୍ତକାରୀ ଅଫିସର କେତନ ଧରୁଆ ପ୍ରକାଶ କରିଛନ୍ତି । ଏ ନେଇ ଏକ ମାମଲା (ନଂ.୧୪୭/୧୯) ରୁଜୁ ହୋଇଛି । ସୂଚନାଯୋଗ୍ୟ, ଦେବଦର୍ହାଠାରେ ରବିବାର ହଜାର ହଜାର ଲୋକ ଭୋଜିଭାତ, ମନୋରଞ୍ଜନରେ ମାତିଥିବା ବେଳେ ପଦ୍ମପୁରର କେତେକ ଯୁବକ ଭୋଜି କରୁଥିବା ମହିଳାମାନଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିଲେ। ଅସହ୍ୟ ହେବାରୁ ବଲାଙ୍ଗୀର, ତୁଷରାର କେତେକ ଯୁବକ ଏହାର ପ୍ରତିବାଦ କରିଥିଲେ । ଫଳରେ ମାତାଲ ଯୁବକମାନେ ବଲାଙ୍ଗୀରର ଯୁବକଙ୍କୁ ମାଡ ମାରିଥିଲେ । ପରିସ୍ଥିତି ଅସମ୍ଭାଳ ହେବାରୁ ଭୋଜି ପାଇଁ ଆସିଥିବା ଅନ୍ୟ ପିକ୍‌ନିକ୍ ପାର୍ଟି ନିଜ ରନ୍ଧା ଖାଦ୍ୟ ନେଇ ପଳାଇ ଯାଇଥିଲେ । ଖବର ପାଇ ଜଗଦଲପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକମାନଙ୍କୁ ଗିରଫ କରିଥିଲା ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁରେଇ ଫୁଲ,**
**ବାସ କାଶ ନାହିଁ ଟଙ୍କେଇ ମୂଲ ।**

କୁରେଇ ଫୁଲ ବାସହୀନ ତଥା ମୂଲ୍ୟ ଅଧିକ ହୋଇଥିବା ହେତୁ ଏହି ଫୁଲ ପ୍ରତି କାହାରି ମନରେ ସେତେ ଆକର୍ଷଣ ଭାବ ରହି ନ ଥାଏ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ । ରୂପ ସୁନ୍ଦର ହୋଇଥିଲେ ମଧ୍ୟ ଯଦି ଭିତରର ଗୁଣ ଓ ସ୍ୱଭାବ ଭଲ ହୋଇ ନ ଥାଏ ତା'ହେଲେ ସେ ସେତେ ଆଦର ସମ୍ମାନ ପାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କଲିକତା କଲି ଚୂନ**
**ପରପୁଅଠାରେ ଶରଧା କଲି**
**ଝୁରି ଝୁରି ଗଲା ଦିନ ।**

ପର ସବୁବେଳେ ପର। ଯେତେ ସ୍ନେହ ଆଦର ଦେଖାଇଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ଉପରେ ପଡ଼ି ନ ଥାଏ। ସେମାନେ କେବେ ନିଜ ରକ୍ତ ପରି ଆପଣାର ହୋଇ ପାରି ନ ଥାନ୍ତି। ଟିକିଏ ଟିକିଏ କଥାରେ ରାଗ ରୁଷା କରି ଘର ଛାଡ଼ି ପଳାଇ ଯାଇଥାନ୍ତି। ପରୋକ୍ଷରେ ପୋଷ୍ୟପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବିକାଶରେ ରିସର୍ଚ୍ଚ, ଇନୋଭେଶନ ସେଲ୍ ଉଦ୍‌ଘାଟିତ

ବରଗଡ଼ ଅଫିସ୍,୨୩।୧୨

ବରଗଡ଼ର ବିକାଶ ଟେକ୍ନିକାଲ କ୍ୟାମ୍ପସରେ ରିସର୍ଚ୍ଚ ଓ ଇନୋଭେଶନ ସେଲ ସୋମବାର ଉଦଘାଟିତ ହୋଇଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ବରଗଡ଼ ଲୋକସଭା ଏମପି ସୁରେଶ ପୂଜାରୀ, ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଓ ଅନ୍ୟ ଅତିଥିବୃନ୍ଦ ବିକାଶ ଟେକ୍ନିକାଲ କ୍ୟାମ୍ପସରେ ଛାତ୍ରୀଛାତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ ଦେଖିଥିଲେ । ବିକାଶ ପରିସରରେ ଅନୁଷ୍ଠିତ ରୋଲ୍ ଅଫ୍ ୟୁଥ୍ ଇନ୍ ଇଣ୍ଡିଆ ଶୀର୍ଷକ ଆଲୋଚନାଚକ୍ରରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ନିଜ ଅଭିଭାଷଣ ରଖିବା ସହିତ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମୀ ହେବାକୁ ଆହ୍ୱାନ ଦେଇଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ବିକାଶ ରିସର୍ଚ୍ଚ ଆଣ୍ଡ ଇନୋଭେଶନ ସେଲ୍‌କୁ ଏକ ଜାତୀୟ ମଡ଼େଲ ସେଲ୍ ଭାବେ ରୂପାନ୍ତର କରିବା ପାଇଁ ଅଧ୍ୟାପିକା, ଅଧ୍ୟାପକ ତଥା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିକାଶ ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ସ୍ୱାଗତ ଭାଷଣ ସହିତ ପରିଚୟ ପ୍ରଦାନ କରିଥିଲେ ।

ଅନୁଷ୍ଠାନର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ସମସ୍ତ ଅତିଥି, ଅଧ୍ୟାପିକା, ଅଧ୍ୟାପକଙ୍କୁ ଧନ୍ୟବାଦ ଦେଇଥିଲେ । ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବିକାଶ ସ୍କୁଲ ଅଫ ମ୍ୟାନେଜମେଣ୍ଟର ପୂର୍ବତନ ଛାତ୍ର ତଥା ସଫଳ ଯୁବ ଉଦ୍ୟୋଗୀ ପିୟୁଷ ବଲୋଦିଆଙ୍କୁ କେନ୍ଦ୍ରମନ୍ତ୍ରୀ ଓ ଲୋକସଭା ଏମ୍‌ପି ସମ୍ବର୍ଦ୍ଧିତ କରିଥିଲେ। ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ କୁମାର ମହାପାତ୍ର ଓ ବିକାଶ ସ୍କୁଲ ଅଫ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ଇଞ୍ଜିନିୟରିଂ କଲେଜର ଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର, ଆର୍ ଆଣ୍ଡ୍ ଡି ସେଲ୍‌ର ମୁଖ୍ୟ ଅଧ୍ୟାପକ ରାମଚନ୍ଦ୍ର ବାରିକ, ଇନୋଭେଶନ ସେଲ୍‌ର ଇନଚାର୍ଜ ଅଧ୍ୟାପକ ଇଂ ପଙ୍କଜ କୁମାର ପ୍ରମୁଖ ସକ୍ରିୟ ଯୋଗଦାନ କରିଥିଲେ ।




କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୋଲାର୍ ଭେଇକିଲ୍ ଉପରେ ବସିଛନ୍ତି ।

## ଓଡ଼ିଶା ମୁଇଥାଇ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ବୌଦ୍ଧ,୨୩।୧୨(ସ୍ୱ.ପ୍ର)

ବୌଦ୍ଧ ଟାଉନହଲ ସ୍ଥିତ ଗୁରୁ ଭିକାରୀ କଳାମଣ୍ଡପରେ ଓଡିଶା ମୁଇଥାଇ ଚାମ୍ପିୟନଶିପ୍ ସୋମବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ମୁଖ୍ୟଅତିଥି, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଏଡିପିଏଚଓ ଡ. ଭାରତୀ ରାଉତ, ରାଜ୍ୟ ମୁଇଥାଇ ଆସୋସିଏଶନ ସମ୍ପାଦକ ଜ୍ଞାନ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଆର୍ଟ ଟେମ୍ପୁଲ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ୧୭ଟି ଜିଲାରୁ ୧୭୦ ଜଣ ମହିଳାପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ପ୍ରତିଯୋଗିତାର ସଭାପତି ରଘୁନାଥ ଷଡଙ୍ଗୀ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ସ୍ୱରୂପ ପଟ୍ଟନାୟକ ଅତିଥି ପରିଚୟ ଓ ମୃତ୍ୟୁଞ୍ଜୟ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ପ୍ରଶିକ୍ଷକ ସୁଧୀର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## କନ୍ଧମାଳ-ତରଭା ସେତୁ ଆପ୍ରୋଚ କାମ ଆରମ୍ଭ

ମନମୁଣ୍ଡା, ୨୩।୧୨ (ଡି.ଏନ.ଏ)

ଦୀର୍ଘବର୍ଷ ପରେ ବହୁ ପ୍ରତୀକ୍ଷିତ କନ୍ଧମାଳ-ତରଭା ତେଲନଦୀ ସେତୁକାମ ପୁନଃ ଆରମ୍ଭ ହୋଇଛି। ୨୨.୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ସେତୁ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୧୨ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୩ ବର୍ଷ ମଧ୍ୟରେ ଏହା ସମ୍ପୂର୍ଣ୍ଣ ହେବାର ଥିଲା । ପ୍ରାୟ ୫ ବର୍ଷ ପରେ ସେତୁ ନିର୍ମାଣ କାମ ସରିଯାଇଥିଲା ବେଳେ ଉଭୟ ପଟର ଆପ୍ରୋଚ ନିର୍ମାଣ ହୋଇ ନ ପାରି ପଡି ରହିଥିଲା। ଜମି ଅଧିଗ୍ରହଣ ସମସ୍ୟାକୁ ନେଇ ଆପ୍ରୋଚ ନିର୍ମାଣରେ ବିଳମ୍ବ ଦେଖା ଦେଇଥିଲା। ପରେ କନ୍ଧମାଳ ପାର୍ଶ୍ୱ ଜମି ଅଧିଗ୍ରହଣ ହେବାରୁ ଏହି ପାର୍ଶ୍ୱର ଆପ୍ରୋଚ କିଛିକାଂଶ ଆରମ୍ଭ ହୋଇଥିଲା। ତେବେ ତରଭା ପାର୍ଶ୍ୱର ଜମି ଅଧିଗ୍ରହଣରେ ବିଳମ୍ବ ଦେଖା ଦେବାରୁ କାମ ଆଗକୁ ବଢ଼ି ପାରୁ ନ ଥିଲା। କନ୍ଧମାଳ କୋଶଳ ସମନ୍ୱୟ ସମିତି ନେତୃତ୍ୱରେ କାମ ତ୍ୱରାନ୍ୱିତ ପାଇଁ ଦାବି କରାଯିବାରୁ ସେତୁର ଆପ୍ରୋଚ ପାଇଁ ମାଟିକାମ ପୁନଃ ଆରମ୍ଭ ହୋଇଛି।



ସେତୁର ଆପ୍ରୋଚ କାମ ଆରମ୍ଭ ହୋଇଛି ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ASTROLOGY

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରୀମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

ପିଏମ୍ଏୱାଇଜିରେ ଦୁର୍ନୀତି ଘଟଣା

## ଜନମୁରା ପିଇଓ ନିଲମ୍ବିତ

ସୋନପୁର,୨୩।୧୨(ନି.ପ୍ର.) ସୁବର୍ଣ୍ଣପୁର ଜିଲା ଜନମୁରା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ(ପିଏମଏୱାଇଜି)ରେ ଦୁର୍ନୀତି ହୋଇଛି। ଅଯୋଗ୍ୟ ହିତାଧିକାରୀ ଯୋଜନାରୁ ଲାଭ ଉଠାଇବାରେ ସଫଳ ହୋଇଛନ୍ତି । ଏ ସମ୍ପର୍କରେ ଗତ ୧୩ ତାରିଖରେ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇଥିଲା । ଆବାସ ଯୋଜନାରେ ଦୋକାନ ଗୃହ ନିର୍ମାଣ ହେବା ସହିତ ଜଙ୍ଗଲ ଜମିରେ ଘର ନିର୍ମାଣ ନାଁରେ ଟଙ୍କା ହଡପ ହୋଇଥିଲା। କୋଠା ଘର ଥିବା ଧନୀକ ଶ୍ରେଣୀର ଲୋକଙ୍କୁ ଫାଇଦା ଦିଆଯାଇଥିଲା। ଏହି ଘଟଣାରେ ଜିଲାପାଳ ମୋନିଷା ବାନାର୍ଜୀ ଜନମୁରା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସୁଦେଷ୍ଣା ପାତ୍ରଙ୍କୁ ନିଲମ୍ବନ କରିଛନ୍ତି। ପିଇଓ ପାତ୍ର ଟ୍ୟାଗ୍ ଅଫିସର ଥିଲେ। ଜନମୁରା ଗାଁର ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ନଦେଇ କାର୍ଯ୍ୟାଦେଶ ପ୍ରଦାନ ପାଇଁ ସେ ସୁପାରିଶ କରିଥିବା ତଦନ୍ତରୁ ଜଣାପଡିଛି। ଜନମୁରା ଗ୍ରାମର ସୂଚନା ଅଧିକାର କର୍ମୀ ତ୍ରିବିକ୍ରମ ବେରିହା ଗତ ଅକ୍ଟୋବର ୧୪ ତାରିଖରେ ଜିଲାପାଳଙ୍କ ନିକଟରେ ଦୁର୍ନୀତି ନେଇ ଅଭିଯୋଗ କରିଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ ଓ ଏପିଡି ଗ୍ରାମୀଣ ଆବାସ ଆଲୋକ ରଶ୍ମି ମିଶ୍ର ଘଟଣାର ତଦନ୍ତ କରିବା ପରେ ବେଆଇନ କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟ ହୋଇଥିଲା ।

ସୁକାନ୍ତି ଏକାଡେମୀ ଯୁକ୍ତ ୨ ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ

# ଶୃଙ୍ଖଳା, କଠିନ ପରିଶ୍ରମ ସଫଳତା ଆଣିଦିଏ

ସୋନପୁର,୨୩।୧୨(ନି.ପ୍ର.)

ସୋନପୁର ବ୍ଲକ ଧୋବାମୁଣ୍ଡାସ୍ଥିତ ସୁକାନ୍ତି ଏକାଡେମୀ ଯୁକ୍ତ ୨ ବିଜ୍ଞାନ ଆବାସିକ କଲେଜର ସପ୍ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ ଏହି ଉତ୍ସବରେ ବୀରମହାରାଜପୁର ବିଧାୟକ ତଥା ଯୋଜନା, ସମନ୍ୱୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନର ପ୍ରତିଯୋଗିତାମୂଳକ ସମାଜରେ ଛାତ୍ରୀଛାତ୍ର ଭଲ ପାଠ ପଢିବା ଆବଶ୍ୟକ। ବିଜ୍ଞାନ ଶିକ୍ଷା ସହିତ ଭଲ ମଣିଷ ହେବା ପାଇଁ ବିଦ୍ୟାର୍ଥୀମାନେ ସ୍ୱପ୍ନ ଦେଖିବା ଉଚିତ। ତେବେ ଶୃଙ୍ଖଳା ଓ କଠିନ ପରିଶ୍ରମ ଜୀବନରେ ସଫଳତା ଆଣିଦିଏ ବୋଲି ମନ୍ତ୍ରୀ କହିବା ସହ ନିଜ ଜୀବନର ସଂଘର୍ଷମୟ କଥା କହିଥିଲେ। ଶିକ୍ଷାନୁଷ୍ଠାନ ଅଧକ୍ଷ ବିଶ୍ୱରଞ୍ଜନ ତ୍ରିପାଠୀ ସଭାରେ ଅଧକ୍ଷତା କରି ମାତ୍ର ୭ ବର୍ଷ ମଧରେ କଲେଜଟି ପଶ୍ଚିମ ଓଡିଶାରେ ବେଶ ସଫଳତା ହାସଲ କରିଛି। ଭଲ ରେଜଲ୍ଟ ସହିତ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ଦେଶର ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପାଇ ସମାଜରେ ପ୍ରତିଷ୍ଠିତ ହୋଇ ପାରିଥିବା କହିଥିଲେ । ସମ୍ମାନିତ ଅତିଥି ଭାବେ ଉଚ୍ଚ ଶିକ୍ଷା ପରିଷଦର ଉପ ସଚିବ(ସମ୍ବଲପୁର ଜୋନାଲ



ମହାବିଦ୍ୟାଳୟର ଛାତ୍ରୀମାନେ ସମ୍ବଲପୁରୀ ଚୁଟ୍କୁଚୁଟା ନୃତ୍ୟ ପରିବେଷଣ କରୁଛନ୍ତି ।

ଅଫିସ) ଡ. ଉତ୍ତମ ପ୍ରଧାନ ଯୋଗଦାନ କରି ଶ୍ରେଣୀଗୃହରେ ଶିକ୍ଷାଦାନ ପ୍ରଭାବଶାଳୀ ଓ ଗୁଣାତ୍ମକ ହେବା ଆବଶ୍ୟକ ବୋଲି କହିଥିଲେ। ଦେଶରେ ବିଜ୍ଞାନ ଶିକ୍ଷାର ଯଥେଷ୍ଟ ଉନ୍ନତି ଘଟିଛି। ଏକବିଂଶ ଶତାବ୍ଦୀ ଜ୍ଞାନର ଶକ୍ତି ହେବ ବୋଲି ଡ. ପ୍ରଧାନ କହିଥିଲେ। କଲେଜ ଅଧକ୍ଷ ଡ. ଦେବଦତ୍ତ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ସଞ୍ଜିବ କୁମାର ପାଲ ଧନ୍ୟବାଦ ପ୍ରଧାନ କରିଥିଲେ । ଏହି ଅବସରରେ ଯୁକ୍ତଦୁଇ ପ୍ରଥମ ବର୍ଷ ଓଡିଆ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିବରାଣୀ ହୋତା, ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ମଧରେ ପୁଜା ଚୌଧୁରୀ, ପ୍ରଥମ ବର୍ଷ ଇଂରାଜୀ ପ୍ରବନ୍ଧରେ ଆୟୁଷ କୁମାର ସାହୁ, ଦ୍ୱିତୀୟ ବର୍ଷ ସନ୍ତୋଷ କୁମାର ସାହୁ, ଇଂରାଜୀ ବକ୍ତୃତା ପ୍ରଥମ ବର୍ଷ ପ୍ରିୟଙ୍କା ପଣ୍ଡା, ଦ୍ୱିତୀୟ ବର୍ଷ ଝିଲି ପଧାନ, ସଙ୍ଗୀତରେ ଇପ୍ସିତା ପ୍ରିୟଦର୍ଶନୀ ପାଢୀ, ପ୍ରିୟଙ୍କା ବେହେରା, ଡିସିପ୍ଲିନ୍‌ରେ ଅଲିଶା ସାହୁ, ଶିବାଶିଷ ମିଶ୍ର, ପୁଜା ଚୌଧୁରୀ, ଅମିତ କୁମାର ସାହୁ, ଷ୍ଟୁଡେଣ୍ଟସ୍ ଅଫ ଦି ଇୟର ଜେଲିଶା ପ୍ରଧାନ, ବେଦାନ୍ତ କୁମାର ସାହୁ, ଖୁସବୁ ପଧାନ ଓ ବିଷ୍ଣୁ ଚରଣ ପ୍ରଧାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଅଧାପିକା ଇତିଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଉତ୍ସବ ଆୟୋଜନରେ ଦିଲ୍ଲିପ କୁମାର ବିଶି, ରମେଶ ମିଶ୍ର, ସ୍ୱାଗତ ସାହୁ, କୁନା ପଣ୍ଡା, ରିଙ୍କୁ ପଟେଲଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ ।

## କ୍ଷମତା ଏକ୍ସପ୍ରେସ୍ କାର୍ଯ୍ୟକ୍ରମର ଶୁଭାରମ୍ଭ

ବିନିକା,୨୩।୧୨(ଡି.ଏନ୍.ଏ.) ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ କାର୍ଯ୍ୟାଳୟରେ ରାଜ୍ୟ ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କ୍ଷମତା ଏକ୍ସପ୍ରେସ କାର୍ଯ୍ୟକ୍ରମ ରବିବାର ଶୁଭାରମ୍ଭ ହୋଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ବ୍ଲକ ସାମାଜିକ ଅଧିକାରୀ ଅଶ୍ୱିନୀ ପାଣ୍ଡେ । ମୁଖ୍ୟ ଅତିଥି ଭାବେ ବାଙ୍କିଘିର୍ଡି ସରପଞ୍ଚ ମାନସ କୁମାର ବେହେରା ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବାବୁପାଲି ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ର, ସବିତାରାଣୀ ହାତୀ ଏବଂ କ୍ଷମତା ଏକ୍ସପ୍ରେସ୍ ପରିଚାଳକ ଅନୀଲ ମହାନ୍ତି ଯୋଗଦାନ ଦେଇଥିଲେ । ଏଥିରେ ସରକାରୀ ଯୋଜନାରୁ ବଞ୍ଚିତ ରହିଥିବା ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ବିଧବା, ଅବିବାହିତ ମହିଳା, ସ୍ୱାମୀ ପରିତ୍ୟକ୍ତା, କିନ୍ନର, କୁଷ୍ଠ ଆରୋଗ୍ୟ, ନିଶାଗ୍ରସ୍ତ, ଭିକ୍ଷୁକ ଓ ଅସହାୟ ୪୭୧ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। କ୍ଷମତା ଏକ୍ସପ୍ରେସ୍ ମାଧମରେ ସମସ୍ତ ସରକାରୀ ସୁବିଧା ଓ ସୁଯୋଗ ଯୋଗାଇ ଦେବାପାଇଁ ହିତାଧିକାରୀ ମାନଙ୍କର ନାମ ପଞ୍ଜୀକୃତ କରାଯାଇଥିଲା।

ଉଲୁଣ୍ଡା ଧନୁଯାତ୍ରାର ଦଶମ ରଜନୀ

## କୃଷ୍ଣ, ବଳରାମଙ୍କ ମଥୁରା ଆଗମନ


କଂସ ଦରବାରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

ଉଲୁଣ୍ଡା, ୨୩।୧୨(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ବିରାଟ ଧନୁଯାତ୍ରା ମହୋତ୍ସବର ସୋମବାର ଦଶମ ରଜନୀରେ ମଥୁରା ଅଧିପତି କଂସ ମହାରାଜାଙ୍କ ଆଦେଶକ୍ରମେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ରାଜ ଅତିଥି ଭାବେ ଯୋଗଦେଇଥିଲେ। ପୌରାଣିକ କଥାବସ୍ତୁ ଉପରେ ନାଟ୍ୟାଭିନୟରେ ଦେବର୍ଷୀ ନାରଦଙ୍କ ପରାମର୍ଶ କ୍ରମେ କଂସ ମହାରାଜ ଆୟୋଜନ କରୁଥିବା ଧନୁଯାତ୍ରା ମହୋତ୍ସବରେ ସାମିଲ ପାଇଁ ପୁରାତନ ମନ୍ତ୍ରୀ ଅକ୍ରୁର କୃଷ୍ଣ ଓ ବଳରାମକୁ ଗୋପରୁ ମଥୁରାକୁ ଆଣନ୍ତି। କୃଷ୍ଣ ବଳରାମଙ୍କ ବିରହରେ ଗୋପପୁରରେ ନନ୍ଦ ଓ ଯଶୋଦାଙ୍କ ସମେତ ଆବାଳ ବୃଦ୍ଧବନିତା ଶୋକରେ ଅଭିଭୂତ ହୋଇ ପଡନ୍ତି। ମଥୁରା ଗଲାବେଳେ ଭଗବାନ ଶ୍ରୀକୃଷ୍ଣ କୁବୁଜାକୁ ଉଦ୍ଧାର କରନ୍ତି। ଏପଟେ ଧନୁଯାତ୍ରା ଆୟୋଜନ କରୁଥିବା କଂସ ଶତ୍ରୁ ବିନାଶ ପାଇଁ ମଥୁରା କଟକରେ ଷଡଯନ୍ତ୍ର ରଜନା କରନ୍ତି। କୃଷ୍ଣ ଓ ବଳରାମଙ୍କୁ ହତ୍ୟା କରିବା ପାଇଁ ମଥୁରାଗଡର ପ୍ରଥମ ଦ୍ୱାରରେ କୁବଳୟା ହସ୍ତୀ, ଦ୍ୱିତୀୟ ଦ୍ୱାରରେ ଚାଣୁର ଓ ମୁଷ୍ଟିକ, ତୃତୀୟ ଦ୍ୱାରରେ ସେନାପତୀ ହଂସଧ୍ୱଜ, ଚତୁର୍ଥ ଦ୍ୱାରରେ ମହାମନ୍ତ୍ରୀ ସତ୍ରାଜିତ ଏବଂ ପଂଚମ ଦ୍ୱାରରେ ସଖା କେସୀଦତ୍ୟ ଆଦିଙ୍କୁ ନିୟୋଜିତ କରାଏ। ଶ୍ରୀକୃଷ୍ଣ ମଣ୍ଡପରେ ବରପାଲିର ଦିପ୍ତି ସିଂଙ୍କ ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଶ୍ରଦ୍ଧାଳି ଆଧାତ୍ମ ଲାଭ କରିଥିଲେ। ରାଜଦରବାରରେ ବରଗଡର ଢୋଲ, ମୁହୁରୀ ଦଳ ସମେତ ବିଭିନ୍ନ ଆଲବମ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅରିଗାଁ-ବିନିକା ଆଞ୍ଚଳିକ ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

ବିନିକା,୨୩।୧୨(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ଅରିଗାଁ ଯାତ୍ରା ପଡିଆରେ ଚାଲିଥିବା ବିନିକା-ଅରିଗାଁ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ୩ୟ ସନ୍ଧ୍ୟା । ତୃତୀୟ ରଜନୀରେ ବିଜୁଳି କନ୍ୟାର ଶୂନ୍ୟବାଣୀ ଶୁଣି ମର୍ମାହତ ହୋଇଛନ୍ତି ମହାରାଜା କଂସ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଉଗ୍ରସେନ ଚରିତ୍ରରେ ଦୈତାରୀ ଭୂଏ, ଅକ୍ରୁର ଚରିତ୍ରରେ ଟିକେଶ୍ୱର, ବସୁଦେବ ଚରିତ୍ରରେ କିଶୋର ଦଣ୍ଡସେନା, କଂସ ଭୂମିକାରେ ଗୋପାଳ ଦାସ ଅଭିନୟ କରୁଛନ୍ତି।

## କୁକିଆରେ ବଧୂହତ୍ୟା ଅଭିଯୋଗ

ଉଲୁଣ୍ଡା, ୨୩।୧୨ (ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ କୁକିଆ ଗ୍ରାମରେ ଜଣେ ବିବାହିତ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ଜଣକ ଉକ୍ତ ଗ୍ରାମର ପ୍ରିୟବତୀ ମହାଲିକ (୨୨)। ମହିଳାଙ୍କୁ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ବନମାଳୀ ମହାଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ମୃତାଙ୍କ ସ୍ୱାମୀ ବାବୁଲୁ ତରିଆଙ୍କଠାରୁ ମିଳିଥିବା ସୂଚନା ମୁତାବକ ରାତ୍ର ପ୍ରାୟ ୩ଟା୩୦ରେ ପ୍ରିୟବତୀ ଘରେ ନ ଥିବା ସେ ଜାଣିବାକୁ ପାଇଥିଲେ। ପରେ ଖୋଜାଖୋଜି କରିବାରୁ ଘର ପରିସରରେ ଥିବା ପାଇଖାନା ଘରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଘରକୁ ଆଣିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ମହିଳାଙ୍କ ବାପା ଝିଅଘରକୁ ଆସି ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କଲାପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ପୂର୍ବରୁ ବିଭିନ୍ନ ସମୟରେ ପ୍ରିୟବତୀଙ୍କୁ ଅଧିକ ଯୌତୁକ ଆଣିବାକୁ କୁହାଯାଉଥିବାରୁ ପରିବାର ଭିତରେ ମତାନ୍ତର ଲାଗି ରହିଥିଲା। ମାଜିଷ୍ଟ୍ରେଟ ଭାବେ ଭାରପ୍ରାପ୍ତ ତହସିଲଦାର ପୂର୍ଣ୍ଣଚନ୍ଦ୍ର ନାଏକ, ବୀରମହାରାଜପୁର ଏସ୍‌ଡିପିଓ ଧିରଜ ଚୋପଦାର ଏବଂ ଆଇଆଇସି ବିଦ୍ୟୁଭୂଷଣ ପୁଟା ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲେ। ପରେ ସୋନପୁର ଜିଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଉଲୁଣ୍ଡା ଥାନାରେ ଏକ ମାମଲା (ନଂ. ୧୧୩/୧୯)ରୁଜୁ ହୋଇଛି। ମୃତଙ୍କ ସ୍ୱାମୀ ବାବୁଲୁ ତରିଆ ଓ ଶଶୁର ସୁବାଶ ତରିଆଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଜେଜେସି ବୁର୍ଲାକୁ ହରାଇଲା ବଲାଙ୍ଗୀର ୟୁଥ୍ କ୍ଲବ

ସୋନପୁର,୨୩।୧୨(ନି.ପ୍ର.)

୮ମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସୋନପୁର ରୟାଲ ପଡିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ବଲାଙ୍ଗୀର ୟୁଥ୍ କ୍ଲବ ଓ ସମ୍ବଲପୁର ଜେଜେସି ବୁର୍ଲା ମଧରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରି ସମାନ ସ୍ଥିତିରେ ଥିଲେ। ଟାଇବ୍ରେକର ଜରିଆରେ ବଲାଙ୍ଗୀର ଦଳ ୪-୧ ଗୋଲରେ ବିଜୟୀ ହୋଇଥିଲା। ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

କରିଥିଲେ । ସମ୍ମାନିତ ଅତିଥିଭାବେ ସୋନପୁର ବିଡିଓ ରବିନ୍ଦ୍ର କୁମାର ପଟେଲ, ରୟାଲ ସ୍ପୋର୍ଟିଂ କ୍ଲବ ସଭାପତି ଅରବିନ୍ଦ ବାରିକ, କ୍ରୀଡାବିତ ପୁରୁଷୋତ୍ତମ ପାଣିଗ୍ରାହୀ, ପରେଶ ମେହେର ଓ ବିଜୁ ଛାତ୍ର ଜନତା ଦଳର ନେତା ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ । ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର, ରାଜେଶ ଥନାପତି ଓ ପ୍ରଶାନ୍ତ ସେଠୀ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ । ବେଷ୍ଟ ଡିଫେନ୍ସ ଭାବେ ପ୍ରହଲ୍ଲାଦ ଧରୁଆ, ବେଷ୍ଟ ଗୋଲକିପର ମୁରଲି ଭୋଇ, ବେଷ୍ଟ ଫରୱାର୍ଡ ମନିଷ ଭୋଇ ଓ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ବଲାଙ୍ଗୀରର ବୁଲୁ ମୁଣ୍ଡାଙ୍କୁ ପୁରସ୍କୃତ କରା ଯାଇଥିଲା। ରାକେଶ ନାଗ ସଭାକୁ ସଂଯୋଜନା କରିଥିଲେ । ଶିବ ଷାଣ୍ଢ, ରୋହନ ନାଏକ, ଅର୍ଜୁନ ଘଡିଆ, ସୋମ ଦୀପ ଓ ହିମାଂଶୁ କଲେତ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ ।

## ବୀରମହାରାଜପୁରରେ ମିଶନ ଶକ୍ତି ବଜାର ଉଦ୍‌ଘାଟିତ

ଅମରପାଲି, ୨୩।୧୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତ୍ରିବେଣୀ ଛକ ନିକଟରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସଠାରେ ମିଶନ ଶକ୍ତି ବଜାର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ବିଧାୟକ ତଥା ବାଣିଜ୍ୟ ଓ ପରିବହନ ଏବଂ ଯୋଜନା ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲାପାଳ


ତ୍ରିବେଣୀ ଛକ ନିକଟରେ ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସଠାରେ ମିଶନ ଶକ୍ତି ବଜାର ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅନ୍ୟମାନେ।

ମୋନିଷା ବାନାର୍ଜୀ, ଏଡିଏମଓ ଶରତ ଚନ୍ଦ୍ର ପଣ୍ଡା, ଡିଏସଡବ୍ଲୁଓ ଅନିତା ଗୁରୁ, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିଡିଓ ନିରଞ୍ଜନ ନାଏକ, ଡିପିଏମ ଯୁବରାଜ ସିଂ, ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ, ସିଡିପିଓ ସଞ୍ଜୁରାଣୀ ମିଶ୍ର, ବିପିସି ସୁଜିତ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବିପିଏମ ସ୍ୱପ୍ନାରାଣୀ ପୂଜାରୀ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ଏସଏଚଜି ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ ।

ଲୁତୁରପଙ୍କ କ୍ରିକେଟ କପ୍ ଉଦ୍‌ଘାଟିତ

# ସୋନପୁର-ଲୁତୁରପଙ୍କ ପ୍ରଦର୍ଶନୀ ମ୍ୟାଚ

ଅମରପାଲି, ୨୩।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ଜୟ ଜଗନ୍ନାଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ସୋମବାର ୨୪ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍ ଉଦଘାଟିତ ହୋଇଯାଇଛି। କ୍ଲବ ସଭାପତି ସୁଧିର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମିତି ସଭ୍ୟ ଲବ କୁମାର ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ପୂର୍ବତନ ଜିଲା ପରିଷଦ ରାଜଗୋପାଳ ପାଣିଗ୍ରାହୀ, କ୍ରୀଡାବିତ ସରୋଜ ସାହୁ, ଗ୍ରାମ୍ୟ କମିଟି ସମ୍ପାଦକ ଯୁଧିଷ୍ଠିର ପାତ୍ର, କଳ୍ପତରୁ ମହାକୁର, କ୍ଲବ ସମ୍ପାଦକ ଶଶାଙ୍କଶେଖର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ କ୍ରୀଡା ପତାକା ଉତ୍ତୋଳନ ସହ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ଗ୍ରାମ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ


ଖେଳାଳି ଓ କ୍ଲବ ସଦସ୍ୟଙ୍କ ଗହଣରେ ଅତିଥିମାନେ ଟ୍ରଫି ଉନ୍ମୋଚନ କରୁଛନ୍ତି ।

ଶୋଭାଯାତ୍ରା କରି ପଡିଆରେ ସ୍ଥାପନ କରାଯାଇଥିଲା । ଏହି ଅବସରରେ ଏସଡିସିଏ ସୋନପୁର ଓ ଆୟୋଜକ ଜେଜେଏସସି ଲୁତୁରପଙ୍କ ମଧରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳର ଖେଳାଳି, ଅତିଥି, କ୍ଲବର କର୍ମକର୍ତ୍ତାଙ୍କ ଗହଣରେ ଜାତୀୟ ସଂଗୀତ ଗାନ ପରେ ଟ୍ରଫି ଉନ୍ମୋଚନ କରାଯାଇଥିଲା । ଅନୁଷ୍ଠିତ ପ୍ରଦର୍ଶନୀ ମ୍ୟାଚରେ ସୋନପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୩୨ ରନ କରିଥିଲା । ଦଳର ପ୍ରଶାନ୍ତ କୁମ୍ଭାର ୩୧ ଓ ଚନ୍ଦନ ଦାଶ ୨୧ ରନ କରିଥିଲେ। ଲୁତୁରପଙ୍କର ମାନସ ମହାକୁର ୩, ମିଲନ ଓ ନନ୍ଦ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଲୁତୁରପଙ୍କ ନିର୍ଦ୍ଧାରିତ ୨୦ଓଭରରେ ୭ଉଇକେଟ ହରାଇ

**ମଶାଲ ଶୋଭାଯାତ୍ରା, ଟ୍ରଫି ଉନ୍ମୋଚନ**

୧୩୨ ରନ କରିଥିଲେ। ଫଳରେ ମ୍ୟାଚ ଟାଇ ହୋଇଥିଲା । ଦଳର ମାନସ ମହାକୁର ୨୦ ଓ ନନ୍ଦିଖୁରା ୨୭ ରନ କରିଥିଲେ। ସୋନପୁରର ପ୍ରଶାନ୍ତ ଓ ଇବ୍ରାଉଲ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ପ୍ରଦୀପ ଡାଙ୍ଗ ଅତିଥିଭାବେ ଯୋଗଦେଇ ସୋନପୁରର ପ୍ରଶାନ୍ତ କୁମ୍ଭାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ଖେଳକୁ ସୁରେଶ ବିଶି ଓ ଜୟ ପ୍ରକାଶ ସାହୁ ପରିଚାଳନା କରିଥିବା ବେଳେ ଦେବରାଜ ମହାକୁର ସ୍କୋରିଂ ଏବଂ ଆଶିଷ ଦେଓ ଧାରା ବିବରଣୀ ପ୍ରଦାନ କରିଥିଲେ । ମଙ୍ଗଳବାର ପୁଲ-ଏ ର ପ୍ରଥମ ମ୍ୟାଚ ବିବି ସ୍ପୋର୍ଟିଂ ରାୟପୁର (ଛତିଶଗଡ) ଓ ଜେସିସି ସମ୍ବଲପୁର ମଧରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

ଡୁଙ୍ଗୁରିପାଲି, ୨୩।୧୨(ଡି.ଏନ.ଏ.)

ପଞ୍ଚାୟତ ସମିତି ଡୁଙ୍ଗୁରିପାଲି ଓ ଓରମାସ ସୁବର୍ଣ୍ଣପୁରର ମିଳିତ ସହଯୋଗରେ ନିୟନ୍ତ୍ରିତ ବଜାର କମିଟି ପରିସରରେ ବ୍ଲକସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସହଦେବ ସମାଧିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧକ୍ଷ ମକରଧ୍ୱଜ ସାହୁ, ସମ୍ମାନୀତ ଅତିଥି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଏପଡି ଶୈବାଳିନୀ ପଟ୍ଟନାୟକ, ଡିସି ବିଶ୍ୱମ୍ବର ପରିଡା, କାର୍ଯ୍ୟନିର୍ବାହୀ ସହାୟକ ଦେବାଶିଷ ମିଶ୍ର ଯୋଗଦାନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନନ୍ଦଚନ୍ଦ୍ର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଶିବିରରେ ୯ଜଣ ପିଆଇଏ ଯୋଗ ଦେଇଥିଲେ । ୩୦୫ ଯୁବତୀ ଓ ଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୩୫ ଜଣ ତାଲିମ ନେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ବିପିଏମ ଭବାନୀଶଙ୍କର ମେହେର ଓ ପଞ୍ଚାୟତ ସମିତିର ସମସ୍ତ କର୍ମକର୍ତ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



ଯଦି ଆମେ ସତ୍ ଜୀବନ ଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା' ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।
- ମହାତ୍ମା ଗାନ୍ଧୀ



# ଚିନିକଳ ଏମ୍‌ଡିଙ୍କୁ ଘେରାଉ

**ବରଗଡ଼ ଅଫିସ୍, ୨୩।୧୨**



ବରଗଡ଼ ଜିଲାପାଳ ଅଫିସ ଆଗରେ ଚିନିକଳ ଏମ୍‌ଡିଙ୍କୁ ଚାଷୀ, କର୍ମଚାରୀ ଘେରିଛନ୍ତି ।

- କର୍ମଚାରୀଙ୍କୁ ମିଳିନି ୨୮ ମାସର ଦରମା
- ଆଖୁ ନେବାକୁ ଚିନିକଳ କର୍ତ୍ତୃପକ୍ଷଙ୍କ ମନା
- ଜିଲାପାଳଙ୍କ ଅଫିସ ଆଗରେ ଉତ୍ତେଜନା
- ଏସ୍‌ପି ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଲା

ବରଗଡ଼ ସହର ଉପକଣ୍ଠ ଡୋରା ସମବାୟ ଚିନିକଳ ଦୀର୍ଘଦିନ ହେଲା ବନ୍ଦ ପଡ଼ିଛି। ଏଠାକାର କର୍ମଚାରୀମାନେ ମଧ୍ୟ ଦୀର୍ଘ ୨୮ମାସର ଦରମା ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ଜିଲାର ଚାଷୀମାନେ ଆଖୁଚାଷ କରିଥିବାବେଳେ ତାହା ଅମଳକ୍ଷମ ଅବସ୍ଥାକୁ ଆସିଗଲାଣି। ମାତ୍ର ଅମଳ ପରେ ଆଖୁକୁ କେଉଁଠାରେ ବିକ୍ରି କରିବେ, ତାକୁ ନେଇ ସେମାନେ ଅଡୁଆରେ ପଡ଼ିଛନ୍ତି। ଏଭଳିସ୍ଥଳେ ଚିନିକଳର ଭବିଷ୍ୟତ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହାକୁ ନେଇ ଉଭୟ ଆଖୁଚାଷୀ, ଚିନିକଳ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋମବାର ଉଭୟ ଆଖୁଚାଷୀ, ଚିନିକଳ କର୍ମଚାରୀ ଜିଲାପାଳ ଅଫିସକୁ ସେ ନେଇ ଅଭିଯୋଗ କରିବାକୁ ଆସିଥିବାବେଳେ ସେଠାରେ ଉପସ୍ଥିତ ଅତିରିକ୍ତ ସମବାୟ ନିବନ୍ଧକ (ଡିଆରସିଏସ) ତଥା ଭାରପ୍ରାପ୍ତ ଚିନିକଳ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭକ୍ତବନ୍ଧୁ ସାହୁଙ୍କୁ ଘେରାଉ କରିଥିଲେ। ଚିନିକଳ କାର୍ଯ୍ୟକ୍ଷମ ସହିତ କର୍ମଚାରୀଙ୍କ ବକେୟା ପାଉଣା ପ୍ରଦାନ, ଚାଷୀଙ୍କ ଆଖୁ କିଣିବାକୁ ସେମାନେ ଦାବି କରିଥିଲେ। ଏମଡି ସାହୁ ସେଥିରେ ନିଜ ଅସହାୟତା ପ୍ରକାଶ କରିବା ସହିତ ସେ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ସେ ଅବଗତ କରି ସାରିଛନ୍ତି ଏବଂ ସରକାରୀ ନିର୍ଦ୍ଦେଶ ଆସିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ। ଚିନିକଳକୁ ଯାଇ ସେ ସମ୍ପର୍କରେ ଏକ ସଭା କରି ନିଷ୍ପତ୍ତି ନେବା ପାଇଁ ଆଖୁଚାଷୀ, କର୍ମଚାରୀମାନେ ଅଡ଼ି ବସିଥିଲେ । ମାତ୍ର ସେ ନେଇ ଏମଡ଼ିଙ୍କ ନିରବତା ଏବଂ ସେଠାକୁ ଯିବା ପାଇଁ ସେ ସୁରକ୍ଷିତ ମଣୁ ନ ଥିବା କହିବା ପରେ ଉତ୍ତେଜିତ ପ୍ରକାଶ ପାଇଥିଲା। ଏହାପରେ ଏସ୍‌ପି ପଦ୍ମିନୀ ସାହୁ ଆସି ଚାଷୀ ଓ କର୍ମଚାରୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଚିନିକଳରେ ଏକ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା ଏବଂ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

ସୂଚନା ଅନୁଯାୟୀ, ୧୯୭୪ ମସିହାରୁ ପ୍ରତିଷ୍ଠିତ ଡୋରା ସମବାୟ ଚିନିକଳ ସରକାରୀ ଉଦାସୀନତାର ଶିକାର ହୋଇ ଅଚଳ ପ୍ରାୟ ଅବସ୍ଥାକୁ ଆସି ଯାଇଛି । ଦୁଇବର୍ଷ ହେଲା ଚିନିକଳକୁ ଆର୍ଥିକ ସହାୟତା ବନ୍ଦ ହୋଇଯାଇଛି। ଅପରପକ୍ଷେ ଚିନିକଳକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ମସୁଧା ଚାଲିଥିବା ଚାଷୀ ଓ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଗତ ଫେବୃୟାରୀ ୨୧ତାରିଖରେ ମୁଖ୍ୟମନ୍ତ୍ରୀ ସୋହେଲା ବ୍ଲକ ଇଚ୍ଛାପାଲି ସମାବେଶରେ ଯୋଗଦେଇ ଚିନିକଳକୁ ୧୧କୋଟିର ସହାୟତା ଘୋଷଣା କରିଥିଲେ। ଏହାପରେ ଚିନିକଳ କାର୍ଯ୍ୟକ୍ଷମ ହେବ ବୋଲି ଆଶା ସଞ୍ଚାର ହୋଇଥିଲା । ମାତ୍ର ତାହା ଧୂଆଁବାଣ ପାଲଟିଛି। ଚିନିକଳ କାର୍ଯ୍ୟକ୍ଷମ ହେବା ତ ଦୂରର କଥା, ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦରମା ମିଳି ନ ଥିବାବେଳେ ଚାଷୀଙ୍କ ଆଖୁ ନେବା ପାଇଁ ଚିନିକଳ କର୍ତ୍ତୃପକ୍ଷ ରାଜି ହେଉ ନ ଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ନେଇ ଉଭୟ ଆଖୁଚାଷୀ, ଚିନିକଳ କର୍ମଚାରୀମାନେ ବାରମ୍ବାର ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛନ୍ତି। ମାତ୍ର କିଛି ସୁଫଳ ମିଳିନାହିଁ । ଏହି କ୍ରମରେ ବରଗଡ଼ ଜିଲା ଆଖୁଚାଷୀ ସଂଘ ସଭାପତି ମନୋରଞ୍ଜନ ସାହୁ, ଚିନିକଳ କର୍ମଚାରୀ ସଂଘର ସହ ସମ୍ପାଦକ ପ୍ରସନ୍ନ ମହାରଣାଙ୍କ ନେତୃତ୍ୱରେ କର୍ମଚାରୀ ଓ ଚାଷୀମାନେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହୋଇ ଦାବି ଉପସ୍ଥାପନ କରିବା ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ଫକୀରମୋହନ ପଟ୍ଟନାୟକ ସୁରୁତା ମହୋତ୍ସବ

ବରପାଲି, ୨୩।୧୨ (ଡି.ଏନ.ଏ)
ବରପାଲି ବ୍ଲକ ଅନ୍ତର୍ଗତ ସିକିର୍ଡି ସ୍କୁଲ ଖେଳ ପଡିଆରେ ଓଡିଶା ସଂସ୍କୃତି ବିଭାଗ ଓ ସ୍ଥାନୀୟ ନୁପୁର ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ସପ୍ତମ ଫକୀରମୋହନ ପଟ୍ଟନାୟକ ସୁରୁତା ମହୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ପରମାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ପଶ୍ଚିମ ଓଡିଶା ପରିଷଦ ସଦସ୍ୟ ଲାଲବିକ୍ରମ ସିଂ, ରେଳବାଇ ମ୍ୟାନେଜର ସରୋଜ ସେଠ ଓ ରମେଶ ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାପତି ସଂଗ୍ରାମ କେଶରୀ ସିଂ ଅତିଥି ପରିଚୟ ଓ ଗୋକୁଳାନନ୍ଦ ସ୍ୱାଇଁ ବିବରଣୀ ପଠନ କରିଥିଲେ । ଏହି ଅବସରରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଦସ୍ୟ ବାଲକିଶୋର ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପିବେଷିତ ହୋଇଥିଲା ।

### ସିଂହପାଲି ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସରଣ୍ଡା, ୨୩।୧୨ (ଡି.ଏନ.ଏ)
ଅତାବିରା ବ୍ଲକ ସିଂହପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ପ୍ରଦୀପ କୁମାର ଦାଶ ପ୍ରଧାନଶିକ୍ଷକ ସଭାପତିତ୍ୱ କରିଥିଲେ। ଏଥିରେ ବିଦ୍ୟାଳୟର ସଭାପତି ଭରତ ମେହେର ମୁଖ୍ୟଅତିଥି, ସିଆରସିସି ମନୋରଞ୍ଜନ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧେଶ୍ୟାମ ପ୍ରଧାନ ଅତିଥି ଭାବେ ମଞ୍ଚାସୀନ ଥିଲେ । ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବାଳକ ବିଭାଗରେ ଦଶମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ଦାଶ ଓ ବାଳିକା ବିଭାଗରେ ନବମ ଶ୍ରେଣୀ ଛାତ୍ରୀ ଜୟଶ୍ରୀ ବିଶ୍ୱାଳ ଚାମ୍ପିୟନ ହୋଇଥିଲେ ।

### ଥୁଆପାଲି ଧନୁଯାତ୍ରା ଉଦ୍‌ଯାପିତ

ଭେଡ଼େନ, ୨୩।୧୨(ଡ଼ି.ଏନ.ଏ)
ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଥୁଆପାଲି କପାବାରି ପଡ଼ିଆରେ ୧୨ ଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ ସୋମବାର ବିଳମ୍ବିତ ରାତ୍ରିରେ କଂସ ବଧ ସହ ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସରେ କୃଷ୍ଣ ବଳରାମଙ୍କ ମଥୁରା ନଗର ଭ୍ରମଣ, କୁବୁଜା ଉଦ୍ଧାର, କୁବଳୟା ବଧ, ଶିବଧନୁ ଭଗ୍ନ, ଚାଣୁର ମୁଷ୍ଟିକ ନିପାତ, ମନ୍ତ୍ରୀ ଶରଣାଗତ ପରେ କଂସ ବଧର ଦୃଶ୍ୟାଭିନୟ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଏହି ସନ୍ଧ୍ୟାରେ କଂସ ଦରବାରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ରାଜଅତିଥି ଭାବେ ଯୋଗ ଦେଇଥିଲେ। କଂସ ଭୂମିକାରେ ଗୋପାଳ ପଣ୍ଡା ଅଭିନୟ କରିଥିଲେ । ଉଦଯାପନୀ ଉତ୍ସବରେ ଯାତ୍ରା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

■ କଳାପଟା ସାହିତ୍ୟ ବାସପତରିର ବଛରକିଆ ଉଛବ୍

# ଯୋଗ୍‌ଦେଲେ ଶତାଧିକ କବି କଳାକାର

**ଭେଡ଼େନ, ୨୩।୧୨ (ଡି.ଏନ୍.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ସହରାଟିକ୍ରାନେ ଥିବାର କଳାପଟା ସାହିତ୍ୟ ବାସପତରିର ତିନ ନମର ବଛରକିଆ ଉଛବ୍ ସୋମବାର ଦିନ ବେଲହୁବେଲି ହଇଥିଲା। ପହେଲା ସବୁ କବି କଳାକାର ଏକଜୋଟ ହଇ ସହରାଟିକ୍ରା କଳାପଟା ନ ପୂଜାପାଠ୍ କରିଥିଲେ। ତାର ଉତାରୁ ଗୁଟେ ଶୋଭାଯାତ୍ରାରେ ପାସର ବହଲପାଲି ଗାଁକେ ଯାଇଥିଲେ। ସେଠାନେ ସାହିତିକ୍ ଉପନ୍ନ ଭୋଇଙ୍କର ସଭାପତିତ୍ୱନେ ଗୁଟେ ସଭା ହେଇଥିଲା। ଇ ସଭାନ ମୁଖିଆ କୁନୁଆଁ ହିସାବେ ଭେଡ଼େନ ଅତିରିକ୍ତ ତହସିଲଦାର ନାରାୟଣ ଡନସନା ଯୋଗଦେଇଥିଲେ। ସେ ଭାଷା ସମକିରିର ମଂଗଲ ଚିନ୍‌ତା କରସି। ବାସ୍‌ପତରି ଚାଉଲର ଖିରି ଯେନ୍‌ତା ଚାରହିକୁଡି ମହକେଇ ଦେସି ସେନ୍‌ତା ଇ କଳାପଟା ବାସପତରି ସମକୁ ମହକେଇ ଦେଉ ବଲି ସେ କହିଥିଲେ। ଇ ସଭାନ କବି ଶରତ ଚନ୍ଦ୍ର ପାଢ଼ୀ, ପୂରବର ସରପଁଚ୍ ହେମସାଗର ପ୍ରଧାନ, ସଙ୍କର୍ଷଣ ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମାଝି, ଖବରଦାତା ନିର୍ମଳ ମେହେର, ମୁକୁନ୍ଦ ଷଡ଼ଙ୍ଗି ମାଏନ୍‌ତା କୁନୁଆଁ ଭାବେ ଯୋଗଦେଇଥିଲେ। ସଭାନେ କବି ବିନୋଦ ବୈକାରଙ୍କୁଁ ବାସପତରି ସମ୍ମାନରେ ସନାମନା କରାଯାଇଥିଲା। କବି ସୁଶୀଲ ବୁଧିଆ ସୁଆଗତ ଭାଷନ ସଂଗେ କୁନୁଆଁମାନକର ପରିଚଏ ଦେଇଥିଲେ। ସେନ୍‌ତା ଗୁଣନିଧି ଭୋଇ ସଭାର ଉଦେଶ୍ ବାବ୍‌ଦେ କହିଥିଲେ। ପଛେ ହଇଥିବାର କବିତା ପାଠ ଉଛବ୍ ନ ଅଧାପକ ସନ୍ତୋଷ ତ୍ରିପାଠୀ ଅତିଥି ଆବାହନ, ଧ୍ରୁବ ଚରଣ ପ୍ରଧାନ ଆର ପ୍ରଫୁଲ୍ଲ ଭୋଇ ସଂଯୋଜନା କରିଥିଲେ। ଇ ପାଠ୍ ଉଛବ ନ କବି ଭେଡ଼େନ ବିଡିଓ ମୁରଲୀଧର ନାୟକ ମୁଖିଆ କୁନୁଆଁ ଭାବେ ଯୋଗଦେଇଥିଲେ। ନାଁକରା କବି ଦେବେନ୍ଦ୍ର ସାହୁ, ହରିଲାଲ ସାହୁ, ସୋନାଲି ପାଢ଼ୀ, ମଞ୍ଜୁଲତା ସାହୁ, ରୋହିତ ନାଏକ, ତେଜରୁ ବାରିକ, ନରେନ୍ଦ୍ର ମହାନ୍ତି, ସନୟ ମେହେର, ସୁବାସ ମେହେର, ଅଧିକାରୀ ସା ଆର ବନିହା କବିମାନେ ନିଜର ନିଜର କବିତା ପାଠ୍ କରିଥିଲେ। ଶେଷେ କବି ଲକ୍ଷ୍ମଣ ମଲିକ ଧଏନ୍‌ବାଦ ଦେଇଥିଲେ। ଇ ଆୟୋଜନ ନ ସୁରେନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ସାହୁ, ଦୁଷ୍ମନ୍ତ ପଧାନ ଆର ବହଲପାଲି ଗାଁର ସଭେ ସହଯୋଗ କରିଥିଲେ।




ଉଛବ୍‌ନେ ଝନେ କବୟିତ୍ରୀ କବିତା ପାଠ୍ କରୁଛନ୍ ।

# ଟୁଁଡ୍‌କେ ସୁଆଦ ବମ୍ବେଇ ଲଡୁ

**ଗଣ୍ଡତୁରୁମ, ୨୩।୧୨ (ଡି.ଏନ୍.ଏ.)**

ଉତ୍ତର ପ୍ରଦେଶ କାନପୁର ଜିଲା ରସୁଲ୍ଲାବାଦ ଗାଁର ସୁରଜ ଗୁପ୍ତା(୨୩)। ସେ ଆଜ୍‌କେ ୨ ବଛର ହେଲା ବରଗଡ଼ ଜିଲାକେ କମେଇ ଖାଏବାର ଲାଗି ଆସିଛନ୍। ସୁରଜ ନିଜେ ବମ୍ବେଇ ଲଡୁ ତିଆର କରବାର ସଂଗେ ଗାଁ ଗାଁ ବୁଲି ବିକି ଦୁଇପଏସା ରୁଜ୍‌ଗାର କରୁଛନ୍।

ସୂଚନା ଅନ୍‌ସାରେ ବାପ୍ ସିପାହୀ ଲାଲ ଆର ମା' ସୁରଜମୁଖୀଙ୍କର ଗୁଟେବଲି ପୁଓ ହେଉଛନ୍ ସୁରଜ ଗୁପ୍ତା। ପରିବାରଟା ନିହାତି ଗରିବ୍, ଜମିବାଡ଼ି ବଲି କିଛି ନାଇଁ। ଗାଁରେ କାମ୍‌ଧଁଦା ଅଭାବୁ ସେ ଇ ବେପାରକେ ଆଦ୍‌ରି ନେଇଛନ୍। ସୁରଜ ଦିନେ ପୁରୀ ମନ୍ଦିର ଦରଶନ ଲାଗି ଟ୍ରେନରେ ଆସୁଥିଲାବେଲେ ବମ୍ବେଇ ଲଡୁର ଚାହିଦା ଦେଖିଥିଲେ। ଇତାର ପରେ ସେ ଘରକେ ଫିରି ଉନିଆମାନକରନୁ ବମ୍ବେଇ ଲଡୁ ତିଆରି ଶିଖିଥିଲେ। ପଛେ ନିଜେ ଧାରଉଧାର କରି ୧୫ ହଜାର ଟଁକାରେ ବମ୍ବେଇ ଲଡୁ ତିଆର କରବାର ଗୁଟେ ମେଶିନ ଘିନି ବେପାର ଆରମ୍ କରିଥିଲେ। ସୁରଜ ବରଗଡ଼ରେ ଗୁଟେ ଘର ଭଡ଼ା ନେଇ ରହୁଛନ୍। ସେଠାନେ ବମ୍ବେଇ ଲଡୁ ତିଆର କରୁଛନ୍। ସେ ଫିବଛର ରାକ୍ଷୀ ପୂନିକେ ବରଗଡ଼ ଆସି ଜୁନ ମାସେ ଗାଁକେ ଫିରୁଛନ୍। ଲାଲ୍ ଟହଟହ ରୁଆମୁଡ଼ା ଲେଖେଁ ଦିଶୁଥିବାର ବମ୍ବେଇ ଲଡୁଟା ଛୁଆଠାନୁ ବୁଢ଼ା ତକ୍ ସମକିରି ପସନ୍। ଦେଖିଲେ ଲାଲ୍ ଥିପିପଡ଼ବା। ହେଲେ ବମ୍ବେଇ ଲଡୁ ଯେତେ ଖାଏଲେ ପେଟ୍ ନାଇଁପୂରେ। ବମ୍ବେଇ ଲଡୁ ତିଆରି ଲାଗି ଦରକାର ପଡୁଥିବାର ଚିନି, ମଇଦା, ରଂଗ, ଲେମଡ ଆର ପ୍ୟାକିଂ ଲାଗି ପଲିଥିନ୍ ଖରଚ୍ ଯାଇ ଦିନ୍‌କ ୩ଶହ ଟଁକା ମିଲୁଥିବାର ସୁରଜ କହିଛନ୍।



ଭେଡେନ ବ୍ଲକ କୁଦୋପାଲି ଛକେ ସୁରଜ ବମ୍ବେଇ ଲଡୁ ବିକୁଛନ୍।

# ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

**ଜାମଟିକ୍ରା, ୨୩।୧୨ (ଡି.ଏନ.ଏ)**

ଅତାବିରା ଏନଏସି ପକ୍ଷରୁ ରବିବାର ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପ୍ରଥମେ ବରିଷ୍ଠ ନାଗରିକମାନଙ୍କୁ ଫୁଲଚନ୍ଦନ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏନଏସି ଅଧକ୍ଷା ଦୀପାଞ୍ଜଳି ଭୋରାସାଗର ଅଧକ୍ଷତା କରିଥିଲେ। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି ଡ. ଅମରେନ୍ଦ୍ର ନାରାୟଣ ଯାଦବ, ଏନଏସି ଉପାଧକ୍ଷା ଜ୍ୟୋତିର୍ମୟୀ ଦାଶ, ବ୍ୟଙ୍ଗ କବି ମନୋରଞ୍ଜନ ଲୁହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନଏସି ଇଓ ତପସ୍ୱିନୀ ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତାବିରା ବରିଷ୍ଠ ନାଗରିକ ସଂଘ ସଭାପତି ବେଣୁଧର ମିଶ୍ର, ସମ୍ପାଦକ ଦଶରଥ ବାଗ, ଜାଟକେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶରେ ଗଣିତ ଦିବସ ପାଳିତ

**ବରଗଡ଼ ଅଫିସ୍, ୨୩।୧୨**

ବରଗଡ଼ ସିମେଣ୍ଟନଗରସ୍ଥିତ ଏସିସି ବିକାଶ ଇଂଲିଶ ମିଡ଼ିୟମ ସ୍କୁଲରେ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଛି । ଏହି ଅବସରରେ ଶ୍ରୀନିବାସ ରାମାନୁଜନଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅଧ୍ୟକ୍ଷ ସନାତନ ମହାପାତ୍ର ବକ୍ତବ୍ୟ ରଖି ମଣିଷର ପ୍ରତ୍ୟେକ ମୁହୂର୍ତ୍ତରେ ଗଣିତର ଆବଶ୍ୟକତା ରହିଛି ବୋଲି କହି ନିୟମିତ ଗଣିତ ଅଭ୍ୟାସ ପାଇଁ ପରାମର୍ଶ ଦେଇଥିଲେ । ଗଣିତ ଶିକ୍ଷକ ବାପୁନ ରାଉତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ସ୍ମୃତିଚାରଣ ସହିତ ଜାତୀୟ ଗଣିତ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ଗଣିତ ଖେଳ ପ୍ରଦର୍ଶନ କରିଥିବାବେଳେ ଛାତ୍ରୀ ରୀତୁଜା ରାଜ୍ ଶାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଗଣିତ ଦିବସ ଉପରେ ଅଧ୍ୟକ୍ଷ ବକ୍ତବ୍ୟ ରଖୁଛନ୍ତି ।

■ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା

# ସେମିରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ଭଟଲି, ୨୩।୧୨(ଡି.ଏନ.ଏ)**

ଭଟଲି ବ୍ଲକ ଅନ୍ତର୍ଗତ ନୂଆଗଡ଼ ଖେଳ ପଡ଼ିଆରେ ସୋମବାର ଚତୁର୍ଥ ରାଜା ବଳରାମ ଦେଓ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ବିଲାସପୁର ପି କେ ଏକାଡେମୀ ଏକାଦଶ ଏବଂ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶ ବିଜୟୀ ହୋଇ ପୁଲ-ଏ ର ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପଧାନ ମୁଖ୍ୟଅତିଥି ଏବଂ ଭଟଲି ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପଧାନ ଓ ଦୁର୍ବାସା ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ପ୍ରଥମେ ପି କେ ଏକାଡେମୀ ଏକାଦଶ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶ ୧୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୧୨.୧ ଓଭରରେ ୩ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଦଶର ବୋଲର କ୍ରୀଷ୍ଣା ପାଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସତ୍ୟରାମ ଖମାରୀ ଏବଂ ଅମିତ କୁମାର ଅଗ୍ରୱାଲ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ମହମ୍ମଦ ଇସାକ ଏବଂ ପ୍ରଭଞ୍ଜନ ବଳ ଖେଳ ପରିଚାଳନା କରିଥିବାବେଳେ ଅଶୋକ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସେହିପରି ପବିତ୍ର ସା ଏବଂ ନକୁଳ ନାଏକ ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ରୀଡ଼ା ଶିକ୍ଷକ ମନ୍‌ସି ପାତ୍ର ମ୍ୟାଚ୍ ରେଫରୀ ଥିଲେ।

■ ଛିନ୍ଦେଇକେଲା ସର୍ବଭାରତୀୟ କ୍ରିକେଟ ଉଦ୍‌ଘାଟିତ

# ରାଞ୍ଚି ରେଲୱେ ବିଜୟୀ

**ପାଇକମାଳ, ୨୩।୧୨ (ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ୨୫ତମ ଛିନ୍ଦେଇକେଲା ସର୍ବଭାରତୀୟ କ୍ରିକେଟ କପ୍ ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ ହୋଇଯାଇଛି। କୌସ୍ତୁବ ସାହୁ ମୁଖ୍ୟଅତିଥି ଏବଂ ମହମ୍ମଦ ହୁସେନ ଓ ନିତ୍ୟାନନ୍ଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆଜିର ଖେଳକୁ ଉଦଘାଟନ କରିଥିଲେ। ଛିନ୍ଦେଇକେଲା ରାଜିଂ ଷ୍ଟାର ଓ ରାଞ୍ଚି ରେଲୱେ ମଧ୍ୟରେ ଉଦଘାଟନୀ ମ୍ୟାଚ ହୋଇଥିଲା। ଛିନ୍ଦେଇକେଲା ରାଜିଂ ଷ୍ଟାର ଟସ୍ ଜିଣି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟରେ ୧୪୯ ରନ ସଂଗ୍ରହ କରିଥିଲା । ଦଳର ସୁଦର୍ଶନ ୨୦ ବଲରେ ୩୧ ରନ, ଡିଲୁ ମାଝୀ ୩୧ ବଲରେ ୩୦ ରନ ଓ ଜିତେନ୍ଦ୍ର ସାହୁ ୯ ବଲରେ ୨୫ ରନ କରିଥିଲେ । ରାଞ୍ଚି ରେଲୱେ ପକ୍ଷରୁ ଭାନୁପ୍ରତାପ ସିଂ ୫ ଓଭରରେ ୪ ଉଇକେଟ ଓ ରାମ ଯାଦବ ୫ ଓଭରରେ ୨ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ରାଞ୍ଚି ରେଲୱେ ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ସନ୍ଦୀପ ଭାରତୀ ୩୧ ବଲରେ ୩୪ ରନ ଓ ଅତୁଲ ଶ୍ରୀବାସ୍ତବ ୪୨ ବଲ ୩୮ ରନ କରିଥିଲେ। ରାଜିଂ ଷ୍ଟାର ପକ୍ଷରୁ ପ୍ରଶାନ୍ତ ସାହୁ ୫ ଓଭରରେ ୨ ଉଇକେଟ ଓ ଡିଲୁ ମାଝୀ ୫ ଓଭରରେ ୧ ଉଇକେଟ ଅକ୍ତିଆର କରିଥିଲେ । ଓସିଏ ପ୍ୟାନେଲ ଅମ୍ପାୟାର ଚୂଡାମଣି ପାଢ଼ୀ ଓ ସୁଶାନ୍ତ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ । ଆକାଶ ସାହୁ ଓ ସତ୍ୟବାନ ଧରୁଆ ସ୍କୋରର ଥିବା ବେଳେ ପ୍ରହଲ୍ଲାଦ ଭୋଇ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଛିନ୍ଦେଇକେଲା ରାମଜୀ ମନ୍ଦିର କମିଟି ସଭାପତି ଉତ୍କଳ ହଂସ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଞ୍ଚି ରେଲୱେର ସନ୍ଦୀପ ଭାରତୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ମଙ୍ଗଳବାର ରାଞ୍ଚି ରେଲୱେ ଓ ରାଉରକେଲା ସ୍ପୋର୍ଟ୍ସ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ଉପ ସଭାପତି ବୁନା ସାହୁ ସୂଚନା ଦେଇଛନ୍ତି ।




କ୍ରିକେଟ ମ୍ୟାଚ୍‌କୁ ଉଦ୍‌ଘାଟନ କରାଯାଉଛି ।



ଯେଉଁ ଘରେ ସୁଲକ୍ଷଣା ନାରୀ ବାସ କରେ, ସେହି ଘରେ ଲକ୍ଷ୍ମୀ ରହନ୍ତି। କୋଟି କୋଟି ଦେବତା ମଧ୍ୟ ସେହି ଘରକୁ ତ୍ୟାଗ କରନ୍ତି ନାହିଁ।

- ମହର୍ଷି ଗର୍ଗ



## ସଂକ୍ଷେପରେ

### ଜହ୍ନାପଙ୍କ ପ୍ରିମିୟର ଲିଗ୍ ବ୍ରାହ୍ମଣୀପାଲି, ମର୍ଯ୍ୟାଦାପୁର ବିଜୟୀ

ଜହ୍ନାପଙ୍କ, ୨୩।୧୨ (ଡି.ଏନ.ଏ) ବୌଦ୍ଧ ଜିଲା ଜହ୍ନାପଙ୍କ ମେଡିକାଲ ପଡିଆରେ ଚାଲିଥିବା ଜହ୍ନାପଙ୍କ (ଏ) ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟର ସୋମବାର ତୃତୀୟ ଦିବସରେ ଜହ୍ନାପଙ୍କ ଓ ବ୍ରାହ୍ମଣୀପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ବ୍ରାହ୍ମଣୀପାଲି ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ କରିଥିଲା । ଜବାବରେ ଜହ୍ନାପଙ୍କ (ଏ) ୧୨ ଓଭରରେ ୮ ଉଇକେଟ ହରାଇ ୯୮ ରନ କରିଥିଲା। ଫଳରେ ବ୍ରାହ୍ମଣୀପାଲି ୬ ରନରେ ବିଜୟୀ ହୋଇଥିଲା । ଅପରାହ୍ନରେ ଦ୍ୱିତୀୟ ମ୍ୟାଚ ମର୍ଯ୍ୟାଦାପୁର ଓ ବୁଢ଼ିପଦର ମଧ୍ୟରେ ହୋଇଥିଲା। ପ୍ରଥମେ ବୁଢ଼ିପଦର ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା। ଜବାବରେ ମର୍ଯ୍ୟାଦପୁର ଦଳ ୮.୪ ଓଭରରେ ୪ ଉଇକେଟ ହରାଇ ୭୨ ରନ କରି ବିଜୟୀ ହୋଇଥିଲା । ଏଥିରେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ରାଜେନ୍ଦ୍ର ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

### ଗୁଲୁଣ୍ଡା ସରକାରୀ ଉପ୍ରା ବିଦ୍ୟାଳୟର ଶତବାର୍ଷିକୀ ସମାରୋହ

ବିନିକା, ୨୩।୧୨(ଡି.ଏନ୍.ଏ.) ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଗୁଲୁଣ୍ଡା ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଶତବାର୍ଷିକୀ ସମାରୋହ ସୋମବାର ପାଳିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର କୁମାର ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ଜିଲା ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସୋନପୁର ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ବିନିକା ତହସିଲଦାର ତ୍ରିପୁର ମହାନନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ଶଶି ଭୂଷଣ ସେଠି, ସୁବର୍ଣ୍ଣପୁର ଶିଶୁ ବିକାଶ ଅଧିକାରୀ ଚର୍ତୁଭୁଜ ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବଲେ। ଆନନ୍ଦ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବାଣିଜ୍ୟ ପରିବହନ ଓ ଯୋଜନା ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପଦ୍ମଶ୍ରୀ ଲୋକକବି ହଳଧର ନାଗ ମୁଖ୍ୟବକ୍ତାଭାବେ ଯୋଗଦେଇ ସମ୍ବଲପୁରୀ ଭାଷାର କଥା, ଗୀତ, କଳା, ସଂସ୍କୃତି ଏବଂ ମହାନତା ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥିଭାବେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ଭଣ୍ଡାର ସରପଞ୍ଚ ଲକ୍ଷ୍ମଣ କୁମାର ସାହୁ, ସମିତି ସଭ୍ୟ ଭୀମସେନ ସାହୁ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷକ ସନ୍ତୋଷ ବାଗ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ପରମାନନ୍ଦ ପଧାନ ମଞ୍ଚ ପରିଚାଳନା କରିଥିଲେ ।

### ବଙ୍କାପଡ଼ା ଚାମ୍ପିୟନ

ଜହ୍ନାପଙ୍କ, ୨୩।୧୨(ଡି.ଏନ.ଏ.) ବୌଦ୍ଧ ଜିଲା ଆମଝରି ପଞ୍ଚାୟତ ବଏଲବେଡା ଖେଳ ପଡିଆରେ ଗତ ୧୫ ତାରିଖରୁ ଚାଲିଥିବା ବାବା ଧବଳେଶ୍ୱର କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଶେଷ ହୋଇଛି। ଫାଇନାଲ ଖେଳ ଖୁଣ୍ଟବନ୍ଧ ଓ ବଙ୍କାପଡା ମଧ୍ୟରେ ହୋଇଥିଲା। ବଙ୍କାପଡା ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ୧୨ ଓଭରରେ ୫ ଉଇକେଟ ହରାଇ ୧୧୯ ରନ କରିଥିଲା। ଜବାବରେ ଖୁଣ୍ଟବନ୍ଧ ଦଳ ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୭ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ଖୁଣ୍ଟବନ୍ଧ ଦଳ ୮ଓଭରରେ ୬ଉଇକେଟ ହରାଇ ୫୫ରନ କରିଥିଲା। ଜବାବରେ ବଙ୍କାପଡା ଦଳ ୫.୫ଓଭରରେ ୨ଉଇକେଟ ହରାଇ ୬୦ରନ କରି ୨-୦ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ରାମଶଙ୍କର ଜେନା ଉପବିଜେତା ଖୁଣ୍ଟବନ୍ଧ ଦଳକୁ ଟ୍ରଫି ସହ ୮ ହଜାର ଓ ଚାମ୍ପିୟନ ବଙ୍କାପଡାକୁ ଟ୍ରଫି ସହ ୧୨ ହଜାର ଟଙ୍କା ପ୍ରଦାନ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ୍ ମିଥୁନ ପ୍ରଧାନଓ ମ୍ୟାନ ଅଫ୍ ଦି ସିରିଜ ଅରୁଣ ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୋଦ ବାଘ, କ୍ଷୀରାର୍ଣ୍ଣବ କର୍ଣ୍ଣ ଅତିଥି ଭାବେ ଯୋଗଦେଇଥିଲେ ।

# ବିଦ୍ୟୁତ୍ ସଂଯୋଗ ଦାବିରେ ଫେରାଦ

ବରଗଡ଼ ଅଫିସ୍, ୨୩।୧୨

ଘରେ ବିଦ୍ୟୁତ ବୋର୍ଡ଼ ଲାଗିଛି । ଗାଁ ମୁଣ୍ଡରେ ଟ୍ରାନ୍ସଫର୍ମର ବସିଛି । ହେଲେ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ତ ଦୂରର କଥା, ଖୁଣ୍ଟ ସ୍ଥାପନ କିମ୍ବା ତାର ମଧ୍ୟ ଟଣାଯାଇ ନାହିଁ। ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ କହେନମୁଣ୍ଡା ଗ୍ରାମରେ ସରକାରଙ୍କ ବିଦ୍ୟୁତ ଯୋଜନା ଏଭଳି ସ୍ଥିତିରେ ରହିଛି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି କ୍ରମରେ ସୋମବାର ଗ୍ରାମବାସୀ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ ସହିତ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି କରିଥିଲେ। ଗ୍ରାମରେ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରି ନ ଥିବାରୁ ସେମାନଙ୍କ ପିଲାଛୁଆ ପାଠ ପଢ଼ିପାରୁ ନାହାନ୍ତି । ଅନ୍ଧାରରେ ଜୀବନଯାପନ କରି ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ଦିଗରେ ବିହିତ ପଦକ୍ଷେପ ନେଇ କହେନମୁଣ୍ଡା ଗ୍ରାମରେ ତୁରନ୍ତ ବିଦ୍ୟୁତ ସଂଯୋଗ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଗ୍ରାମର ବହୁ ମହିଳାପୁରୁଷ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।



ବିଦ୍ୟୁତ ସଂଯୋଗ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ ।

# ଲୋକକଳାକାର ଚୌଧୁରୀ ବିଭାର ସମ୍ବର୍ଦ୍ଧିତ

ସୋନପୁର, ୨୩।୧୨(ନି.ପ୍ର.)

ସଂସ୍କୃତି, ପରମ୍ପରା ଓ ଐତିହ୍ୟର ମାଟି ସୁବର୍ଣ୍ଣପୁରରେ ଲୋକକଳାର ପୁନରୁଦ୍ଧାର ଏବଂ ପ୍ରଚାର ପ୍ରସାର ପାଇଁ ପଏଁରୀ ଅନୁଷ୍ଠାନର ନୃତ୍ୟ ନିର୍ଦ୍ଦେଶକ ତଥା ସମ୍ପାଦକ ଚୌଧୁରୀ ବିଭାରଙ୍କୁ ସାଧୁରାମ ବନ୍ଧିଛୋର ଯୁବ କଳାକାର ସମ୍ମାନରେ ସମ୍ମାନିତ କରାଯାଇଛି। କଳାହାଣ୍ଡି ଜିଲା ପ୍ରତିଭା ଅନୁଷ୍ଠାନର ଜାତୀୟ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ନୃତ୍ୟ ସଙ୍ଗମ ୨୦୧୯ ଅବସରରେ ଛତିଶଗଡର ସଂସ୍କୃତି ମନ୍ତ୍ରୀ ଅମରଜିତ ସିଂ ଭଗତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ଏବଂ ଆହ୍ଲାବାଦ ଭାରତୀୟ ଲୋକକଳା ମହାସଂଘର ଅଧ୍ୟକ୍ଷ ଅତୁଲ ଯଦୁବଂଶୀ ଉପସ୍ଥିତ ଥିଲେ । ବିଭାର ଏକାଧାରରେ ଜଣେ ଢୋଲ ବାଦକ, ନୃତ୍ୟ ଶିଳ୍ପୀ, ନାଟ୍ୟକାର, ନୃତ୍ୟ ନିର୍ଦ୍ଦେଶକ ଓ ଲୋକକଳା ଗବେଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି।



ଛତିଶଗଡର ସଂସ୍କୃତି ମନ୍ତ୍ରୀ ଅମରଜିତ ସିଂ ଲୋକ କଳାକାର ଚୌଧୁରୀ ବିଭାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ବରଗଡ଼ ଅଫିସ୍, ୨୩।୧୨

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ମାହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ, ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ରାଜ୍ୟ ସମବାୟ ସଂଘ ନର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାଏକ, ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର, ଜିଲା ପରିଷଦ ସଭ୍ୟ ଉମେଶ ଚନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶିକ୍ଷକ ଅମ୍ଲାନଜ୍ୟୋତି ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧ୍ୟକ୍ଷ ମାହାଗୁଡ଼ ବାର୍ଷିକ ବିବରଣୀ ପାଠ କରିଥିଲେ । ଛାତ୍ର ଅନୁଭବ ସାହୁ, ଛାତ୍ରୀ ପ୍ରିୟାଂଶୀ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ପ୍ରବାଟିନା ବିଜୟା ଧନ୍ୟବାଦ ଅର୍ପଣ କରିଥିଲେ ।





ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି ।

## ବାର୍ଷିକୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବାଉଁଶୁଣୀ, ୨୩।୧୨ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀଠାରେ ଥିବା ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ ସ୍କୁଲର ସଭାପତି କାର୍ତ୍ତିକ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କନ୍ଧମାଳ ବିଧାୟକ ମହିଧର ରଣା ମୁଖ୍ୟଅତିଥି, ପ୍ରାଣୀ ଚିକିତ୍ସକ ପ୍ରିୟବ୍ରତ ବେହେରା, ବୌଦ୍ଧ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । କେଶବ ପୂଜାହାରୀ ମଞ୍ଚ ପରିଚାଳନା କରିଥିଲେ। ପୂର୍ବରୁ ହୋଇଥିବା ଖେଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ କାଳିନ୍ଦ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।


ବିଜ୍ଞାପନ ସଂଖ୍ୟା.2600 **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭେଡ଼େନ** ତା.21.12.2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯-୨୦ (୦୧ ଅପ୍ରେଲ ୨୦୧୯ରୁ ୩୦ ସେପ୍ଟେମ୍ବର୨୦୧୯) ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA)ରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡିକର ଓ ଜାତୀୟ ସାମାଜିକ ସହାୟତା ଯୋଜନା (NSAP) ବାବଦକୁ ସାମାଜିକ ସମୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ କୌଣସି ଆପତ୍ତି ଅଭିଯୋଗ ଥିଲେ ଉକ୍ତ ତାରିଖରେ ପଞ୍ଚାୟତରେ ଉପସ୍ଥିତ ରହି ଆପତ୍ତି ଉପସ୍ଥାପନ କରିବେ। ଏହି ବୈଠକରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ନୋଡାଲ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସମସ୍ତ ଗ୍ରାମ ସଂଯୋଜକ, ଗ୍ରାମ୍ୟ ସାଧନା କର୍ମୀ, ବ୍ଲକ ସାମାଜିକ ସମୀକ୍ଷକ ଏବଂ ଜିଲ୍ଲା ସାମାଜିକ ସମୀକ୍ଷକ ଉପସ୍ଥିତ ରହି ସମସ୍ତ ରେକର୍ଡ ଉପସ୍ଥାପନ କରାଇବେ।

**କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରା. ସଭା ତାରିଖ | ସମୟ | ଗ୍ରାମ ପଞ୍ଚାୟତର ନାମ | ଗ୍ରା.ସ. ଉପସ୍ଥିତ ହେବାକୁ ଥିବା ଅଧିକାରୀ |
|---|---|---|---|---|
| ୧ | ୧୭।୦୧।୨୦୨୦ | ସକାଳ ୧୦.୩୦ଘଟିକା | ଅଁଇଲାପାଲି, ସୁନାଲରମ୍ଭା, ଭେଡ଼େନ, ରେଶମ, ଲୁହାଖଣ୍ଡି | ଏ.ଓ./ଡବ୍ଲ୍ୟୁ.ଇ.ଓ/ଏ.ପି.ଓ/ ଏମ.ଆଇ /ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.-୧ |
| ୨ | ୩୧।୦୧।୨୦୨୦ | ସକାଳ ୧୦.୩୦ଘଟିକା | ଚିଚିଣ୍ଡା, ବକଟି, ଲୁପୁରସିଂହା, ତାଲମେଣ୍ଡା, ଅରେଇଗୁଡ଼ | ଜି.ପି.ଇ.ଓ/ପି.ଏ/ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍-୨/ ଏ.ପି.ଓ/ ଡବ୍ଲ୍ୟୁ.ଇ.ଓ |
| ୩ | ୧୪।୦୨।୨୦୨୦ | ସକାଳ ୧୦.୩୦ଘଟିକା | ଅର୍ଜୁଣ୍ଡ, ରେମଣ୍ଡା, ସଂର୍କ୍ରିଡ଼ା, କୁବେଡେଗା, ପପଙ୍ଗା, ରୁଷୁଡ଼ା | ବି.ଡି.ଓ/ ଡବ୍ଲ୍ୟୁ.ଇ.ଓ/ପି.ଏ/ ଏ.ପି.ଓ/ ଜି.ପି.ଇ.ଓ/ ଏମ.ଆଇ |
| ୪ | ୨୮।୦୨।୨୦୨୦ | ସକାଳ ୧୦.୩୦ଘଟିକା | ସିଆଲଖଣ୍ଡହତା, ମାନପୁର, ମହୁଲପାଲି, ଡ଼ାଲବ, ଦେଶଭଟିଲି | ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.-୧/ପି.ଏ/ଜି.ପି.ଇ.ଓ/ଜି.ପି.ଇ.ଓ/ ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.-୨ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭେଡ଼େନ



**OFFICE OF THE DEPUTY DIRECTOR OF MINES, KOIRA CIRCLE, KOIRA**
**DISTRICT: SUNDARGARH**
**Email: ddm.koira@orissaminerals.gov.in**

**NOTICE**
**No. 6414, Date: 11.12.2019**
**Loss of e-Transit Passes**

**No. G-23:-** The following Electronically Generated Transit Passes (e-Pass) in Form M1/G1 issued for transportation of minerals from different mining lease holders / plant (Licensee holders) under Koira Mining Circle are lost during transit by the mineral carrying vehicles. These lsot e-TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful / illegal and such act is punishable under Law.

| Sl. No. | e-Pass No. (G1/ M1) / Date of issue | Vehicle No. | Source of dispatch with User-Code (Lessee/ Licensee) | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | M1 L111902572/119, dt.25.11.2019 | OD04E-4885 | Kalta Iron Mines of SAIL (093013017108) | SAIL Steel Plant at Rourkela through Roxy Rly. siding (1230113388441) | Loaded with 17.700 MT of 63.28% Fe Iron ore screened fines lost near Jamudihi |
| 2 | M1 L101903521/62, Dt.17.11.2019 | OR09J-8982 | Sanindpur Iron & Bauxite Mines of Rungta Sons (P) Ltd. (093057016908) | Karakola Steel Plant of Rungta Mines Ltd. (071813016842) | Loaded with Iron Ore lumps (5-18) of 9.280 MT of 62.49% Fe lost near Rugudi |

It is hereby requested that, if any of the above Transit Passes traced / found anywhere by anybody, the said e-TP may please be returned generously to the Deputy Director of Mines-cum-Competent Authority, Koira 'or' in any of the circle office of Deputy Director of Mines 'or' O/o the Mining Officer of Steel & Mines Department, Odisha to prevent from illegal use of such e-Transit Passes.

30016/11/0007/1920 *Sd./- Deputy Director of Mines-cum-Competent Authority, Koira*



NANDANKANAN

**NANDANKANAN ZOOLOGICAL PARK**
**NOTICE No.20 of 2019-20 Date: 18.12.2019**
**CORRIGENDUM TO TENDER NOTICE No.19 of 2019-20 Dt.13.12.2019**

No.MM-118 :- First sentence of Clause No.9 of terms and conditions relating to the tender for vehicle parking area of Nandankanan shall be replaced with following lines.

**"The agreement shall remain valid for a period of one year from the date of execution of agreement or up to the finalization of tender for multi-level-car parking whichever is earlier".**

**Sd./-**
**Deputy Director**
**Nandankanan Zoological Park**

08070/11/0006/1920



**ODISHAN INSTITUTE OF MARITIME AND SOUTH EAST ASIAN STUDIES**
**An Autonomous Organisation of Dept. of OLL & Culture, Govt. of Odisha, Bhubaneswar-14**

**TENDER**

**No.________/OIMSEAS, Dt.__________**

No.RR-33 :- Secretary, Odishan Institute of Maritime and South East Asian Studies on behalf of Department of Odia Language, Literature & Culture, invites sealed tender from reputed firms / agencies to Curate, Design and Execute the Maritime Heritage Gallery in Odisha State Museum, Bhubaneswar latest by **06.01.2020.**

For details of the tender please visit www.orissaculture.govt.in

**Secretary, OIMSEAS**

**03020/11/0001/1920**



**OFFICE OF THE DIVISIONAL FOREST OFFICER : MAHANADI WILDLIFE DIVISION : NAYAGARH**
Fax No. : 06753-253971, Mob : 943720200, Phones : 06753-254015
E-mail : mahanadiwl.dfo@gmail.com
Tender Notice No. 2 /1F/ Dt. 12/2019
No. MM-119

**Sealed tenders are invited in two Bid systems from established/ reputed/registered/experienced and accredited manufactures for supply of following items for use in Mahanadi Wildlife Division, Nayagarh.**

| Item | Quantity | Cost of Tender Paper | EMD to be Deposited |
|---|---|---|---|
| 1 | 2 | 3 | 4 |
| 10 (Ten) Seater FRP Boat | 04 (Four) Nos. | Rs. 5,000/- | 60,000/- |
| 20 (Twenty) Seater FRP Boat | 02 (Two) Nos. | | |

1. Non Transferable tender documents for supply of the items stated above will be available from the office of the Divisional Forest Officer, Mahanadi Wildlife Division, Nayagarh, Odisha, on Payment of tender document cost specified above. The tender document cost which is non-refundable, is payable in shape of crossed Demand Draft of State Bank of India, Nayagarh branch, drawn in favor of the Divisional Forest Officer, Mahanadi Wildlife Division, Nayagarh.
2. The Tenders are required to furnish copies of VAT Clearance Certificate, PAN and Registration Certificate etc. as indicated in the Tender document.
3. The Tenders are required to enclose the Earnest Money Deposit (EMD) in Technical Bid, In shape of account payee Demand Draft/ Fixed Deposit Receipt / Bank Guarantee from any of the Nationalized bank pledged in favor of the Divisional Forest Officer, Mahanadi Wildlife Division, Nayagarh.
4. The Items confirming to required specifications are to be delivered at Badamul of Gania Block of Nayagarh District in the state of Odisha and the tender has to quote the rates giving details of taxes, levies, charges, premium etc. separately.
5. The filled –in sealed tenders containing Technical Bid and price Bid in double cover system as per the instruction given in tender documents shall be submitted.
6. The Tender papers will be available for sale in the Office of the Divisional Forest Officer, Mahanadi Wildlife Division, Nayagarh, Odisha between 10 AM – 05 PM on working days till 31.12.2019 . The sealed tenders will be received till 04.01.2020 up to 05 PM in the Office of the Divisional Forest Officer, Mahanadi Wildlife Division, Nayagarh, Odisha. The Technical Bids will be opened on 06.01.2020 at 04 PM in the Office of the Divisional Forest Officer, Mahanadi Wildlife Division, Nayagarh, in presence of Divisional Level Purchase Committee & Tenderers or their authorized representatives. The date of Opening of the Price Bids will be intimated to the technically qualified bidders.
7. The Divisional Forest Officer, Mahanadi Wildlife Division, Nayagarh, Odisha reserves the right to cancel any or all the tenders without assigning any reason thereof.

Sd./- Divisional Forest Officer, Mahanadi Wildlife Division, Nayagarh

08017/11/0003/1920



DSPL-207

**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏକ୍ୟୁ" ସିରିଜ ("AQ" Series)**

ଏହି ଯୋଜନାରେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ନିବେଶ କରିବାର ଶେଷ ତାରିଖ: ୩୧.୧୨.୨୦୧୯
କୁପନ ସଂଗ୍ରହର ଶେଷ ତାରିଖ: ୨୯.୦୨.୨୦୨୦
ଉଠାଣ ତାରିଖ: ୨୬.୦୪.୨୦୨୦
ସର୍ବନିମ୍ନ ଜମା ପରିମାଣ: ୨୦୦୦ ଟଙ୍କା (ତା ୦୧.୦୧.୨୦୧୯ ଠାରୁ ତା ୩୧.୧୨.୨୦୧୯ ରିଖ ମଧ୍ୟରେ)

**ଯୋଗ୍ୟ ସ୍ୱଳ୍ପ ସଞ୍ଚୟ ଯୋଜନା:-**

୧) କିଷାନ ବିକାଶ ପତ୍ର (KVP)
୨) ଜାତୀୟ ସଞ୍ଚୟ ସାର୍ଟିଫିକେଟ (ଅଷ୍ଟମ ଇସ୍ୟୁ) (NSC 8th issue)
୩) ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (PPF)
୪) ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (SCSS) (କେବଳ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ)
୫) ସୁକନ୍ୟା ସମୃଦ୍ଧି ଜମା (SSA)
୬) ଡାକଘର ୫ ବର୍ଷିଆ ଅବଧି ଜମା (5Yr POTD)/ ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା (5Yr NSTDA)
୭) ଡାକଘର ପୌନଃପୁନିକ ଜମା (PORD)/ ଜାତୀୟ ସଞ୍ଚୟ ପୌନଃପୁନିକ ଜମା ଖାତା (NSRDA)
୮) ଡାକଘର ମାସିକ ଆୟ ଯୋଜନା (POMIS)/ ଜାତୀୟ ସଞ୍ଚୟ ମାସିକ ଆୟ ଜମା (NSMIA)

ଓଡିଶାସ୍ଥିତ ଯେକୌଣସି ଡାକଘର ଏବଂ ବ୍ୟାଙ୍କ ମାନଙ୍କରେ ଅନ୍ୟୁନ ୨୦୦୦ ଟଙ୍କା ଜମା କରିବା ପୂର୍ବକ ଏହି ପ୍ରୋତ୍ସାହନ ଯୋଜନାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ରାଶି ବିଜୟୀ ହୋଇ ଲକ୍ଷପତି ହେବାର ସୁଯୋଗ ନିଅନ୍ତୁ । ଏଥିରେ ୭ଟି ଶ୍ରେଣୀରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୨୦୦୦ ଟଙ୍କା ହିସାବରେ ସମୁଦାୟ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ ଗୋଟି ପୁରସ୍କାର ବିତରଣର ବ୍ୟବସ୍ଥା ରହିଛି ।

ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ ।

ସବିଶେଷ ବିବରଣୀ ତଥା କୁପନ ସଂଗ୍ରହ ପାଇଁ , ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ/ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ/ବ୍ଲକ କାର୍ଯ୍ୟାଳୟରେ ଅବସ୍ଥାପିତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ବର୍ଷର ଶେଷ ଭାଗରେ ପ୍ରବଳ ଭିଡରୁ ରକ୍ଷା ପାଇବାପାଇଁ, ବର୍ତ୍ତମାନ ସୁଦ୍ଧା ଜମା କରିସାରିଥିବା ଜମାକାରୀମାନେ ସେମାନଙ୍କର କୁପନ ଆଜିଠାରୁ ହିଁ ସଂଗ୍ରହ କରିନିଅନ୍ତୁ ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହି ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର

05001/13/0016/1920



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

- ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ଲୋକକବି ବେଣୁଧର ପାଣ୍ଡେଙ୍କ ପରଲୋକ

**ସିନାପାଲି,୨୩।୧୨(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ବ୍ଲକ୍ ହୀରାପୁରଠାରେ ସୀମାନ୍ତର ଜାଗ୍ରତ ପ୍ରହରୀ ଲୋକ କବି ବେଣୁଧର ପାଣ୍ଡେ (୭୩)ଙ୍କ ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ କିଛିଦିନ ଧରି ଅସୁସ୍ଥ ଥିଲେ । ତାଙ୍କ ପୈତୃକ ଗ୍ରାମ ହୀରାପୁରଠାରେ ଅନ୍ତିମ ସଂସ୍କାର କରାଯାଇଛି । ଅନ୍ତିମ ସଂସ୍କାର ବେଳେ ତାଙ୍କ ଦୁଇପୁଅ କୁଳଦୀପ ପାଣ୍ଡେ ଏବଂ ଦିଲୀପ ପାଣ୍ଡେ ଉପସ୍ଥିତ ଥିଲେ। ତାଙ୍କ ବଡପୁଅ କୁଳଦୀପ ପାଣ୍ଡେ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ସିନାପାଲି ଅଞ୍ଚଳର ଶୋକର ଛାୟା ଖେଳିଯାଇଛି। ସେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ତଥା ଲୋକକବି ଭାବେ ଅଞ୍ଚଳରେ ବେଶ୍ ସୁପରିଚିତ ଥିଲେ। ସେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ପୁସ୍ତକ ରଚନା କରିଥିଲେ। ସେ ଏକାଧାରରେ ଜଣେ କୃଷକ, ସାମାଜିକକର୍ମୀ, ଲେଖକ, ନାଟ୍ୟକାର, ଖଡିକାର ଏବଂ ଜଣେ ଜଡିବୁଟି ବୈଦ୍ୟ ମଧ । ତାଙ୍କ ପରଲୋକରେ ଗଙ୍ଗାଧର ସାରସ୍ୱତ ସମିତି, ସିନାପାଲି ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି ।

ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ନୂଆପଡା ଗସ୍ତ

# ଭିନ୍ନକ୍ଷମଙ୍କୁ ସକ୍ଷମ କରିବାକୁ ସରକାର ଅଙ୍ଗୀକାରବଦ୍ଧ

**ନୂଆପଡା ଅଫିସ/କୋମନା/ଖଡ଼ିଆଳ, ୨୩।୧୨ (ଡି.ଏନ.ଏ.)**

ରାଜ୍ୟ ସରକାର ସବୁବର୍ଗର ଲୋକଙ୍କୁ ବିଭିନ୍ନ ପ୍ରକାର ଯୋଜନାରେ ଯୋଡିବାକୁ ପ୍ରୟାସ କରୁଛନ୍ତି। ଭିନ୍ନକ୍ଷମମାନଙ୍କୁ ସକ୍ଷମ କରିବାକୁ ସରକାର ଅଙ୍ଗୀକାରବଦ୍ଧ ବୋଲି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ କୁମାର ପଣ୍ଡା କହିଛନ୍ତି। ସୋମବାର ଦିନିକିଆ ନୂଆପଡା ଗସ୍ତରେ ଆସି ନୂଆପଡାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଏହା କହିଥିଲେ। ମନ୍ତ୍ରୀ ପଣ୍ଡା ମଧ୍ୟାହ୍ନରେ କୋମନା ବ୍ଲକରେ ଆୟୋଜି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ବଣ୍ଟନ କରିଥିଲେ। କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ମନ୍ତ୍ରୀ ପଣ୍ଡା ମୁଖ୍ୟଅତିଥି, ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ବିଶେଷ ଅତିଥି, ବିଡିଓ ଶ୍ୟାମଳ ରଏ, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୋଟ ୧୯୭୨ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା। ଏହାପରେ ସ୍ଥାନୀୟ ନୂଆପଡା ବ୍ଲକ କ୍ୟାମ୍ପସରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଠାରେ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ସଭାପତିତ୍ୱ କରିଥିବାବେଳେ ମନ୍ତ୍ରୀଙ୍କ ସମେତ ବିଧାୟକ ଢୋଲକିଆ, ବିଡିଓ ସୁବେଦାର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତା, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଭିନ୍ନକ୍ଷମମାନଙ୍କ ସକାଶେ ସରକାର ଆଣୁଥିବା ବିଭିନ୍ନ ଯୋଜନା ଏବଂ ରୂପରେଖ ଉପରେ ବିଷଦ ଭାବେ ବୁଝାଇଥିଲେ। ଏଥିପାଇଁ ଲୋକଙ୍କୁ ସଚେତନ ହେବାକୁ ପଡିବ ବୋଲି କହିଥିଲେ। ଏହିକ୍ରମରେ ବ୍ଲକର ୩୧୮ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରିଥିବାବେଳେ ୫ଜଣଙ୍କୁ ତିନିଚକିଆ ସାଇକେଲ, ଜଣଙ୍କୁ ଆଶା ବାଡି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଯୁବ ମୋର୍ଚ୍ଚା ଜିଲା ସଭାପତି ରାଜେଶ କୁମାର ନିଗମ, ଧନୀରାମ ସାହୁ, ଅବନୀ ଯୋଷୀ, ଟିଟୁ ପଣ୍ଡା, ବଣ୍ଟି ଡାଗା, ରମାକାନ୍ତ ଠାକୁର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଭୁଦତ ମିଶ୍ର ପରିଚାଳନା କରିଥିବାବେଳେ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।

ମନ୍ତ୍ରୀ ପଣ୍ଡା ଖଡିଆଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବିଭିନ ଉପକରଣ ବଣ୍ଟନ ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନୂଆପଡା ବିଧାୟକ ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପଞ୍ଚମ ଓଡିଶା ବିକାଶ ପରିଷଦ ବିଶେଷଜ୍ଞ ସଦସ୍ୟ ଲମ୍ବୋଧର ନିଆଲ, ଖଡିଆଳ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ମଧୁବାବୁ ପେନସନ ଯୋଜନାରେ ୧୭୪ ଜଣ, ଟ୍ରାଇସାଇକେଲ ୪୫ଜଣ, ହ୍ୱିଲ ଚେୟରେ ୪୮ଜଣ, ଶ୍ରବଣ ଯନ୍ତ୍ର ୨୫ ଜଣ ଓ ବ୍ଲାଇଣ୍ଡ ଷ୍ଟିକ ୧୦ଜଣ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ । ଆଗାମୀ ଦିନରେ ରାଜ୍ୟ ସରକାର ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଧାୟକ ପାଣ୍ଠି ମାଧମରେ ମୋଟର ଚାଲିତ ଟ୍ରାଇସାଇକେଲ ଯୋଗାଇ ଦିଆଯିବ ବୋଲି କହିଛନ୍ତି ।



ହିତାଧିକାରୀମାନଙ୍କୁ ମନ୍ତ୍ରୀ ତିନିଚକିଆ ସାଇକେଲ ପ୍ରଦାନ କରୁଛନ୍ତି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁରେଇ ଫୁଲ,**
**ବାସ କାଣ ନାହିଁ ଟଙ୍କେଇ ମୂଲ ।**

କୁରେଇ ଫୁଲ ବାସହୀନ ତଥା ମୂଲ୍ୟ ଅଧିକ ହୋଇଥିବା ହେତୁ ଏହି ଫୁଲ ପ୍ରତି କାହାରି ମନରେ ସେତେ ଆକର୍ଷଣ ଭାବ ରହି ନ ଥାଏ। ପରୋକ୍ଷରେ ରୂପଠାରୁ ଗୁଣ ଶ୍ରେଷ୍ଠ । ରୂପ ସୁନ୍ଦର ହୋଇଥିଲେ ମଧ ଯଦି ଭିତରର ଗୁଣ ଓ ସ୍ୱଭାବ ଭଲ ହୋଇ ନ ଥାଏ ତା'ହେଲେ ସେ ସେତେ ଆଦର ସମ୍ମାନ ପାଇ ପାରି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**କଲିକତା କଲି ଚୂନ**
**ପରପୁଅଠାରେ ଶରଧା କଲି**
**ଝୁରି ଝୁରି ଗଲା ଦିନ ।**

ପର ସବୁବେଳେ ପର। ଯେତେ ସ୍ନେହ ଆଦର ଦେଖାଇଲେ ମଧ ଏହାର ପ୍ରଭାବ ତାଙ୍କ ଉପରେ ପଡ଼ି ନ ଥାଏ। ସେମାନେ କେବେ ନିଜ ରକ୍ତ ପରି ଆପଣାର ହୋଇ ପାରି ନ ଥାନ୍ତି। ଟିକିଏ ଟିକିଏ କଥାରେ ରାଗ ରୁଷା କରି ଘର ଛାଡ଼ି ପଳାଇ ଯାଇଥାନ୍ତି। ପରୋକ୍ଷରେ ପୋଷ୍ୟପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ଘରଡିହ ଓ ଜମିପଟ୍ଟା ପ୍ରଦାନ ଦାବିରେ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି।

# ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

**ଖଡିଆଳ,୨୩।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଏନଏସିର ବିଭିନ୍ନ ୱାର୍ଡରେ ବାସ କରୁଥିବା ଗରିବ ଭୂମିହୀନ ବ୍ୟକ୍ତିମାନଙ୍କୁ ଘରଡିହ ଓ ଜମିପଟ୍ଟା ପ୍ରଦାନ ଦାବିରେ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଖଡିଆଳ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ। ଦଳିତ ଅଧିକାର ମଞ୍ଚ ସଭାପତି କମଳଚରଣ ତାଣ୍ଡିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଗରିବ ଭୂମିହୀନ ହିତାଧିକାରୀମାନେ ସ୍ଥାନୀୟ ଠାକୁରାଣୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ଖଡିଆଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ଦିନରୁ ଖଡିଆଳ ସହରର ଭୂମିହୀନ ଲୋକମାନେ ଜମି ପଟ୍ଟା ଦେବା ପାଇଁ ବାରମ୍ବାର ଖଡିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ଥାନୀୟ ତହସିଲଦାର ଓ ଜିଲାପାଳଙ୍କୁ ଭେଟି ଦାବି ଜଣାଇ ଆସିଥିଲେ ହେଁ କୌଣସି ପଦକ୍ଷେପ ନ ନେବାରୁ ସୋମବାର ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ ହୋଇଥିଲେ। ପରେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଆସନ୍ତା ୨୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୨୨ ଜଣଙ୍କୁ ପଟ୍ଟା ବଣ୍ଟନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଆନ୍ଦୋଳନରେ ମାୟାଧର ସୁନାନୀ, ପ୍ରେମ ତାଣ୍ଡି, ରାଜେଶ ବେହେରା, ସଞ୍ଜୟ ଜାଳ, ମନୋଜ ସୁନାନୀ, ଗୁପ୍ତେ ସୁନୀ, ହିରାଲାଲ କଟା, ରାଜେଶ ହଂସ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ସୀମାନ୍ତରେ ପର୍ଯ୍ୟଟନର ବିକାଶ କରାଯିବ

**ନୂଆପଡା ଅଫିସ,୨୩।୧୨**

ଓଡିଶା ଏବଂ ଛତିଶଗଡ ମଧ୍ୟରେ ଭାଷା, ସଂସ୍କୃତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବହୁ ସାମଞ୍ଜସ୍ୟ ରହିଛି। ସାମାଜିକସ୍ତରରେ ମଧ୍ୟ ଗଭୀର ସମ୍ପର୍କ ରହିଛି। ହେଲେ ସୀମାନ୍ତ ଅଞ୍ଚଳରେ ଓଡିଶାରେ ହେଉକି ଛତିଶଗଡରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶର ଆବଶ୍ୟକତା ରହିଛି। ଏଥିସକାଶେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଛତିଶଗଡ ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଅମରଜିତ ଭଗତ କହିଛନ୍ତି । କଳାହାଣ୍ଡି ଜିଲାର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବା ସମୟରେ ନୂଆପଡାଠାରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭେଟି ସୂଚନା ଦେଇଛନ୍ତି। ଏହାକୁ ଛତିଶଗଡି ମନ୍ତ୍ରୀଙ୍କ ଓଡିଶା ଦରଦି ଭାବ ବୋଲି ଆଲୋଚନା ହେଉଛି। ସୋମବାର ମଧ୍ୟାହ୍ନରେ କଳାହାଣ୍ଡିରୁ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ରାଜପଥ ୩୫୩ରେ ଆସି ନୂଆପଡାରେ ପହଞ୍ଚିଥିଲେ। ସର୍କିଟ ହାଉସରେ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏଠାରେ ଜିଲା କଂଗ୍ରେସ କର୍ମକର୍ତ୍ତାଙ୍କ ସହ କିଛି ସମୟ ଧରି ଆଲୋଚନା କରିଥିଲେ। ସଙ୍ଗଠନକୁ ମଜଭୁତ କରିବା ସହ କଂଗ୍ରେସର ହାତମୁଠାକୁ ଟାଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଧରିତ୍ରୀକୁ ସ୍ୱତନ୍ତ୍ର ସାକ୍ଷାତକାର ଦେଇ କହିଥିଲେ ଯେ, ଏହି ସୀମାନ୍ତ ଅଞ୍ଚଳରେ ରାଜ୍ୟ ସରକାର ସେତେଟା ଦୃଷ୍ଟି ଦେଉନାହାନ୍ତି। ଏଠିକାର ପର୍ଯ୍ୟଟନର ବିକାଶଧାରା ଧୀମେଇ ଯାଇଛି । ଉଭୟ ଓଡିଶା ଏବଂ ଛତିଶଗଡି ମାନଙ୍କ ମଧ୍ୟରେ ସାମାଜିକ ଏବଂ ସଂସ୍କୃତିର ଆଦାନପ୍ରଦାନ ରହିଛି । ସେହିଭଳି ପର୍ଯ୍ୟଟନ କ୍ଷେତ୍ରରେ ସେଭଳି ଉନ୍ନତି ହୋଇନାହିଁ । ଏସବୁର ବିକାଶ ପାଇଁ ତାଙ୍କ ସରକାର ମଧ୍ୟ ଦୃଷ୍ଟି ଦେବେ। ଏହା ଉପରେ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ଜିଲା କଂଗ୍ରେସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ କେନ୍ଦ୍ର ସରକାରଙ୍କୁ ଅବଗତ କରି ପାଣ୍ଠି ଆଣିବେ ବୋଲି କହିଥିଲେ। ଅନ୍ୟପକ୍ଷେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ରାଜ୍ୟ ସରକାର ପର୍ଯ୍ୟଟନର ବିକାଶ ପାଇଁ ସ୍ୱଳ୍ପ ପାଣ୍ଠି ବରାଦ କରିଥାନ୍ତି । ତେଣୁ ଏଠିକାର ପଟୋରା, ସୁନାବେଡା ଅଭୟାରଣ୍ୟ ମଧ୍ୟରେ ଥିବା ଗୋଧସ, ବେନିଆ ଧସ ଭଳି ଜଳ ପ୍ରପାତ, ବରଗଡ ଜିଲା ନୃସିଂହ ନାଥ ଭଳି ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ର ବିକାଶ ପାଇଁ ଦୃଷ୍ଟି ଦେବାଜରୁରୀ ବୋଲି କହିଛନ୍ତି । ମନ୍ତ୍ରୀ ସନ୍ଧ୍ୟାରେ ରାୟପୁର ଫେରିଯାଇଥିଲେ। ଏହି ଅବସରରେ କଂଗ୍ରେସର ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ।

**ଛତିଶଗଡି ମନ୍ତ୍ରୀଙ୍କ ଓଡ଼ିଶା ପାଇଁ ଦରଦ**



ସର୍କିଟ ହାଉସରେ ନୂଆପଡାର କଂଗ୍ରେସ କର୍ମକର୍ତ୍ତାଙ୍କ ଗହଣରେ ମନ୍ତ୍ରୀ ଅମରଜିତ ଭଗତ।

ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ-୨୦୧୯

# ସୁନାବେଡ଼ା ଏକାଦଶ ବିଜୟୀ

**ସିନାପାଲି,୨୩।୧୨ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକସ୍ଥିତ ସିଙ୍ଗଝର ରାଜିବ ନାଏକ କ୍ରିକେଟ ପଡିଆରେ ଚାଲିଥିବା ସିଙ୍ଗଝର କ୍ରିକେଟ ଟୁର୍ନାମେଣ୍ଟ-୨୦୧୯ର ସୋମବାର ଲିଗ ମ୍ୟାଚରେ କୋରାପୁଟ ଜିଲା ସୁନାବେଡା ଏକାଦଶ ବିଜୟୀ ହୋଇଛି।

ସୁନାବେଡା ଓ ଛତିଶଗଡ ରାଜ୍ୟ ରାଜିମ ମଧରେ ମୁକାବିଲା ହୋଇଥିଲା। ଏହି ମ୍ୟାଚରେ ସୁନାବେଡା ଏକାଦଶ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮ ଓଭରରେ ୫ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଜବାବରେ ରାଜୀମ ଏକାଦଶ କେବଳ ୧୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ସୁନାବେଡା ଏକାଦଶର ଏ. ଅରୁଣ କୁମାର ଅଲରାଉଣ୍ଡର ଭାବେ ୩ ଉଇକେଟ ଅକ୍ତିଆର କରିବା ସହ ୪୫ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଅମ୍ପାୟାର ଭାବେ ପୟୋଜରଞ୍ଜନ କଶ୍ୟପ ଓ ବଲ୍ଲୁ ଖାନ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ଦେବେନ୍ଦ୍ର ନାୟକ ଦାୟୀତ୍ୱ ତୁଲାଇଥିଲେ। ମ୍ୟାଚରେ ବରିଷ୍ଠ ଉଦଘୋଷକ ଭାବରେ ସୁଦୂର ଛତିଶଗଡର ତେଜରାଜ ଠାକୁର, ପଶ୍ଚିମାଞ୍ଚଳର ଉଦଘୋଷକ ଲଳିତ କୁମାର ସୁନାରୀ, ସର୍ବଶ୍ରେଷ୍ଠ ଭାଷ୍ୟକାର ବିଜୟ କୁମାର ସେଠୀ ଓ ପ୍ରକାଶ ପାତ୍ର ପ୍ରମୁଖ ହିନ୍ଦୀ ଓ ଓଡିଆରେ ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚର ମୁଖ୍ୟଅତିଥି ଭାବେ ଟୁର୍ନାମେଣ୍ଟ ସଭାପତି ଯିଶୁରାମ ବୈଠାରୁ, ସମ୍ପାଦକ ଦେବେନ୍ଦ୍ର କଶ୍ୟପ ସମେତ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇଥିଲେ ।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**କୋମନା,୨୩।୧୨ (ଡି.ଏନ.ଏ.)**

ନୂଆପଡା ଜିଲା କୋମନାସ୍ଥିତ ପୁରୁଣା ବ୍ଲକ ପରିସରରେ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟଅତିଥି ଭାବେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଢୋଲକିଆ, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ଉପାଧ୍ୟକ୍ଷ ଭାନୁପ୍ରତାପ ମାଝି, ବିଡିଓ ଶ୍ୟାମଳ କୁମାର ରୟ, ଏବିଡିଓ ଦେବାଶିଷ ସିହ୍ନା, ଦୀନ ଦୟାଳ ଉପାଧ୍ୟାୟ ଗ୍ରାମୀଣ କଉଶଳ ଯୋଜନା ସିଇଓ ରବିନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ କୋମନା ବ୍ଲକର ୩୨ ଗ୍ରାମପଞ୍ଚାୟତର ୫୮୧ ଜଣ ବେରୋଜଗାରୀ ଯୁବକଯୁବତୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିପିଏମ ମିଥୁନ କୁମାର ତାଣ୍ଡି, ବିଏଲସି ଚନ୍ଦ୍ର କୁମାର ସୁନାନୀ, ଏସଡିସି ଦେବ କୁମାର ପାଣ୍ଡେଙ୍କ ସମେତ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ତେଜରାଜ ବେହେରା ଓ ସମସ୍ତ କର୍ମୀ, ଓଏଲଏମ ର ପ୍ରତେକ ଏମବିକେ ଏବଂ ସିଆରପି ଓ ବ୍ୟାଙ୍କ ମିତ୍ରମାନେ ଉପସ୍ଥିତ ଥିଲେ। କମ୍ଳାକାନ୍ତ ରଥ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ । ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

ASTROLOGY

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ପ୍ରଧାନମନ୍ତ୍ରୀ ଯୋଜନା ଦ୍ୱାରା All India ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Sadhana - 8878040214
Priyanka - 7649016745
Manisha - 9753016278
Manasi - 8827505029
Sweta - 8963979286
Nidhi - 8878026907
Vasundhara Mall, West Boring Canal Rd, Rajapur, Patna, Bihar 800001

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

INDIAN TELICOM TOWER
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ 4G ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/ +୨୦ ବର୍ଷର ଏଗ୍ରିମେଣ୍ଟ
345/4, Bhattarahalli, Old Madras Road, K.R. Puram, Bengaluru, Karnataka-560049
7752975969

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

DHARITRI Career appointment Every Wednesday and Saturday

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣୀ

ଗୁଡଭେଲା.୨୩।୧୨(ଡି.ଏନ.ଏ.) ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସଭାପତିତ୍ୱରେ ଏକ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତ, ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ବିଡିଓ ସୂର୍ଯ୍ୟକୁମାର ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ମୋଟ ୭୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୬୦ଟି ବ୍ୟକ୍ତିଗତ ଓ ୧୪ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ୮ଟି ବ୍ୟକ୍ତିଗତ ଅଭିଯୋଗର ତତ୍କାଳ ଶୁଣାଣୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା କଳ୍ପନା ପ୍ରଧାନୀ, ବ୍ଲକ ଉପଧକ୍ଷା ନଳିନୀ ସେଠଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟା ଉପସ୍ଥିତ ଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ହିମାଂଶୁ ଶେଖର ମିଶ୍ର ପରିଚାଳନା କରିଥିଲେ ।

### ବିଜୟାନନ୍ଦ ସମବାୟ ଚିନିକଳ ପୁନଃଚାଲୁ ଦାବି

# ବିକ୍ଷୋଭ, ରାଜପଥ ଅବରୋଧ



ଚିନିକଳ ପୁନଃଚାଲୁ ଦାବି କରି ଭିଲେଜର୍ସ ଇଣ୍ଡିଆପାର୍ଟି ତରଫରୁ କାରଖାନା ସମ୍ମୁଖ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ।

**ଦେଓଗାଁ,୨୩।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲିରେ ଥିବା ବିଜୟାନନ୍ଦ ସମବାୟ ଚିନିକଳ ଗତ ୭ବର୍ଷ ହେଲା ବନ୍ଦ ପଡିଛି। ଏହାକୁ ପୁନଃ ଚାଲୁ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ କାରଖାନାରେ କାମ କରୁଥିବା କର୍ମଚାରୀ ଓ ଆଖୁଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହିକ୍ରମରେ କାରଖାନା ପୁନଃଚାଲୁ ଦାବି କରି ସୋମବାର ରାସ୍ତାକୁ ଓହ୍ଲାଇଛି ଭିଲେଜର୍ସ ଇଣ୍ଡିଆ ପାର୍ଟି । ପୂର୍ବ ନିଷ୍ପତ୍ତି ଅନୁସାରେ ପାର୍ଟି ଅଧକ୍ଷ ଡ.ବିପିନ କୁଶୁଲିଆ, ପ୍ରାଉଟିଷ୍ଟ ବ୍ଲକ ଅଫ ଇଣ୍ଡିଆର ଜିଲା ଅଧକ୍ଷ କପିଳ କୁମ୍ଭାର, ଆଦିବାସୀ ଅଧିକାର ମହାସଂଘର ଅଧକ୍ଷ ଦ୍ୱୀଜ ଦଲପତିଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା, ଆଖୁଚାଷୀ, କର୍ମଚାରୀ ଦେଓଗାଁ ବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ଚିନିକଳ ସମ୍ମୁଖରେ ପହଞ୍ଚିଥିଲେ। ପରେ ବରଗଡ-ବୋରିଗୁମ୍ମା ୨୬ ନଂ ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆନ୍ଦୋଳନକାରୀ କହିଥିଲେ ଯେ, ଚିନିକଳ ଚାଲୁଥିବା ସମୟରେ ବଲାଙ୍ଗୀର ସମେତ ବୌଦ୍ଧ, ସୁବର୍ଣ୍ଣପୁର, କଳାହାଣ୍ଡି, ନୂଆପଡା ଆଦି ଜିଲାର ୧୦ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ, ୭ ହଜାରରୁ ଉର୍ଦ୍ଧ୍ୱ ଆଖୁଚାଷୀ ପ୍ରତ୍ୟକ୍ଷ ଭାବେ ଲାଭବାନ ହେଉଥିଲେ। ପରୋକ୍ଷରେ ଅନେକ ଲୋକେ ଉପକୃତ ହେଉଥିଲେ। ଇତିମଧ୍ୟରେ କାରଖାନା ବନ୍ଦ ହୋଇ ଯିବାରେ ପରିସ୍ଥିତି ସଙ୍ଗୀନ ହୋଇ ପଡିଛି। ପୁନଃଚାଲୁ ପାଇଁ ବିଭିନ୍ନ ସମୟରେ ଦାବି, ବିକ୍ଷୋଭ, ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏଣୁ ରାଜ୍ୟ ସରକାରଙ୍କ ବୈମାତୃକତା ସ୍ପଷ୍ଟ ବାରି ହେଉଛି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ଅପରାହ୍ନ ୨ଟାରେ ଚିନିକଳ ଜେନେରାଲ ମ୍ୟାନେଜର ଶତଦଳ ମିଶ୍ର ବିକ୍ଷୋଭସ୍ଥଳକୁ ଆସି ଚିନିକଳ ଚାଲୁପାଇଁ ସରକାରଙ୍କ ପଦକ୍ଷେପ ଉପରେ ସୂଚନା ଦେଇଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ଜିଲାପାଳଙ୍କ ଜରିଆରେ ସରକାରଙ୍କ ନିକଟକୁ ପହଞ୍ଚାଇବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାଜପଥ ଅବରୋଧ ଯୋଗୁ ରାସ୍ତାର ଉଭୟ ପଟରେ ଶତାଧିକ ଯାନବାହାନ ଅଟକି ରହିଥିଲା । ଲୋକେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଦେଓଗାଁ ଥାନା ଅଧିକାରୀ ରଞ୍ଜନ କୁମାର ବରିହା,ଏସଆଇ ବିଚିତ୍ରାନନ୍ଦ ପ୍ରଧାନଙ୍କ ସହ ଏକ ପ୍ଲାଟୁନ ଫୋର୍ସ ମୂତୟନ ହୋଇଥିଲେ ।



କାଳିଆ ସହାୟତାରୁ ଉପେକ୍ଷିତ ଚାଷୀ।

## କାଳିଆ ସହାୟତାରୁ ବଞ୍ଚିତ ଅଭିଯୋଗ

**ଲୋଇସିଂହା,୨୩।୧୨(ଡି.ଏନ.ଏ.)**

ରାଜ୍ୟ ସରକାର ଚାଷୀଙ୍କୁ ସହୟତା ଲକ୍ଷ୍ୟରେ କାଳିଆ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଆଗଲାପାଲି ଗାଁରେ କେତେକ ଚାଷୀ ପରିବାର ଉକ୍ତ ସହାୟତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ବାଦିବାହାଲ ପଞ୍ଚାୟତ ଅଧୀନ ଏହି ଗାଁର ସୁବୁଦ୍ଧି ସାହୁ, ଉର୍ମିଳା ସାହୁ, ଯୁଧିଷ୍ଠିର ମୁଦୁଲି, ଅନୁରୀ ମୁଦୁଲି, ଜାନକୀ ପଣ୍ଡା, ଦୌପଦୀ ସାହୁ, ପ୍ରଭାସିନୀ ଥାଟି, ବିହାରୀ ସାହୁ, ବଳଦେବ ସାହୁ, ତପ ସାହୁ ପ୍ରମୁଖ ଚାଷୀ କହିଛନ୍ତି ଯେ, କୌଣସି କାରଣ ନ ଥାଇ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ନାହିଁ। ଏତଦ୍‌ବ୍ୟତୀତ ଗାଁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରରୁ ମଧ୍ୟ ଅଣଦେଖା ହେଉଥିବା ସେମାନେ ଅଭିଯୋଗ କରିଥିଲେ ।

## 'ଶୃଙ୍ଖଳା ସଫଳତାର ଚାବିକାଠି'




ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ବଲାଙ୍ଗୀର ଅଫିସ, ୨୩।୧୨**

ବଲାଙ୍ଗୀର ପଥରଚେପାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ ସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଛି । ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତାଭାବେ ସୋହେଲା କଲେଜ ଅଧାପକ ଡ ଉପେନ୍ଦ୍ର ମହାପାତ୍ର, ବକ୍ତାଭା କଳାହାଣ୍ଡି ଜିଲା ଥୁଆମୁଲ ରାମପୁର କଲେଜ ଅଧକ୍ଷ ସତ୍ୟନାରାୟଣ ମୁଡଛିନା ଏବଂ ସମ୍ମାନିତ ଅତିଥି ଭାବେ ଟିଟିଲାଗଡ ପ୍ରଭାବତୀ ସ୍କୁଲ ଅଧକ୍ଷ ଡ ସୁନନ୍ଦା ଜଟି ଓ ରିଡର ସୌଭାଗ୍ୟ ପଧାନ୍ ମଞ୍ଚାସୀନ ଥିଲେ । ସର୍ବପ୍ରଥମେ ମୁଖ୍ୟଅତିଥି ବିଧାୟକ ମିଶ୍ରଙ୍କ ଜନ୍ମଦିନ ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଗହଣରେ ସେଠାରେ କେକ୍ କଟାଯାଇଥିଲା । ଏହି ଅବସରରେ ବକ୍ତବ୍ୟ ରଖି ବିଧାୟକ ମିଶ୍ର ଛାତ୍ର ଜୀବନରେ ନିଷ୍ଠାପରତା ଓ ଶୃଙ୍ଖଳାଜ୍ଞାନ ଉପରେ କହିଥିଲେ। ଶୃଙ୍ଖଳା ହିଁ ସଫଳତାର ଚାବିକାଠି ବୋଲି ସେ ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟବକ୍ତା ଡ ମହାପାତ୍ର କୌଣସି ଧନି ବ୍ୟକ୍ତିଙ୍କୁ ଅନୁସରଣ ନ କରି ସମର୍ଥ ଓ ଜ୍ଞାନୀ ବ୍ୟକ୍ତିଙ୍କୁ ଅନୁସରଣ କରିବାକୁ କହିଥିଲେ । ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର

**ଗୁଡଭେଲା.୨୩।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ମାରୱାଡି ଯୁବାମଞ୍ଚ ସହଯୋଗରେ ହାଇଦ୍ରାବାଦର ହ୍ୟୁମାନ କେୟାର ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଅଗ୍ରସେନ ଭବନଠାରେ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ସୋମବାର ଆୟୋଜନ ହୋଇଯାଇଛି । ଏହି ଶିବିରକୁ ତୁଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଆୟୁର୍ବେଦିକ ଚିକିତ୍ସାର ଗୁରୁତ୍ୱ ରହିଛି ଓ ଏବେ ମଧ ବହୁ ରୋଗ ଆୟୁର୍ବେଦିକ ଚିକିତ୍ସା ଦ୍ୱାରା ଉପଶ୍ରମ ମିଳୁଥିବା ପ୍ରଧାନୀ ପ୍ରକାଶ କରିଥିଲେ । ମଞ୍ଚ ସଭାପତି ମନୋଜ କୁମାର ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାର୍କେଟ ଆସୋସିଏଶନ ସଭାପତି ଦିନଦୟାଲ କେଡିଆ, ଡା.ରାଜେଶ କୁଠାରୀ ଓ ଡା.ରାଜେଶ କୁଠାରି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଶିବିରରେ ଅମିତ ଜୈନ, ଅରହନ୍ତ ଜୈନ, ତରୁନ କେଡିଆ, ଗଣେଶ ଅଗ୍ରୱାଲ, ବିରେନ୍ଦ୍ର ଜୈନ, କୁଞ୍ଜ କେଡିଆ, ଟି ଭେଙ୍କଟେଶ୍ୱର, ବି ଜଗଦିଶ, ମୋହିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ସମ୍ପାଦକ ସଙ୍ଗୀତ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିର ୨୫ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ ।




ତୁଷୁରାରେ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ।

## ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟର ପ୍ରଶିକ୍ଷଣ ଶିବିର

**ଲାଠୋର, ୨୩।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ମହୁଲବାହାଲିଠାରେ ମୂଳନିବାସୀ ଛାତ୍ର ଓ ଯୁବ ସାମ୍ମୁଖ୍ୟ ଆନୁକୂଲ୍ୟରେ ପଞ୍ଚମ ବର୍ଷ ରାଜ୍ୟସ୍ତରୀୟ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିର ସୋମବାର ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାର ମହିଳା ପୁରୁଷ ପ୍ରତିନିଧି ଯୋଗଦେଇଛନ୍ତି। ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ସଂଗଠନ ସଂଯୋଜକ ଯଶୋବନ୍ତ ମାଝୀ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିନରେ ପ୍ରଶିକ୍ଷକ ଭାବେ ଛତିଶଗଡ ରାଜ୍ୟ ଭିଲାଇର ପ୍ରମୋଦ କାବଡେ ଯୋଗଦେଇ ହିନ୍ଦୁ ସଭ୍ୟତାର ଇତିହାସ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନ ପ୍ରଶିକ୍ଷକମାନେ ବର୍ଣ୍ଣ, ଜାତି ବ୍ୟବସ୍ଥା ଏବଂ ଆମ୍ବେଡ୍‌କର ଓ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଉପରେ ପ୍ରଶିକ୍ଷଣ ଦେବେ। ଶେଷ ଦିନରେ ଭାରତୀୟ ସମ୍ବିଧାନ ଓ ସାମ୍ବିଧାନିକ ଅଧିକାର ଓ ଅସମାନତା ଉପରେ ଆଧାରିତ ମନୁସ୍ମୃତି ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ରାଜ୍ୟ କାର୍ଯ୍ୟକର୍ତ୍ତା ବିଭ୍ରାନ୍ତ ବିଶ୍ୱଜିତ, ମୁକେଶ ସାହୁ, ଫାଲଗୁନି ମାଝୀ, ଦେବରାଜ ପୁଟେଲ, ଗୋବର୍ଦ୍ଧନ ଛତର, ତନ୍ତ୍ର ଧରୁଆ, ମୂଳ ନିବାସୀ ମହିଳା ସଂଘର୍ଷ ସମିତିର ରାଜ୍ୟ ସଂଯୋଜିକା ବନିତା ସାମଲ ଯୋଗଦେଇଛନ୍ତି।

## ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି ଚୂଡାନ୍ତ

**ବଲାଙ୍ଗୀର ଅଫିସ, ୨୩।୧୨**

**୨୭ରେ ଉଦ୍‌ଘାଟନୀ ଉତ୍ସବ**
- ଉପରାଷ୍ଟ୍ରପତି, ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ ଅତିଥି
- ୩୧ ଉଦ୍‌ଯାପନୀ ଉତ୍ସବ
- ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଅତିଥି

ପଶ୍ଚିମ ଓଡିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ମହାବିଦ୍ୟାଳୟ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୭ ତାରିଖରୁ ୫ ଦିନ ବ୍ୟାପୀ ପ୍ଲାଟିନମ୍ ଜୁବିଲି ପାଳନ କରାଯିବ । ଏନେଇ ସମସ୍ତ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଜୁବିଲି ଆୟୋଜନ କରୁଥିବା ରାଜେନ୍ଦ୍ର କଲେଜ ଆଲୁମିନି ଆସୋସିଏଶନ୍ ପକ୍ଷରୁ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଆସୋସିଏସନ୍ ସଭାପତି ଲଳିତ କୁମାର ନାୟକ ଓ ସମ୍ପାଦକ ଅରବିନ୍ଦ ଦାସ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ । ୨୭ ତାରିଖ ଦିପ୍ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଉଦ୍‌ଘାଟନ କରାଯିବ । ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଏହି ପ୍ଲାଟିନମ୍ ଜୁବିଲିର ଶୁଭ ଉଦ୍‌ଘାଟନ କରିବେ । ମୁଖ୍ୟଅତିଥି ଭାବେ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟବକ୍ତା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ବଲାଙ୍ଗୀର ଏମପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର ଓ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଞ୍ଚାସୀନ ହେବେ । ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଉଦଘାଟନୀ ଉତ୍ସବ ଆରମ୍ଭ ହେବ । ଅପରାହ୍ଣ ୨ଟାରେ ଗାନ୍ଧୀବାଦ୍ ଏବେ ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏଥିରେ ଆଲୋଚକ ଦାଶ ବେନହୁର ଓ ପ୍ରଫେସର ଡ ପ୍ରୀତୀଶ ଆଚାର୍ଯ୍ୟ ଆଲୋଚକ ଭାବେ ଯୋଗଦେବେ । ୨୮ ତାରିଖରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍ଘାଟକ, ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି କଲ୍ଲେଶ ସତ୍ୟେନ୍ଦ୍ର ଝାଭେରୀ ମୁଖ୍ୟଅତିଥି, ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ଦାଶ ସମ୍ମାନିତ ଅତିଥି, ଏମପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୟରାମ ରମେଶ ମୁଖ୍ୟବକ୍ତା, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ସମ୍ମାନିତ ଅତିଥିଭାବେ ଯୋଗଦେବେ । ୨୯ ତାରିଖରେ ଆଲୁମିନି ମିଟ୍ ଅନୁଷ୍ଠିତ ହେବ । ମୁଖ୍ୟଶାସନ ସଚିବ ଅସିତ୍ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ହେବାକୁ ଥିବା ମିଟ୍‌ରେ ନ୍ୟାୟମୂର୍ତ୍ତି ସଞ୍ଜୟ କୁମାର ମିଶ୍ର ଉଦ୍ଘାଟକ ଭାବେ ଯୋଗଦାନ କରିବେ । ୩୦ ତାରିଖରେ ଉଦ୍‌ଘାଟକ ଭାବେ କିସ୍ ପ୍ରତିଷ୍ଠାତା ତଥା ଏମପି ଅଚ୍ୟୁତ୍ ସାମନ୍ତ, ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ, ପାଟଣାଗଡ ବିଧାୟକ ସରୋଜ ମେହେର, ଉଚ୍ଚଶିକ୍ଷା ବିଭାଗ କମିଶନର ଶାଶ୍ୱତ ମିଶ୍ର, ମୁଖ୍ୟବକ୍ତା ଆଉଟ୍ ଲୁକ୍ ପତ୍ରିକାର ରୁବେନ୍ ବାନାର୍ଜୀ ଯୋଗଦେବେ । ୩୧ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନବୀନ ପଟ୍ଟନାୟକ, ସମ୍ମାନିତ ଅତିଥି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟବକ୍ତା ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ ଓ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦାନ କରିବେ । ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଜ୍ଞାନ ପ୍ରଦର୍ଶନୀ, ବିଜ୍ଞାନ ଆଲୋଚନାଚକ୍ର ଓ କଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଏହି ଆଲୋଚନାଚକ୍ରରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଓ ଶିକ୍ଷାବିତ୍ ଯୋଗଦାନ କରିବେ ବୋଲି ସଭାପତି ନାୟକ ସୂଚନା ଦେଇଛନ୍ତି । ଏହା ସହିତ ପ୍ରତ୍ୟହ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯିବ । ଏହି ଖବରଦାତା ସମ୍ମିଳନୀରେ ଆଲୁମିନି ଆସୋସିଏଶନ୍‌ର ଜୟଦେବ ପାଣିଗ୍ରାହୀ, ଡ ମହେଶ ପଟ୍ଟନାୟକ, ଅମନ୍ ନାଗ, ଜୟନ୍ତ ମହାନ୍ତି, ସତ୍ୟସୁନ୍ଦର ଭଞ୍ଜ, ଅରୁଣ ମିଶ୍ର, ଗୋପାଳ ପାଢ଼ୀ, ଶିବ ଦ୍ୱିବେଦୀ ଓ ଅନ୍ୟମାନେ ଯୋଗଦାନ କରିଥିଲେ ।




ରାଜେନ୍ଦ୍ର କଲେଜ ଆଲୁମ୍ନି ଆସୋସିଏଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀରେ ପ୍ଲାଟିନମ୍ ଜୁବିଲି ସମ୍ପର୍କିତ ସୂଚନା ଦିଆଯାଉଛି ।

## ପଶ୍ଚିମ ଓଡ଼ିଶା ଗନ୍ଧମାଳି ସମାଜ ଯୁବ ସମ୍ମିଳନୀ

**ଲୋଇସିଂହା, ୨୩।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଯୋଗୀସର୍ଡା ଯୋଗେଶ୍ୱରଧାମ ମନ୍ଦିର ପରିସରରେ ପଶ୍ଚିମ ଓଡିଶା ଗନ୍ଧମାଳି(ଶିବପୂଜକ) ସମାଜର ଯୁବ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିବପୂଜକ ପରିବାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମ୍ମିଳନୀରେ ବିଶ୍ୱାମିତ୍ର ଥନାପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ବଲାଙ୍ଗୀର ଜିଲା ସଂଘର ଆଇନ ପରାମର୍ଶଦାତା ଅନନ୍ତ ପ୍ରସାଦ ଥନାପତି ମୁଖ୍ୟଅତିଥି, ପଶ୍ଚିମ ଓଡିଶା କେନ୍ଦ୍ରୀୟ କମିଟି ସଭାପତି ପୁରୁଷୋତ୍ତମ ଥନାପତି, ସମ୍ପାଦକ ସଦାନନ୍ଦ ଥନାପତି, ପରାମର୍ଶଦାତା ଚିତ୍ତରଞ୍ଜନ ଥନାପତି, ବରିଷ୍ଠ ସଦସ୍ୟ ଶ୍ରୀବତ୍ସ ଥନାପତି ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମିଳନୀରେ ସମାଜର ଅର୍ଥନୈତିକ, ଶିକ୍ଷା, ବିବାହ ଓ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଆଲୋଚନା ହୋଇଥିଲା । ଆଇନ ସମ୍ବନ୍ଧୀୟ ସମସ୍ୟାର ପ୍ରଶ୍ନ ଉତ୍ତର ଦେଇଥିଲେ ମୁଖ୍ୟ ଅତିଥି ଓ ଆଇନ ପରାମର୍ଶଦାତା । ସମ୍ମିଳନୀ ଅବସରରେ ତିରୁପତିରେ ସଂସ୍କୃତରେ ଅଧ୍ୟୟନ କରୁଥିବା ଛାତ୍ର ଆକାଶ ଥନାପତଙ୍କୁ ସମ୍ମାନୀତ କରାଯାଇଥିଲା । ଗିରଧାରୀ ଥନାପତି ଓ ସାଥୀ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଲମ୍ବୋଦର ଥନାପତି ସ୍ୱାଗତ ଅଭିଭାଷଣ ରଖିଥିଲେ । ଅକ୍ରୁର ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ ।



ପଶ୍ଚିମ ଓଡିଶା ଶିବ ପୂଜକ ଯୁବ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

## ଜିଲାପାଳଙ୍କ ସହ ସାମ୍ବାଦିକ ସଂଘର ଆଲୋଚନା

**ଲୋଇସିଂହା,୨୩।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଡାକ୍ତରଖାନାରେ ସ୍ଥାୟୀ ମେଡିକାଲ ଅଫିସର ଓ ଡାକ୍ତର ଦାବିରେ ଗତ ୧୦ତାରିଖ ଲୋଇସିଂହା ସାମ୍ବାଦିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଧାରଣାସ୍ଥଳକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆସି ଆଲୋଚନା କରି ସପ୍ତାହକ ମଧରେ ଜଣେ ଚୁକ୍ତିଭିତ୍ତିକ ଡାକ୍ତର ଓ ଦୁଇ ସପ୍ତାହ ମଧ୍ୟରେ ଜଣେ ସ୍ଥାୟୀ ମେଡିକାଲ ଅଫିସର ନିଯୁକ୍ତି କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଧାରଣାର ୧୦ ଦିନ ବିତିଯାଇଥିଲେ ସୁଦ୍ଧା ଚୁକ୍ତିଭିତ୍ତିକ ଡାକ୍ତର ଯୋଗଦେଇ ନ ଥିଲେ । ଏହା ପରେ ସଂଘ ସଭାପତି ସରୋଜ ବିଶ୍ୱାଳଙ୍କ ନେତୃତରେ ୪ଜଣିଆ ଏକ ପ୍ରତିନିଧି ଜିଲାପଳ ଅରିନ୍ଦମ ଡାକୁଆଙ୍କୁ ସାକ୍ଷାତ କରିଥିଲେ । ଉକ୍ତ ପ୍ରତିନିଧି ଦଳ ଡାକ୍ତରଖାନା ସମସ୍ୟା ଓ ଧାରଣା ସମ୍ପର୍କରେ ଅବଗତ କରିଥିଲେ। ଅଭିଯୋଗ ସଂକ୍ରାନ୍ତ ବିଭିନ୍ନ ଦସ୍ତାବିଜ ଜିଲାପଳଙ୍କୁ ଦେଖାଇଥିଲେ। ଏହା ଦେଖିଲା ପରେ ଜିଲାପାଳ ପ୍ରକୃତ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ ବୋଲି ସଂଘ ସଭାପତି ବିଶ୍ୱାଳ ଜଣାଇଛନ୍ତି। ଜିଲାପାଳ, ମୁଖ୍ୟଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରି ଡାକ୍ତରଖାନ ସମସ୍ୟାର ସମାଧାନ ଉଦ୍ୟମ ଚାଲିଥିବା କହିଥିଲେ । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରର ସୂଚନାମତେ ଗତ ୧୬ତାରିଖଠାରୁ ଜଣେ ଡାକ୍ତରଙ୍କୁ ଲୋଇସିଂହା ଡେପୁଟେଶନ ଦିଆଯାଇଛି । ଅଥଚ ଡେପୁଟେଶନ ଡାକ୍ତର କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ଅପରପକ୍ଷେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୫୬୮୨/ତା ୧୩।୧୨।୧୯ରିଖରେ ସ୍ଥାୟୀ ମେଡିକାଲ ଅଫିସର ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ଜଣାଇ ଦିଆଯାଇଛି । ଧାରଣା ଦିବସରୁ ୧୫ ଦିନ ମହଲତ ଦିଆଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ରକ୍ଷା କରାଯାଇ ନ ଥିବାରୁ ବଣିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ସମ୍ପାଦକ ରବୀନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ୩ ଦଫା ଦାବିରେ ବଙ୍ଗୋମୁଣ୍ଡା ବନ୍ଦ

**ବଙ୍ଗୋମୁଣ୍ଡା ୨୩।୧୨: (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି ସହ ୩ ଦଫା ଦାବି ନେଇ ନାଗରିକ ମଞ୍ଚ ପକ୍ଷରୁ ଦିଆଯାଇଥିବା ୧୨ଘଣ୍ଟିଆ ବନ୍ଦ ବନ୍ଦ ଡାକରା ସୋମବାର ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ସକାଳ ୬ଟାରୁ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଦୋକାନ ବଜାର ବନ୍ଦ କରିବା ସହ ରାସ୍ତା ଅବରୋଧ କରିଥିଲେ। ଗୋଲେଇ ଛକ, ଚାରିଛକ, ବସ୍‌ଷ୍ଟାଣ୍ଡ ଛକରେ ଆନ୍ଦୋଳନକାରୀ ନାରାବାଜି କରିଥିଲେ। ସେମାନେ କହିଥିଲେ ଯେ, ଗତ ୫ତାରିଖ ବଙ୍ଗୋମୁଣ୍ଡା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେଥିରେ ବଙ୍ଗୋମୁଣ୍ଡା ପିଏଚସିକୁ ଏରିଆ ହସ୍ପିଟାଲର ମାନ୍ୟତା, ବଙ୍ଗୋମୁଣ୍ଡା ପଞ୍ଚାୟତକୁ ଏନଏସି ମାନ୍ୟତା ଏବଂ ମକୁନ୍ଦ ସାଗରର ପୁନରୁଦ୍ଧାର ଆଦି ଦାବି ଉଲ୍ଲେଖ ଥିଲା। ଇତିମଧରେ ୧୮ ଦିନ ବିତି ଯାଇଥିଲେ ମଧ କୌଣସି ପ୍ରତିଶୃତି ନ ମିଳିବାରୁ ସେମାନେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି କହିଛନ୍ତି। ବନ୍ଦ ପ୍ରଭାବରେ ଦୋକାନ ବଜାର, ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ, ସ୍କୁଲ କଲେଜ ବନ୍ଦ ରହିଥିଲା। ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ନାଗରିକ ମଞ୍ଚ ସଭାପତି ଅଜିତ କୁମାର ଯୋଶୀ, ସମ୍ପାଦକ ଆନନ୍ଦ କୁମାର ଅଗ୍ରୱାଲ, ସହସମ୍ପାଦକ ନରସିଂହ ଥନାପତି, ଉପସଭପତି ଝସକେତନ ମେହେର, କଲ୍ଲେନ୍ଦ୍ର ସରାଫ, ଘନଶ୍ୟାମ ମନହିରା, କୋଷାଧକ୍ଷ ପଦମ ଅଗ୍ରୱାଲ, ଲୋକ ସମ୍ପର୍କ ସଂଯୋଜକ ରଶ୍ମିରଞ୍ଜନ ପୁଟେଲ, ଦୀପକ କୁମାର ଦାସ ଯାଦବ, ଆଇନ ପରାମର୍ଶଦାତା ଭବାନୀଶଙ୍କର ରାଓ, ହରିବନ୍ଧୁ ମେହେର ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ଗୋଲେଇ ଛକରେ ଆନ୍ଦୋଳନକାରୀ ଏକତ୍ରିତ ହୋଇ ସେମାନଙ୍କ ଦାବିକୁ ଜୋରଦାର କରିଥିଲେ। ବନ୍ଦକୁ ସମର୍ଥନ କରି ଡ୍ରାଇଭର ୟୁନିଅନ, ଟିକୁନ ଗଛେନ କ୍ଲବ, ମରଚେଣ୍ଟ ଆସୋସିଏଶନ, ମାରୱାଡି ଯୁବାମଞ୍ଚ, ଫୁଟବଲ କ୍ଲବ, ଧନୁଯାତ୍ରା କମିଟି, ନବରାତ୍ରି ପୂଜା କମିଟି, ଜୟ ବଜରଙ୍ଗବଳି ସଂକୀର୍ତ୍ତନ ମଣ୍ଡଳୀ, ଆଦିବାସୀ ସଂଘ, ଜୟ ବଜରଙ୍ଗବଳି ଜିମ ସଂଘ, ମା ମାହେଶ୍ୱରୀ କଳା ପରିଷଦ,ସାହିତ୍ୟ କଳା ପରିଷଦ, ଆଦିବାସୀ କଲ୍ୟାଣ ଯୁବକ ସଂଘ, ବିଶ୍ୱକର୍ମା ପୂଜା କମିଟି, ଲକ୍ଷ୍ମୀ ପୂଜା କମଟି, ଦ୍ୱାରସେନୀ ସଂକୀର୍ତ୍ତନ ମଣ୍ଡଳୀ, ଟେଣ୍ଟ ହାଉସ ସଂଘ, ଟ୍ରାକଟର ସଂଘ, ସାମ୍ବାଦିକ ସଂଘ ଆଦି ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ। କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର ଓ ପୋଲିସ ବଳ ଗୋଲେଇ ଛକରେ ଧାରଣାରତ ବନ୍ଦ ପାଳନକାରୀଙ୍କ ସହ ଆଲୋଚନା କରିଥିଲେ। ତିନି ଦଫା ଦାବିକୁ ସରକାରଙ୍କ ପାଖରେ ପହଞ୍ଚାଇବା ପ୍ରତିଶ୍ରୁତି ଦେଲା ପରେ ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ଅପରାହ୍ନ ପ୍ରାୟ ୨ଟା ୩୦ରେ ପ୍ରତ୍ୟାହୃତ ହୋଇଥିଲା। ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା ।




ବନ୍ଦ ପାଇଁ ବଙ୍ଗୋମୁଣ୍ଡା ସହରରେ ବାହାରିଥିବା ଶୋଭାଯାତ୍ରା ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

### ସରଲାଞ୍ଜିରେ ସ୍ୱାସ୍ଥ୍ୟ ଶିବିର

**ଭବାନୀପାଟଣା,୨୩।୧୨ (ଡି.ଏନ.ଏ.):** ଭବାନୀପାଟଣା ସଦର ବ୍ଲକ ମେଦିନୀପୁର ପଞ୍ଚାୟତ ସରଲାଞ୍ଜିରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ ଅରଫାନ ମିଶନ ପକ୍ଷରୁ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ପୂର୍ବତନ ସଦର ବିଧାୟକ ଅନାମ ନାଏକ, ଇଣ୍ଡିଆନ ଅରଫାନ ନିର୍ଦ୍ଦେଶକ ଏଣ୍ଡ୍ରୁ ଦୀପ, ସ୍ୱେଚ୍ଛାସେବୀ ପ୍ରଦୀପ ଦାସ, ପିତି ପଟ୍ଟନାୟକ, କଲ୍ୟାଣୀ ନାଏକ, ମନିଷା ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଶିବିରରେ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଗତି ନାୟକ ପରିଚାଳନା କରିଥିଲେ।

### ଗାଁବାସୀଙ୍କର ସାହାଭରସା ଦେଶୀ ଡଂଗା

**ଭବାନୀପାଟଣା, ୨୩।୧୨ (ଡି.ଏନ୍.ଏ.):** ବିଜ୍ଞାନ ଯୁଗ୍‌ରେ ଲୋକ୍ ଚନ୍ଦ୍ରରେ ପାଦ୍ ଥାପି ଘର ବନାବାର ଯୋଜନା କଲେନ। ହେଲେ କଳାହାଣ୍ଡି ଜିଲାର ଗୋଲାମୁଣ୍ଡା ବ୍ଲକରେ ଏନ୍‌ତା ଗୁଟେ ଅଂଚଲ ଅଛେ ଯେନ୍‌ଠାନେ ଲୁକ୍‌କର ଜୀବନ୍ ଜୀବ୍‌କା ଲାଗି ଡଂଗା ନ ସାହାଭରସା ପାଲଟିଛେ। ସୂଚନା ଅନ୍‌ସାରେ ଗୋଲାମୁଣ୍ଡା ବ୍ଲକ ବଡ଼ଚେର, ଉଛୁଲା, ଚହାକା, ନୂଆଗାଁ ପଁଚେଟ୍‌ର ହଜାର ହଜାର ଲୋକ୍ ରାସ୍‌ତାଘାଟ ଅଭାବୁ ଜୀବନ୍ ଜୀବ୍‌କା ଲାଗି ଦେଶୀ ଡଂଗା ଉପରେ ନିରଭର କରୁଛନ୍। ଅଂଚଲବାସୀକର ଜୀବନ୍ ଜୀବ୍‌କାରେ ବାଧକ ସାଜିଛେ ଗରଗାବ ଠାନେ ଥିବାର ତେଲ ନଦୀ। ତେଲ ନଦୀରେ ବଛରକୁତା ପାଏନ୍ ରହୁଥିଲାବେଲେ ଅଂଚଲବାସୀ ସୁଆସ୍‌ତିଅ ସେବା, ବେପାର ବନିଜ ଲାଗି ଜିଲା ସଦରକେ ଯିବାକେ ହେଲେ ଦେଶୀ ଡଂଗାରେ ନଦୀ ପାର ହେଇ ଯାଆସ କରୁଛନ୍। ନଦୀ ପାର ହେଇ ଗଲେ ଜିଲା ସଦରକେ ୨୫ରୁ ୩୦ କି.ମି. ରାସ୍‌ତା ପଡୁଥିଲାବେଲେ ଉନିଆ ରାସ୍‌ତାରେ ଗଲେ ୬୦ରୁ ୮୦କି.ମି. ପଡୁଛେ। ବରଷା ୪ମାସକ ଛାଡ଼ି ଅଂଚଲବାସୀ ଡଂଗାରେ କାମ୍ ଚଲଉଛନ୍। ହେଲେ ତେଲନଦୀଟା ପାହାଡ଼ି ଇଲାକାରେ ଥିବାର ଲାଗି ଅଲପ୍ ବରଷା ହେଲେ ବି ସଂଗେ ସଂଗେ ନଦୀର ପାଏନ୍ ବଢ଼ି ଯାଉଛେ। ଏନ୍‌ତାଥି ଲୋକ୍ ଅନେକ ସମିଆରେ ଭଗବାନ ଭରସାରେ ନଦୀ ପାର ହେଉଛନ୍। ଇଆଡ଼େ ୩ ବଛର ତଲେ ବଡ଼ଚେର ପଁଚେଟ୍ ଅଧୀନ ଗରଗାବନେ ତେଲ ନଦୀ ଉପରେ ଗୁଟେ ପୁଲିଆ ତିଆରି କାମ୍ ମୂଲ ହେଇଛେ। ହେଲେ ପୁଲିଆ କାମ୍ ଏତେ ଧିରେସୁସ୍‌ତେ ଚାଲୁଛେ ଯେ ସେଟା କେଭେ ସରବା କିଛି କହି ନାଇଁ ହେବାର। ଏନ୍‌ତାଥି ଅଂଚଲବାସୀ ପୁଲିଆ କାମ୍ ଯେତେ ଜଲ୍‌ଦି ହେବା ସାରବାକେ ଦାବି କରିଛନ୍। ନାଇଁହେଲେ ଆଏବାର ଦିନେ ଅଂଚଲବାସୀ ଆଂଦୋଳନ ଲାଗି ରାସ୍‌ତାକେ ଉତିରମୁ ବଲି ଚେତାବନୀ ଦେଇଛନ୍।

# ପ୍ରଧାନମନ୍ତ୍ରୀ ରାସ୍ତା କାମ ଅଧାରୁ ବନ୍ଦ

■ ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ ଜିଲାପାଳଙ୍କୁ ଫେରାଦ

**ଲାଞ୍ଜିଗଡ଼,୨୩।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଷାନାଳ ପିଡ଼କ୍ଲୁଡି ରାସ୍ତାରୁ କାନକୁଟ୍ରୁ ଭାୟା ସଲପାଙ୍ଗକୁ ଯାଉଥିବା ପ୍ରଧାନମନ୍ତ୍ରୀ ରାସ୍ତା କାମ ଚାଲିଥିଲା। ହେଲେ ଠିକାଦାର ଗିରିସ ସିଂ ପେଟି ଠିକାଦାରମାନଙ୍କୁ ନେଇ କରାଇଥିଲା। ଏହି କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ବେଳେ ମେଟାଲ ସବୁ ବାହାରି ସାରିଲାଣି ଓ ରାସ୍ତା ପାର୍ଶ୍ୱରେ ଥିବା ଗାର୍ଡୱାଲଗୁଡିକ ଭାଙ୍ଗି ସାରିଲାଣି। କାମର ଅବଧି ପୁରଣ ହୋଇସାରିଥିବା ବେଳେ ବର୍ତ୍ତମାନ ଏହି ଅଧପନ୍ତରିଆ ଭାବେ ପଡିରହିଛି। ଅଧାରୁ ଛାଡି ଠିକାଦାର କାମ ଛାଡି ଚାଲିଯାଇଥିବା ବେଳେ ଏହି କାମକୁ ବିଭାଗ ପକ୍ଷରୁ ମଧ ଦୃଷ୍ଟି ଦିଆଯାଉନାହିଁ। ଏହାକୁ ନେଇ ଜିଲାପାଳ ଅଭିଯୋଗ ଶୁଣାଣିରେ ୩ ଥର ଅଭିଯୋଗ କରିଥିଲେ ହେଁ କୌଣସି ସମାଧାନ ହୋଇପାରି ନ ଥିଲା। ସୋମବାର ବିଶ୍ୱନାଥପୁରରେ ହୋଇଥିବା ଜିଲାପାଳ ଅଭିଯୋଗ ଶୁଣାଣିରେ ଏହି ରାସ୍ତା କାମକୁ ନେଇ କାନକୁଟ୍ରୁ ପଞ୍ଚାୟତ ଜନ ପ୍ରତିନିଧି ଓ ଅଞ୍ଚଳବାସୀ ଭେଟିଛନ୍ତି । ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣିବା ପରେ ଜିଲାପାଳ ଡ.ଗାଭାଲି ହର୍ଷଦ ପରାଗ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କାଳିପଦ ମହାକୁଡ ଓ ଯନ୍ତ୍ରୀ ବସନ୍ତ ବେହେରାଙ୍କୁ ଡାକି କାମ ସମ୍ପୂର୍ଣ୍ଣ ନ ହେବାକୁ ନେଇ ବର୍ଷିଥିଲେ। ଆଉ ଠିକାଦାରଙ୍କ ବିରୋଧରେ ଯଥାଶୀଘ୍ର କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯନ୍ତ୍ରୀ ବସନ୍ତ ବେହେରା ବ୍ଲକ ହେଡକ୍ୱାଟରରେ ରହୁ ନ ଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ରାସ୍ତାକାମ ହେଇପାରିନି ବୋଲି ଜିଲାପାଳ ଯନ୍ତ୍ରୀ ବେହେରାଙ୍କୁ ଶେଷଥର ପାଇଁ ବ୍ଲକ ହେଡକ୍ୱାଟରରେ ରୁହ ନ ହେଲେ ଚାକିରୀ ଛାଡ ବୋଲି ଜିଲାପାଳ ତାଗିଦ କରିଥିଲେ। ଆଉ କିଛି ଦିନ ମଧରେ ରାସ୍ତା କାମ ହେବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ କାନକୁଟ୍ରୁ ଅଞ୍ଚଳବାସୀ ଅସ୍ୱସ୍ତ ହୋଇଥିଲେ। କାନକୁଟ୍ରୁ ସରପଞ୍ଚ ସରସ୍ୱତି ମାଝି, ସମିତିସଭ୍ୟା ରୁପି ମାଝି, ପୂର୍ବତନ ସରପଞ୍ଚ ମଧୁସୁଦନ ମାଝି, ମୁରଲିଧର ସାହୁ, ଟିକେରାମ ମାଝି ପ୍ରମୁଖଙ୍କ ସମେତ କାନକୁଟ୍ରୁ ପଞ୍ଚାୟତର ୱାର୍ଡ ସଭ୍ୟ ଓ ସଭ୍ୟା ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ।



ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳବାସୀ ଦାବି କରୁଛନ୍ତି ।

କର୍ଲାମୁଣ୍ଡା ପଞ୍ଚାୟତ ସମିତି

# ଅନାସ୍ଥା ପ୍ରସ୍ତାବ ଗୃହୀତ ପାଇଁ ସ୍ୱତନ୍ତ୍ର ସମିତି ବୈଠକ ୩୧ରେ

**କର୍ଲାମୁଣ୍ଡା,୨୩।୧୨ (ଡି.ଏନ.ଏ.)**

ପୁଣି ଥରେ ପୁନରାବୃତ୍ତି ଘଟିଛି ଅନାସ୍ଥା ଭୋଟର। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପଞ୍ଚାୟତ ସମିତିରେ ଦେଖିବାକୁ ମିଳିଛି। ଗତ ଥର ବ୍ଲକ ଅଧକ୍ଷା ଅନାସ୍ଥା ପ୍ରସ୍ଥାବରେ ପରାଜୟ ବରଣ କରିଥିଲେ ଓ ଉପାଧକ୍ଷାଙ୍କ ହାତକୁ ଚାଲି ଯାଇଥିଲା ଅଧକ୍ଷ ପଦବୀ। ସେହିପରି ବର୍ତ୍ତମାନ ବ୍ଲକ ଅଧକ୍ଷାଙ୍କ ବିପକ୍ଷରେ ଆସନ୍ତା ୩୧।୧୨।୨୦୧୯ରେ ଅନାସ୍ଥା ପ୍ରସ୍ଥାବ ପାଇଁ ଦିନ ଧାର୍ଯ୍ୟ ହେବା ପରେ ଏ ଅଞ୍ଚଳରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ସୂଚନା ମତେ ଏହି ବ୍ଲକ ଅଧକ୍ଷା ଅମ୍ରିତା ସାହୁଙ୍କ ମନମୁଖି ଶାସନ, କ୍ଷମତାର ଅପବ୍ୟବହାର, ବିଶୃଙ୍ଖଳିତ ଆଚରଣ କରୁଥିବା ଅଭିଯୋଗ ନେଇ ଓଡିଶା ଗ୍ରାମପଞ୍ଚାୟତ ସମିତି ଆଇନ ୧୯୫୯ ଧାରା ୪୬ (ଖ) ଅନୁଯାୟୀ ଗୁପ୍ତ ମତଦାନ ପାଇଁ ୨୦।୧୨।୨୦୧୯ରେ ବ୍ଲକ ସମିତି ସଭ୍ୟା/ସଭ୍ୟ ଓ ସରପଞ୍ଚମାନେ ଭବାନୀପାଟଣା ଉପଜିଲାପାଳଙ୍କଠାରେ ଲିଖିତ ଭାବେ ଜଣାଇଥିଲେ। ତଦନୁଯାୟୀ ଭବାନୀପାଟଣା ଉପଜିଲାପାଳଙ୍କ ନୋଟିସ ସଂଖ୍ୟା ୯୦୦୯, ତା.୨୧।୧୨।୨୦୧୯ ନୁଯାୟୀ ଆସନ୍ତା ୩୧।୧୨।୨୦୧୯ ରିଖ ପୂର୍ବାହ୍ନ ୧୧ଟାରେ ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୋଧରେ ଆଗତ ପ୍ରସ୍ତାବିତ ଅନାସ୍ଥା ପ୍ରସ୍ଥାବ ବିଷୟରେ ଆଲୋଚନା ପାଇଁ ଓ ଗୃହିତ କରିବା ପାଇଁ କର୍ଲାମୁଣ୍ଡା ପଞ୍ଚାୟତ ସମିତି ସ୍ୱତନ୍ତ୍ର ସମିତି ବୈଠକ ହେବ। ଆବଶ୍ୟକସ୍ଥଳେ ସେହିଦିନ ୧୨.୩୦ରେ ଗୁପ୍ତ ମତଦାନ କରାଯିବାକୁ ଥିବା ନୋଟିସରେ ଉଲ୍ଲେଖ ରହିଛି।



କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ।



ଦ୍ୱିତୀୟ ସଂକୀର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥି ।

## ଅଖିଳ ଭାରତୀୟ ସଙ୍ଗଠନ ସଂସ୍କାର ଭାରତୀ ପକ୍ଷରୁ ବୈଠକୀ ସଂକୀର୍ତ୍ତନ ଉତ୍ସବ

**ପଲମ, ୨୩।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧିନସ୍ଥ ସରିଆଁ ପଞ୍ଚାୟତସ୍ଥିତ ସରିଆଁ ଗ୍ରାମଠାରେ ୨୨ ତାରିଖରେ କଳା ଓ ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟରତ ସଂସ୍କାର ଭାରତୀ ସଙ୍ଗଠନ ନର୍ଲା ବ୍ଲକ ସମୁହ ପକ୍ଷରୁ ଦ୍ୱିତୀୟ ବୈଠକୀ ସଂକୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡିଆ ଓ ହିନ୍ଦିର ବିଶିଷ୍ଟ କଳାକାର ବାଞ୍ଛାନିଧି ପଟ୍ଟନାୟକ ବିଶିଷ୍ଟ ଅତିଥି, ସାମାଜିକ କର୍ମୀ ସାଧୁରାମ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତ ସଭାପତି ପ୍ରଭାଶ ଚନ୍ଦ୍ର ମିଶ୍ର, ଉପ ସଭାପତି ନାଟ୍ୟ ଗୁରୁ ଗଦାଧର ବାରିକ, ପଶ୍ଚିମ ପ୍ରାନ୍ତ ମହାମନ୍ତ୍ରୀ ହରେକୃଷ୍ଣ ଭୋଇ, ସଂସ୍କାର ଭାରତୀ ନର୍ଲା ଶାଖା ସମୁହ ସଂଯୋଜକ ଫିରୋଜ ଚନ୍ଦ୍ର ପାତ୍ର, ସଙ୍ଗୀତ ସଂଯୋଜକ ପ୍ରମୋଦ କୁମାର ପରିଡ଼ା ଏବଂ ଭବାନୀପାଟଣା ଶାଖା ପରିଚାଳକ ଜଗମୋହନ ଦାଶ ପ୍ରମୁଖ ଯୋଗଦାନ କରିଥିଲେ । ଏଥିରେ ୧୯ଟି ସଂକିର୍ତ୍ତନ୍ୟ ଦଳ ସଂସ୍କାରଧର୍ମୀ ବୈଠକି ସଂକିର୍ତ୍ତନ ପରିବେଷଣ କରିଥିଲେ । ସଭାକୁ ତପନ କୁମାର ଭୋଇ ଓ ମଧୁସୁଦନ ରାଉତ ଭାଗବତ ଶୈଳୀରେ ଉପସ୍ଥାପନ କରିଥିଲେ।

## ବର୍ଷ ବର୍ଷ ଧରି ବଦଳି ହେଉନାହାନ୍ତି ଶିକ୍ଷୟିତ୍ରୀଶିକ୍ଷକ

**ଜୁନାଗଡ,୨୩।୧୨ (ଡି.ଏନ.ଏ.)**

ସରକାରୀ ସଂସ୍ଥାର ଅନ୍ୟ ବିଭାଗରେ କର୍ମଚାରୀଙ୍କ ବଦଳି ନିୟମ କଡାକଡି ରହିଛି। ତେବେ ଶିକ୍ଷା ବିଭାଗରେ ଏହି ନିୟମ କଡାକଡି ନ ଥିବାରୁ ବର୍ଷ ବର୍ଷ ହେବ ଗୋଟିଏ ସ୍କୁଲରେ ଶିକ୍ଷୟିତ୍ରୀଶିକ୍ଷକମାନେ ଅବସ୍ଥାପିତ ରହୁଛନ୍ତି। ଫଳରେ ସେମାନେ ନିଜ ଦାୟିତ୍ୱରେ ଅବହେଳା କରିବା ସହ ଖାମଖିଆଲି ଭାବେ କାର୍ଯ୍ୟ କରୁଛନ୍ତି। ଏପରିକି ଜଣେ ଜଣେ ଶିକ୍ଷୟିତ୍ରୀ/ଶିକ୍ଷକ ଯେଉଁ ସ୍କୁଲରେ ଚାକିରି ଆରମ୍ଭ କରିଛନ୍ତି ସେହି ସ୍କୁଲରେ ବର୍ତ୍ତମାନ ମଧ ଅବସ୍ଥାପିତ ଥିବା ଦେଖିବାକୁ ମିଳିଛି। ଏହାଦ୍ୱାର ଶିକ୍ଷାର ମାନ ମଧ ହ୍ରାସ ପାଉଛି। ଅନ୍ୟ ବିଭାଗରେ ସରକାର ସ୍ୱଚ୍ଛତା ଆଣିବା ପାଇଁ ବିଭିନ୍ନ ସମୟରେ କର୍ମଚାରୀଙ୍କ ବଦଳି କରୁଥିବାବେଳେ ଶିକ୍ଷା ବିଭାଗରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମୋଟା ଅଙ୍କର ଅର୍ଥ ପାଇଁ ଏହି ଶିକ୍ଷୟିତ୍ରୀ/ଶିକ୍ଷକମାନେ ଗାଁ ସ୍କୁଲ ତଥା ଅଞ୍ଚଳର ସ୍କୁଲରେ ଦୀର୍ଘ ବର୍ଷ ହେଲା ରହି ଶିକ୍ଷକତା ସହ ଅନ୍ୟାଧନ୍ଧାରେ ମଧରେ ସାମିଲ ରହୁଛନ୍ତି। ତେଣୁ ଅନ୍ୟ ବିଭାଗ ଭଳି ଏଠାରେ ମଧ ବଦଳି ନିୟମକୁ କଡାକଡି କରିବାକୁ ଜରୁରୀ ହୋଇପଡୁଛି। ବିଶେଷ କରି ହାଇସ୍କୁଲ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ କ୍ଷେତ୍ରରେ ଏଭଳି ବେଶୀ ଥିବା ଜଣାପଡିଛି। ଏ ନେଇ କଳାହାଣ୍ଡି ଜିଲାପାଳ ଡ ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଆଗାମୀ ବାର୍ଷିକ ପରୀକ୍ଷା ସରିବା ପରେ ଏହାର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

କଳାହାଣ୍ଡିରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା

**ଭବାନୀପାଟଣା,୨୩।୧୨ (ଡି.ଏନ.ଏ.)**

କଳାହାଣ୍ଡି ଓକିଲ ସଂଘ ପକ୍ଷରୁ କଳାହାଣ୍ଡିରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ କୋର୍ଟ କଚେରି କାର୍ଯ୍ୟ ବର୍ଜନ ନ କରି ଅଭିନବ ଭାବେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସୋମବାର ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଓକିଲମାନେ ଧାରଣାରେ ବସିବା ଘଟଣା ଜିଲାରେ ଆଲୋଚନା ବିଷୟ ହୋଇଛି । ଏହି କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଅଶ୍ୱିନୀ କୁମାର ଦାସ, ଉପସଭାପତି ଦିଲୀପ କୁମାର ପ୍ରହରାଜ, ସହକାରୀ ସମ୍ପାଦକ ନିହାର ରଞ୍ଜନ ମିଶ୍ର, କୋଷାଧକ୍ଷ ମାନସ ପ୍ରସାଦ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ କ୍ଷୀରୋଦ ପ୍ରସାଦ ନେଗୀ, ଅବଦୁଲ ସାଜିଦ୍, ପ୍ରଶାନ୍ତ କୁମାର ବାରିକ, ମାନସ ରଞ୍ଜନ ମହାନ୍ତି, କୁନାଲ କୁମାର ବେହେରା, ଡ. ଅଜୟ ମିଶ୍ର, ସୁଧାଂଶୁ ଶେଖର ନନ୍ଦ, ଭବାନୀ ଶଙ୍କର ସାହୁ, ସନ୍ତୋଷ ପଣ୍ଡା, ଭାରତ ଭୂଷଣ ପଣ୍ଡା, ଓଁମ୍ ପ୍ରକାଶ ଗୁପ୍ତା, ଲୋକନାଥ ନାଏକ, ଶୁଭ୍ରାଂଶୁ ଶେଖର ସାହୁ, ଗଜେନ୍ଦ୍ର ପାଢୀ, ସୁନିଲ ଅଗ୍ରୱାଲ, ବିଭୁତି ଭୁଷଣ ସାହୁ, ଜିତୁ ପ୍ରଶାଦ ନାଏକ, କୁଞ୍ଜ ବିହାରୀ ନାଏକ, ସତ୍ୟ ନାରାୟଣ ପଣ୍ଡା, କମଳ ଲୋଚନ ଶତପଥୀ, ଅଶ୍ୱିନୀ କୁମାର ସାହୁ, ନିମାଞ୍ଚଳ ନାଏକ, କମଲ ଲୋଚନା ସତପଥି, ଅବଜଲ୍ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ଓକିଲ ସଂଘ ପକ୍ଷରୁ ପ୍ରତି ମାସ ଶେଷ ସୋମବାର ସମସ୍ତ କୋର୍ଟ କଚେରୀ କାର୍ଯ୍ୟକୁ ବର୍ଜନ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ କାର୍ଯ୍ୟାଳୟକୁ ବନ୍ଦ କରାଯାଉଥିଲା। କିନ୍ତୁ ଚଳିତ ମାସ ୨୩ ତାରିଖ ଶେଷ ସୋମବାର ତାହା ନ କରି ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆଇନଜୀବୀମାନେ ଧାରଣା ଦେଇଥିଲେ।



ମଧୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦିଆଯାଇଛି ।

# ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଶୀତ ଆସର

**ଭବାନୀପାଟଣା,୨୩।୧୨ (ଡି.ଏନ.ଏ.)**

ଭବାନୀପାଟଣା ସହରସ୍ଥିତ ଏକ ସ୍କୁଲ ପରିସରରେ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଜିଲାସ୍ତରୀୟ କାବ୍ୟିକ ଶୀତ ଆସର ଅନୁଷ୍ଠିତ ହୋଇଯାଇଛି। କବି ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ସକିତ ରତେ, ଶିକ୍ଷାବିତ୍ ଶିବରାମ ନାୟକ ଓ ବ୍ୟଙ୍ଗ କବି ନିରଦ ଚନ୍ଦ୍ର କହଁର ଆଲୋଚକ ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ହାସ୍ୟବ୍ୟଙ୍ଗ କବି ସ୍ୱର୍ଗତ ପ୍ରଶାନ୍ତ ମିଶ୍ରଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। କବି ସ୍ୱର୍ଣ୍ଣକାନ୍ତି ବୈକାରଙ୍କ ସଂଯୋଜନାରେ ଦେବେନ୍ଦ୍ର ଦାଶ, ଡିଙ୍ଗର ନାଏକ, ମିନତି କୁମାରୀ ପ୍ରଧାନ, ସୁଦେଷ୍ଣା ପଣ୍ଡା, ଭୋବେନ୍ଦ୍ର ନାଏକ, ସଂହିତା ରଥ, ମହେନ୍ଦ୍ର କୁମାର ନାଏକ, ସଞ୍ଜୀବ କୁମାର ପଣ୍ଡା, ସଂଘମିତ୍ରା କାନୁନଗୋ, ନାହେଦା, ସାହିନ୍, ସ୍ୱର୍ଣ୍ଣକାନ୍ତି ବୈକାର, ସକିତ ରତେ, ଆନନ୍ଦିନୀ ପାତ୍ର, ସବିତା ଶତପଥୀ, ଦୀପ୍ତି ମୁଣ୍ଡ, ଗୀତାଞ୍ଜଳି ମହାନ୍ତି, ବିରଞ୍ଚି ନାରାୟଣ ମୁଣ୍ଡ, ନିରଦ ଚନ୍ଦ୍ର କହଁର, ବ୍ରହ୍ମାନନ୍ଦ ସାମଲ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଆସରରେ ସିଦ୍ଧାନ୍ତ ନନ୍ଦ ସହଯୋଗ କରିଥିଲେ।

ମା’ ମାଣିକେଶ୍ୱରୀ ଅଟୋଚାଳକ ସଂଘରୁ ବାର୍ଷିକ ଅଧିବେଶନ

# ସଚେତନତା ପାଇଁ ବିଶାଳ ରାଲି

**ଭବାନୀପାଟଣା,୨୩।୧୨ (ଡି.ଏନ.ଏ.)**

ମା’ ମାଣିକେଶ୍ୱରୀ ଅଟୋଚାଳକ ସଂଘର ବାର୍ଷିକ ଅଧିବେଶନ ସୋମବାର ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ ସ୍ଥାନୀୟ ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଟ୍ରାଫିକ୍ ପରିଚାଳନା ଓ ସଡକ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଅଟୋଚାଳକ ଭାଇମାନଙ୍କୁ ଟ୍ରାଫିକ ସମସ୍ତ ନିୟମ ପାଳନ କରିବା ସହ ସରକାରଙ୍କ ସଡକ ସୁରକ୍ଷା ଜୀବନ ରକ୍ଷା ପଦ୍ଧତିକୁ ଗ୍ରହଣ କରି ସର୍ବୋତ୍ତମ ସେବା ଦିଗରେ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ କଳାହାଣ୍ଡି ଦୀନବନ୍ଧୁ ଶୁଣ୍ଠି ଯୋଗଦାନ କରି ସହରର ଟ୍ରାଫିକ୍ ପରିଚାଳନାରେ ଅଟୋଚାଳକ ସଂଘକୁ ଭୂୟସି ପ୍ରଶଂସା କରିଥିଲେ। ଏଥିରେ ଶିକ୍ଷାବିତ୍ ଶିବରାମ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଟୋଚାଳକ ସଂଘ ସଭାପତି ଚିନ୍ମୟ ବେହେରା ସଭାପତିତ୍ୱ କରି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ସୂର୍ଯ୍ୟନାରାୟଣ ନନ୍ଦ ଅତିଥି ପରିଚୟ ଏବଂ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅଟୋଚାଳକ ସଂଘର ୧୮ଟି ଷ୍ଟାଣ୍ଡର ଦଳପତି ଚୟନ କରାଯିବା ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜନସାଧାରଣଙ୍କୁ ଏହି ଅବସରରେ ମା’ ମାଣିକେଶ୍ୱରୀ ଅଟୋଚାଳକ ସଂଘ ପକ୍ଷରୁ ସଚେତନତା କରିବା ପାଇଁ ଏକ ବିଶାଳ ଅଟୋ ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ ରୂପେ ପରିଚାଳନା କରିବା ପାଇଁ ସହ ସମ୍ପାଦକ ଅଶୋକ ସାହୁ, ସାରଥି ଦାସ କୋଷାଧକ୍ଷ ବୃଷବଭକ୍ତ ଜାନି, ସବିର ନାଏକ, ବିଜୟ ସ୍ୱାଇଁ, ବିନୋଦ ଚନ୍ଦନ, ନଳିନିକାନ୍ତ ସରନ, ସୁଶାନ୍ତ ଗଉଡ, ସୁରୁ ମେହେର, ତେଜରାଜ ସତନାମୀ, ଭୋଲା ସତନାମୀ , ଅଶୋକ ସାହୁ, ହେମନ୍ତ ରାଉତ, ଭକ୍ତ ନାଏକ, ଧନୁର୍ଜୟ ଭାଟି, ମୁରଲି ମୋହନ ପଟେଲ, ସାହେବ ରଣା, ଅମରଜିତ ସିଂ, ମିପୁ ଗଉଡ, ଜିତେନ୍ଦ୍ର ନାଏକ, ରିଙ୍କୁ ନାଏକ, ରାଜ ନାଗ, ଇନ୍ଦ୍ରମଣୀ ବାଗ, ତାରିଣୀ ପ୍ରସାଦ ସିଂ, ପବନ ତିୱାରୀ, ଅଜିତ ସାହୁ, ଦୀନକୃଷ୍ଣ ସାହୁ, ତ୍ରୀଶଙ୍କର ସାହୁ, କିଶୋର ଚନ୍ଦ୍ର ରାଉତ, ଦିଲେଶ୍ୱର ସା, ସକ୍ରିୟ ଭାବେ ଯୋଗଦାନ କରିଥିଲେ। ଉପସଭାପତି ସଞ୍ଜୟ ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।



ମା’ ମାଣିକେଶ୍ୱରୀ ଅଟୋଚାଳକ ସଂଘର ଆୟୋଜିତ ସଚେତନତା ରାଲି।

# ଉର୍ବଶୀଙ୍କଁର ଘରେ ପୁହୁଁଚିଲା ଡାକ୍‌ତରୀ ଦଲ

**ପର୍ଲା, ୨୩।୧୨ (ଡି.ଏନ୍.ଏ.)**

ସୋମବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ‘ଚିକିଛା ଲାଗି ଟଁକା ଅଭାବ, ଅଜନା ରୋଗ୍‌ରେ ପୀଡ଼ିତ ଉର୍ବଶୀ’ ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିଛା ଅଧିକାରୀକଁର ନିରଦେଶରେ ଡା.ଲଲିତ ବେହେରାକଁର ଦେଖିରେଖରେ ଗୁଟେ ଡାକ୍‌ତରୀ ଦଲ ଉର୍ବଶୀକଁର ଘରେ ପୁହୁଁଚିଥିଲେ। ଡାକ୍‌ତରୀ ଦଲ ଉର୍ବଶୀକଁର ପରୀକ୍ଷା ନିରୀକ୍ଷା କରବାର ସଂଗେ ଉଚ ଚିକିଛାର ବେବସ୍‌ତା କରାଯିବା ବଲି କଥା ଦେଇଥିବାର ଜନାଯାଇଛେ।

ପୂର୍ବର ସୂଚନା ଅନ୍‌ସାରେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଂଚଲ ଜୟନ୍ତପୁର ପଁଚେତ ଅଧୀନ ରଇନଗୁଡ଼ା ଗାଁର ସୁନ୍ଦର ମାଝିକଁର ମାଏକିନା ଉର୍ବଶୀ(୫୪)। ସେ ଆଏଜ୍‌କେ ୪ମାସ ହେଲା କେହେନ୍‌ସି ଅଜନା ରୋଗ୍‌ରେ ଖଟେ ପଡ଼ି ରହିଛନ୍। ପରିବାର ଲୋକ୍ ଜମିବାଡ଼ି, ଘରଡ଼ିହ ବଁଧକ୍ ପକେଇ ଆସର ପାସର ଡାକ୍‌ତରଖାନାରେ ଉର୍ବଶୀକଁର ଚିକିଛା କରେଇ ନିରାଶ ହେଇଛନ୍। ଅଁଧ ବିସୁଆସରେ ପରିବାର ଲୋକ୍ ଗୁଣିଗାରେଡ଼ି, ଫୁକାଝରା, ବଇଦ୍ ଡକେଇ ଝିଁକ୍ ବି ଦେଇ ସାରିଛନ୍। ଡାକ୍‌ତରକଁର କହେବାର ହିସାବେ ଉର୍ବଶୀକୁଁ ଚଉ ଚିକିଛା ଲାଗି କଟକ ନେଲେ ସେ ଭଲ ହେଇପାରବେ। ହେଲେ ପରିବାରଟା ନିହାତି ଗରିବ୍, ଉର୍ବଶୀକୁଁ ଚିକିଛା ଲାଗି କଟକ ନେବାର ସେମାନେ ସପନ୍‌ରେ ବି ଭାବି ନାଇଁପାରବାର। ଇଆଡ଼େ ଉର୍ବଶୀ କାଠ୍ ଲେଖେଁ ଖଟେ ପଡ଼ି ରହିଛନ୍ ହଲ୍‌ଚଲ ହେଇ ନାଇଁପାରବାର। ଖାଲି କଥା ଦୁଇପଦ୍ କହିପାରୁଛନ୍। ଖଟେ ଗଧାମଖା, ଖାନାପିନା, ଝାଡ଼ାଝପଟ କରୁଛନ୍। ଇଆଡ଼େ ଉର୍ବଶୀ ମୁଇଁ ଜିଁବାକେ ଚାହୁଁଛେଁ। ପୁଅବହ, ନାତିନାତେନକେକର ସଂଗେ ସମିଆ ବିତାବାକେ ଚାହୁଁଛେଁ। ମୋତେ ଭଲ କରି ଦିଅ ବଲି ସବୁବେଲେ ଯାହାକେ ଦେଖିଲେ ଗୁହାରି କରୁଛନ୍। ଏନ୍‌ତାଥି ଉପେ ଶୁଇନ୍ ସୁନ୍ଦର ମାଝି ତାକର ଦୁଖ୍ ଦୁରଦଶା ବାବ୍‌ଦେ ଥାନୀଅ ଧରିତ୍ରୀ ପରତିନିଧିକୁଁ କହିଥିଲେ। ସେ ହିସାବେ ସୋମବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବହାରିଥିଲା। ଖବର ବାହାରଲାରୁ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡା. ଲଲିତ ବେହେରାକଁର ଦେଖିରେଖରେ ଫାର୍ମାସିଷ୍ଟ ପ୍ରକାଶ ସାହୁକଁର ସଂଗେ ଉନିଆ କରମ୍‌କରତା ଉର୍ବଶୀକଁର ଘରେ ପୁହୁଁଚିଥିଲେ। ସେଠାନେ ଉର୍ବଶୀକଁର କିଛି ପରୀକ୍ଷା ନିରୀକ୍ଷା କରବାର ସଂଗେ ଉଚ ଚିକିଛା ଲାଗି କଟକ ନେବାର ବେବସ୍‌ତା କରାଯିବା ବଲି ଡା.ବେହେରା ସୂଚନା ଦେଇଛନ୍।



ଡାକ୍‌ତରୀ ଦଲ ଉର୍ବଶୀକଁର ପରୀକ୍ଷା ନିରୀକ୍ଷା କରୁଛନ୍।

ଧରିତ୍ରୀ ପ୍ରଭାବ

## ସଂକ୍ଷେପରେ

### ଏକଦିବସୀୟ ଫୁଟବଲ: କୁଶଙ୍ଗ ଚାମ୍ପିୟନ

ଲୋଇସିଂହା.୨୩।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସୁଜିଆ ଗ୍ରାମ ଖେଳପଡିଆରେ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଫାଇନାଲରେ ଟାଇବ୍ରେକରରେ ୫-୪ ଗୋଲରେ ବଡତିକାକୁ ହରାଇ କୁଶଙ୍ଗ ଚାମ୍ପିୟନ ହୋଇଛି । ଏସୱାଏସ ସୁଜିଆ ଆନୁକୂଲ୍ୟରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏ ଗ୍ରୁପରୁ କୁସଙ୍ଗ ଓ ବି ଗ୍ରୁପରୁ ବଡତିକା ଏକାଦଶ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲ ଖେଳସଂଘର୍ଷପୂର୍ଣ୍ଣ ହୋଇଥିଲା । ନିର୍ଦ୍ଧାରିତ ସମୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଯୁବ ବିଜେଡି ସମ୍ପାଦକ ନୀତେଶ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଚାମ୍ପିୟନ ଦଳକୁ ୩ ହଜାର ଓ ରନର୍ସ ଅପ ଦଳକୁ ୨ ହଜାର ପୁରସ୍କାର ରାଶି ସହ ଟ୍ରଫି ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ ।

### ୧୯୯୯ ବ୍ୟାଚ ଛାତ୍ର ବନ୍ଧୁ ମିଳନ

ଲୋଇସିଂହା,୨୩।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହ ଥାନା ଅନ୍ତର୍ଗତ ବୁର୍ଡା ଡାକବଙ୍ଗଳାଠାରେ ହରେକୃଷ୍ଣ ମହତାବ ହାଇସ୍କୁଲ ଛାତ୍ର ଓ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ର ଈଶ୍ୱର ତରିଆ, ରଞ୍ଜନ ବେହେରା, ଛାତ୍ରୀ ସୁଞ୍ଜାରାଣୀ ନାଗ ଓ ମୀନା ଦଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ୍ଧୁମିଳନ ଆୟୋଜିତ ହୋଇଥିଲା। ଏଥିରେ ୬୦ଜଣ ପୁରାତନ ବନ୍ଧୁ ଯୋଗଦେଇ ଭାବ ବିନିମୟ କରିସ୍କୁଲ ଦିନ କଥା ସ୍ମୃତିଚାରଣ କରିଥିଲେ ।

■ବଲାଙ୍ଗୀରରେ ଜବରଦଖଲ ଉଚ୍ଛେଦ

# ଭଙ୍ଗାଗଲା ରାସ୍ତାକଡ ଷ୍ଟଲ, ଘର

ବଲାଙ୍ଗୀର ଅଫିସ,୨୩।୧୨

ବଲାଙ୍ଗୀର ସହର ଭାଗିରଥି ଛକରୁ ପିପି ଏକାଡେମୀ ପର୍ଯ୍ୟନ୍ତ ଯାଇଥିବା ମହାତ୍ମା ଗାନ୍ଧୀ ମାର୍ଗର ଉଭୟ ପଟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ବଡଧରଣର ଜବରଦଖଲ ଉଚ୍ଛେଦ କରାଯାଇଛି । ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ପୌର ନିର୍ବାହୀ ଅଧିକାରୀ ବିପିନ ଦୀପ, ତହସିଲଦାର ଲଲାଟ ଲୁହା, ପୂର୍ତ୍ତ ସହକାରୀ ଯନ୍ତ୍ରୀ ମନୋଜ ମହାନନ୍ଦଙ୍କ ଉପସ୍ଥିତିରେ ପୂର୍ବାହ୍ନରୁ ଅପରାହ୍ଣ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଫଳରେ ରାସ୍ତାର ଉଭୟ ପଟରେ ଥିବା ବହୁ ଦୋକାନ ବଜାର ଓ ଘରକୁ ଭଙ୍ଗାଯାଇଛି। ଜବରଦଖଲ ଉଚ୍ଛେଦ ଅଭିଯାନକୁ ଆଖି ଆଗରେ ରଖି ପୋଲିସ ବାହିନୀ ମୁତୟନ ହୋଇଥିଲେ। ଟାଉନ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ଉପସ୍ଥିତ ଥିଲେ। ଭାଗିରଥି ଛକରୁ ପିପି ଏକାଡେମୀ ପର୍ଯ୍ୟନ୍ତ କଳାମଣ୍ଡଳ ପଡା ସମ୍ମୁଖ ମହାତ୍ମା ଗାନ୍ଧୀ ମାର୍ଗରେ ପ୍ରଶସ୍ତ ରାସ୍ତା ତିଆରି କରିବା ପାଇଁ ଏହି ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି । ଏହି ସ୍ଥାନରେ ରାସ୍ତା ମଝିରେ ଡିଭାଇଡର ଦିଆଯାଇ ୱାନ୍‌ୱେ କରାଯାଇଥିଲେ ମଧ୍ଯ ରାସ୍ତା ପ୍ରଶସ୍ତ ନଥିବାରୁ ସବୁବେଳେ ଭିଡ ଲାଗି ରହୁଥିଲା। କଳାମଣ୍ଡଳ ପଡିଆ ପଟରେ ଥିବା ଷ୍ଟଲ ମାଲିକମାନେ ରାସ୍ତା ଉପରେ ଜବରଦଖଲ କରି ଷ୍ଟଲ ସମ୍ମୁଖ ରାସ୍ତାକୁ ମାଡିବସି ଦୋକାନ କାମରେ ବ୍ୟବହାର କରୁଥିଲେ । ଫଳରେ ସେଠାରେ ଟ୍ରାଫିକ ସମସ୍ୟା ଦେଖାଯାଉଥିଲା । ଏହାବାଦ୍ ଭାଗିରଥି ଛକଠୁ ପିପି ଏକାଡେମୀ ରାସ୍ତାର କଳାମଣ୍ଡଳପଡା ପଟେ ମଧ୍ଯ ଲୋକେ ଦୋକାନ ବଜାର କରି ରାସ୍ତା ମାଡି ବସିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏଠାରେ ସରକାରୀ ଜମି ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଇଛି । ଉଚ୍ଛେଦ ଅଭିଯାନ ଫଳରେ ବହୁ ଷ୍ଟଲ, ଘର ଧୂଳିସାତ୍ ହୋଇପଡିଛି । ଏହି ଷ୍ଟଲଗୁଡିକ ଦୀର୍ଘବର୍ଷ ହେଲା ବେଆଇନ୍ ଭାବେ ରାସ୍ତା ଉପରେ ରହିଥିଲା । ଜବରଦଖଲ ଉଚ୍ଛେଦ ପରେ ଏହି ରାସ୍ତାକୁ ପ୍ରଶସ୍ତ କରାଯାଇ ରାସ୍ତା କଡରେ ନୂଆଁ ଡ୍ରେନ୍ ନିର୍ମାଣ କରାଯିବ ଓ ଏହା ବାହାରେ ପାର୍କିଂ ପାଇଁ ସ୍ଥାନ ବ୍ୟବସ୍ଥା କରାଯିବ ବୋଲି ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ମହାନନ୍ଦ ସୂଚନା ଦେଇଛନ୍ତି । ଦୋକାନ ବଜାର ଉଚ୍ଛେଦ କରାଯିବାବେଳେ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଥିଲା । ୪ଟି ଜେସିବି ମେସିନ୍‌ରେ ଉଚ୍ଛେଦ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପ୍ରାୟ ୧.୫ କୋଟି ଟଙ୍କାରେ ଖୁବ୍ ଶୀଘ୍ର ଏହି ରାସ୍ତା ତିଆରି ହେବ ବୋଲି ସୂଚନା ଦିଆଯାଇଛି । ଉଚ୍ଛେଦ ହୋଇଥିବା ଷ୍ଟଲରେ ଦୀର୍ଘବର୍ଷ ହେଲା ଦୋକାନୀମାନେ ଦୋକାନ କରି ଗୁଜରାଣ ମେଣ୍ଟାଉ ଥିବାରୁ ସେମାନଙ୍କୁ ଥଇଥାନ କରାଯିବା ଦେଇ ଦୋକାନୀ ମହଲରେ ଦାବି କରାଯାଇଛି ।



ଜିଲା ପ୍ରଶାସନ ପକ୍ଷରୁ ବଲାଙ୍ଗୀର କଳାମଣ୍ଡଳପଡାର ମହାତ୍ମା ଗାନ୍ଧୀ ମାର୍ଗରେ ଜବର ଦଖଲ ଉଚ୍ଛେଦ କରାଯାଉଛି ।

■ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ବିଦ୍ୟାର୍ଥୀଙ୍କୁ ଅତିଥିଙ୍କ ପରାମର୍ଶ

## ଉତ୍ତମ ଜ୍ଞାନ ଆହରଣକୁ ଗୁରୁତ୍ୱ ଦିଅ

ଖପ୍ରାଖୋଲ, ୨୩।୧୨ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଓଡିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ସୋମବାର ସ୍କୁଲ ପରିସରରେ ଉଦଯାପିତ ହୋଇଯାଇଛି । ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷା ମୀରାବାଇ କୁଅଁର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ମୁଖ୍ୟବକ୍ତା ଆରବିଏସଏସ୍ କଲେଜ ଅଧ୍ୟକ୍ଷ ରଜତ କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ପ୍ରସାଦ ଝାଙ୍କର, ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଇସପାଲ ସୁନା ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରାଛାତ୍ରମାନେ କେବଳ ବାର୍ଷିକ ଫଳାଫଳକୁ ପ୍ରାଥମିକତା ନ ଦେଇ ଉତ୍ତମ ଜ୍ଞାନ ଆହରଣ କରି ତାହାର ବିନିଯୋଗ ମାଧ୍ୟମରେ ନିଜର ବିକାଶ ସହ ସମାଜର ବିକାଶ ସମ୍ଭବ ବୋଲି ମୁଖ୍ୟବକ୍ତା ମିଶ୍ର କହିଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ରଶ୍ମିତା ମିଶ୍ର, ବାର୍ଷିକ ବିବରଣୀ ପାଠ, ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। କନ୍ୟା ଭ୍ରୂଣ ହତ୍ୟା ବନ୍ଦ ପାଇଁ ଏକ ସଚେତନତା ଧର୍ମୀ କ୍ଷୁଦ୍ର ନାଟକ ବେଶ୍ ଆକର୍ଷଣୀୟ ହୋଇଥିଲା । ପୂର୍ବରୁ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଇଷା ଦାଶ, ଚିନ୍ମୟ ଭୋଇ, ପ୍ରିତୀଶ ଆୟୁଷ୍ମାନ ସେଲମା, ଚିନ୍ମୟ ବେହେରା, ସୁବ୍ରତ ଭୋଇ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଆଲୋକରଞ୍ଜନ ମହାଲିଙ୍ଗ, ଯୁନେସ୍ ସାହୁ, ବିକାଶ ସାହୁ, ସବ୍ୟସାଚୀ ପଟ୍ଟନାୟକ, ଦେବାଶିଷ ମହାପାତ୍ର, ସସ୍ମିତା ପ୍ରଧାନ, ରମାକାନ୍ତ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ଚଳିତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଟପ୍ପର ଖେଳଣା ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ରୁଦ୍ର ବିଶି, ଚେତନିକା ହଂସ ପରିଚାଳନା କରିଥିଲେ ।



ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ଟପ୍ପର ଖେଳଣା ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।



ରୋଟାରୀ କ୍ଲବ୍ ପକ୍ଷରୁ ବିଧାୟକ ନରସିଂହ ମିଶ୍ରଙ୍କ ୮୦ତମ ଜନ୍ମଦିବସ ପାଳନ ଅବସରରେ ମାରୱାଡି ସେବା ସଦନ ଠାରେ ବିଧାୟକ ମିଶ୍ର ଖବରକାଗଜ ବିକ୍ରେତାମାନଙ୍କୁ କମ୍ବଳ ଓ ଉପହାର ବଣ୍ଟନ କରୁଛନ୍ତି ।

■ହାତୀ ଫସଲ ଉଜାଡିବା ଘଟଣା

# ବନକର୍ମଚାରୀଙ୍କୁ ଅଟକ ରଖିଲେ ଚାଷୀ

ଦେଓଗାଁ, ୨୩।୧୨(ଡି.ଏନ.ଏ.)

■ପୋଲିସ, ବନବିଭାଗ ଉଦ୍ଧାର କଲେ

■ଚାଷୀଙ୍କ ନାରେ ମମଲା ରୁଜୁ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଥାଲବନ୍ଧରେ ଶନିବାର ରାତିରେ ଚାଷୀ ଧୂବା ପଟେଲଙ୍କ ଆମ୍ବବଗିଚା, ମରିଚ ଚାଷ ଓ ଜମିରେ ଲାଗିଥିବା ଡ୍ରିପ ପାଇପକୁ ହାତୀପଲ ନଷ୍ଟ କରି ଦେଇଛନ୍ତି। ଚାଷ ଉଜୁଡିବା ଦୁଃଖରେ ଭାଙ୍ଗି ପଡିଥିବା ଚାଷୀ ନିଜ କ୍ଷେତରେ ଥିବା ସମୟରେ କମଳ ଲୋଚନ ମହାପାତ୍ର ଓ ପଦ୍ମଲୋଚନ ନାମକ ଦୁଇଜଣ ପାରାଷ୍ଟାଫ କ୍ଷତି ଚାଷ ଦେଖିବାକୁ ଯାଇଥିଲେ। ଏହି ସମୟରେ ଚାଷୀ ଧୂବା ପଟେଲଙ୍କ ସହ ସେମାନଙ୍କର ବଚସା ହୋଇଥିଲା । କ୍ଷତିଗ୍ରସ୍ତ ଚାଷୀ ରାଗି ଯାଇ ଉଭୟ ପାରା କର୍ମଚାରୀଙ୍କୁ ଗୋଟିଏ କୋଠରୀରେ ତାଲା ପକାଇ ଅଟକ ରଖିଥିଲେ। ଜଙ୍ଗଲ ବିଭାଗ କର୍ମଚାରୀ ଆସି କ୍ଷତିପୂରଣ ଦେଲେ ଛାଡିବି ବୋଲି ଜିଦ ଧରିଥିଲେ ବୋଲି ପୋଲିସରେ ଅଭିଯୋଗ କରିଛନ୍ତି ପାରା କର୍ମଚାରୀ ମହାପାତ୍ର । ଖବରପାଇ ତୁଷୁରା ଥାନା ଏସଆଇ ଚନ୍ଦନ କୁମାର ସାହୁ ସଦଳବଳେ ପହଞ୍ଚି ଅଟକ ପାରାଷ୍ଟାଫଙ୍କୁ ଉଦ୍ଧାର କରିଥିଲେ । ଚାଷୀ ଧୂବା ପଟେଲଙ୍କ ଦାବି ଅନୁସାରେ ତାଙ୍କ ୫ଏକର ମରିଚ ଚାଷ ମଧ୍ୟରୁ ୩ଏକର ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ୨୧ଟି ଆମ୍ବଗଛ ଓ ପାଣି ମଡାଇବା ପାଇଁ ଲାଗିଥିବା ଡ୍ରିପ ପାଇପ ସବୁ ଭାଙ୍ଗିନଷ୍ଟ କରିଦେବାରୁ ୨ଲକ୍ଷ ଟଙ୍କାର କ୍ଷତି ହୋଇଛି । ଏହାର କ୍ଷତିପୂରଣ ଦାବି କରିବାରେ ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା ବୋଲି ଚାଷୀ କହୁଛନ୍ତି। ତେବେ ପାରାଷ୍ଟାଫ ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତି କରି ଧୂବା ପଟେଲ, ନରସିଂହ ପଟେଲ, ସୁଶାନ୍ତ କୁମାର ପଟେଲ ଓ ଜଗଦୀଶ ନାଏକଙ୍କ ନାମରେ ଥାନାରେ ଏକ ମାମଲା (ନଂ. ୨୦୨/୧୯)ରୁଜୁ ହୋଇଥିବା ତଦନ୍ତକାରୀ ଅଧିକାରୀ ଚନ୍ଦନ କୁମାର ସାହୁ ସୂଚନା ଦେଇଛନ୍ତି ।


ବିଜ୍ଞାପନ ସଂଖ୍ୟା.2600 **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭେଡ଼େନ** ତା.21.12.2019

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯−୨୦ (୦୧ ଅପ୍ରେଲ ୨୦୧୯ରୁ ୩୦ ସେପ୍ଟେମ୍ବର୨୦୧୯) ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA)ରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ଓ ଜାତୀୟ ସାମାଜିକ ସହାୟତା ଯୋଜନା (NSAP) ବାବଦକୁ ସାମାଜିକ ସମୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏଥିରେ କୌଣସି ଆପତ୍ତି ଅଭିଯୋଗ ଥିଲେ ଉକ୍ତ ତାରିଖରେ ପଞ୍ଚାୟତରେ ଉପସ୍ଥିତ ରହି ଆପତ୍ତି ଉପସ୍ଥାପନ କରିବେ। ଏହି ବୈଠକରେ ସମ୍ପୃକ୍ତ ଗ୍ରାମପଞ୍ଚାୟତର ନୋଡାଲ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସମସ୍ତ ଗ୍ରାମ ସଂଯୋଜକ, ଗ୍ରାମ୍ୟ ସାଧନା କର୍ମୀ, ବ୍ଲକ ସାମାଜିକ ସମୀକ୍ଷକ ଏବଂ ଜିଲ୍ଲା ସାମାଜିକ ସମୀକ୍ଷକ ଉପସ୍ଥିତ ରହି ସମସ୍ତ ରେକର୍ଡ ଉପସ୍ଥାପନ କରାଇବେ।

**କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରା. ସଭା ତାରିଖ | ସମୟ | ଗ୍ରାମ ପଞ୍ଚାୟତର ନାମ | ଗ୍ରା.ସ. ଉପସ୍ଥିତ ହେବାକୁ ଥିବା ଅଧିକାରୀ |
|---|---|---|---|---|
| ୧ | ୧୭।୦୧।୨୦୨୦ | ସକାଳ ୧୦.୩୦ଘଟିକା | ଅଁଇଲାପାଲି, ସୁନାଲରମ୍ଭା, ଭେଡ଼େନ, ରେଶମ, ଲୁହାଖଣ୍ଡି | ଏ.ଓ./ଡବ୍ଲ୍ୟୁ.ଇ.ଓ/ଏ.ପି.ଓ/ ଏମ.ଆଇ /ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.−୧ |
| ୨ | ୩୧।୦୧।୨୦୨୦ | ସକାଳ ୧୦.୩୦ଘଟିକା | ଚିଚିଣ୍ଡା, ବକଟି, ଲୁପୁରସିଂହା, ତାଲମେଣ୍ଡା, ଅରେଇଗୁଡ଼ | ଜି.ପି.ଇ.ଓ/ପି.ଏ/ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍−୨/ ଏ.ପି.ଓ/ ଡବ୍ଲ୍ୟୁ.ଇ.ଓ |
| ୩ | ୧୪।୦୨।୨୦୨୦ | ସକାଳ ୧୦.୩୦ଘଟିକା | ଅର୍କୁଣ୍ଡ, ରେମଣ୍ଡା, ସଂକ୍ରିଡ଼ା, କୁବେଡେଗା, ପଦଙ୍ଗା, ରୁଷୁଡ଼ା | ବି.ଡି.ଓ/ ଡବ୍ଲ୍ୟୁ.ଇ.ଓ/ପି.ଏ/ ଏ.ପି.ଓ/ ଜି.ପି.ଇ.ଓ/ ଏମ.ଆଇ |
| ୪ | ୨୮।୦୨।୨୦୨୦ | ସକାଳ ୧୦.୩୦ଘଟିକା | ସିଆଲଖଣ୍ଡହତା, ମାନପୁର, ମହୁଲପାଲି, ଡ଼ାଲବ, ଦେଶଭଟିଲି | ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.− ୧/ପି.ଏ/ଜି.ପି.ଇ.ଓ/ଜି.ପି.ଇ.ଓ/ ଜେ.ଇ.ଆର. ଡବ୍ଲ୍ୟୁ.ଏସ୍.ଏସ୍.−୨ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭେଡ଼େନ


### ଖାରମୁଣ୍ଡା ଧନୁଯାତ୍ରା, ଅକ୍ରୂରଙ୍କ ଗୋପପୁର ପ୍ରେରଣ

ଲୋଇସିଂହା, ୨୩।୧୨ (ଡି.ଏନ.ଏ) ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଖାରମୁଣ୍ଡା ଗ୍ରାମବାସୀଙ୍କ ଅନୁକୂଲ୍ୟରେ ଚାଲିଥିବା ଧନୁଯାତ୍ରାର ରବିବାର ଷଷ୍ଠ ରଜନୀ ଥିଲା । ଷଷ୍ଠ ରଜନୀରେ କଂସଙ୍କ ରଙ୍ଗ ସଭା ସରିଥିଲା । ଗୋପପୁରରୁ ଅକ୍ରୁରଙ୍କୁ କଂସ ପ୍ରେରଣ କରିଥିବା ପୌରାଣିକ କଥାବସ୍ତୁ ଅଭିନୀତ ହୋଇଥିଲା । ଷଷ୍ଠ ରଜନୀର କଂସ ଦରବାରରେ ପରିବାହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି, ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା, ହରେକୃଷ୍ଣ ଷଡଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଧନୁଯାତ୍ରା କମିଟି ଉପଦେଷ୍ଟା ପବିତ୍ର ଧରୁଆ ଓ ସଭାପତି ଅନଙ୍ଗଉଦୟ ଗଡତ୍ୟା ଉପସ୍ଥିତଥିଲେ।

### ଓଡିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ

ମୁରିବାହାଲ, ୨୩।୧୨ (ଡି.ଏନ.ଏ.) ବଲାଙ୍ଗୀର ଜିଲା ମୁରିବାହାଲ ଓଡିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ୱାଲ୍ ମୋଗାଜିନ୍ ପତ୍ରିକା ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ଅରକ୍ଷୀତ ନାଗଙ୍କ ସଭାପତିତ୍ୱରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିପକ କୁମାର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ବାର୍ଷିକ ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ତହସିଲଦାର ଅମୃତଲାଲ ବେହେରା, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ନାୟକ, ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ପୀତବାସ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ଡା. ଦଳଗୋବିନ୍ଦ ବିଶି । ଶିକ୍ଷକ ଶିବଶଙ୍କର ସେଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।


**OFFICE OF THE DEPUTY DIRECTOR OF MINES, KOIRA CIRCLE, KOIRA**
**DISTRICT: SUNDARGARH**
**Email: ddm.koira@orissaminerals.gov.in**

**NOTICE**
**No. 6414, Date: 11.12.2019**
**Loss of e-Transit Passes**

**No. G-23:-** The following Electronically Generated Transit Passes (e-Pass) in Form M1/G1 issued for transportation of minerals from different mining lease holders / plant (Licensee holders) under Koira Mining Circle are lost during transit by the mineral carrying vehicles. These lsot e-TPs are not to be re-used by treating as an authentic Govt. document in support of carrying minerals. Any use of such lost Transit Passes will be treated as unlawful / illegal and such act is punishable under Law.

| Sl. No. | e-Pass No. (G1/ M1) / Date of issue | Vehicle No. | Source of dispatch with User-Code (Lessee/ Licensee) | Destination | Remarks |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | M1 L111902572/119, dt.25.11.2019 | OD04E-4885 | Kalta Iron Mines of SAIL (093013017108) | SAIL Steel Plant at Rourkela through Roxy Rly. siding (1230113388441) | Loaded with 17.700 MT of 63.28% Fe Iron ore screened fines lost near Jamudihi |
| 2 | M1 L101903521/62, Dt.17.11.2019 | OR09J-8982 | Sanindpur Iron & Bauxite Mines of Rungta Sons (P) Ltd. (093057016908) | Karakola Steel Plant of Rungta Mines Ltd. (071813016842) | Loaded with Iron Ore lumps (5-18) of 9.280 MT of 62.49% Fe lost near Rugudi |

It is hereby requested that, if any of the above Transit Passes traced / found anywhere by anybody, the said e-TP may please be returned generously to the Deputy Director of Mines-cum-Competent Authority, Koira 'or' in any of the circle office of Deputy Director of Mines 'or' O/o the Mining Officer of Steel & Mines Department, Odisha to prevent from illegal use of such e-Transit Passes.

30016/11/0007/1920 *Sd./- Deputy Director of Mines-cum-Competent Authority, Koira*



NANDANKANAN
**NANDANKANAN ZOOLOGICAL PARK**
**NOTICE No.20 of 2019-20** **Date: 18.12.2019**
**CORRIGENDUM TO TENDER NOTICE No.19 of 2019-20 Dt.13.12.2019**

No.MM-118 :- First sentence of Clause No.9 of terms and conditions relating to the tender for vehicle parking area of Nandankanan shall be replaced with following lines.

**"The agreement shall remain valid for a period of one year from the date of execution of agreement or up to the finalization of tender for multi-level-car parking whichever is earlier".**

**Sd./-**
**Deputy Director**
**Nandankanan Zoological Park**
08070/11/0006/1920



**ODISHAN INSTITUTE OF MARITIME AND SOUTH EAST ASIAN STUDIES**
**An Autonomous Organisation of Dept. of OLL & Culture, Govt. of Odisha, Bhubaneswar-14**
**TENDER**

**No._______/OIMSEAS, Dt._______**

No.RR-33 :- Secretary, Odishan Institute of Maritime and South East Asian Studies on behalf of Department of Odia Language, Literature & Culture, invites sealed tender from reputed firms / agencies to Curate, Design and Execute the Maritime Heritage Gallery in Odisha State Museum, Bhubaneswar latest by **06.01.2020.**

For details of the tender please visit **www.orissaculture.govt.in**

**Secretary, OIMSEAS**
**03020/11/0001/1920**



**OFFICE OF THE DIVISIONAL FOREST OFFICER : MAHANADI WILDLIFE DIVISION : NAYAGARH**
Fax No. : 06753-253971, Mob : 943720200, Phones : 06753-254015
E-mail : mahanadiwl.dfo@gmail.com
Tender Notice No. 2 /1F/ Dt. 12/2019
No. MM-119

Sealed tenders are invited in two Bid systems from established/ reputed/registered/experienced and accredited manufactures for supply of following items for use in Mahanadi Wildlife Division, Nayagarh.

| Item | Quantity | Cost of Tender Paper | EMD to be Deposited |
|---|---|---|---|
| 1 | 2 | 3 | 4 |
| 10 (Ten) Seater FRP Boat | 04 (Four) Nos. | Rs. 5,000/- | 60,000/- |
| 20 (Twenty) Seater FRP Boat | 02 (Two) Nos. | | |

1. Non Transferable tender documents for supply of the items stated above will be available from the office of the Divisional Forest Officer, Mahanadi Wildlife Division, Nayagarh, Odisha, on Payment of tender document cost specified above. The tender document cost which is non-refundable, is payable in shape of crossed Demand Draft of State Bank of India, Nayagarh branch, drawn in favor of the Divisional Forest Officer, Mahanadi Wildlife Division, Nayagarh.
2. The Tenders are required to furnish copies of VAT Clearance Certificate, PAN and Registration Certificate etc. as indicated in the Tender document.
3. The Tenders are required to enclose the Earnest Money Deposit (EMD) in Technical Bid, In shape of account payee Demand Draft/ Fixed Deposit Receipt / Bank Guarantee from any of the Nationalized bank pledged in favor of the Divisional Forest Officer, Mahanadi Wildlife Division, Nayagarh.
4. The Items confirming to required specifications are to be delivered at Badamul of Gania Block of Nayagarh District in the state of Odisha and the tender has to quote the rates giving details of taxes, levies, charges, premium etc. separately.
5. The filled –in sealed tenders containing Technical Bid and price Bid in double cover system as per the instruction given in tender documents shall be submitted.
6. The Tender papers will be available for sale in the Office of the Divisional Forest Officer, Mahanadi Wildlife Division, Nayagarh, Odisha between 10 AM – 05 PM on working days till 31.12.2019 . The sealed tenders will be received till 04.01.2020 up to 05 PM in the Office of the Divisional Forest Officer, Mahanadi Wildlife Division, Nayagarh, Odisha. The Technical Bids will be opened on 06.01.2020 at 04 PM in the Office of the Divisional Forest Officer, Mahanadi Wildlife Division, Nayagarh, in presence of Divisional Level Purchase Committee & Tenderers or their authorized representatives. The date of Opening of the Price Bids will be intimated to the technically qualified bidders.
7. The Divisional Forest Officer, Mahanadi Wildlife Division, Nayagarh, Odisha reserves the right to cancel any or all the tenders without assigning any reason thereof.

Sd./- Divisional Forest Officer, Mahanadi Wildlife Division, Nayagarh
08017/11/0003/1920



DSPL-207

**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏକ୍ୟୁ" ସିରିଜ ("AQ" Series)**

ଏହି ଯୋଜନାରେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଅର୍ଥ ନିବେଶ କରିବାର ଶେଷ ତାରିଖ: ୩୧.୧୨.୨୦୧୯
କୁପନ ସଂଗ୍ରହର ଶେଷ ତାରିଖ: ୨୯.୦୨.୨୦୨୦
ଉଠାଣ ତାରିଖ: ୨୬.୦୪.୨୦୨୦
ସର୍ବନିମ୍ନ ଜମା ପରିମାଣ: ୨୦୦୦ ଟଙ୍କା (ତା ୦୧.୦୧.୨୦୧୯ ଠାରୁ ତା ୩୧.୧୨.୨୦୧୯ ରିଖ ମଧ୍ୟରେ)

**ଯୋଗ୍ୟ ସ୍ୱଳ୍ପ ସଞ୍ଚୟ ଯୋଜନା:-**

୧) କିଷାନ ବିକାଶ ପତ୍ର (KVP)
୨) ଜାତୀୟ ସଞ୍ଚୟ ସାର୍ଟିଫିକେଟ (ଅଷ୍ଟମ ଇସ୍ୟୁ) (NSC 8th issue)
୩) ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (PPF)
୪) ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (SCSS) (କେବଳ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ)
୫) ସୁକନ୍ୟା ସମୃଦ୍ଧି ଜମା (SSA)
୬) ଡାକଘର ୫ ବର୍ଷିଆ ଅବଧି ଜମା (5Yr POTD)/ ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା (5Yr NSTDA)
୭) ଡାକଘର ପୌନଃପୁନିକ ଜମା (PORD)/ ଜାତୀୟ ସଞ୍ଚୟ ପୌନଃପୁନିକ ଜମା ଖାତା (NSRDA)
୮) ଡାକଘର ମାସିକ ଆୟ ଯୋଜନା (POMIS)/ ଜାତୀୟ ସଞ୍ଚୟ ମାସିକ ଆୟ ଜମା (NSMIA)

ଓଡିଶାସ୍ଥିତ ଯେକୌଣସି ଡାକଘର ଏବଂ ବ୍ୟାଙ୍କ ମାନଙ୍କରେ ଅନ୍ୟୁନ ୨୦୦୦ ଟଙ୍କା ଜମା କରିବା ପୂର୍ବକ ଏହି ପ୍ରୋତ୍ସାହନ ଯୋଜନାରେ ଅଂଶଗ୍ରହଣ କରି ଆକର୍ଷଣୀୟ ପୁରସ୍କାର ରାଶି ବିଜୟୀ ହୋଇ ଲକ୍ଷପତି ହେବାର ସୁଯୋଗ ନିଅନ୍ତୁ । ଏଥିରେ ୭ଟି ଶ୍ରେଣୀରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୨୦୦୦ ଟଙ୍କା ହିସାବରେ ସମୁଦାୟ ୭୪ ଲକ୍ଷ ଟଙ୍କା ମୂଲ୍ୟର ୨୪୨୮ ଗୋଟି ପୁରସ୍କାର ବିତରଣର ବ୍ୟବସ୍ଥା ରହିଛି ।

ଏହି ଯୋଜନାରେ ଅଂଶ ଗ୍ରହଣ କରିବା ସମ୍ପୂର୍ଣ୍ଣ ଦେୟମୁକ୍ତ ଅଟେ ।

ସବିଶେଷ ବିବରଣୀ ତଥା କୁପନ ସଂଗ୍ରହ ପାଇଁ , ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ/ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ/ବ୍ଲକ କାର୍ଯ୍ୟାଳୟରେ ଅବସ୍ଥାପିତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ବର୍ଷର ଶେଷ ଭାଗରେ ପ୍ରବଳ ଭିଡରୁ ରକ୍ଷା ପାଇବାପାଇଁ, ବର୍ତ୍ତମାନ ସୁଦ୍ଧା ଜମା କରିସାରିଥିବା ଜମାକାରୀମାନେ ସେମାନଙ୍କର କୁପନ ଆଜିଠାରୁ ହିଁ ସଂଗ୍ରହ କରିନିଅନ୍ତୁ ।

ବି:ଦ୍ର: କୁପନ ସଂଗ୍ରହ ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଉଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚ କରି କୁପନ ସଂଗ୍ରହ କରନ୍ତୁ । କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ । ତତ୍‌ପରେ ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।

ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର
05001/13/0016/1920



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍

## ସଂକ୍ଷେପରେ

### ସିସିଟିଭି କ୍ୟାମେରା ଭାଙ୍ଗି ବାଇକ୍ ଚୋରି

**ବଡଗାଁ, ୨୩।୧୨ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁ ଲଟାପଡାର ଶୀତଳ ଅଗ୍ରୱାଲଙ୍କ ଘରୁ ରବିବାର ରାତିରେ ବାଇକ (ଓଡି ୧୬ ଇ- ୦୯୫୯) ଚୋରି ହୋଇଛି। ବିଳମ୍ବିତ ରାତିରେ ୨ଜଣ ବ୍ୟକ୍ତି ମୁହଁରେ କପଡା ଗୋଡାଇ ହୋଇ ଗେଟ୍ ନିକଟରେ ଲଗାଯାଇଥିବା ସିସିଟିଭି କ୍ୟାମେରାକୁ ଭାଙ୍ଗି ଦେଇଥିଲେ। ଏହାପରେ ତାଲା ଭାଙ୍ଗି ଭିତରେ ପଶିଲା ପରେ ବାଇକ୍ ନେଇ ପଳାଇଥିଲେ। ଅନ୍ୟପକ୍ଷେ ସୋମବାର ପୂର୍ବାହ୍ନରେ ପୋଲିସ ଆଉ ଏକ ଚୋରି ବାଇକ୍ (ଓଆର୍ ୧୬ ବି- ୧୦୭୮) ଇତମା ଗାଁ ନିକଟରୁ ପାଇଛି।

### ୪୦ ଲିଟର ଦେଶୀ ରନ୍ଧାମଦ ସହ ୨ ଗିରଫ ବାଇକ, ସାଇକେଲ ଜବତ

**କୋଲାବିରା, ୨୩।୧୨(ଡି.ଏନ.ଏ.):** ଝାରସୁଗୁଡା ଜିଲା କୋଲାବିରା ପୋଲିସ ତରେଇକେଲା ନିକଟସ୍ଥ ଭଜୁପଡାର ଶୁଭନାଥ କିସାନ(୨୯)ଙ୍କଠାରୁ ୨୦ ଲିଟର ମଦ ଜବତ କରିଛି। ତାଙ୍କ ସାଇକେଲକୁ ମଧ ପୋଲିସ ଜବତ କରିଛି। ସେହିପରି ଆମଝରନ ଗ୍ରାମର ଦେବାର୍ଚ୍ଚନ କିଶାନ (୩୬) ବାଇକ (ଓଡି୨୩ଏଚ୍ ୮୦୪୫)ରେ ମଦନେଇ ଯାଉଥିବା ସମୟରେ ପୋଲିସ ହାବୁଡରେ ପଡଛନ୍ତି। ତାଙ୍କ ନିକଟରୁ ମଧ ୨୦ଲିଟର ମଦ ଜବତ କରି ବାଇକ୍‌କୁ ଜବତ କରିଛି। ଉଭୟଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ବିରୋଧରେ କୋଲାବିରା ଥାନାରେ ମାମଲା (୧୬୨ ଏବଂ ୧୬୩) ରୁଜୁ ହୋଇଛି। କୋଲାବିରା ଅଞ୍ଚଳରେ ଅବାଧ ମଦ ବିକ୍ରି ଦିନକୁ ଦିନ ବଢିବାରେ ଲାଗିଛି। ନିୟମିତ ବ୍ୟବଧାନରେ ଅବକାରୀ ବିଭାଗ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇ ବେଆଇନ ମଦ କାରବାରରେ ଲିପ୍ତ ଲୋକଙ୍କୁ ଧରି କୋର୍ଟ ଚାଲାଣ କରାଯାଉଛି। ହେଲେ ନିୟମ କାନୁନ୍‌କୁ କାହାର ଡର ନାହିଁ। ଅବାଧ ମଦ ଖୁଲମ୍‌ଖୁଲା ମିଳିଥିବାରୁ ଯୁବପିଢି ନିଶାଗ୍ରସ୍ତ ହେଉଛନ୍ତି। ଏବେ ପିକ୍‌ନିକ୍ ଋତୁ ହୋଇଥିବାରୁ ମଦ ବେଆଇନ ମଦ କାରବାରକୁ ସୁହାଇଛି। କୋଲାବିରା, ସମାସିଂହା, ମାଲିଡିହି, ଲୁଡୁଙ୍ଗ, ଭାତଲଇଡା ପରି ଅନେକ ସ୍ଥାନରେ ୬/୭ଦିନ ହେଲା ମଦ ଭାଟି ଗୁଡାକ ବନ୍ଦ ରହିଛି। ଏହାର ସୁଯୋଗ ନେଇ କୁଟିଆ ମଦ ବ୍ୟବସାୟୀ ଚୋରାରେ ଦେଶୀମଦ ରାନ୍ଧି ବିକ୍ରି କରୁଥିବା ଅଭିଯୋଗ ହେଉଛି।

ଡିଏମ୍‌ଏଫ୍ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମୀକ୍ଷା ବୈଠକ

# ଝାରସୁଗୁଡ଼ାକୁ ସୁନ୍ଦର, ଆକର୍ଷଣୀୟ କରିବାକୁ ଗୁରୁତ୍ୱ

**ଝାରସୁଗୁଡା ଅଫିସ୍/ଲଖନପୁର, ୨୩।୧୨ (ଡି.ଏନ୍.ଏ)**



ଡିଏମ୍‌ଏଫ୍ ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିମାନେ।

ଝାରସୁଗୁଡା ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ (ଡିଏମ୍‌ଏଫ) ସମ୍ମିଳନୀ କକ୍ଷରେ ସୋମବାର ଡିଏମ୍‌ଏଫ୍ ପ୍ରକଳ୍ପ କାର୍ଯ୍ୟକାରିତାକୁ ନେଇ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ୬ଷ୍ଠ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଲଖନପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଜିଲା ପରିଷଦ ସଦସ୍ୟ ସାମଲ ନାଏକ, ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାୟକ, ପଞ୍ଚାୟତ ସମିତି ସଭ୍ୟା ସୌଭାଗିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଖଣିଜ ପାଣ୍ଠି ପ୍ରତିଷ୍ଠାନ ଅର୍ଥ ବ୍ୟୟବରାଦରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟସବୁକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବା ପାଇଁ ଆଲୋଚନା କରାଯାଇଥିଲା। ଏଥିମଧ୍ୟରେ ସ୍ୱାସ୍ଥ୍ୟ ଓ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ କରିବା ପାଇଁ ଗୁରୁତ୍ୱରୋପ କରାଯାଇଥିଲା। ଜିଲାର ସମସ୍ତ ଅଧିବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ହେଲ୍‌ଥ୍‌କାର୍ଡ ବ୍ୟବସ୍ଥା କରିବା ପାଇଁ ଆଲୋଚନା କରାଯାଇଥିଲା । ଜିଲାର ସମ୍ବଳକୁ କିଭଳି ଭାବେ ସୁବିନିଯୋଗ କରାଯାଇ ବୃହତ ଝାରସୁଗୁଡା ଗଠନ ସହ ଜିଲାକୁ ସୁନ୍ଦର ଓ ଆକର୍ଷଣୀୟ କରାଯାଇ ପାରିବ ସେ ନେଇ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ଏହାକୁ ସଫଳ କରିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ଖଣିଜ ପାଣ୍ଠି ପ୍ରତିଷ୍ଠାନ ପକ୍ଷରୁ ଅଧିକାରୀ ନଳିନୀ ଦାସ ନିର୍ମାଣାଧୀନ ପ୍ରକଳ୍ପରେ ବ୍ୟୟ ଅଟକଳ ଓ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଉପସ୍ଥିତ ଏମ୍‌ପି, ବିଧାୟକ, ବ୍ଲକ୍ ଅଧ୍ୟକ୍ଷା, ଜିଲା ପରିଷଦ ଓ ସରପଞ୍ଚମାନେ ନିଜ ଅଞ୍ଚଳରେ ଆବଶ୍ୟକ ନୂଆପ୍ରକଳ୍ପ ନିର୍ମାଣ ପାଇଁ ନାମ ତାଲିକା ପ୍ରଦାନ କରିଛନ୍ତି। ଏସବୁକୁ ତର୍ଜମା କରାଯାଇ ଚୂଡାନ୍ତ ନାମ ତାଲିକା ପ୍ରକାଶ ପାଇବ। ମାସେ ଭିତରେ ୭ମ ସମୀକ୍ଷା ବୈଠକ ବସିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲି ବୋଝେଇ ଟ୍ରାକ୍ଟରରୁ ଖସି ଯୁବକ ମୃତ

**ଲହୁଣୀପଡା, ୨୩।୧୨ (ଡି.ଏନ.ଏ.)** ସୁନ୍ଦରଗଡ ଜିଲା କେବଲାଙ୍ଗ ଥାନା ଅନ୍ତର୍ଗତ ଲହୁଣୀପଡା ବ୍ଲକ୍ ଲମସିଠାରେ ବାଲି ବୋଝେଇ ଟ୍ରାକ୍ଟରରୁ ଖସିପଡି ସୋମବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଯୁବକ ଜଣକ ହେଲେ ଉଲକୁଣ୍ଡେଇ ଗ୍ରାମର ଦିଲୀପ ମୁଣ୍ଡା (୨୨)। ଟ୍ରାକ୍ଟରଟି ବାଲି ବୋଝେଇ କରି ଉଲୁକୁଣ୍ଡେଇ ଗ୍ରାମକୁ ଯାଉଥିଲା ବେଳେ ଟ୍ରାକ୍ଟର ଉପରେ କିଛି ଶ୍ରମିକ ବସିଥିଲେ। ଲମସି ଗ୍ରାମ୍ୟ ରାସ୍ତାରେ ଏକ ହମ୍ପରେ ଗାଡିଟି ଯାଉଥିବା ବେଳେ ଏହି ଯୁବକ ଜଣକ ଖସି ପଡିଥିଲେ। ତାଙ୍କ ଉପରେ ଟ୍ରାକ୍ଟର ଚଢ଼ି ଯାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବରଟି ପ୍ରଚାରିତ ହେବା ପରେ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ । ଖବର ପାଇ କେ.ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ ଗ୍ରାମବାସୀ ନିଜ ଜିଦରେ ଅଟଳ ଥିଲେ।



ରକ୍ତଦାତାମାନଙ୍କୁ ପରିଚୟ ପତ୍ର ଦିଆଯାଉଛି।

## ୧୧୧ ଜଣ ରକ୍ତ ଦାନ କଲେ

**ରାଜଗାଙ୍ଗପୁର, ୨୩।୧୨ (ଡି.ଏନ.ଏ.)**

ରାଜଗାଙ୍ଗପୁର ଡାଲମିଆ ଏକଜିକ୍ୟୁଟିଭ ଓ ସଙ୍ଗମ ମହିଳା ମଣ୍ଡଳ ସହଯୋଗରେ ସ୍ପନ୍ଦନ ହସ୍ପିଟାଲ ପରିସରରେ ଏକ ରକ୍ତଦାନ ଶିବିରରେ ୧୧୧ଜଣ ରକ୍ତଦାନ କରିଛନ୍ତି। ଏହି ରକ୍ତଦାନ ଶିବିରକୁ ଡାଲମିଆ ସିମେଣ୍ଟ ଭାରତ ଲିଃ (ପୂର୍ବ) ସୁନୀଲ କୁମାର ଗୁପ୍ତା ଏବଂ ରିଫ୍ରାକ୍ଟୋରିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆରାସୁଦୀ ଉଦ୍‌ଘାଟନ କରିଥିଲେ। ମହିଳା ମଣ୍ଡଳର ସଭାନେତ୍ରୀ ସୁନିତା ଗୁପ୍ତା, ମିଳନ ମହିଳା ମଣ୍ଡଳର ସଭାନେତ୍ରୀ ପ୍ରିୟଙ୍କା ବେଦେତି, ଡାଲମିଆ ଏକଜିକ୍ୟୁଟିଭର ଉପସଭାପତି ଅମରେଶ ପଣ୍ଡା, ସାଧାରଣ ସମ୍ପାଦକ କୁନ୍ଦନ ସିଂ, ଡା. ନିଳାଦ୍ରି ପାଢ଼ୀ, ଶିବନାରାୟଣ ପରିଜା, ସୁଧୀର ମହାନ୍ତି ଓ ସଂଗ୍ରାମ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ତେବେ କାରଖାନାର ନିର୍ଦ୍ଦେଶକ ସୁନିଲ ଗୁପ୍ତା ଏବଂ ତାଙ୍କ ଦୁଇ ପୁଅ ଅଙ୍କିତ ଓ ଶ୍ରେୟାଂଶ ଗୁପ୍ତା ମଧ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପତି, ଅମିତାଭ ଲାଲ, ରଶ୍ମି ମହାନ୍ତି ଓ ଆଶିଷ ଖ୍ୱିଲାନୀ, ସୁକମାର ଗୋପ ସମେତ ଅନ୍ୟ ଅଧିକାରୀମାନେ ରକ୍ତଦାନ କରିଥିଲେ। ଦୁର୍ଗେଶ କୁମାର ମିଶ୍ର, ଚିତ୍ତରଞ୍ଜନ ମହାରଣା, ଉମାଶଙ୍କର ବେହେରା, ଅନିସୁର ରହେମାନ ଖାନ୍, ବିକାଶ ସିଂ, ଦୁର୍ଗେଶ ସିଂ, ମୁକେଶ ଚୌବେ, ଅମୂଲ୍ୟ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସୁନ୍ଦରଗଡ ରକ୍ତଭଣ୍ଡାରର ରତ୍ନାପ୍ରଭା ନାୟକ, ମାନସ ଦାଶ, ଜ୍ୟୋସ୍ନାରାଣୀ ବେହୁରିଆ, ଦୁଷ୍ମନ୍ତ ପଟେଲ, ବିନୋଦ ବେହେରା ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

### ଅପରିଚିତ ମହିଳାଙ୍କ ଡାକ୍ତରଖାନାରେ ମୃତ୍ୟୁ

**କୁଚିଣ୍ଡା, ୨୩।୧୨(ଡି.ଏନ.ଏ.)**

କୁଚିଣ୍ଡା ଥାନା ଅଧୀନ ଭୋଜପୁର-ଲଇମୁରା ରାସ୍ତାର କରଙ୍ଗାମାଲ ଗ୍ରାମ ମନ୍ଦିର ନିକଟରେ ଗତ ୨୨ ତାରିଖରେ ମୁମୂର୍ଷୁ ଅବସ୍ଥାରେ ୨୭ ରୁ ୨୮ ବର୍ଷୀୟା ମହିଳା ପଡିରହିଥିବା ଦେଖି କେତେକ ବ୍ୟକ୍ତି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ହେଲେ ଆମ୍ବୁଲାନ୍ସ ମହିଳାଙ୍କ ପାଖରେ କୌଣସି ଚିହ୍ନା ପରିଚୟ ଲୋକ ନ ଥିବାରୁ ରୋଗୀଣା ମହିଳାଙ୍କୁ ନ ଆଣି ଫେରି ଆସିଥିଲା। ପରେ ସ୍ୱେଚ୍ଛାସେବୀ ସଙ୍ଗଠନ ଉକ୍ତ ମହିଳାଙ୍କ ଚିକିତ୍ସା ପାଇଁ ସହଯୋଗ କରିବାକୁ ବାହାରି ଥିବା ବେଳେ ଗ୍ରାମର ଲୋଚକ ପ୍ରଧାନ ଓ ଆଶା କର୍ମୀ ଯଶୋଦା ଦେଇ ସହଯୋଗରେ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ।

### କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**ବଲାଙ୍ଗୀର ଅଫିସ, ୨୩।୧୨**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନରେ ବିଶାଖାପାଟଣାରୁ ରାୟପୁର ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଲିଭାଇଛନ୍ତି। ସୋମବାର ରାତି ପ୍ରାୟ ୧୧ଟାରେ ମୁରିବାହାଲ ରେଳ ଷ୍ଟେଶନରେ ଉକ୍ତ ଟ୍ରେନ୍‌ର ବିଭିନ୍ନ ବଗିରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା । ଟ୍ରେନ୍ କଣ୍ଟାବାଞ୍ଜି ଷ୍ଟେଶନରେ ପହଞ୍ଚିବା ପରେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ଟ୍ରେନ୍‌ର ୨୧ଟି ବଗିରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

ଭଗବାନ ମେମୋରିଆଲ ଫୁଟବଲ ପ୍ରତିଯୋଗିତା

## ସରବେରନା ତୁଳସୀ କ୍ଲବ୍ ବିଜୟୀ

**ବ୍ରଜରାଜନଗର, ୨୩।୧୨ (ଡି.ଏନ.ଏ.)**

ସ୍ଥାନୀୟ ଆର କଟାପାଲି ଫୁଟବଲ ପଡିଆରେ ଦ୍ୱିତୀୟ ଭଗବାନ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଛି । ସରବେରନା ତୁଳସୀ କ୍ଲବ ଓ କେଚୋବାହାଲ ବୀଣାପାଣି କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସରବେରନା ଦଳ ବିଜୟୀ ହୋଇଥିଲା । ରାଜପୁର ସମିତି ସଭ୍ୟ ଗଣେଶରାମ ବାଗ ମୁଖ୍ୟଅତିଥି ଓ ରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଈଶ୍ୱର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।



ଭଗବାନ ମେମୋରିଆଲ ଫୁଟବଲ ପ୍ରତିଯୋଗିତାରେ ଅତିଥି ଓ ଆୟୋଜକଙ୍କ ସହ ଖେଳାଳି।

## ପଞ୍ଚାୟତ ଅଫିସରେ ତାଲା ପକାଇଲେ ଚାଷୀ

**ବାମରା, ୨୩।୧୨(ଡି.ଏନ.ଏ.)**

**ବାମରା ବ୍ଲକ**

୨୦୧୮-୧୯ ଫସଲ ବୀମା ଯୋଜନା କ୍ଷତିପୂରଣ ଅର୍ଥ ପ୍ରଦାନ ଦାବି ନେଇ ମୋଟ ୭ଟି ଗ୍ରାମପଞ୍ଚାୟତ ଅଫିସରେ ତାଲା ପଡ଼ିଥିବା ବେଳେ ସୋମବାର ଜରାବଗା ଓ କୁଟାରୀମାଲ ପଞ୍ଚାୟତରେ ତାଲା ପକାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜରାବଗା ପଞ୍ଚାୟତର ଜରାବଗା, ଲପଡା, ଦୁମୁକୁ, କିନାବଗା, କର୍ଲିଆଡିହି, ଶର୍ଗିଡିହି, ବେତଝରନ, ଉଉରଗାଁ, ଚାଳଟିକିରା, ଡଙ୍ଗାଖୁଣ୍ଟି ଆଦି ଗ୍ରାମରୁ ଶତାଧିକ ଚାଷୀ ପହଞ୍ଚି ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇଥିଲେ। ସ୍ଥାନୀୟ ଗଡପାଟି କୃଷକ ସୁରକ୍ଷା ସଙ୍ଗଠନ ଚାଷୀ ନେତା ସୁଦୀପ୍ତ ପଟେଲଙ୍କ ନେତୃତ୍ୱରେ ରୁପାନନ୍ଦ ପଟେଲ, ଦିଲୀପ ନାୟକ, ସୁରେଶ ଘୋଷ, ଦେବେନ୍ଦ୍ର ପଟ୍ଟା, ଖଗେଶ୍ୱର ଧୁରୁଆ, ଲବଣୀ ଭଇଁସା, ପିଙ୍କଲ ପଟେଲ, ଦୁତିଆ ଖଡିଆ, ଉଜ୍ଜଳ ନାଏକଙ୍କ ଛଡା ଅନ୍ୟମାନେ ସାମିଲ ହୋଇଥିଲେ । ଏ ନେଇ ସରପଞ୍ଚ ଛବିନା ଓରାମଙ୍କ ଉପସ୍ଥିତିରେ ଇଓ ରଣଜିତ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେହିଭଳି ପୂର୍ବରୁ ବ୍ଲକର ତୁରେଇ, ବାବୁନିକ୍ଷିମାଲ, ରଙ୍ଗିଆଟିକିରା, ବାଉଁଶଲଗା, ଉଚ୍ଚକାପାଟ, ଗୋବିନ୍ଦପୁର, କୁଟାରିମାଲ ଓ ଲରିଆପାଲି ପଞ୍ଚାୟତରେ ଚାଷୀଙ୍କ ଦ୍ୱାରା ତାଲା ପଡିଥିବାରୁ ଉନ୍ନୟନମୂଳକ କାମ ସମ୍ପୂର୍ଣ୍ଣ ଠପ ହୋଇପଡିଛି ।



ବୁଙ୍ଗାବେର୍ଣ୍ଣା ନାଳାରେ ନିର୍ମିତ ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟନୀ ସଭାରେ ଅତିଥିମାନେ।

## ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

**କିର୍ମିରା, ୨୩।୧୨ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ବୁଙ୍ଗାବେର୍ଣ୍ଣା ନାଳାରେ ନିର୍ମିତ ଏକ ଉଠାଜଳସେଚନ ପ୍ରକଳ୍ପକୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ସୁଲାହି ପଞ୍ଚାୟତର ଭଭୁଁରା ଏବଂ ଭୀମଯୋର ପଞ୍ଚାୟତର ଚାଷୀ ଉପକୃତ ହେବେ ବୋଲି କୁହାଯାଇଛି। ପ୍ରକଳ୍ପର ଉଦ୍‌ଘାଟନ ଅବସରରେ ଏକ ସଭା ଆୟୋଜନ କରାଯାଇଥିଲା । ମନ୍ତ୍ରୀ ଦାସ ଫିତା କାଟି ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ନାଳା ଉପରେ ଏକ ବନ୍ଧ ନିର୍ମାଣ ପ୍ରସ୍ତାବକୁ ମଞ୍ଜୁର କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି କର୍ମୀ ବିଜୟ ଅଗ୍ରୱାଲ, ଜଗନ୍ନାଥ ଜେନା, ଜିଲା ପରିଷଦ ସ୍ୱପ୍ନାମୟୀ ପଟେଲ, ଭୀମଯୋର ସରପଞ୍ଚ ମଞ୍ଜୁଲତା ବାଗଙ୍କ ସମେତ ଲଳିତ ଅଗ୍ରୱାଲ, ବବଲୁ ସିହ୍ନା, ମନ ବାଗ, ଚୁଡାମଣୀ ସାହୁ, ଜୟନ୍ତ ଅଗ୍ରୱାଲ, ଗୋପାଳ କଲାର, ଦିନବନ୍ଧୁ କଂସରାଳି, ମାଁ ତାରିଣୀ ଓ ମାଁ ଲକ୍ଷ୍ମୀ ପାଣି ପଞ୍ଚାୟତର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ବ୍ଲକ ଅଧକ୍ଷ ତେଜରାଜ ସାହୁ ଧନ୍ୟବାଦ ଦେଇଥିଲେ।

## ପ୍ରତି ପଞ୍ଚାୟତରେ ଆରମ୍ଭ ହେଲା ମଧୁବାବୁ ଆଇନ ସହାୟତା କେନ୍ଦ୍ର

**ଲହୁଣୀପଡା, ୨୩।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଣାଇ ଉପଖଣ୍ଡର ଲହୁଣୀପଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧୁବାବୁ ମାଗଣା ଆଇନ ସହାୟତା କେନ୍ଦ୍ର ଆରମ୍ଭ କରାଯାଇଛି । ରାଜ୍ୟ ସରକାରଙ୍କ ତରଫରୁ ସାଧାରଣ ଲୋକଙ୍କ ସୁବିଧା ପାଇଁ ଏହି ମାଗଣା ସହାୟତା କେନ୍ଦ୍ର ପ୍ରତି ପଞ୍ଚାୟତରେ ଆରମ୍ଭ କରାଯାଇଛି। ଲହୁଣୀପଡା ବ୍ଲକର କଲେଇପୋଷ ଏବଂ ଲହୁଣୀପଡା ପଞ୍ଚାୟତରେ ସାଧାରଣ ଲୋକଙ୍କ ପାଇଁ ମଧୁବାବୁ ଆଇନ ସହାୟତା କେନ୍ଦ୍ର ଆରମ୍ଭ ହୋଇଛି। ପ୍ରତି ଶନିବାର କଲେଇପୋଷ ପଞ୍ଚାୟତ ଏବଂ ରବିବାର ଲହୁଣୀପଡା ପଞ୍ଚାୟତରେ ଆଇନଜୀବୀ ସନ୍ତୋଷ କୁମାର ଭୂୟାଁଙ୍କୁ ସରକାରଙ୍କ ତରଫରୁ ନିୟୋଜିତ କରାଯାଇଛି । ଏହା ଫଳରେ ଉକ୍ତ ପଞ୍ଚାୟତରେ ସାଧାରଣ ଲୋକ ମାଗଣା ଆଇନ ସହାୟତା ପାଇପାରିବେ ବୋଲି ଆଇନଜୀବୀ ଭୂୟାଁ ଜଣାଇଛନ୍ତି।



ଲହୁଣୀପଡା ପଞ୍ଚାୟତରେ ମଧୁବାବୁ ଆଇନ ସହାୟତା କେନ୍ଦ୍ର ଆରମ୍ଭ ହୋଇଛି।

## ଫଟୋରେ ଖବର







ଝାଡଖଣ୍ଡରେ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସର ବିଜୟରେ ଉଲ୍ଲସିତ ସୁନ୍ଦରଗଡ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତା ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଡିଆରଡିଏ ଛକରେ ବିଜୟ ଉତ୍ସବ ପାଳନ କରୁଛନ୍ତି (ବାମ)। ଝାରସୁଗୁଡା ଜିଲା କୋଲାବିରା ବ୍ଲକ୍ ସମାସିଂହା ସଙ୍ଗୀତ ପରିଷଦର କଳାକାରମାନେ ଭଦ୍ରକରେ ଡିସେମ୍ବର ୧୮ ତରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ରାଜ୍ୟସ୍ତରୀୟ ୟୁଥ୍ ଫେଷ୍ଟିଭାଲରେ ଭାଗ ନେଇ ପ୍ରଶଂସିତ ହୋଇଛନ୍ତି (ମଝି)। ସୁନ୍ଦରଗଡ ପୌରପାଳିକାର ୪ନଂ ୱାର୍ଡ ଅଧୀନ ମଙ୍ଗଳା ମନ୍ଦିର ସମ୍ମୁଖରୁ କାଠଗଣ୍ଡିକୁ ହଟାଇବା ଲାଗି ସ୍ଥାନୀୟ ଲୋକେ ପୌରପାଳିକାକୁ ବାରମ୍ବାର କହୁଥିଲେ ବି ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୪ ଡିସେମ୍ବର, ୨୦୧୯



ଅଧବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ
ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଡିଜେଲ କଲୋନୀରେ ପ୍ରି କ୍ରିସ୍‌ମାସ

**ରାଉରକେଲା ଅଫିସ,୨୩।୧୨:** ଯୀଶୁଙ୍କ ଜନ୍ମଦିନ ପାଳନ ପୂର୍ବରୁ ଏକ ପ୍ରାକ୍ ଖ୍ରୀଷ୍ଟମାସ ବନ୍ଧମୁଣ୍ଡାଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଫାଦର ଷ୍ଟିଫେନ ସ୍ୱାମୀ ଦୁରାଇ ଓ ଫାଦର ମୋଜେସ ପ୍ରମୁଖ ଯୋଗ ଦେଇ ଏଭଳି ସମାବେଶର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାମୂହିକ ପ୍ରାର୍ଥନା କରାଯାଇ ଥିଲା। ଏଥିରେ ରାଉରକେଲା ଓକିଲ ସଂଘ ସଭାପତି ରମେଶ ବଳଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଉପସ୍ଥିତ ଥିଲେ।

### ଟ୍ରାକ୍ଟର ଧକ୍କାରେ ଯୁବକ ମୃତ

**କୁଆଁରମୁଣ୍ଡା,୨୩।୧୨(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଡୁମେରଯୋର ଗ୍ରାମର ରାଜେନ୍ଦ୍ର କିଶାନଙ୍କ ଟ୍ରାକ୍ଟର ଧକ୍କା (ଓଆର-୧୪ଏଲ-୫୨୩୧)ରେ ମୃତ୍ୟୁ ଘଟିଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଦଫା ୨୭୯, ୩୦୪(ଏ) ରେ ଏକ ମାମଲା (ନଂ.୧୬୧/୧୯) ରୁଜୁ ହୋଇଛି। ରବିବାର ରାତି ପ୍ରାୟ ୮ଟାରେ ସେ ଘରକୁ ଯାଉଥିବା ବେଳେ ତାଙ୍କୁ ପଛପଟରୁ ଟ୍ରାକ୍ଟର ଧକ୍କା ଦେଇଥିଲା। ପରିବାର ଲୋକେ ରାଉରକେଲା ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୧୦ଟା ୪୫ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଶ୍ରମିକଙ୍କ ହିତରେ ଚୁକ୍ତିନାମା ସ୍ୱାକ୍ଷରିତ

**ରାଉରକେଲା ଅଫିସ,୨୩।୧୨**



ରାଉରକେଲା କେନ୍ଦ୍ର ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଆରଏସ୍‌ପି କର୍ତ୍ତୃପକ୍ଷ ଓ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ) ଉପସ୍ଥିତିରେ ଶ୍ରମିକ ସ୍ୱାର୍ଥ ସମ୍ବଳିତ ୨ଟି ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି।

କେନ୍ଦ୍ର ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଆରଏସ୍‌ପି କର୍ତ୍ତୃପକ୍ଷ ଓ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ) ଉପସ୍ଥିତିରେ ଶ୍ରମିକ ସ୍ୱାର୍ଥ ସମ୍ବଳିତ ୨ଟି ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏଥିରେ ସିପିପି- ୧ ବିଭାଗର ବୟଲର ଲାଇନ ଅଫ ପ୍ରମୋଶନ ଅକ୍‌ଜିଲାରୀ ସେକ୍ସନରେ କାର୍ଯ୍ୟରତ ଶ୍ରମିକଙ୍କ କ୍ଲଷ୍ଟର ସିକୁ ପଦୋନ୍ନତି କରାଯାଇଛି, ଯାହାକୁ ଐତିହାସିକ ଚୁକ୍ତି ବୋଲି କୁହାଯାଇଛି।

ଏଠାରେ କାର୍ଯ୍ୟରତ ବହୁ କର୍ମଚାରୀ ରାଜ୍ୟ ସରକାରଙ୍କ ଅବହେଳାରୁ ନ୍ୟାୟ ପାଇ ପାରୁ ନ ଥିଲେ। ଏମାନେ ଏସ୍ ୧୦ ଗ୍ରେଡ୍‌ରେ ପହଞ୍ଚିଥିଲେ ବି କ୍ଲଷ୍ଟର ସିକୁ ପଦୋନ୍ନତି ପାଇବାରୁ ବଞ୍ଚିତ ରହିଥିଲେ। ଏ ନେଇ ସ୍ୱୀକୃତିପ୍ରାପ୍ତ ୟୁନିୟନ ଆରଆଇକେକେଏସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବହୁ ଉଦ୍ୟମ ପରେ ଏହି କର୍ମଚାରୀଙ୍କୁ ନ୍ୟାୟ ମିଳିଥିବାରୁ ସମ୍ପୃକ୍ତ କର୍ମଚାରୀମହଲରେ ଖୁସିର ଲହରୀ ଖେଳିଯାଇଛି। କାରଖାନା ମଧ୍ୟରେ କିଛି ସ୍ୱତନ୍ତ୍ର ବିଭାଗ ରହିଛି ଯେଉଁଥିରେ କାର୍ଯ୍ୟରତ ଶ୍ରମିକଙ୍କ ସ୍ୱତନ୍ତ୍ର ପଦନାମ ନ ଥିଲା। ଏ ନେଇ ଦୀର୍ଘ ବର୍ଷ ହେବା ଅସନ୍ତୋଷ ଲାଗି ରହିଥିଲା। ପଦନାମ ନେଇ ଦାବି ହୋଇ ଆସୁଥିଲା। ଯେମିତିକି ଅଗ୍ନିଶମ ବିଭାଗରେ କାର୍ଯ୍ୟରତ କର୍ମଚାରୀ(ଏସ ୬ ଗ୍ରେଡ୍ ଓ ତଦୁର୍ଦ୍ଧ) ଶ୍ରମିକଙ୍କ ପଦନାମ ସଂପ୍ରତି ଲିଡିଂ ଫାୟାର ଅପରେଟର ରହିଛି। ଗତ ଜୁଲାଇ ୨୪ରେ ଚୁକ୍ତିନାମା ଅନୁଯାୟୀ ଅନ୍ୟ କର୍ମଚାରୀମାନେ ମାଷ୍ଟର ଅପରେଟର ବା ମାଷ୍ଟର ଟେକ୍ନିସିଆନ ପଦ ପାଉଥିବା ବେଳେ ଏମାନେ ଏହି ପଦ ପାଇବାକୁ ଦାବି କରି ଆସୁଥିଲେ। ଏହା ଦ୍ୱାରା ଏସ୯ ଓ ୧୦ ଗ୍ରେଡରେ କାର୍ଯ୍ୟ କରୁଥିବା ମାଟ୍ରିକ ପାଶ୍ କର୍ମଚାରୀ ମାଷ୍ଟର ଅପରେଟର/ମାଷ୍ଟର ଟେକ୍ନିସିଆନ ପଦ ନାମ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ସେହିଭଳି ସିନିୟର ଲୋକୋ ଅପରେଟରରୁ ମାଷ୍ଟର ଅପରେଟର, ସିନିୟର କ୍ରେନ୍ ଅପରେଟରରୁ ମାଷ୍ଟର ଅପରେଟର, ସିନିୟର ମୋବାଇଲ ଇକ୍ୟୁପମେଣ୍ଟ ଅପରେଟରରୁ ମାଷ୍ଟର ଅପରେଟର ଏବଂ ଆସିଷ୍ଟାଣ୍ଟ ଟର୍ବାଇନ କଣ୍ଟ୍ରୋଲରରୁ ମାଷ୍ଟର ଅପରେଟର (ଟର୍ବାଇନ) ପଦନାମ ପାଇବେ। ଏହି ଚୁକ୍ତିନାମାରେ ଆରଏସପି ପର୍ସନାଲ ବିଭାଗ ମହାପ୍ରବନ୍ଧକ ବୀରେନ୍ଦ୍ର କୁଲୁଙ୍କ ସମେତ ଧୀରେନ୍ଦ୍ର ମିଶ୍ର, ହୀରାଲାଲା ମହାପାତ୍ର, ପ୍ରଦୀପ ସାହୁ, ସୁଧାଂଶୁ ମହାପାତ୍ର ଦସ୍ତଖତ କରିଥିବା ବେଳେ ୟୁନିୟନ ପକ୍ଷରୁ ସାଧାରଣ ସଂପାଦକ ହିମାଂଶୁ ବଳ, ବିକାଶ ହାଲଦାର, ଗ୍ୟାନେଶ ପଣ୍ଡା, ପ୍ରଦୋଷ ପଣ୍ଡା, ସତ୍ୟାନନ୍ଦ ଦାସ, ପ୍ରଭାତ ବେହେରା, ତ୍ରିଲୋଚନ ନାୟକ ଓ ମାନସ ଦାସ ପ୍ରମୁଖ ଦସ୍ତଖତ କରିଥିଲେ। ଶେଷରେ ଆଞ୍ଚଳିକ ଶ୍ରମ ଆୟୁକ୍ତ ଅଶୋକ ମହନ୍ତ ଏହାର ବୈଧତା ପ୍ରଦାନ କରି ୟୁନିୟନକୁ ନକଲ ପ୍ରଦାନ କରିଥିଲେ। ଏହାକୁ ଏକ ଐତିହାସିକ ଚୁକ୍ତିନାମା ଭାବେ ୟୁନିୟନ ପକ୍ଷରୁ ବିବେଚନା କରାଯାଇଥିବା ବେଳେ ଆରଏସପି ସିଇଓଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହା ଦ୍ୱାରା କର୍ମଚାରୀଙ୍କ କର୍ମ ପ୍ରତିବଦ୍ଧତା ବୃଦ୍ଧି ପାଇବ ବୋଲି ୟୁନିୟନ ସାଧାରଣ ସଂପାଦକ ବଳ ଆଶା ବ୍ୟକ୍ତ କରିଛନ୍ତି।

# ୧୫୦ ପରିବାରକୁ ଗ୍ୟାସ୍ ବଣ୍ଟନ

**ଲେଫ୍ରିପଡା,୨୩।୧୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଅନ୍ତର୍ଗତ ଲେଫ୍ରିପଡା ରେଞ୍ଜ କାର୍ଯ୍ୟାଳୟଠାରେ ଓରମାସ୍ ତରଫରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁଓ୍ୱାଇ)ରେ ଗ୍ୟାସ୍ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଯୋଗ ଦେଇଥିଲେ। ଗ୍ୟାସ୍ ବ୍ୟବହାର କଲେ ଜଙ୍ଗଲରୁ କାଠ କଟା କମିବ। ମହିଳାଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ପରିବେଶ ମଧ୍ୟ ସୁରକ୍ଷା ହେବ ବୋଲି ସେ କହିଥିଲେ। ସମ୍ମାନୀତ ଅତିଥି ଭାବେ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ଡ. ଅରୁଣ କୁମାର ମିଶ୍ର ଯୋଗ ଦେଇ ଜଙ୍ଗଲ ସୁରକ୍ଷାର ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଲେଫ୍ରିପଡା ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ, ସୁନ୍ଦରଗଡ ଓଏଲଏମ୍‌ର ଡିପିଏମ୍ ସମୁଏଲ ଟପୋ, ଓରମାସର ରୁଦ୍ରପ୍ରଶ୍ନ ବାରିକ, ଲେଫ୍ରିପଡା ବନାଞ୍ଚଳ ଅଧିକାରୀ ଲାଲୁ ମଗର, ସରପଞ୍ଚ ମଦନ ଛତ୍ରିଆ, ଫାୟାର ଅଫିସର ମୀନକେତନ କିଶାନ, ଗୋପାଲ ଚନ୍ଦ୍ର ଶୁକ୍ଲା, ଫରେଷ୍ଟର ଚିତ୍ତରଞ୍ଜନ ପୁରୋହିତ, ହେମବତୀ ସିଂ, ରୋହିତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅତିଥିଙ୍କ ଦ୍ୱାରା ୧୫୦ ପରିବାରକୁ ଉଜ୍ଜ୍ୱଳା ଗ୍ୟାସ୍ ବଣ୍ଟନ କରାଯାଇଥିଲା। ସଞ୍ଜୁ ପଟେଲ, ଭବାନୀ ଶଙ୍କର ସାହୁ, ସୁବ୍ରତ ପଟେଲ, ସୌମ୍ୟା ମିଶ୍ର, ଅନିତା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓରମାସ୍‌ର ରେନୁକା ସିହ୍ନା, ସଞ୍ଜୀବ ବସନ୍ତ ରାୟ, ବିଶାଲ ତନ୍ତୀ ଉପସ୍ଥିତ ଥିଲେ।



ଲେଫ୍ରିପଡା ରେଞ୍ଜ କାର୍ଯ୍ୟାଳୟରେ ଓରମାସ୍ ତରଫରୁ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁଓ୍ୱାଇ)ରେ ଗ୍ୟାସ୍ ବଣ୍ଟନ ଶିବିରରେ ଅତିଥିମାନେ।

# ଶକ୍ତିବାହିନୀ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

**ରାଉରକେଲା ଅଫିସ,୨୩।୧୨**

ରାଉରକେଲାରେ ଶକ୍ତିବାହିନୀ ପକ୍ଷରୁ ନିରାଶ୍ରୟ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଷ୍ଟିଲସିଟିରେ ଗତ କିଛି ଦିନ ହେବ ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ବେଳେ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଓ ବିଭିନ୍ନ ଯାତ୍ରୀ ପ୍ରତୀକ୍ଷାଳୟରେ ଆଶ୍ରୟ ନେଉଥିବା ବାସହୀନ ଲୋକେ ଶୀତରେ ଥରୁଛନ୍ତି। ରାତି ବିତାଇବା ଏମାନଙ୍କ ପାଇଁ ଅସମ୍ଭବ ହୋଇ ପଡିଛି। ଏମିତି ଅବସ୍ଥାରେ ଶକ୍ତିବାହିନୀ ପକ୍ଷରୁ ସହାୟତାର ହାତ ବଢାଇଛନ୍ତି ଏହାର କର୍ମକର୍ତ୍ତା। ବିଜୁ ପୁରୋହିତ, ମଝିଆ ପ୍ରଧାନ, ତରୁଣ କୋଶଳ, ବିକ୍ରମ ଆଚାର୍ଯ୍ୟ, ମନୋଜ ନନ୍ଦ, ଜ୍ୟୋତିର୍ମୟ ଆଚାର୍ଯ୍ୟ, ଲମ୍ବୋଦର ମହାତ, ମୁରଲୀ ଦାସ, ରାଜନ ନାୟକ, ପିଙ୍କି ଚତୁର୍ବେଦୀ ଓ ମନୋରମା ନନ୍ଦୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।




ଜଗଦା ମହୋତ୍ସବ ଅବସରରେ ବିଭିନ୍ନ ବେଶରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

# ଜଗଦା ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା

**ରାଉରକେଲା ଅଫିସ,୨୩। ୧୨**

ଜଗଦା କମ୍ୟୁନିଟି ସେଣ୍ଟର ଓ ସିଡବ୍ଲ୍ୟୁଏସ୍ ପଡିଆରେ ଜଗଦା ମହୋତ୍ସବର ୩ୟ ସନ୍ଧ୍ୟା ବେଶ ଜାକଜମକରେ ପାଳିତ ହୋଇଯାଇଛି। ଅତିଥି ରୂପେ ନିହାର ରାୟ, ସାମାଜିକ କର୍ମୀ ମିନତୀ ଦେବତା ଉପସ୍ଥିତ ଥିଲେ। ଏହି ଅବସରରେ ଫେନ୍ସି ଡ୍ରେସ୍, ରୋଷେଇ ଓ ମଡେଲିଂ ଭଳି ଏକାଧିକ ପ୍ରତିଯୋଗିତା ଆୟୋଜନ ସହ ଦିବାରାତ୍ର କ୍ରିକେଟ ମ୍ୟାଚ ଆରମ୍ଭ କରାଯାଇଥିଲା। କିଶୋର ନାୟକ, ଅଞ୍ଜନ ଜେନା, ଆଲୋକ ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସଂଘ ସାଧାରଣ ସମ୍ପାଦକ ଦୀପକ ସାହୁ, ସଭାପତି ଅମୀୟ ଦାସ, କାର୍ଯ୍ୟକାରୀ ସଭାପତି ହରେଶ ସିଂ ସାମନ୍ତ, ଉପସଭାପତି ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଆଶିଷ ସିଂ, ସୁରଜ ସ୍ୱାଇଁ, ବନ୍ଦିତା ମହାନ୍ତ, ପୁଷ୍ପଲତା ଦାସ, ଫୁଲୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିୟମ ନ ମାନିଲେ ପରିଣତି ଭୋଗିବାକୁ ପଡ଼େ

**ରାଉରକେଲା ଅଫିସ,୨୩।୧୨**

ସାମାଜିକ ସଂଗଠନ ଶାରଳା ପରିବାର ପକ୍ଷରୁ ସଡକ ସୁରକ୍ଷା ଓ ନୂତନ ପରିବହନ ଆଇନ ନେଇ ପଥଚାରୀଙ୍କୁ ସଚେତନ କରାଯାଇଛି। ଇସ୍ପାତ ମାର୍କେଟ ଆମ୍ବାଗାନ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ପୋଲିସ ପକ୍ଷରୁ ସହଯୋଗ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ଅଧିକାରୀ ବିଶ୍ୱରାଜ ବେହେରା ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ରୂପେ ୧୯ ବାଟାଲିୟନ କମାଣ୍ଡାଣ୍ଟ ରାଜେଶ କୁମାର, ଟ୍ରାଫିକ ଡିଏସ୍‌ପିଙ୍କ ସମେତ ଅନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ। ସଂଗଠନ ସଭାପତି ପ୍ରଭାତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ ଯେ, ଆମେ ସମସ୍ତେ ପ୍ରତି କ୍ଷେତ୍ରରେ ସୁରକ୍ଷା ନିୟମକୁ ପାଳନ କଲେ କେବେ ସମସ୍ୟାର ସମ୍ମୁଖୀନ ହେବା ନାହିଁ। ସମାନ ଭାବେ ସଡକ ଉପଯୋଗକାରୀ ଏଭଳି କଥାକୁ ଧ୍ୟାନରେ ରଖିବା ଉଚିତ। ନିୟମ କରାଯାଇଛି ଆମ ମଙ୍ଗଳ ପାଇଁ। ଆମେ ଯଦି ଏହାକୁ ଜାଣିଶୁଣି ଉଲ୍ଲଂଘନ କରିବା ତେବେ ଏହାର ପରିଣତି ମଧ୍ୟ ଆମକୁ ଭୋଗ କରିବାକୁ ହେବ। ଛୋଟ କଥାକୁ ଧ୍ୟାନରେ ରଖିଲେ ବଡ ବିପଦ ଟଳିଥାଏ। ଏଣୁ ପଥଚାରୀ ପରିବହନ ନୀତିକୁ ଅନୁକରଣ କରିବା ସହ ନିଜକୁ ସୁରକ୍ଷିତ ରଖିବେ ବୋଲି ଏଥିରେ ଆଶା ବ୍ୟକ୍ତ କରାଯାଇ ଥିଲା। ନିଶା ସେବନ କରି ଗାଡି ଚଳାଇବାର ଭୟାବହତା କାହାକୁ ଅଛପା ନାହିଁ। ମୋବାଇଲରେ କଥା ହେବା, ହେଲମେଟ ନ ପିନ୍ଧିବା, ଏକାଧିକଙ୍କୁ ବସାଇ ବାଇକ ଚାଳନା କରିବା, ଅଯଥା ବା ବିନା କାରଣରେ ଦ୍ରୁତଗତିରେ ଗାଡି ଚାଳନା କରିବା ସବୁ ବେଳେ ବିପଦକୁ ଆମନ୍ତ୍ରଣ କରେ। ସମସ୍ତେ ଏ କଥା ଜାଣି ସୁଦ୍ଧା ସଚେତନ ହୁଅନ୍ତିନି। ଏହି କାରଣରୁ ଆମକୁ ବିଭିନ୍ନ ସମୟରେ ଦୁଃଖ ଭୋଗ କରିବାକୁ ପଡିଥାଏ। ଏଣୁ ଏସବୁ ଦିଗରେ ପଥଚାରୀ, ବାଇକ୍ ଚାଳକ ଓ ଅନ୍ୟ ଗାଡି ଡ୍ରାଇଭର ସଚେତନ ହେବାକୁ ପରାମର୍ଶ ପ୍ରଦାନ କରାଯାଇଛି।

ସେହିଭଳି ନିଜ ଗାଡିର ଆବଶ୍ୟକୀୟ ଫିଟନେସ ଓ କାଗଜ ପତ୍ର ପାଖରେ ରଖିବାକୁ ବିଭାଗୀୟ ଅଧିକାରୀ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ଟ୍ରାଫିକ ଏସଆଇ ନାରାୟଣ ଦଳାଇଙ୍କ ନେତୃତ୍ୱରେ ରାଉରକେଲା ପୋଲିସ ସହାୟତାରେ ଏକ ସଚେତନତା ରଥ ସହ ମୋଟର ସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସଂଗଠନ ସାଧାରଣ ସମ୍ପାଦକ ରମେଶ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ବହୁ ଲୋକ ସାମିଲ ହୋଇ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ଶିବ ପ୍ରସାଦ ମହାନ୍ତି, କୈଳାସ ନାୟକ, ବାଇଧର ପ୍ରଧାନ, ପ୍ରଫୁଲ୍ଲ ଭୋଇ, ପଞ୍ଚାନନ ପରିଡା, ଚନ୍ଦ୍ରମଣି ମାଝି, ଭବାନୀ ଦାସ, ରାଧାଶ୍ୟାମ ନାୟକ, ଶ୍ରୀନାଥ ରାଉତ, ପ୍ରିତମ ସ୍ୱାଇଁ, ପ୍ରିୟରଞ୍ଜନ ସେଠୀ, ମଳୟ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ସୁକାନ୍ତ ସୂତାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏପ୍ରିଲରେ ବୈଶାଖୀ ସାହିତ୍ୟ ସଂସଦ ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୨୩।୧୨**

ବୈଶାଖୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଲେବର ଟେନାମେଣ୍ଟ (ଜେଲରୋଡ) ଜ୍ଞାନବିକାଶ କେନ୍ଦ୍ର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଉମାକାନ୍ତ ପଣ୍ଡା, ବୁଦ୍ଧେଶ୍ୱର ଷଡ଼ଙ୍ଗୀ, ଚନ୍ଦ୍ରଧ୍ୱଜ ମାଝି, ସୁବାସ ଚନ୍ଦ୍ର ଲେଙ୍କା, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ଏପ୍ରିଲ ୧୨ରେ ଉଦିତ ନଗରସ୍ଥିତ ସିଂହାସନୀ ମନ୍ଦିର ପରିସରରେ ବୈଶାଖୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପାଳନ ନିମନ୍ତେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣତି ଲେଙ୍କା, ସଞ୍ଜୟ କୁମାର ରାଉତ, କାଳିକିଙ୍କର ପଣ୍ଡା, ଧନଞ୍ଜୟ ଲେଙ୍କା, ଦେବବ୍ରତ ଦାସ, ପ୍ରଫୁଲ୍ଲ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଏପ୍ରିଲ ୧୨ରେ ହେବାକୁ ଥିବା ବୈଶାଖୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ସମ୍ପର୍କରେ ଆୟାଜିତ ବୈଠକରେ ଆୟୋଜକ।

### କୁଆଁରମୁଣ୍ଡାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

# ୫୪ ଅଭିଯୋଗ ଶୁଣିଲେ ଜିଲାପାଳ

**କୁଆଁରମୁଣ୍ଡା,୨୩।୧୨ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଉପସ୍ଥିତିରେ ସୋମବାର କୁଆଁରମୁଣ୍ଡା ବ୍ଲକ ସାଧନ କେନ୍ଦ୍ରରେ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକ ଓ ଏହାର ଆଖପାଖରୁ ମୋଟ ୫୪ଟି ଅଭିଯୋଗ ସ୍ଥାନିତ ହୋଇଥିଲା। ଏଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସଂଖ୍ୟା ୩୦ଟି ହୋଇଥିବା ବେଳେ ଗ୍ରାମ୍ୟସ୍ତରୀୟ ଅଭିଯୋଗ ସଂଖ୍ୟା ୨୪ଟି ବୋଲି ପଞ୍ଜୀକରଣ ତଥ୍ୟରୁ ଜଣାପଡ଼ିଛି। ଏହି ଅଭିଯୋଗଗୁଡିକ ମଧ୍ୟରେ ପଦ୍ମପୁର ଗ୍ରାମ ପଞ୍ଚାୟତର ଯମୁନାନାକିଠାରେ ଏକ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ପଦ୍ମପୁର ସରପଞ୍ଚ ବିଜୟଲକ୍ଷ୍ମୀ କାଲୋ ଜିଲାପାଳ କଲ୍ୟାଣଙ୍କୁ ଲିଖିତ ଦାବି ଜଣାଇଛନ୍ତି। ସେହିପରି ଜଗଦୀଶପୁର-ଶଙ୍ଖନଦୀ ମଧ୍ୟରେ ଥିବା ରାସ୍ତାର କଂକ୍ରିଟୀକରଣ ପାଇଁ ସାମାଜିକ କର୍ମୀ ଟିକେଶ୍ୱର କାଲୋ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଡୁମେରଯୋର ପଞ୍ଚାୟତ ଅନ୍ତର୍ଗତ ଶଙ୍ଖ ନଦୀର ଉଷ୍ରା-ଚୁଙ୍ଗିମାଟି ନିକଟରେ ଏକ ବ୍ରିଜ ନିର୍ମାଣ ପାଇଁ ଡୁମେରଯୋର ସମିତି ସଭ୍ୟ ତଥା ବରିଷ୍ଠ ବିଜେଡ଼ି ନେତା ରାଜେନ୍ଦ୍ର କୁଜୁରଙ୍କ ସହ ସରପଞ୍ଚ ସୁକରାମ ଓରାମ, ସାମଜିକକର୍ମୀ ଲକ୍ଷ୍ମୀଧର ପାଣିଗ୍ରାହୀ ପ୍ରମୁଖ ଅଞ୍ଚଳର ଦୀର୍ଘ ଦିନର ଦାବି ନେଇ ଅଭିଯୋଗ କରିଥିଲେ। ଏ ନେଇ ଜିଲାପାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଆଲୋଚନା କରି ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଅଭିଯୋଗକାରୀଙ୍କ ଅଭିଯୋଗର ଉତ୍ତର ରଖିଥିଲେ। ସେହିପରି ଶିକ୍ଷା ବିଭାଗର କେତେକ ସ୍କୁଲର ଗୃହ ଓ ପାଚେରୀ ନିର୍ମାଣ, କୁଆଁରମୁଣ୍ଡା ଅଞ୍ଚଳରେ କାରଖାନା ଇତ୍ୟାଦିର ପ୍ରଦୂଷଣକୁ ରୋକିବା ପାଇଁ ସାମାଜିକ କର୍ମୀ ଶୈଳେଶ ତିୱାରୀ ଜିଲାପାଳ କଲ୍ୟାଣଙ୍କ ଦୃଷ୍ଟି ଗୋଚର କରିଛନ୍ତି। ଏହି ଅବସରରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ବରିଷ୍ଠ ନାଗରିକମାନଙ୍କୁ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଡୁମେରଯୋର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର ପ୍ରମୁଖ ଶ୍ରବଣ ଯନ୍ତ୍ର, ଆଶାବାଡି ଇତ୍ୟାଦି ପ୍ରଦାନ କରିଥିଲେ। ସମନ୍ୱିତ ଜନଜାତି ବିକାଶ ବିଭାଗ, ପାନପୋଷର ପ୍ରକଳ୍ପ ପ୍ରଶାସକ ଅରୁଣ କୁମାର ମଲ୍ଲିକ, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଜିଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି, କୁଆଁରମୁଣ୍ଡା ବନ ରେଞ୍ଜ ଅଧିକାରୀ ସୁଧାଂଶୁ ଚନ୍ଦ୍ର ସାହାଣୀ, ୱେସ୍କୋ ଏସଡିଓ ଶୁଭାଶିଷ ମହାନ୍ତି, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଶ୍ରୀମତି ପଟ୍ଟନାୟକ, ପ୍ରାଣୀ ଚିକିତ୍ସକ ଡା. ଧୀରେନ୍ଦ୍ର ବେହେରା, କୁଆଁରମୁଣ୍ଡା ଶିକ୍ଷାଧିକାରୀ ସଦାନନ୍ଦ ପଧାନ ପ୍ରମୁଖଙ୍କ ସହ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ କୁଆଁରମୁଣ୍ଡା ବିଡିଓ ମେଥେଡିୟସ ଲାକ୍ରା, ଏବିଡିଓ ଭବାନୀଶଙ୍କର ପାଢୀ, ପିଇଓ ଦେବବ୍ରତ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



କୁଆଁରମୁଣ୍ଡା ବ୍ଲକ୍‌ରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ପିଡି ଡିଆରଡିଏ ଭୈରବସିଂ ପଟେଲ ଭିନ୍ନକ୍ଷମ ବରିଷ୍ଠ ନାଗରିକଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରୁଛନ୍ତି।

### ୩ୟ ଫଗୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ସନାତନକୁ ହରାଇ ଏମ୍‌ଏପିଲ୍ ଚାମ୍ପିୟନ

**ଟେନସା, ୨୩।୧୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୋଇଡା ବ୍ଲକ ଡେଙ୍ଗୁଲା ଗ୍ରାମ ପଞ୍ଚାୟତ ବନ୍ଦଲ ଗ୍ରାମର ଖେଳ ପଡିଆଠାରେ ୩ୟ ଫଗୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ସନାତନ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବଣାଇ ଉପଖଣ୍ଡର ୩୨ଟି ଟିମ୍ ଭାଗ ନେଇଥିଲେ । ଏହା ୩ଦିନ ଧରି ଚାଲିଥିଲା । ଫାଇନାଲ ମ୍ୟାଚ ସନାତନ କ୍ଲବ ଓ ଏମ୍‌ଏପିଲ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସନାତନ କ୍ଲବକୁ ହରାଇ ୨-୩ ଗୋଲରେ ଏମଏପିଲ ବିଜୟୀ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଜନ ଡୁଙ୍ଗଡୁଙ୍ଗ, ଅନ୍ୟ ଅତିଥି ଭାବେ ପୂର୍ବତନ ସରପଞ୍ଚ ଚନ୍ଦ୍ରମଣୀ ନାଏକ, ଯୁବନେତା ସୁଦର୍ଶନ ପାତ୍ର, ବ୍ଲକ ଉପାଧ୍ୟକ୍ଷ ବାବୁଲି ମୁଣ୍ଡା ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ବୃନ୍ଦାବନ ନାଏକ, ଡମ୍ବୁ ପାତ୍ର, ଯୋଗେନ୍ଦ୍ର ନାଏକ, ରାଜେଶ ନାଏକଙ୍କ ସମେତ ସନାତନ କ୍ଲବର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।



ଫଗୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଖେଳାଳିମାନେ।